ବିଶେଷାଙ୍କ

ISSN-0971-8397

# ଯୋଜନା

ମାର୍ଚ୍ଚ-୨୦୧୬ ବିକାଶମୂଳକ ମାସିକ ପତ୍ରିକା ଟ. ୨୦/-

## କେନ୍ଦ୍ରୀୟ ବଜେଟ୍ ୨୦୧୬-୧୭




**ଫୋକସ :**

୨୦୧୬-୧୭ ବଜେଟ : କୃଷିପାଇଁ ଉତ୍ସାହଜନକ
ସି.ଏସ.ସି. ଶେଖର

ଭିତ୍ତିଭୂମି ବ୍ୟବସ୍ଥା : ଗୁରୁତ୍ୱପୂର୍ଣ୍ଣ ଅଥଚ ପିଚ୍ଛିଳ
ଜି. ରଘୁରାମ

ଏକ ରକ୍ଷଣଶୀଳ ଅଭିବୃଦ୍ଧି ଆକଳନ କାହିଁକି ?
ଡି. ଏନ୍. ପଇ ପାଣନ୍ଦିକର

୨୦୧୬-୧୭ ରେଳ ବଜେଟ୍
ଶାନ୍ତି ନାରାୟଣ

**ବିଶେଷ ପ୍ରବନ୍ଧ**

ବ୍ୟାଙ୍କ୍ ଓ ବଜେଟ୍
ଏନ୍.ଆର୍. ଭାନୁମୂର୍ତ୍ତି

# ବିକାଶ ରୋଡ୍ ମ୍ୟାପ

## ସେତୁ ଭାରତମ କାର୍ଯ୍ୟକ୍ରମର ଶୁଭାରମ୍ଭ

ପ୍ରଧାନମନ୍ତ୍ରୀ ନିକଟ ଅତୀତରେ ନୂଆଦିଲ୍ଲୀ ଠାରେ ,ସେତୁ ଭାରତମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଦେଶର ଜାତୀୟ ରାଜପଥ ଗୁଡ଼ିକରେ ଆବଶ୍ୟକସ୍ଥଳେ ବ୍ରିଜ ନିର୍ମାଣ ଦ୍ୱାରା ଯାତ୍ରାକୁ ସୁରକ୍ଷିତ ଏବଂ ନିରନ୍ତର କରିବା ହେଉଛି ଏହି ଯୋଜନାର ଉଦ୍ଦେଶ୍ୟ । ୨୦୧୯ ମସିହା ସୁଦ୍ଧା ସମସ୍ତ ଜାତୀୟ ରାଜପଥ ଗୁଡ଼ିକୁ ରେଳ ଲେଭେଲ କ୍ରସିଙ୍ଗ ବିହୀନ କରିବାକୁ ଏହି ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ଏହା ଦ୍ୱାରା ଦୁର୍ଘଟଣା ଓ ତଦ୍‌ଜନୀତ ମୃତ୍ୟୁ ସଂଖ୍ୟାରେ ହ୍ରାସ ପାଇବ ।୨୦,୮୦୦ କୋଟି ଟଙ୍କା ବ୍ୟୟରେ ୨୦୮ଟି ରେଳ ଓଭର ବ୍ରିଜ ଓ ଅଣ୍ଡର ବ୍ରିଜ ନିର୍ମାଣ ହେବ । ଏଗୁଡ଼ିକ ମଧ୍ୟରୁ ୭୩ଟି ରେଳ ଓଭର ବ୍ରିଜ ପାଇଁ ପ୍ରକଳ୍ପ ରିପୋର୍ଟ ପ୍ରଦାନ କରାଯାଇ ସାରିଛି । ତା ଭିତରୁ ୬୪ଟି ପ୍ରକଳ୍ପ ପାଇଁ ୨୦୧୫ -୧୬ ଶେଷ ସୁଦ୍ଧା ୫୬୦୦ କୋଟି ଟଙ୍କା ମଞ୍ଜୁର ହେବ ବୋଲି ସୂଚନା ମିଳିଛି ।

ବିଭିନ୍ନ ରାଜ୍ୟରେ ନିର୍ମିତ ହେବାକୁ ଥିବା ୨୦୮ଟି ରେଳ ଓଭରବ୍ରିଜ ଗୁଡିକହେଲା- ଆନ୍ଧ୍ରପ୍ରଦେଶ-୩୩,ଆସାମ-୧୨,ବିହାର-୨୦ ,ଛତିଶଗଡ଼-୫,ଗୁଜୁରାଟ-୮ ,ହରିଆଣା-୧୦,ହିମାଚଳ ପ୍ରଦେଶ-୫,ଝାରଖଣ୍ଡ-୧୧ ,କର୍ଣ୍ଣାଟକ-୧୭,କେରଳ-୪,ମଧ୍ୟପ୍ରଦେଶ୬,ମହାରାଷ୍ଟ୍ର-୧୨,ଓଡ଼ିଶା-୪ ,ପଞ୍ଜାବ-୧୦ ,ରାଜସ୍ଥାନ -୯,ତାମିଲନାଡୁ -୯ ,ଉତରାଖଣ୍ଡ-୨,ଉତରପ୍ରଦେଶ-୯ ଓ ପଶ୍ଚିମବଙ୍ଗ-୨୨ ।

ଏତଦ୍‌ବ୍ୟତୀତ ୩୦ ହଜାର କୋଟି ଟଙ୍କା ବ୍ୟୟରେ ପ୍ରାୟ ୧୫୦୦ ପୁରୁଣା ଓ ଭଙ୍ଗା ଦଦରା ବ୍ରିଜ ଗୁଡ଼ିକର ମରାମତି /ପୁନଃ ନିର୍ମାଣ /ପ୍ରଶସ୍ତିକରଣ କାର୍ଯ୍ୟ ହେବ । ଏଥିପାଇଁ ପ୍ରକଳ୍ପ ପ୍ରସ୍ତୁତି ସକାଶେ ସରକାର ଟେଣ୍ଡର ଆହ୍ୱାନ କରିସାରିଛନ୍ତି । ଉତରପ୍ରଦେଶର ନୋଇଡ଼ା ସ୍ଥିତ ଇଣ୍ଡିଆନ ଏକାଡ଼େମୀ ଅଫ ହାଇୱେ ଇଞ୍ଜିନିଅର ଠାରେ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ତରଫରୁ ଭାରତୀୟ ବ୍ରିଜ ପରିଚାଳନା ବ୍ୟବସ୍ଥାକୁ ପ୍ରତିଷ୍ଠା କରାଯାଇଛି । ଚଳମାନ ନିରୀକ୍ଷଣ ଦଳ ଗୁଡିକ ସାହାଯ୍ୟରେ ଜାତୀୟ ରାଜପଥରେ ଥିବା ସମସ୍ତ ବ୍ରିଜ ଗୁଡ଼ିକର ସର୍ବେକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହାର ଉଦ୍ଦେଶ୍ୟ । ଏଥିପାଇଁ ୧୧ଟି ଉପଦେଷ୍ଟା ପ୍ରତିଷ୍ଠାନକୁ ନିଯୋଜିତ କରାଯାଇଛି ।

# ଯୋଜନା

ତ୍ରୟୋବିଂଶ ବର୍ଷ : ଷଷ୍ଠସଂଖ୍ୟା : ମାର୍ଚ୍ଚ ୨୦୧୬

## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | ସଂପାଦକୀୟ | | ୪ |
| ୨ | ଗ୍ରାମ୍ୟ ଭିତିଭୂମି ଓ ଗ୍ରାମୀଣ ବିଦ୍ୟୁତୀକରଣ କେନ୍ଦ୍ର ବଜେଟ୍ ୨୦୧୬-୧୭ - ଏକ ସମୀକ୍ଷା | ହିରଣ୍ମୟ ରାଓ / ଅନିଲ କୁମାର / ପ୍ରସୁମ୍ ଦ୍ୱିବେଦୀ | ୫ |
| ୩. | ଏକ ରକ୍ଷଣଶୀଳ ଅଭିବୃଦ୍ଧି ଆକଳନ କାହିଁକି ? | ଏଚ.ଇ. ପଇ ପାଣନ୍ଦିକର | ୯ |
| ୪. | ବଜେଟ୍‌ରେ ମହିଳାଙ୍କ ପାଇଁ ବ୍ୟବସ୍ଥା | ଡ: ସାହିନ୍ ରାଜ | ୧୩ |
| ୫. | ୨୦୧୬-୧୭ ବଜେଟ : କୃଷି ପାଇଁ ଉତ୍ସାହଜନକ | ସିଏସ୍‌ସି ଶେଖର | ୧୭ |
| ୬. | ବ୍ୟାଙ୍କ ଓ ବଜେଟ୍ | ଏନ୍.ଆର୍. ଭାନୁମୂର୍ତି ଏବଂ ମନିଷ ପ୍ରସାଦ | ୨୨ |
| ୭. | କେନ୍ଦ୍ର ବଜେଟ୍ ୨୦୧୬-୧୭ରେ ଶିକ୍ଷା ପାଇଁ ବ୍ୟବସ୍ଥା | ପ୍ରତିଭା କୁଣ୍ଡୁ | ୨୬ |
| ୮. | ନିଅଂଟ-ସୂଚକ ମାଧ୍ୟମରେ ବିତିୟ ବୁଦ୍ଧିମତାର ଆକଳନ | ଡ: ଅମୀୟ କୁମାର ମହାପାତ୍ର | ୩୧ |
| ୯. | ଷ୍ଟାର୍ଟ ଅପସ୍ ଆବିର୍ଭାବ - ପ୍ରଗତି ଓ ନିଯୁକ୍ତି ସୁଯୋଗ | ନିରଜ ବାଜପେୟୀ | ୩୫ |
| ୧୦. | ୨୦୧୬-୧୭ ରେଳ ବଜେଟ | ଶାନ୍ତି ନାରାୟଣ | ୩୯ |
| ୧୧. | ଭିତିଭୂମି ବ୍ୟବସ୍ଥା : ଗୁରୁତ୍ୱପୂର୍ଣ୍ଣ ଅଥଚ ପିଛିଳ | ଜି ରଘୁରାମ | ୪୩ |
| ୧୨. | ୨୦୧୬-୧୭ କେନ୍ଦ୍ରୀୟ ବଜେଟ୍‌ର ଟିକସ ଗଣିତ | ଜୟନ୍ତ ରାୟଚୌଧୁରୀ | ୪୮ |
| ୧୩. | ଓଡ଼ିଶାର ସ୍ୱତନ୍ତ୍ର କୃଷି ବଜେଟ୍ | ନଟବର ଖୁଂଟିଆ | ୫୧ |
| ୧୪. | କେନ୍ଦ୍ର ବଜେଟ ୨୦୧୬-୧୭ ଓ ବିତିୟ ଦୃଢ଼ୀକରଣ | ବି.ଭି. ମଧୁସୂଦନ ରାଓ | ୫୭ |
| ୧୫. | ସ୍ୱାସ୍ଥ୍ୟ ବଜେଟ ୨୦୧୬ | ଉର୍ମି ଏ ଗୋସ୍ୱାମୀ | ୬୨ |
| ୧୬. | ପାରାଦୀପ ବିଶୋଧନାଗାର | ପି.ଆଇ.ବି. | ୬୭ |
| ୧୭. | ୨୦୧୬-୧୭ ବଜେଟ – ବିତୀୟ ନୀତିର ଏକ ନୂତନ ଧାରା | ସତ୍ୟକାମ ମିଶ୍ର | ୬୮ |
| ୧୮. | ସାଂପ୍ରତିକୀ | | ୭୩ |
| ୧୯. | ଆପଣ ଜାଣନ୍ତି କି ? | | ୭୫ |



ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ : ଦୀପିକା କଛଲ
ସଂପାଦକ ଓ ସହ ନିର୍ଦ୍ଦେଶକ : ଡକ୍ଟର ଗିରୀଶ ଚନ୍ଦ୍ର ଦାଶ
ସଂପାଦକ (ସମନ୍ୱୟ) : ଜୟ ସିଂହ

ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା
ପ୍ରଚ୍ଛଦପଟ ଶିଳ୍ପୀ : ଜି. ପି. ଧୋପେ



*Editor*

**YOJANA (ODIA)**

C/O : Assistant Director, (News)

Regional News unit,

All India Radio,

Cantanment Road,

Cuttack-753001

Phone : 9437073438

Website : www.publicationsdivision.nic.in

Email : odiayojana@gmail.com

Subscription & Business Queries :

pdjucir@yahoo.co.in

Ph. : 011-26100207


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ସମ୍ପାଦକୀୟ

# ଭାରତ ନିର୍ମାଣ

୨୦୧୬-୧୭ ଆର୍ଥିକ ବର୍ଷର ବଜେଟକୁ କୃଷକ,ଗରୀବ ଓ ଅଭିବୃଦ୍ଧି ଅଭିମୁଖୀ ବୋଲି ଅଭିହିତ କରାଯାଇଛି । ଏହାର କାରଣ ମଧ ରହିଛି । ଦେଶର ଅର୍ଥନିତୀରେ ଏବେ ମଧ କୃଷିର ଏକ ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଦେଶର ସକଳ ଘରୋଇ ଉତ୍ପାଦନର ୧୭ ପ୍ରତିଶତ କୃଷିକ୍ଷେତ୍ରରୁ ଆସୁଥିବା ବେଳେ ,ଦେଶର ଶ୍ରମଶକ୍ତିର ୫୦ ପ୍ରତିଶତ ଏହି କ୍ଷେତ୍ରରେ ନିୟୋଜିତ ଅଛନ୍ତି । ଏହି ବଜେଟରେ କୃଷକମାନଙ୍କୁ ଆୟ-ସୁରକ୍ଷା ଦେବା ପାଇଁ ପ୍ରୟାସ କରାଯାଇଛି । ୨୦୨୨ ମସିହା ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ,ଦୂରବର୍ତୀ ମନେ ହୋଇପାରେ । କିନ୍ତୁ ଏହି ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ,ସରକାର ନୂତନ ବଜେଟରେ ,କୃଷି ଓ କୃଷକଙ୍କ ପାଇଁ ଗତବର୍ଷ ଅପେକ୍ଷା ପ୍ରାୟ ଦୁଇ ଗୁଣ ଅଧିକ ଅର୍ଥ ଆବଣ୍ଟନ କରିଛନ୍ତି । ଏହାର ପରିମାଣ ହେଉଛି ୪୫ ହଜାର କୋଟି ଟଙ୍କା ।

ଗତ ଦୁଇ ବର୍ଷ ଲାଗ ଲାଗ ଅନାବୃଷ୍ଟି ଯୋଗୁଁ ଗଭୀର ଭାବେ ପ୍ରଭାବିତ ହୋଇଥିବା ଚାଷୀକୁଳ ପାଇଁ ଏହା ଆବଶ୍ୟକ ଥିଲା । ପ୍ରଧାନମନ୍ତ୍ରୀ ସିଚାଇ ଯୋଜନା ଦ୍ୱାରା ପ୍ରାୟ ସାଢେ ଅଠେଇଶ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ପୁନଶ୍ଚ,ନାବାର୍ଡ଼ ଅଧିନରେ ୨୦ ହଜାର କୋଟି ଟଙ୍କାର ଏକ ଜଳସେଚନ ପାଣ୍ଠି ସୃଷ୍ଟି ଦ୍ୱାରା ଅନାବୃଷ୍ଟି ଭଳି ସ୍ଥିତିରୁ ଚାଷୀମାନଙ୍କୁ ରକ୍ଷା କରିବାର ପ୍ରୟାସ କରାଯାଇଛି । ଏତଦବ୍ୟତୀତ ପ୍ରତିକୂଳ ପାଣିପାଗ ଜନିତ ଫସଲ ନଷ୍ଟ ହେବା ସ୍ଥିତିରେ ,ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସକାଶେ ୫୫୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

ଶସ୍ତା ଲୋକପ୍ରିୟତା ପରିହାର କରି,ଦେଶର ସାମ୍ପ୍ରତିକ ଅର୍ଥନିତୀର ମୌଳିକ ଆବଶ୍ୟକତା ପୂରଣ ପାଇଁ ଏହି ବଜେଟରେ ଧ୍ୟାନ ଦିଆଯାଇଛି ।ପ୍ରକୃତ ଆବଶ୍ୟକତା ଅନୁଯାୟୀ ,ବିଭିନ୍ନ କ୍ଷେତ୍ର ପାଇଁ ଉଚିତ ପରିମାଣର ରାଶି ଆବଣ୍ଟନ କରାଯାଇଛି । ଏହି କ୍ଷେତ୍ର ଗୁଡ଼ିକ ମଧ୍ୟରୁ ଅନ୍ୟତମ ବୃହତ କ୍ଷେତ୍ର ଗ୍ରାମୀଣ ବିକାଶ ପାଇଁ ସର୍ବମୋଟ ୮୭,୭୬୫ କୋଟି ଟଙ୍କା ଆବଣ୍ଟିତ ହୋଇଛି । ପ୍ରାୟ ୨.୮୭ ଲକ୍ଷ କୋଟି ଟଙ୍କା ସର୍ବବୃହତ ପରିମାଣ ମିଳିଛି  ଗ୍ରାମ ପଂଚାୟତ ଓ ମ୍ୟୁନିସିପାଲିଟି ଗୁଡ଼ିକୁ । ଗ୍ରାଣ୍ଟ ଇନ୍ ଏଡ୍ ଆକାରରେ ମିଳିବାକୁ ଥିବା ଏହି ଅର୍ଥ ପରିମାଣ ହେଉଛି,ଗତପାଂଚ ବର୍ଷ ତୁଳନାରେ ୨୨୮ ପ୍ରତିଶତ ଅଧିକ । ଅନ୍ୟ ଅର୍ଥରେ ପ୍ରତ୍ୟେକ ଗ୍ରାମ ପଂଚାୟତକୁ ୮୦ ଲକ୍ଷ ଟଙ୍କା ଓ ପ୍ରତି ସହରାଂଚଳ ପଂଚାୟତ ପ୍ରତିଷ୍ଠାନ ଗୁଡ଼ିକୁ ୨୧ କୋଟି ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଅଣକୃଷି ଗ୍ରାମୀଣ କ୍ଷେତ୍ର ପାଇଁ ମନରେଗା ଯୋଜନା ପାଇଁ ମଧ ୩୮,୫୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି । ଏତଦବ୍ୟତୀତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ଏବଂ ସାମାଜିକ ଓ ଭିତିଭୂମୀ କ୍ଷେତ୍ର ପାଇଁ ବର୍ଦ୍ଧିତ ଆବଣ୍ଟନ ଦ୍ୱାରା କୃଷକ କଲ୍ୟାଣ ସାଧିତ ହେବା ସହ ଗ୍ରାମ୍ୟ ଅର୍ଥନୀତି ଉନ୍ନୀତ ହେବ ।

ବିଭିନ୍ନ ମନ୍ତ୍ରଣାଳୟ ଅନ୍ତର୍ଗତ ମହିଳା କଲ୍ୟାଣ ପାଇଁ ପ୍ରାୟ ୫୫ ପ୍ରତିଶତ ଅଧିକ ବ୍ୟୟବରାଦ କରାଯାଇଛି । ଏହା ଦ୍ୱାରା ସାମାଜିକ କ୍ଷେତ୍ର ଅଧିନରେ ସ୍ୱାସ୍ଥ୍ୟ ,ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ମିଳିବ । ମହିଳା ସଶକ୍ତୀକରଣ ଜାତୀୟ ମିଶନ ପାଇଁ ଦ୍ୱିଗୁଣିତ ଅର୍ଥ ଆବଂଟନ, ନିର୍ଭୟ ଯୋଜନା ପାଇଁ ବର୍ଦ୍ଧିତ ଆବଣ୍ଟନ ,ଗ୍ରାମୀଣ ମହିଳାଙ୍କ ନାମରେ ରନ୍ଧନ ଗ୍ୟାସ ସଂଯୋଗ ପାଇଁ ୨୦୦୦କୋଟି ଟଙ୍କା,ଷ୍ଟାଣ୍ଡ ଅପ ଇଣ୍ଡିଆ ଅଧିନରେ ଅନୁସୂଚିତ ଜାତି /ଜନଜାତି ଓ ମହିଳା ଉଦ୍ୟୋଗୀଙ୍କ ସକାଶେ ୫୦୦ କୋଟି ଟଙ୍କା ବ୍ୟୟ ବରାଦ ,ଦେଶର ମହିଳାଙ୍କ ସାମାଜିକ ଓ ଆର୍ଥିକ ସଶକ୍ତୀକରଣ ପାଇଁ ଉଦ୍ଦିଷ୍ଟ ।

ଭାରତକୁ ବିଶ୍ୱର କୌଶଳ ରାଜଧାନୀ ଭାବେ ଗଢି ତୋଳିବା ପାଇଁ ବଜେଟରେ ୧୫୦୦ ବହୁ-କୌଶଳ ତାଲିମ କେନ୍ଦ୍ର ଖୋଲିବା ପାଇଁ ଘୋଷଣା କରାଯାଇଛି । ଏଥିପାଇଁ ୧୭୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଦ୍ୱାରା ଉଦ୍ୟମୀତା,ଯୁବଗୋଷ୍ଠୀଙ୍କ ଦ୍ୱାର ଦେଶରେ ଉପନୀତ ହେବ ବୋଲି ସରକାରଙ୍କ ଦୃଢ ବିଶ୍ୱାସ ରହିଛି । ଏସବୁଥିରୁ  ନିଯୁକ୍ତି ସୃଷ୍ଟି ପାଇଁ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ବାରି ହୋଇପଡୁଛି ।

ଗତ ବଜେଟ ଘୋଷଣା ଅନୁଯାୟୀ କର୍ପୋରେଟ ଟିକସକୁ ପର୍ଯ୍ୟାୟକ୍ରମେ ୩୦ ପ୍ରତିଶତରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯିବ ବୋଲି ,ଏହି ବଜେଟରୁ  ଆଶା କରାଯାଇଥିଲା । ତେବେ, ବିତୀୟ ନିଅଣ୍ଟ ପରିଚାଳନା ସକାଶେ ,ଏଭଳି ଟିକସରେ କୌଣସି ହ୍ରାସ କରାଯାଇନାହିଁ । ତଥାପି,ମେକ-ଇନ-ଇଣ୍ଡିଆ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଷ୍ଟାର୍ଟଅପ କମ୍ପାନୀ ଗୁଡ଼ିକ ପାଇଁ ତିନି ବର୍ଷର ଟିକସ ଛାଡ଼ ବ୍ୟବସ୍ଥା କରାଯାଇଛି । ଦେଶର ପ୍ରଭୂତ ବିତଶାଳୀ ୧ ପ୍ରତିଶତ ବ୍ୟକ୍ତିଗତ କରଦାତାଙ୍କ ଉପରେ ୩ ପ୍ରତିଶତ ଅତିରିକ୍ତ ସରଚାର୍ଜ ଧାର୍ଯ୍ୟ କରାଯାଇଥିବା ବେଳେ ,ବଜେଟରେ ସ୍ୱଳ୍ପ-ଆୟକାରୀଙ୍କ  ପାଇଁ ଘରଭଡ଼ା ଭତା କ୍ଷେତ୍ରରେ ଟିକସ ଛାଡ଼ ପରିମାଣ ବୃଦ୍ଧି କରାଯାଇଛି । ଏତଦବ୍ୟତୀତ ପୁଞ୍ଜିନିବେଶକାରୀଙ୍କ ଆତ୍ମପ୍ରତ୍ୟୟ ବୃଦ୍ଧି କରିବା ପାଇଁ ସରକାର ଟିକସ ବ୍ୟବସ୍ଥାରେ ସରଳୀକରଣ ପଦକ୍ଷେପ କଥା ମଧ ଘୋଷଣା କରିଛନ୍ତି ।


ବଳିଷ୍ଠ ଭିତିଭୂମୀ ହେଉଛି ପୁଞ୍ଜିନିବେଶ ପାଇଁ ଏକ ଆକର୍ଷଣ । ଏହି ଦୃଷ୍ଟିରୁ ଭିତିଭୂମୀ ବିକାଶ ପାଇଁ ବଜେଟରେ ୨.୨୧ ଲକ୍ଷ କୋଟି ଟଙ୍କା ଆବଣ୍ଟିତ ହୋଇଛି । ଏହା ଦ୍ୱାରା ସଡ଼କ,ରେଳ ଯୋଗାଯୋଗ ଏବଂ ବନ୍ଦର ଓ ବିମାନ ବନ୍ଦର ବିକାଶ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଦେଶର  ଅଭିବୃଦ୍ଧିରେ ମଧ ସହାୟକ ହେବ ।

'ନଅ ସ୍ତମ୍ଭ' ବିଶିଷ୍ଟ ସରକାରଙ୍କ ଆଭିମୁଖ୍ୟ ଦ୍ୱାରା ଗ୍ରାମ୍ୟ ଅର୍ଥନୀତି ତ୍ୱରାନ୍ୱିତ ହେବା ସହିତ ବ୍ୟବସାୟିକ ବାତାବରଣ ଓ ଟିକସ ସରଳୀକରଣ ବ୍ୟବସ୍ଥାରେ ଉନ୍ନତି ଆସିବ । ଏଭଳି ଆଭିମୁଖ୍ୟ ଦ୍ୱାରା ,ଅସଲ ଭାରତର ଅସଲି ଉଦବେଗ ଗୁଡ଼ିକର ମୁକାବିଲା କରାଯାଇ ,ଦେଶର ଭବିଷ୍ୟତ ବିକାଶକୁ ସୁନିଶ୍ଚିତ କରା ଯାଇପାରିବ ।

# ଗ୍ରାମ୍ୟ ଭିତିଭୂମି ଓ ଗ୍ରାମୀଣ ବିଦ୍ୟୁତୀକରଣ

## କେନ୍ଦ୍ର ବଜେଟ୍ ୨୦୧୬-୧୭ - ଏକ ସମୀକ୍ଷା

ଡ଼:ହିରଣ୍ମୟ ରଏ / ଡ଼:ଅନିଲ କୁମାର /ଡ଼:ପ୍ରସୁମ୍ ଦ୍ୱିଦେବୀ



**ଭିତିଭୂମି କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଗ୍ରାମ୍ୟ ଅର୍ଥନୀତିର ଭବିଷ୍ୟତ ପାଇଁ ମଧ୍ୟ ଏକ ଆବଶ୍ୟକତା । ୨୦୧୬ ବଜେଟ୍‌ରେ ଏକଥା ପ୍ରତିଫଳିତ ହୋଇଛି । ରେଳ, ସଡ଼କ ଏବଂ ଅନ୍ୟ ଭିତିଭୂମି ବିକାଶ ପାଇଁ ଏହି ବଜେଟ୍‌ରେ ସର୍ବମୋଟ ୨.୨୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଭିତିଭୂମି ବିକାଶ ଏହି ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ଏହାର ବିକାଶ ଉପରେ ନିର୍ଭର କରେ ଅନ୍ୟାନ୍ୟ ଅର୍ଥନୈତିକ କ୍ଷେତ୍ରର ପ୍ରଗତି ।**

**ଭା**ରତୀୟ ଅର୍ଥନୀତି, ନିରବଚ୍ଛିନ୍ନ ଭାବରେ ୭ ପ୍ରତିଶତ ଅଭିବୃଦ୍ଧିହାର ହାସଲ କରିଚାଲିଛି । ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଭାରତକୁ ବିଶ୍ୱ ଅର୍ଥନୀତିର ମାନ୍ଦାବସ୍ଥା ପୃଷ୍ଠଭୂମିରେ ଏକ ଉଜ୍ଜ୍ୱଳ ବିନ୍ଦୁ ଭାବେ ପ୍ରଶଂସା କରିଛନ୍ତି । ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ୨୦୧୪ ମସିହାରେ ୩.୪ ପ୍ରତିଶତରୁ ଖସିଆସି ୨୦୧୫ରେ ୩.୧ ପ୍ରତିଶତରେ ପହଂଚିଛି । ଆଭ୍ୟନ୍ତରିଣ ବ୍ୟବସ୍ଥା ଯୋଗୁଁ ଭାରତୀୟ ଅର୍ଥନୀତି କିନ୍ତୁ ସକରାତ୍ମକ ରହିଛି । ୨୦୧୪-୧୫ ବର୍ଷ ଭଳି ୨୦୧୫-୧୬ବର୍ଷରେ ମଧ୍ୟ ଏହା ନିଜସ୍ୱ ନିରବଚ୍ଛିନ୍ନ ଏବଂ ବଳିଷ୍ଠ ଅଭିବୃଦ୍ଧି ବଜାୟ ରଖିପାରିଛି ।

ନିକଟରେ ଉପସ୍ଥାପିତ କେନ୍ଦ୍ର ବଜେଟ୍‌ରେ ଏହି ଅଭିବୃଦ୍ଧି ବଜାୟ ରଖିବାପାଇଁ ପ୍ରଚେଷ୍ଟା କରାଯାଇଛି । କୃଷି, ଗ୍ରାମ୍ୟ ବିକାଶ ସାମାଜିକ କ୍ଷେତ୍ର, ଭିତିଭୂମି, କର୍ମନିଯୁକ୍ତି ,ଏବଂ ବ୍ୟାଙ୍କ୍‌ଗୁଡ଼ିକ ପାଇଁ ପୁନଃ ଅର୍ଥଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରପାଇଁ ଏଥିରେ ଅଧିକ ବ୍ୟୟ ବରାଦ କରାଯାଇଛି । ଏଥିରୁ କେନ୍ଦ୍ର ସରକାରଙ୍କ ବିକାଶୋନ୍ମୁଖୀ ଆଭିମୁଖ୍ୟ ସୁସ୍ପଷ୍ଟ ।

ବଜେଟ୍‌ରେ ପରବର୍ତୀ ଆର୍ଥିକ ବର୍ଷପାଇଁ ହେବାକୁ ଥିବା ଖର୍ଚ୍ଚର ଏକ ସ୍ଥୂଳ ଚିତ୍ର ପ୍ରଦାନ କରାଯାଇଥାଏ । ଅର୍ଥନୀତି ଉପରେ ବଜେଟ୍‌ରଏକ ଦୀର୍ଘସ୍ଥାୟୀ ପ୍ରଭାବ ପରିଲକ୍ଷିତ ହୁଏ । ଏଥିରୁ ପୁଞ୍ଜିନିବେଶକାରୀ ଓ ଅନ୍ୟ ସମ୍ପୃକ୍ତ ବ୍ୟକ୍ତି ଓ ସଂସ୍ଥାଗୁଡ଼ିକ ସେହି ବର୍ଷପାଇଁ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୁଅନ୍ତି । ୨୦୧୬-୧୭ ଆର୍ଥିକ ବର୍ଷର ବଜେଟ୍‌ରେ ବିକାଶ ଓ ଅଭିବୃଦ୍ଧିପାଇଁ ୯ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି । ସେଗୁଡ଼ିକ ହେଉଛି (୧) କୃଷି ଓ କୃଷକ କଲ୍ୟାଣ, (୨) ଗ୍ରାମୀଣ କର୍ମନିଯୁକ୍ତି ଓ ଭିତିଭୂମି (୩) ସ୍ୱାସ୍ଥ୍ୟସେବା ସମେତ

ସାମାଜିକ କ୍ଷେତ୍ର (୪) ଶିକ୍ଷା ଓ କୌଶଳ ବିକାଶ (୫) ଭିତିଭୂମି ଓ ପୁଞ୍ଜିନିବେଶ (୬) ଅର୍ଥନୈତିକ ସଂସ୍କାର (୭) ସୁ-ଶାସନ ଓ ବ୍ୟବସାୟିକ ବାତାବରଣ (୮) ଅର୍ଥନୈତିକ ଶୃଙ୍ଖଳା ଓ (୯) କର ସଂସ୍କାର ।

ଭିତିଭୂମି ହେଉଛି କୌଣସି ବି ଅର୍ଥନୀତି ପାଇଁ ବିକାଶ ଏବଂ ଅଭିବୃଦ୍ଧିର ମେରୁଦଣ୍ଡ । ଯୁକ୍ତରାଷ୍ଟ୍ର ଆମେରିକାର ୪୨ତମ ରାଷ୍ଟ୍ରପତି ଓଉଲିୟମ୍ ଜେ କ୍ଲିଣ୍ଟନ୍ ଥରେ କହିଥିଲେ : "ସମାନ ସୁଯୋଗ ଓ ଆର୍ଥିକ ସଶକ୍ତିକରଣକୁ ତ୍ୱରାନ୍ୱିତ କରିବା ହେଉଛି ଉଭୟ ନୈତିକ ଓ ଆର୍ଥିକ ଦୃଷ୍ଟିରୁ ଉତମ । କାରଣ, ଭେଦଭାବ, ଦାରିଦ୍ର୍ୟ ଓ ଅଜ୍ଞାନତା ଅଭିବୃଦ୍ଧିର ଅନ୍ତରାୟ ସାଜୁଥିବାବେଳେ. ଶିକ୍ଷା, ଭିତିଭୂମି ଏବଂ ବୈଜ୍ଞାନିକ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଗବେଷଣା ଅଭିବୃଦ୍ଧି ଆଣିଥାଏ । ଏହାଦ୍ୱାରା ଅଧିକ କର୍ମନିଯୁକ୍ତି ଏବଂ ସମ୍ବଳ ସୃଷ୍ଟି ହୋଇଥାଏ" । ଏହା ସାଂପ୍ରତିକ ଭାରତୀୟ ପରିପ୍ରେକ୍ଷୀରେ ମଧ୍ୟ ପ୍ରାସଙ୍ଗିକ ମନେହୁଏ । କାରଣ ଭିତିଭୂମି କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଗ୍ରାମ୍ୟ ଅର୍ଥନୀତିର ଭବିଷ୍ୟତ ପାଇଁ ମଧ୍ୟ ଏକ ଆବଶ୍ୟକତା ।

୨୦୧୬ ବଜେଟ୍‌ରେ ଏକଥା ପ୍ରତିଫଳିତ ହୋଇଛି । ରେଳ, ସଡ଼କ ଏବଂ ଅନ୍ୟ ଭିତିଭୂମି ବିକାଶପାଇଁ ଏହି ବଜେଟ୍‌ରେ ସର୍ବମୋଟ ୨.୨୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଭିତିଭୂମି ବିକାଶ ଏହି ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ଏହାର ବିକାଶ ଉପରେ ନିର୍ଭର କରେ ଅନ୍ୟାନ୍ୟ ଅର୍ଥନୈତିକ କ୍ଷେତ୍ରର ପ୍ରଗତି ।



**ସଡ଼କ ନିର୍ମାଣ ପାଇଁ ୯୭ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏଥିରେ ସରକାରଙ୍କ ଅଂଶଧନ ୫୫ ହଜାର କୋଟି ଟଙ୍କା ହୋଇଥିବାବେଳେ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, କରମୁକ୍ତ ବଣ୍ଡ୍ ଜରିଆରେ ଅବଶିଷ୍ଟ ୧୫ ହଜାର କୋଟି ଟଙ୍କା ଯୋଗାଡ଼ କରିବେ । ଗ୍ରାମ୍ୟ ସଡ଼କ ନିର୍ମାଣପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ରାଜ୍ୟଗୁଡ଼ିକର ୨୭ ହଜାର କୋଟି ଟଙ୍କା ଅଂଶଧନ ଏଥିରେ ସାମିଲ୍ ଅଛି । ୨୦୧୬-୧୭ ଆଥର୍ବିକ ବର୍ଷରେ ୧୦ ହଜାର କିଲୋମିଟର ସଡ଼କ ନିର୍ମାଣପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।**

ଭିତିଭୂମି ସମ୍ପର୍କିତ ନିର୍ମାଣ କାର୍ଯ୍ୟରୁ ସକଳ ଘରୋଇ ଉତ୍ପାଦନର ୧୦ ପ୍ରତିଶତ ଆସୁଥିବାବେଳେ ୫ ବର୍ଷ ପାଇଁ ଆବଶ୍ୟକତା ଥିଲା ଏକ ଟ୍ରିଲିୟନ୍ ଡଲାର ପୁଞ୍ଜିନିବେଶର । ଏହାର ଅର୍ଦ୍ଧେକ ପୁଞ୍ଜି ବେସରକାରୀ କ୍ଷେତ୍ରରୁ ଆସିବା ବାଞ୍ଛନୀୟ । ବଜେଟ୍ ବ୍ୟବସ୍ଥା ଅନୁଯାୟୀ ଗୃହ ନିର୍ମାଣ ସମ୍ପର୍କୀତ ସୁଧ ରିହାତି ଓ କର ରିହାତିପାଇଁ ଏହି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବାର ସମ୍ଭାବନା ରହିଛି । ସଡ଼କ ନିର୍ମାଣ ପାଇଁ ୯୭ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏଥିରେ ସରକାରଙ୍କ ଅଂଶଧନ ୫୫ ହଜାର କୋଟି ଟଙ୍କା ହୋଇଥିବାବେଳେ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, କରମୁକ୍ତ ବଣ୍ଡ୍ ଜରିଆରେ ଅବଶିଷ୍ଟ ୧୫ ହଜାର କୋଟି ଟଙ୍କା ଯୋଗାଡ଼ କରିବେ । ଗ୍ରାମ୍ୟ ସଡ଼କ ନିର୍ମାଣପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ରାଜ୍ୟଗୁଡ଼ିକର ୨୭ ହଜାର କୋଟି ଟଙ୍କା ଅଂଶଧନ ଏଥିରେ ସାମିଲ୍ ଅଛି । ୨୦୧୬-୧୭ ଆର୍ଥିକ ବର୍ଷରେ ୧୦ ହଜାର କିଲୋମିଟର ସଡ଼କ ନିର୍ମାଣପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।

ଭିତିଭୂମିର ଅନ୍ୟ ଏକ ଦିଗ ହେଉଛି ଶକ୍ତି ଉତ୍ପାଦନ । ଏହା ଯେକୌଣସି ଦେଶର ପ୍ରଗତି ପାଇଁ ଅତ୍ୟାବଶ୍ୟକ । ଏହି ବଜେଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ଦୁଇଦଶନ୍ଧି ମଧ୍ୟରେ ସରକାର, କୋଇଲା ଉତ୍ପାଦନରେ ସର୍ବୋଚ୍ଚ ଅଭିବୃଦ୍ଧି ହାସଲ କରିପାରିଛନ୍ତି । ସେହିଭଳି, ଅଧିକ ଶକ୍ତି ଉତ୍ପାଦନ, ବିଦ୍ୟୁତ୍ ବିତରଣପାଇଁ ସର୍ବାଧିକ ଲାଇନ୍ ବ୍ୟବସ୍ଥା ଏବଂ ଏଲ୍‌ଇ.ଡି. ବଲ୍‌ବ ବିତରଣ କ୍ଷେତ୍ରରେ ମଧ୍ୟ ବେଶ୍ ଅଗ୍ରଗତି ପରିଲକ୍ଷିତ ହୋଇଛି ।

୨୦୧୫ ମସିହା ଏପ୍ରିଲ୍ ଏକ ତାରିଖ ସୁଦ୍ଧା ଦେଶର ୧୮୫୪୨ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗୀକରଣ ହୋଇ ନ ଥିଲା । ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧନ କଲାବେଳେ ୧୦୦୦ ଦିନରେ ସବୁ ଗାଁକୁ ବିଜୁଳି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ । ଏଥର ବଜେଟ୍‌ରେ ଆଗାମୀ ୨୦୧୮ ମସିହା ସୁଦ୍ଧା ୧୦୦ ପ୍ରତିଶତ ଗ୍ରାମ୍ୟ ବିଦ୍ୟୁତ୍‌କରଣ କାର୍ଯ୍ୟ କରାଯିବ ବୋଲି ଲକ୍ଷ୍ୟ ରହିଛି ।



ଏଥିପାଇଁ ଦିନ ଦୟାଲ୍ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା ଓ ସମନ୍ୱିତ ଶକ୍ତି ଉନ୍ନୟନ ଯୋଜନାପାଇଁ ଅଧିକ ଅର୍ଥ ବରାଦ୍ କରାଯାଇଛି । ଏହି ଦୁଇଟି ଯୋଜନା ପାଇଁ ମୋଟ ଆଠହଜାର ୫୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

ଅନ୍ୟପକ୍ଷରେ, ଆସନ୍ତା ୧୫-୨୦ ବର୍ଷ ମଧ୍ୟରେ ଆଣବିକ ଶକ୍ତି ଉତ୍ପାଦନ ବୃଦ୍ଧି କରିବାକୁ ମଧ୍ୟ ବଜେଟ୍‌ରେ ଉଲ୍ଲେଖ ରହିଛି । ଏଥିପାଇଁ ତିନିହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହା ହେଉଛି ସରକାରଙ୍କ ସବୁଜଶକ୍ତି ଉତ୍ପାଦନ ପ୍ରଚେଷ୍ଟା ଦିଗରେ ଏକ ବଳିଷ୍ଠ ପଦକ୍ଷେପ । କାରଣ ଏହି କ୍ଷେତ୍ରରୁ ଉଭୟ ସବୁଜ ଓ ନିରନ୍ତର ଶକ୍ତି ଉତ୍ପାଦନ ସମ୍ଭବପର । ଏଥିପାଇଁ ଆବଶ୍ୟକ ଥୋରିୟମ୍, ଭାରତରେ ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ରହିଛି । ସେହିଭଳି, ପ୍ରଦୁଷଣକାରୀ କୋଇଲା ଆଧାରିତ ଶକ୍ତି ପ୍ରକଳ୍ପର ବିସ୍ତାରକୁ ପ୍ରତିହତ କରିବା ସହିତ ବିକଳ୍ପ ଶକ୍ତି ଉତ୍ପାଦନପାଇଁ ଏହି ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ଏଥିପାଇଁ କୋଇଲା, ଲିଗ୍‌ନାଇଟ୍ ଓ ପିଟ୍ ଉପରେ ଲାଗୁ ହେଉଥିବା ସ୍ୱଚ୍ଛ ଶକ୍ତି ସେସ୍‌ର ପୁନଃ ନାମକରଣ କରାଯାଇ ସ୍ୱଚ୍ଛ ପରିବେଶ ସେସ୍ ରଖାଯାଇଛି ଏବଂ ଏହାକୁ ଟନ୍ ପିଛା ୨୦୦ ଟଙ୍କାରୁ ବୃଦ୍ଧି କରି ୪୦୦ ଟଙ୍କା କରାଯାଇଛି । ଗଭୀର ସମୁଦ୍ର ଓ ଜଳଉତ୍ସରୁ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ପାଦନ ପାଇଁ ଏହି ବଜେଟ୍‌ରେ ପ୍ରୋତ୍ସାହନ ଦିଆଯାଇଛି । ଏହାଦ୍ୱାରା ଅଧିକ ସ୍ୱଦେଶୀ ଶକ୍ତି ଉତ୍ପାଦନ ସମ୍ଭବ ହେବା ସହିତ ଅର୍ଥନୀତି ଉପରେ ପଡୁଥିବା ଆମଦାନୀ ଜନିତ ଚାପକୁ ମଧ୍ୟ ହ୍ରାସ କରାଯାଇପାରିବ ।ଏହି ବଜେଟ୍‌ର ଏକ ମୁଖ୍ୟ ଉପାଦନ ହେଉଛି ସରକାରୀ-ଘରୋଇ ସହଭାଗିତା । ଏ ପ୍ରକାର ସହଭାଗିତା, ବିଶେଷକରି ଦୀର୍ଘ ଅବଧି ବିଶିଷ୍ଟ ଭିତିଭୂମି ପ୍ରକଳ୍ପ ଗୁଡ଼ିକ କ୍ଷେତ୍ରରେ ଉପାଦେୟ ପ୍ରମାଣିତ ହୋଇଥାଏ । ଘରୋଇ ପୁଞ୍ଜିନିବେଶ ଓ କାର୍ଯ୍ୟ କୌଶଳ ଯୋଗୁଁ ଏପରି ହୋଇଥାଏ । ଏହାଦ୍ୱାରା ସରକାରୀ ବ୍ୟୟ ଉପରେ ଚାପ ହ୍ରାସ ପାଇଥାଏ । ଯଦିଓ ଭାରତରେ ଏ ପ୍ରକାର ଭାଗିଦାରୀ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ରହିଛି, ତଥାପି ସରକାର ଏଥିପାଇଁ ପ୍ରୟାସ ଜାରି ରଖିଛନ୍ତି । ସେଗୁଡ଼ିକ ମଧ୍ୟରେ ରହିଛି : (୧) ଜନଉପଯୋଗ (କଳହ ସମାଧାନ) ବିଧେୟକକୁ ୨୦୧୬-୧୭ ମସିହାରେ ଉପସ୍ଥାପିତ କରିବା,
(୨) ସରକାରୀ-ଘରୋଇ ଭାଗିଦାରୀ ସମ୍ପର୍କୀତ ବୁଝାମଣାକୁ ନେଇ ମାର୍ଗଦର୍ଶିକା ପ୍ରକାଶ କରିବା ଓ (୩) ଭିତିଭୂମି ପ୍ରକଳ୍ପଗୁଡ଼ିକ ପାଇଁ ନୂତନ କ୍ରେଡିଟ୍ ରେଟିଂଗ୍ ବ୍ୟସ୍ତତା କରିବା ।(ସରକାରୀ-ଘରୋଇ ଭାଗିଦାରୀ ଉପରେଏକ କମିଟିଦ୍ୱାରା ପ୍ରଦତ ରିପୋର୍ଟ ଅନୁଯାୟୀ ଉପରୋକ୍ତ ବିନ୍ଦୁଗୁଡ଼ିକୁ ସାମିଲ୍ କରାଯାଇଛି ।)

ସରକାରୀ-ଘରୋଇ ସହଭାଗିତା ସମ୍ପର୍କିତ ପୁନଃ ଆଲୋଚନା ପରିପ୍ରେକ୍ଷୀରେ ସରକାରଙ୍କଦ୍ୱାରା ନୂତନ ମାର୍ଗଦର୍ଶିକା ଅଣାଗଲା ।ଏହାଦ୍ୱାରା ବିଶେଷଭାବେ ଶକ୍ତି ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ଲାଭାନ୍ୱିତ ହେବେ । ଭିତିଭୂମି ଓ ଶକ୍ତିକ୍ଷେତ୍ରପାଇଁ ଅଧିକ ଅର୍ଥ ସକାଶେ କେନ୍ଦ୍ର ସରକାର ଏନ୍ଏଚ୍ଏଆଇ, ପିଏଫ୍‌ସି. ଆର୍‌ଇସି, ଇରେନା, ନାବାର୍ଡ଼ ଓ ଅନ୍ତର୍ଦେଶୀୟ ଜଳ କର୍ତୃପକ୍ଷ ଆଦି ବଣ୍ଡ ମାଧ୍ୟମରେ ପ୍ରାୟ ୩୧ ହଜାର ୩୦୦ କୋଟି ଟଙ୍କା ଆଦାୟ କରିବା ପାଇଁ ଅନୁମତି ପ୍ରଦାନ କରିବେ । ବିବାଦ ସମାଧାନ ପାଇଁ ମଧ୍ୟ ସରକାର ପ୍ରୟାସ କରୁଛନ୍ତି । ଯଦ୍ୱାରା ସରକାରୀ-ଘରୋଇ ପ୍ରକଳ୍ପ ସମ୍ପର୍କୀତ ବିବାଦର ତ୍ୱରିତ ସମାଧାନ ହୋଇପାରିବ । ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ନିତୀରେ ମଧ୍ୟ ପରିବର୍ତନ ଆଣିବାର ପ୍ରସ୍ତାବ ରହିଛି । ଖାଦ୍ୟ ପ୍ରକ୍ରିୟାକରଣ ଓ ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ରରେ ସରକାର, ଶତ ପ୍ରତିଶତ ବିଦେଶୀ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଅଛନ୍ତି । ଏହାଦ୍ୱାରା ଭାରତୀୟ ଅର୍ଥନିତୀରେ ଅଧିକ ବିଦେଶୀ ପୁଞ୍ଜି ପ୍ରବେଶ ଦ୍ୱାରା ଏହା ଆହୁରି ସଶକ୍ତ ହେବ ।

ଦେଶର ୫୦ ଭାଗ ଲୋକ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଉପରେ ନିର୍ଭର କରନ୍ତି । ତେଣୁ ଏହି କ୍ଷେତ୍ରରେ ଭିତିଭୂମି ବିକାଶପାଇଁ ନିମ୍ନୋକ୍ତ ବିଷୟ ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ :

- ଖାଦ୍ୟ ସୁରକ୍ଷାପାଇଁ ସଂରକ୍ଷଣ



Unfiled Notes Page 8

ଓ ଶୀତଳ ଭଣ୍ଡାର ବ୍ୟବସ୍ଥା

● ଉତ୍ପାଦନ ବୃଦ୍ଧିପାଇଁ ଜୈବସାର ଓ ରାସାୟନିକ ସାର ସଂଗ୍ରହ

● ଭୂତଳ ଜଳ ବିନିଯୋଗ ନିୟନ୍ତ୍ରଣପାଇଁ ଧାରଣକ୍ଷମ ଭିତିଭୂମି ବିକାଶ

● ଅଣଜଳସେଚିତ ଜମିପାଇଁ ଜଳସେଚନ ଭିତିଭୂମି ବିକାଶ

● କୃଷକଙ୍କୁ ସିଧାସଳଖ ଟଙ୍କା ପୈଠପାଇଁ ଅନ୍‌ଲାଇନ୍ ସୁବିଧା ଓ

● ବଜେଟ୍‌ରେ ଥିବା ପ୍ରସ୍ତାବ ଅନୁଯାୟୀ, କୃଷକଙ୍କୁ ସିଧାସଳଖ ସୁବିଧା ହସ୍ତାନ୍ତର ଯୋଜନାରେ ସାର ରିହାତି ପ୍ରଦାନ ବ୍ୟବସ୍ଥା ।

ଦେଶର ସମଗ୍ର ଜନସଂଖ୍ୟାର ୭୨.୨ ପ୍ରତିଶତ ଲୋକ ଗ୍ରାମାଂଚଳରେ ବାସ କରନ୍ତି । ତଥାପି ସେମାନଙ୍କ ପାଖରେ ବିଭିନ୍ନ ପ୍ରକାର ଭିତିଭୂମିର ଅଭାବ ରହିଛି । ଏଥିପାଇଁ ସେମାନେ ଆର୍ଥିକ ଭାବେ ସମର୍ଥ ନୁଅନ୍ତି । ସହରବାସୀଙ୍କ ପରି ଏମାନଙ୍କ ସାକ୍ଷରତାର ସ୍ତର ମଧ୍ୟ ଉଚ୍ଚ ନୁହେଁ । ତେବେ ବର୍ତମାନ ଗ୍ରାମ ପଂଚାୟତଗୁଡ଼ିକୁ ଉଭୟ ଆର୍ଥିକ ଓ କାର୍ଯ୍ୟକ୍ଷେତ୍ରରେ ସଶକ୍ତ କରାଯାଇଛି ।

● ଶ୍ୟାମାପ୍ରସାଦ ମୁଖର୍ଜୀ ରୁର୍‌ବାନ ଗ୍ରାମୀଣ ସହରୀ ମିଶନ ଅଧୀନରେ ୩୦୦ ପୁଞ୍ଜ ବିକାଶ କରିବାର ଲକ୍ଷ୍ୟ ।

● ୨୦୧୫ ମସିହା ମେଁ ମାସ ୧ ତାରିଖ ସୁଦ୍ଧା ଶତ ପ୍ରତିଶତ ଗ୍ରାମକୁ ବିଜୁଳି ଯୋଗାଣ ।

● ଆଗାମୀ ତିନି ବର୍ଷ ମଧ୍ୟରେ ନୂତନ ଡିଜିଟାଲ ସାକ୍ଷରତା ମିଶନ ଅଧୀନରେ ୯ କୋଟି ଅତିରିକ୍ତ ପରିବାରକୁ ସାମିଲ କରିବା ଲକ୍ଷ୍ୟ । ଏବଂ

**ପ୍ରଦୂଷଣକାରୀ କୋଇଲା ଆଧାରିତ ଶକ୍ତି ପ୍ରକଳ୍ପର ବିସ୍ତାରକୁ ପ୍ରତିହତ କରିବା ସହିତ ବିକଳ୍ପ ଶକ୍ତି ଉତ୍ପାଦନପାଇଁ ଏହି ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ଏଥିପାଇଁ କୋଇଲା, ଲିଗ୍‌ନାଇଟ୍ ଓ ପିଟ୍ ଉପରେ ଲାଗୁ ହେଉଥିବା ସ୍ୱଚ୍ଛ ଶକ୍ତି ସେସ୍‌ର ପୁନଃ ନାମକରଣ କରାଯାଇ ସ୍ୱଚ୍ଛ ପରିବେଶ ସେସ୍ ରଖାଯାଇଛି ଏବଂ ଏହାକୁ ଟନ୍ ପିଛା ୨୦୦ ଟଙ୍କାରୁ ବୃଦ୍ଧି କରି ୪୦୦ ଟଙ୍କା କରାଯାଇଛି । ଗଭୀର ସମୁଦ୍ର ଓ ଜଳଉତ୍ସରୁ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ପାଦନ ପାଇଁ ଏହି ବଜେଟ୍‌ରେ ପ୍ରୋତ୍ସାହନ ଦିଆଯାଇଛି ।**

● ଖୋଲାରେ ଶୌଚ କରିବା ଅଭ୍ୟାସମୁକ୍ତ ଗାଁଗୁଡ଼ିକୁ ସମ୍ମାନିତ କରିବା ସହିତ କେନ୍ଦ୍ର ପ୍ରବର୍ତିତ ଯୋଜନାଗୁଡ଼ିକରୁ ଗ୍ରାମ୍ୟ ବିକାଶପାଇଁ ପ୍ରାଥମିକତାର ସହ ସମ୍ବଳ ଆବଣ୍ଟନ ।

ଦେଶରେ ବର୍ତମାନ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ ହେଉଛି । ସମ୍ବଳ ଅଭାବ ଯୋଗୁଁ ଅତୀତରେ ଏହି ଯୋଜନା ପ୍ରଭାବିତ ମଧ୍ୟ ହୋଇଛି । ୨୦୧୨-୧୩ରେ ଏଥିପାଇଁ ୮୮୮୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବାବେଳେ ୨୦୧୩-୧୪ରେ ୯୮୦୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା । ତେବେ କେନ୍ଦ୍ର ସରକାର ୨୦୧୬-୧୭ ବର୍ଷ ପାଇଁ ଏହି ଯୋଜନା ସକାଶେ ୧୯ ହଜାର କୋଟି ଟଙ୍କାର ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି । ରାଜ୍ୟଗୁଡ଼ିକର ଅଂଶଧନ ମିଶାଇ ଏହି ଆର୍ଥିକ ବର୍ଷରେ ଏହି ଯୋଜନାରେ ସର୍ବମୋଟ ୨୭ ହଜାର କୋଟି ଟଙ୍କା ବ୍ୟୟ କରାଯିବ । ଆମର ଲକ୍ଷ୍ୟ ହେଉଛି ୨.୨୩ ଲକ୍ଷ କିଲୋମିଟର ଦୀର୍ଘ ସଡ଼କ ନିର୍ମାଣକରି ଗମନା-ଗମନ ସୁବିଧା ଯୋଗାଇବା । ତେଣୁ ସଡ଼କ ନିର୍ମାଣର ଗତି, ଯାହା ୨୦୧୧-୧୪ ମଧ୍ୟରେ ଦୈନିକ ୭୩.୪ କି.ମି. ଥିଲା, ବର୍ତମାନ ଦୈନିକ ୧୦୦ କି.ମି.ରୁ ମଧ୍ୟ ଉର୍ଦ୍ଧ ସଡ଼କ ନିର୍ମାଣ ଗତି ସୁନିଶ୍ଚିତ କରିବାକୁ ପଡ଼ିବ ।

ମୋଟାମୋଟି ଭାବରେ ଚଳିତ ବର୍ଷର ବଜେଟ୍‌ରେ ଗ୍ରାମ୍ୟ ଭିତିଭୂମି ଉପରେ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଇଛି । ବାସ୍ତବିକ, ସରକାରୀ ଖର୍ଚ୍ଚ ବୃଦ୍ଧି , ନୂତନ ଭିତିଭୂମି ପାଣ୍ଠି ଗଠନ ଓ ସରକାରୀ ଘରୋଇ ସହଭାଗିତା କ୍ଷେତ୍ରରେ ସ୍ୱଚ୍ଛ ନିତୀ ଆଦି ବ୍ୟବସ୍ଥା ଦ୍ୱାରା ପୁଞ୍ଜିନିବେଶକାରୀଙ୍କ ଦୀର୍ଘ ଦିନର ସମସ୍ୟା ସମାଧାନ ପ୍ରୟାସ ବାହାର କରିଛନ୍ତି କେନ୍ଦ୍ର ସରକାର । ଚଳିତ ବଜେଟ୍‌ରେ ଭିତିଭୂମି ବିକାଶ ମାଧ୍ୟମରେ ବିକାଶ ପ୍ରତି ମଧ୍ୟ ସରକାରଙ୍କ ଅଭିପ୍ରାୟ ଏହି ବଜେଟ୍‌ରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି । ଏହି ବଜେଟ୍ ଏକ ସନ୍ତୁଳିତ ବଜେଟ୍, ଯେଉଁଠି ସମସ୍ତ କ୍ଷେତ୍ର ପ୍ରତି ଧ୍ୟାନ ଦିଆଯାଇଛି । କୃଷି ଓ କୃଷକ, ଗ୍ରାମ୍ୟ, ସାମାଜିକ ଓ ଭିତିଭୂମି ବିକାଶକୁ ପ୍ରାଧାନ୍ୟ ଦେଇ ଆବଶ୍ୟକ ପରିବର୍ତନ ପାଇଁ ଏହି ବଜେଟ୍‌ରେ ପ୍ରଚେଷ୍ଟା କରାଯାଇଛି ।

ଡ଼: ରଏ ୟୁପିଇଏସ୍‌ରେ ଅର୍ଥନିତୀ ବିଜ୍ଞାନର ଜଣେ ସହକାରୀ ପ୍ରାଧ୍ୟାପକ, ଡ: ଅନିଲ୍ କୁମାର ସେହି ସଂସ୍ଥାର ଶକ୍ତି ଓ ଭିତିଭୂମି ବିଭାଗ ମୁଖ୍ୟ ଏବଂ ଡ: ପ୍ରସୁମ୍ ଦ୍ୱିବେଦୀ ଅର୍ଥନିତୀ ଓ ଆନ୍ତର୍ଜାତୀୟ ବାଣିଜ୍ୟ ବିଭାଗର ମୁଖ୍ୟ ତଥା ବରିଷ୍ଠ ସହକାରୀ ପ୍ରାଧ୍ୟାପକ ।



Unfiled Notes Page 9

# ଏକ ରକ୍ଷଣଶୀଳ ଅଭିବୃଦ୍ଧି ଆକଳନ କାହିଁକି ?

ଏଚ.ଡ଼ି. ପଇ ପାଣନ୍ଦିକର

**୨୦୧୫-୧୬ ସର୍ବେକ୍ଷଣ ରିପୋର୍ଟରେ ୨୦୧୬-୧୭ ଆର୍ଥିକ ବର୍ଷ ପାଇଁ ୭ରୁ ୭.୫ର ଯେଉଁ ଅଭିବୃଦ୍ଧି ହାର ଧାର୍ଯ୍ୟ କରାଯାଇଛି ତାହା ଅତି ଉଚ୍ଚାଭିଳାଷୀ ମନେହୁଏ । ଏହି ଲକ୍ଷ୍ୟ ଧାର୍ଯ୍ୟ କରିବାବେଳେ ବୋଧହୁଏ ବର୍ତମାନର ଦୁର୍ବଳ ବିଶ୍ୱ ଆର୍ଥିକ ସ୍ଥିତିକୁ ଅନୁମାନ କରାଯାଇ ପାରିନଥିଲା । ଆସନ୍ତା ବର୍ଷ ଏହି ପରିସ୍ଥିତିର ପ୍ରଭାବ କ'ଣ ହେବ କହିବା କଷ୍ଟ । ଏହି ଅନିଶ୍ଚିତତା ଭିତରେ ଭାରତ ଏକ ସ୍ଥିର ନିରନ୍ତର ଅଭିବୃଦ୍ଧି ହାର ବଜାୟ ରଖି ବିଶ୍ୱର ଏକ ସ୍ଥିର ବିକାଶଶୀଳ ସ୍ଥାନ ପାଲଟିଛି । ଆଗାମୀ ଦିନରେ ୮ରୁ ୧୦ ଶତାଂଶ ଅଭିବୃଦ୍ଧି ହାସଲ କରିବାର ସାମର୍ଥ୍ୟ ଭାରତର ଯେ ରହିଛି ଏକଥା ମଧ ଆକଳନରୁ ଜଣାପଡୁଛି ।**

ଅର୍ଥନୈତିକ ସର୍ବେକ୍ଷଣର ଭିତିକୁ ଆଧାର କରି ଭାରତର ବଜେଟ ପ୍ରସ୍ତୁତ ହୁଏ । ଏହାର ତଥ୍ୟ ଅଧିକ ବାସ୍ତବ ଏବଂ ଏହା ଉପସ୍ଥିତ ଆର୍ଥିକ ସ୍ଥିତିର ସମୀକ୍ଷା କରିଥାଏ । ଅର୍ଥନୀତିକୁ କିପରି ଠିକଣା ମାର୍ଗରେ ପରିଚାଳିତ କରାଯାଇପାରିବ ସେଥିପାଇଁ ବ୍ୟାପକ ନୀତି ନିର୍ଦ୍ଧାରଣ ନିମନ୍ତେ ଏହା ସୂଚନା ଦେଇଥାଏ । ବଜେଟ, ଅର୍ଥନୀତିଠାରୁ କିଂଚିତ ବାହାରକୁ ଯାଇଥାଏ ଏବଂ ଏହା ରାଜନୀତିକ ବିଚାର ଦ୍ୱାରା ପ୍ରଭାବିତ ହୋଇ ସରକାରଙ୍କ ବ୍ୟୟ ଓ ସମ୍ବଳ ସଂଗ୍ରହ ଏବଂ ଆବଣ୍ଟନର ଅଗ୍ରାଧିକାରକୁ ଚୂଡ଼ାନ୍ତ ରୂପ ଦେଇଥାଏ । ବିଭିନ୍ନ ବିଭାଗର ଆୟ ବ୍ୟୟ ଆଦି ଅର୍ଥମନ୍ତ୍ରୀଙ୍କ ମାଧ୍ୟମରେ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଓ ବଜେଟରେ ସ୍ଥାନ ପାଇଥାଏ ।

୨୦୧୫-୧୬ ସର୍ବେକ୍ଷଣ ରିପୋର୍ଟରେ ୨୦୧୬-୧୭ ଆର୍ଥିକ ବର୍ଷ ପାଇଁ ୭ରୁ ୭.୫ର ଯେଉଁ ଅଭିବୃଦ୍ଧି ହାର ଧାର୍ଯ୍ୟ କରାଯାଇଛି ତାହା ଅତି ଉଚ୍ଚାଭିଳାଷୀ ମନେହୁଏ । ଏହି ଲକ୍ଷ୍ୟ ଧାର୍ଯ୍ୟ କରିବାବେଳେ ବୋଧହୁଏ ବର୍ତମାନର ଦୁର୍ବଳ ବିଶ୍ୱ ଆର୍ଥିକ ସ୍ଥିତିକୁ ଅନୁମାନ କରାଯାଇ ପାରିନଥିଲା । ଆସନ୍ତା ବର୍ଷ ଏହି ପରିସ୍ଥିତିର ପ୍ରଭାବ କ'ଣ ହେବ କହିବା କଷ୍ଟ । ଏହି ଅନିଶ୍ଚିତତା ଭିତରେ ଭାରତ ଏକ ସ୍ଥିର ନିରନ୍ତର ଅଭିବୃଦ୍ଧି ହାର ବଜାୟ ରଖି ବିଶ୍ୱର ଏକ ସ୍ଥିର ବିକାଶଶୀଳ ସ୍ଥାନ ପାଲଟିଛି । ଆଗାମୀ ଦିନରେ ୮ରୁ ୧୦ ଶତାଂଶ ଅଭିବୃଦ୍ଧି ହାସଲ କରିବାର ସାମର୍ଥ୍ୟ ଭାରତର ଯେ ରହିଛି ଏକଥା ମଧ ଆକଳନରୁ ଜଣାପଡୁଛି । ବିଶ୍ୱର ଅନ୍ୟତ୍ର ଚିତ୍ର



ନୈରାଶ୍ୟଜନକ । ଜାପାନ ଓ ୟୁରୋପ ଏବେ ମାନ୍ଦାବସ୍ଥାର ନିକଟବର୍ତୀ । ୨୦୧୫ର ଶେଷ ଚାରିମାସରେ ଆମେରିକାର ଅଭିବୃଦ୍ଧି ସଂକୁଚିତ ହୋଇଥିଲା । ବ୍ରିକ୍ସ ଦେଶ ସମୂହ ମଧ ସମସ୍ୟାର ସମ୍ମୁଖୀନ । ବ୍ରାଜିଲ ଓ ରୁଷିଆରେ ଅଭିବୃଦ୍ଧି ବିଯୁକ୍ତ ଚାରି ଶତାଂଶକୁ ଖସି ଯାଇଥିବା ବେଳେ ଦକ୍ଷିଣ ଆଫ୍ରିକାର ଅର୍ଥନୀତି ବିପର୍ଯ୍ୟସ୍ତ । ଚୀନ ତାହାର ପୂର୍ବର ୧୦ ଶତାଂଶ ଅଭିବୃଦ୍ଧି ବଜାୟ ରଖିବାକୁ ଅସମର୍ଥ ହୋଇଛି । ଏବେ ସେଠାରେ ଅଭିବୃଦ୍ଧି ହାର ୬.୫କୁ ଖସି ଆସିଛି । ବିଶ୍ୱର ଆର୍ଥିକ ପ୍ରଭାବ ଓ ସ୍ଥିତିରୁ କୌଣସି ଦେଶ ନିଜକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଅସଂଲଗ୍ନ ରଖିପାରିବ ନାହିଁ । ବାଣିଜ୍ୟ ଓ ପୁଂଜିନିବେଶ ଦ୍ୱାରା ବିଭିନ୍ନ ରାଷ୍ଟ୍ର ଏବେ ନିବିଡ଼ ଭାବେ ସଂଯୁକ୍ତ । ଏକଦା ଯେଉଁ ଦେଶସମୂହ ରପ୍ତାନୀ ବାଣିଜ୍ୟ ଦ୍ୱାରା ନିଜର ଅଭିବୃଦ୍ଧି ବଢ଼ାଉଥିଲେ ଏବେ ସେମାନେ ଏଥିରୁ ଓହରିଯିବାକୁ ବାଧ ହୋଇଛନ୍ତି । ଭାରତ ପ୍ରଥମେ ଆମଦାନୀ ବିକଳ୍ପ କୌଶଳ ବା ସ୍ଥାନୀୟ ବଜାରର ଆବଶ୍ୟକତା ପାଇଁ ଉତ୍ପାଦନ ବୃଦ୍ଧି ବ୍ୟବସ୍ଥାକୁ

ଆପଣାଇଥିଲା । ୧୯୯୯ର ସଂସ୍କାର ପରେ ଏ କ୍ଷେତ୍ରରେ ଭଲ ପ୍ରୟାସ ସତ୍ତ୍ୱେ ଭାରତ ରପ୍ତାନୀକୁ ଆବଶ୍ୟକ ପ୍ରୋତ୍ସାହନ ଦେଇପାରିନଥିଲା । ଏବେ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମରେ ଏହାକୁ ବହୁମୁଖୀ କରିବାକୁ ଉଦ୍ୟମ କରାଯାଉଛି । ଘରୋଇ ଚାଳକଙ୍କ ଉପରେ ଆମ ଅର୍ଥନୀତି ମୁଖ୍ୟତଃ ନିର୍ଭର କରୁଥିବାରୁ ଅବଶିଷ୍ଟ ପୃଥିବୀ ସହ ଆମର ସମ୍ପର୍କ ଟିକେ ସୂକ୍ଷ୍ମ ରହିଛି । ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ବିଶ୍ୱ ଆର୍ଥିକ ଅଭିବୃଦ୍ଧିରେ ଏକ ଶତାଂଶ ଅନୁପାତ ହ୍ରାସ ଭାରତର ଅଭିବୃଦ୍ଧିକୁ ୦.୨ ଶତାଂଶ ସଂକୁଚିତ କରିବ । ଯଦି ୨୦୦୮-୦୯ ଭଳି ଭୟଙ୍କର ଆର୍ଥିକ ସଂକଟ ସୃଷ୍ଟି ହୁଏ ତା' ହେଲେ ଏହାର ପରିଣତି ବିଷମ ହୋଇପାରେ । ଏକ ଅନିଶ୍ଚିତ ବିଶ୍ୱ ଅର୍ଥନୈତିକ ସ୍ଥିତିରେ ଭାରତର ଅଭିବୃଦ୍ଧି ବଜାୟ ରହିବାର କାରଣ କ'ଣ ? ଏଥି ପାଇଁ ସର୍ଭେରେ ଏକାଧିକ କାରଣ ବିଷୟରେ ଉଲ୍ଲେଖ କରାଯାଇଛି । ସେଥି ମଧ୍ୟରୁ କେନ୍ଦ୍ରୀୟ ପ୍ରଶାସନରେ ଦୁର୍ନୀତି ହ୍ରାସ, ଅଧିକରୁ ଅଧିକ କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ବୃଦ୍ଧି, ବ୍ୟବସାୟ ବା କାରବାର କ୍ଷେତ୍ରରେ ଅପେକ୍ଷାକୃତ କମ୍ ବ୍ୟୟ । ଜନଧନ ଯୋଜନା ଏବଂ ସାମାଜିକ ଦୃଷ୍ଟିରୁ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଏଥିପାଇଁ ସହାୟକ ହୋଇଛି । ତେବେ ଏସବୁ

**ଗତ ଦୁଇ ବର୍ଷ ହେଲା ମୁଦ୍ରାସ୍ଫୀତି ହାର କମ୍ ରହିଛି । ପାଇକାରୀ ହିସାବରେ ଏହା ଶୂନ୍ୟାଙ୍କଠାରୁ କମ୍ ରହିଥିବାବେଳେ ଖୁଚୁରା ହିସାବରେ ୬ ଶତାଂଶରୁ କମ୍ ରହିଛି । ଏହି ସୁଯୋଗରେ ରିଜର୍ଭ ବ୍ୟାଙ୍କ ତାହାର 'ରେପୋ' (ଋଣ ଉପରେ ଧାର୍ଯ୍ୟ ସୁଧ) ହାରକୁ ୬.୭୫ ଶତାଂଶକୁ ହ୍ରାସ କରିଛି ।**



ଯୋଜନା ପୁଞ୍ଜି ନିବେଶ ବୃଦ୍ଧିକୁ ବିଶେଷ ଭାବେ ତ୍ୱରାନ୍ୱିତ କରିପାରିନାହିଁ । ଶିଳ୍ପର ସ୍ଥିତି ପ୍ରାୟତଃ ସ୍ଥିର ରହିଛି । ମୋଟ ଘରୋଇ ଉତ୍ପାଦନରେ ଏହାର ଭାଗ ୧୫ ରୁ ୧୬ ଶତାଂଶରେ ରହିଛି । ଉଦ୍ୟୋଗ ଜଗତ ତା'ର ପ୍ରଦର୍ଶନ କେବଳ ନାମକୁ ମାତ୍ର ବଜାୟ ରଖିଛି । ଚଳିତ ବର୍ଷ ଏହାର ଲାଭ କମିଛି । ବଜାର ଚାହିଦା ଅଭାବ ଏହା ପାଇଁ ସମସ୍ୟା ସୃଷ୍ଟି କରିଛି । ଫଳରେ ଏହି କ୍ଷେତ୍ରକୁ ଋଣ ଯୋଗାଉଥିବା ବ୍ୟାଙ୍କ ଉଦ୍ୟୋଗ ମଧ୍ୟ ପ୍ରଭାବିତ ହୋଇଛି । ଏହା ସତ୍ତ୍ୱେ ଦେଶର କିଛି ଉଦ୍ୟୋଗ ଭଲ ପ୍ରଦର୍ଶନ କରିଛନ୍ତି । ସେବା କ୍ଷେତ୍ର ଅର୍ଥନୀତିକୁ ଭଲ ରାଜସ୍ୱ ଦେଇ ଏହାକୁ ତେଜିୟାନ ରଖିଛି । ଏବେ ଭାରତରେ ଷ୍ଟାର୍ଟ ଅପ୍ ପାଇଁ ଭଲ ଭିତିଭୂମି ମିଳିଛି । ପ୍ରତ୍ୟେକ୍ଷ ପୁଞ୍ଜି ନିବେଶର ପରିମାଣ ଉଲ୍ଲେଖନୀୟ ଭାବେ ବଢ଼ିନଥିଲେ ମଧ୍ୟ ଏହାର ପ୍ରବାହ ଅବ୍ୟାହତ ରହିଛି । ପୂର୍ବର ଅଧିକ ପୁଞ୍ଜିନିବେଶର ବହୁବିଧ ପ୍ରଭାବ ଯୋଗୁଁ ଅର୍ଥନୀତିର ଗତି ବୋଧହୁଏ ଜାରି ରହିଛି । ଅର୍ଥନୀତିକୁ ଆଉଥରେ ଗତିଶୀଳ କରିବା ପାଇଁ ଅଧିକ ଚାହିଦା ଓ ବଜାର ସୃଷ୍ଟି କରିବାକୁ ପଡ଼ିବ । ଏକ୍ଷେତ୍ରରେ ଏକ ସଫଳ ମାର୍ଗ ହେଲା ଭିତିଭୂମି ବିକାଶ କ୍ଷେତ୍ରରେ ସରକାରୀ ଉଦ୍ୟୋଗ ଅଧିକ ପୁଞ୍ଜି ନିବେଶ କରିବା । ଏଥିପାଇଁ ପ୍ରଚୁର ସୁଯୋଗ ଓ ସୁବିଧା ରହିଛି । ଉଚ୍ଚ ସୁଧହାର ଯୋଗୁଁ ଘରୋଇ କ୍ଷେତ୍ର ଅଧିକରୁ ଅଧିକ ପୁଞ୍ଜି ନିବେଶ ପାଇଁ ଅନାଗ୍ରହୀ ହେଉଛନ୍ତି । ଫଳରେ ପୁଞ୍ଜି ନିବେଶର ଧାରା ମନ୍ଥର ହୋଇଯାଉଛି । ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପୂର୍ବରୁ ସୁଧହାର ବଢ଼ାଇଥିଲେ । ଏହା ଫଳରେ ୨୦୧୦-୧୧ ଆର୍ଥିକ ବର୍ଷଠାରୁ ମୁଦ୍ରାସ୍ଫୀତି ଜନିତ ସମସ୍ୟାର ମୁକାବିଲା କରାଯାଇପାରିଥିଲା । ଏହାସତ୍ତ୍ୱେ ସେହି ବର୍ଷରୁ କ୍ରମାଗତ ୪ବର୍ଷ ଧରି ଭାରତରେ ପୁଞ୍ଜି ନିବେଶ ବଢ଼ିଥିଲା । କାରଣ ଦେଶର ଅର୍ଥନୀତି ସେତେବେଳେ 'ଓଭରହିଟିଂ' (ଉତ୍ପାଦନ କ୍ଷମତା ହ୍ରାସ) ଅବସ୍ଥାକୁ ଆସିନଥିଲା । କୃଷିଜାତ ସାମଗ୍ରୀର ଆବଶ୍ୟକ ଯୋଗାଣରେ ଅଭାବ ଯୋଗୁଁ ମୁଦ୍ରାସ୍ଫୀତି ଚଢ଼ା ରହୁଥିଲା । ଗତ ଦୁଇ ବର୍ଷ ହେଲା ମୁଦ୍ରାସ୍ଫୀତି ହାର କମ୍ ରହିଛି । ପାଇକାରୀ ହିସାବରେ ଏହା ଶୂନ୍ୟାଙ୍କଠାରୁ କମ୍ ରହିଥିବାବେଳେ ଖୁଚୁରା ହିସାବରେ ୬ ଶତାଂଶରୁ କମ୍ ରହିଛି । ଏହି ସୁଯୋଗରେ ରିଜର୍ଭ ବ୍ୟାଙ୍କ ତାହାର 'ରେପୋ' (ଋଣ ଉପରେ ଧାର୍ଯ୍ୟ ସୁଧ) ହାରକୁ ୬.୭୫ ଶତାଂଶକୁ ହ୍ରାସ କରିଛି । ତେବେ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକ ଋଣ ଗ୍ରହୀତାଙ୍କୁ ଏହାର ବିଶେଷ ଲାଭ ଦେଉନାହାନ୍ତି । ଫଳରେ




କମ୍ ସୁଧରେ ଋଣ ପାଇବା ସହଜ ହେଉନାହିଁ । ଅଭିବୃଦ୍ଧିକୁ ଉଲ୍ଲେଖନୀୟ ଭାବେ ବଢ଼ାଇବା ପାଇଁ କମ୍ ସୁଧରେ ଋଣ ଯୋଗାଣ କରିବାକୁ ଅର୍ଥନୈତିକ ସର୍ଭେ ରିପୋର୍ଟରେ ମତ ଦିଆଯାଇଛି । ଭାରତ ରପ୍ତାନୀକୁ ଏକ ପ୍ରମୁଖ ମାଧ୍ୟମ ଭାବେ ଏଯାଏ ଉପଯୋଗ କରିପାରିନଥିଲେ ମଧ୍ୟ ଦେଶର ଅଭିବୃଦ୍ଧି ପାଇଁ ଏହା ଏବେ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହାରାହାରି ସାମଗ୍ରୀ ବିକ୍ରିରେ ଶିଳ୍ପ ସଂସ୍ଥାଗୁଡ଼ିକର ଅବଦାନ ପ୍ରାୟ ୧୨ ଶତାଂଶ । ଗତ ୧୪ ମାସ ଧରି ରପ୍ତାନୀ ମାନ୍ଦା ରହିଥିବାରୁ ଆନ୍ତର୍ଜାତିକ ଆୟ କମୁଛି । ଏହାଛଡ଼ା ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ (ଫେଡେରାଲ ରିଜର୍ଭ ସିଷ୍ଟମ) ସୁଧହାର ବୃଦ୍ଧି କରିବାରୁ ଭାରତ ସମେତ ସବୁ ଦେଶର ମୁଦ୍ରା ଉପରେ ଏହାର ପ୍ରଭାବ ପଡ଼ିଛି । ଏହି ହାର ଆହୁରି ବଢ଼ିବାର ସମ୍ଭାବନା ଥିବାରୁ ପରିସ୍ଥିତି ଅଧିକ ଜଟିଳ ହୋଇପାରେ । ଏହା ଫଳରେ ପ୍ରମୁଖ ରାଷ୍ଟ୍ରଙ୍କ ମୁଦ୍ରାର ମୂଲ୍ୟ ହ୍ରାସ ପାଉଥିବାରୁ ଭାରତ ବାଣିଜ୍ୟ କ୍ଷେତ୍ରରେ ସେସବୁ ରାଷ୍ଟ୍ରଙ୍କ ସହ ପ୍ରତିଯୋଗିତା କରି ଲାଭବାନ ହୋଇପାରୁନାହିଁ । ସ୍ଥିତି ରକ୍ଷା ପାଇଁ ବିଭିନ୍ନ ଦେଶର ମୁଦ୍ରା ମଧ୍ୟରେ ଲଢ଼େଇ ପରିସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଟଙ୍କାର ମୂଲ୍ୟକୁ ଏଭଳି ସ୍ଥିତିରେ ରଖିବାକୁ ପଡ଼ିବ ଯାହାଦ୍ୱାରା ଏହାର ପ୍ରତିଯୋଗିତାମୂଳକ ଦକ୍ଷତା ହ୍ରାସ ପାଇବ ନାହିଁ । ତେବେ ଟଙ୍କାର ଅବମୂଲ୍ୟାୟନ ଭଳି ଚରମ ପଦକ୍ଷେପକୁ ସର୍ଭେରେ ବିରୋଧ କରାଯାଇଛି । ପଣ୍ୟ ସାମଗ୍ରୀର ରପ୍ତାନୀ ହ୍ରାସ ସତ୍ୱେ ଭାରତର ଚଳନ୍ତି ଜମା ଖାତାର ନିଅଣ୍ଟ ମାତ୍ର ୧.୧ ଶତାଂଶ ରହିଛି । ଏହାର କାରଣ ସର୍ଭିସ ବା ସେବା ଜନିତ ରପ୍ତାନୀ ବୃଦ୍ଧି ଏ କ୍ଷେତ୍ରରେ ଆବଶ୍ୟକ ସହାୟତା ଯୋଗାଇଛି । ସୂଚନା ପ୍ରଯୁକ୍ତି (ଆଇଟି) ଜନିତ ରପ୍ତାନୀ ବୃଦ୍ଧି ସାଙ୍ଗକୁ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳମୂଲ୍ୟ ହ୍ରାସ ଯୋଗୁ ଭାରତର ବହିର୍ବାଣିଜ୍ୟ ବିଶେଷ ପ୍ରଭାବିତ ହୋଇନାହିଁ । ଚଳିତ ବର୍ଷ ଭାରତ ଆନ୍ତର୍ଜାତିକ ବଜାରରୁ ବ୍ୟାରେଲ ପିଛା ୪୫ ଡଲାରରେ ଅଶୋଧିତ ତୈଳ କିଣିଥିବା ବେଳେ ଆସନ୍ତା ଆର୍ଥିକ ବର୍ଷରେ ଏହା ୩୫ ଡଲାର ରହିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି । ଏବେ ମୌଳିକ ପ୍ରଶ୍ନ ହେଉଛି ଅଭିବୃଦ୍ଧି ହାର ବଜାୟ ରଖିବା ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ କିପ୍ରକାର ନୀତିଗତ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ । ଅର୍ଥମନ୍ତ୍ରୀ ଏ କ୍ଷେତ୍ରରେ କିଛି ଠୋସ ପଦକ୍ଷେପ ବଜେଟରେ ନେଇଛନ୍ତି । ସେ ଯୋଜନା ମୁତାବକ ବଜେଟ ନିଅଣ୍ଟକୁ ଜିଡିପିର ୩.୫ ଶତାଂଶକୁ ହ୍ରାସ କରିଛନ୍ତି । ଏବେ ସମୟର ଆବଶ୍ୟକତା ହେଲା ଚାହିଦା ସୃଷ୍ଟି ପାଇଁ ଅର୍ଥ ବିନିଯୋଗ କରିବା ଏବଂ ସଂସ୍କାର କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରି ଆଗେଇ ନେବା ।

୨୦୧୬-୧୭ ବଜେଟରେ ସାମରିକ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଗୋଟିଏ ର୍‍ୟାଙ୍କ ଗୋଟିଏ ପେନ୍‌ସନ (ଓଆରଓପି) ବ୍ୟବସ୍ଥା ନିମନ୍ତେ ଅର୍ଥ ବରାଦ କରିବାକୁ ହୋଇଛି । ଏହା ସହିତ ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁସାରେ ଅଧିକ ବ୍ୟୟ ବରାଦ ଅପରିହାର୍ଯ୍ୟ ହୋଇପଡ଼ିଛି । ତେବେ ସେ ଯା' ହେଉ ବିକାଶ ପାଇଁ ବ୍ୟୟର ଆବଶ୍ୟକତା ରହିଛି ଏବଂ ସେହି ବ୍ୟୟର ମାନ ମଧ୍ୟ ଉପଯୁକ୍ତ ହେବା ଦରକାର । ଯେଉଁ ୩ଟି କ୍ଷେତ୍ରରେ ବ୍ୟୟ ବୃଦ୍ଧିର ଆବଶ୍ୟକତା ଓ ଯଥାର୍ଥତା ରହିଛି ସେ ବିଷୟରେ ସର୍ଭେରେ ସୂଚନା ଦିଆଯାଇଛି ଏବଂ ବଜେଟରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ତିନିଟି କ୍ଷେତ୍ର ହେଲା ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି । ପାଠଶାଠ ବିନା ଶ୍ରମିକ ଯେଉଁ କାମ କରିବ ତାହା ବିଶେଷ ଉତ୍ପାଦନଶୀଳ ଏବଂ ଲାଭଦାୟକ ହେବନାହିଁ । ଫଳରେ ଶିକ୍ଷାର ଗୁରୁତ୍ୱ ଅଧିକ । ସେହିଭଳି ସୁସ୍ଥ ଲୋକ ଅଧିକ ଉତ୍ପାଦନକ୍ଷମ । ସେ ମଧ୍ୟ ଔଷଧପତ୍ର ଉପରେ କମ ନିର୍ଭର କରେ । ଅତଏବ ତା' ପାଖରେ ଅଧିକ ଅର୍ଥ ବଂଚୁଥିବାରୁ ତାହାର ଖର୍ଚ୍ଚ କରିବାର ଶକ୍ତି ଅଧିକ । ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶର ସୂକ୍ଷ୍ମ ଆଧାର ପ୍ରସ୍ତୁତ କରେ । ଏହା ଅଭିବୃଦ୍ଧିର ପ୍ରାକ୍ ଆବଶ୍ୟକତା ହୋଇଥିବାରୁ ସବୁ ରାଷ୍ଟ୍ର ଏ ଦୁଇଟି ବିଷୟ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ବିକାଶ ପ୍ରକ୍ରିୟାରେ କୃଷିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବାରୁ ସର୍ଭେରେ ଗୁଣସୂତ୍ର ପରିବର୍ତ୍ତିତ (ଜିଏମ୍) ଫସଲ ଚାଷ, ଉନ୍ନତ ଜଳସେଚନ, କୃଷି କ୍ଷେତ୍ରର

ଯାନ୍ତ୍ରିକୀକରଣ, ବଜାର ସୃଷ୍ଟି ଓ ବିଭିନ୍ନ ଉପାଦାନ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି । ଉତ୍ପାଦନ ବୃଦ୍ଧି ଓ ଖାଦ୍ୟ ନିରାପତା ଏହି ଦୁଇ ବିଷୟ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଯାଇଛି । ଅଣ ଉତ୍ପାଦନ କ୍ଷମ, ସ୍ୱଳ୍ପ ଉତ୍ପାଦନକ୍ଷମ କ୍ଷେତ୍ରରେ ବ୍ୟୟ କରାଯାଉଥିବା ଅର୍ଥକୁ ନିୟନ୍ତ୍ରଣ କରିବା, ବିଶେଷ କରି ସବ୍‌ସିଡିରେ ଯେଉଁ ବିପୁଳ ଅର୍ଥ ରିଆତି ଆକାରରେ ଦିଆଯାଉଛି ତାହାକୁ ରୋକିବା ପାଇଁ ବଜେଟରେ କୌଣସି ବ୍ୟବସ୍ଥା କରାଯାଇନାହିଁ । ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏକଥା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦୁର୍ବଳବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁସବୁ ରିଆତି ଯୋଜନା ବାସ୍ତବରେ ସେମାନଙ୍କ ପାଖରେ ପହଂଚି ନାହିଁ ସେଗୁଡ଼ିକ ବନ୍ଦ କରିଦେବାକୁ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଥିଲା । ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା ଯେ କ୍ଷୁଦ୍ର ବିମା ଯୋଜନା, ରନ୍ଧନ ଗ୍ୟାସ ଉପରେ ଟିକସ ରିଆତି, ରେଳବାଇ, ଶକ୍ତି, ବିମାନ ଇନ୍ଧନ, ସୁନା ଓ କିରାସିନି ଉପରେ ସରକାର ଯେଉଁ ସବ୍‌ସିଡି ଦେଉଛନ୍ତି ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବା ଉଚିତ । ଏ ବାବଦରେ ବାର୍ଷିକ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ସବ୍‌ସିଡି ଧନୀ ଲୋକଙ୍କ ପାଖକୁ ଯାଉଛି । ଦ୍ୱିତୀୟତଃ ଧନୀ କୃଷକଙ୍କ ଆୟ ଉପରେ ଟିକସ ଲାଗୁ ଏବଂ ସାର ସବ୍‌ସିଡିର ସମୀକ୍ଷା କରି ଏହାକୁ ଅଧିକ ଯୁକ୍ତିସଂଗତ କରିବାକୁ ମଧ୍ୟ ସର୍ଭେ ରିପୋର୍ଟରେ କୁହାଯାଇଥିଲା । ଆଗକୁ ଥିବା କେତେକ ରାଜ୍ୟର ବିଧାନସଭା ନିର୍ବାଚନ ଏବଂ ସଂସଦରେ ବିରୋଧୀ ଦଳଙ୍କ ମିଳିତ ବିରୋଧର ସମ୍ଭାବନାକୁ ଦେଖି ଅର୍ଥମନ୍ତ୍ରୀ ଏହି ଦୁଇ ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି । ଆଉ ଏକ ବାସ୍ତବତା ହେଲା ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଅନେକ ପ୍ରଗତିଶୀଳ ସରକାରୀ ପ୍ରସ୍ତାବ ରାଜ୍ୟସଭାରେ ଗୃହୀତ ହୋଇପାରୁନାହିଁ । ବିଭିନ୍ନ ବାବଦର ବ୍ୟୟ ପାଇଁ ଟିକସ ରାଜସ୍ୱରୁ ଯଥା ସମ୍ଭବ ଅର୍ଥ ଯୋଗାଇ ଦିଆଯିବା ଆବଶ୍ୟକ । ନିହାତି ଦରକାର ପଡ଼ିଲେ ଏଥି ପାଇଁ ଋଣ କରାଯାଇପାରେ । ଅର୍ଥନୈତିକ ସର୍ଭେ ରିପୋର୍ଟରୁ ମିଳିଥିବା ତଥ୍ୟରୁ ଜଣାପଡ଼େ ଯେ ଭାରତ ବିଶ୍ୱରେ ସବୁଠୁ କମ୍ ଟିକସ ବ୍ୟବସ୍ଥା କରିଥିବା ରାଷ୍ଟ୍ର । ଭାରତରେ ଜିଡିପିର ଟିକସ ରାଜସ୍ୱ ପ୍ରତିଶତ ୧୬.୬ । ବ୍ରିକ୍‌ସ ଦେଶସମୁହରେ ଥିବା ଚୀନରେ ଏହି ଅନୁପାତ ୧୯.୪%, ରୁଷିଆରେ ୨୩%, ଦକ୍ଷିଣ ଆଫ୍ରିକାରେ ୨୮.୮ ଓ ବ୍ରାଜିଲରେ ୩୫.୬ ପ୍ରତିଶତ । ତେବେ ମୁଣ୍ଡପିଛା ଆୟ ଅନୁସାରେ ଟିକସ ଅନୁପାତ ଭାରତରେ କମ୍ ନୁହେଁ । ସର୍ଭେରେ ସ୍ପଷ୍ଟଭାବେ କୁହାଯାଇଛି ଯେ, ଗତ ୨୫ ବର୍ଷ ଭିତରେ ଭାରତରେ ଟିକସ ଛାଡ଼ ସୀମା ମୁଣ୍ଡ ପିଛା ଆୟ ତୁଳନାରେ ଅଧିକ ବେଗରେ ବଢ଼ିଛି ।

ନିର୍ଦ୍ଦିଷ୍ଟ ଭାବେ ଚାରିଟି ସଂସ୍କାର ବିକାଶ ପ୍ରକ୍ରିୟାରେ ଏକ ନାଟକୀୟ ପରିବର୍ତନ ଆଣିପାରିବ । ସେସବୁ ହେଲା ଭୂମି ଅଧିଗ୍ରହଣ ନୀତି, ଦ୍ରବ୍ୟ ଓ ସେବା ଟିକସ ଆଇନ (ଜିଏସ୍‌ଟି), ପ୍ରସ୍ଥାନ ନୀତି (ଏକ୍‌ଜିଟ୍ ପଲିସି) ଓ ଶ୍ରମନୀତି । ଜମି ଅଧିଗ୍ରହଣ ନୀତି ଚୂଡ଼ାନ୍ତ ହୋଇପାରୁନଥିବାରୁ ବିକାଶ ପ୍ରକ୍ରିୟା ବିଘ୍ନିତ ହେଉଛି । ଜିଏସ୍‌ଟି (ସଂଶୋଧନ) ବିଲ୍ ଅଟକ ରହିଥିବାରୁ ସରକାର ବିପୁଳ ରାଜସ୍ୱ ହରାଇବା ସହ ଆର୍ଥିକ କ୍ଷେତ୍ରରେ ଏକ ବଡ଼ ଅସୁବିଧା ସୃଷ୍ଟି ହେଉଛି । ଅବାଧ ପୁଞ୍ଜି ନିବେଶ ନୀତି ଯୋଗୁଁ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ଆସୁଛି, କିନ୍ତୁ ଥରେ ପୁଞ୍ଜି ଖଟାଇଲେ ଅବାଧରେ ଫେରିଯିବାର ବାଟ ନାହିଁ । ସେଥିପାଇଁ ସହଜ ପ୍ରସ୍ଥାନ ନୀତି ମଧ୍ୟ ରହିବା ଦରକାର । ଏହାଦ୍ୱାରା ବିଦେଶୀ ପୁଞ୍ଜିପତି ଅଧିକ ଆକର୍ଷିତ ହେବେ । ଶେଷ କଥାଟି ହେଲା ଶ୍ରମ ଆଇନ । ପୁରୁଣାକାଳିଆ ଶ୍ରମ ଆଇନ ଓ କଠୋର ବ୍ୟବସ୍ଥା ଫଳରେ ଭାରତରେ ସହଜରେ ବେପାର ବଣିଜ ଓ ଶିଳ୍ପ ସ୍ଥାପନ କରିବା ସମ୍ଭବ ହେଉନାହିଁ । ତେଣୁ ବହୁ ପୁଞ୍ଜିପତି ଭାରତରୁ ମୁହଁ ଫେରାଉଛନ୍ତି । ଅଭିବୃଦ୍ଧି ବଢ଼ାଇବା ସହ ଦେଶର ଦୃଢ଼ ବିକାଶ ପାଇଁ ଉପରୋକ୍ତ ଚାରିଟି କ୍ଷେତ୍ରରେ ସଂସ୍କାର ଅପରିହାର୍ଯ୍ୟ । ଅଭିବୃଦ୍ଧି ବଢ଼ାଇବା ସହ ସ୍ଥିରିତା ନିଶ୍ଚିତ କରିବାକୁ ଅର୍ଥନୈତିକ ସର୍ଭେ ରିପୋର୍ଟରେ କେତେକ ନୀତି ସମ୍ପର୍କରେ କୁହାଯାଇଛି । ସେଗୁଡ଼ିକ ହେଲା :

- ଅଭିବୃଦ୍ଧି ପାଇଁ ଘରୋଇ ଚାହିଦା ଉପରେ ଅଧିକ ନିର୍ଭରଶୀଳତା ଓ ଭିତିଭୂମି ବିକାଶ ଉପରେ ଗୁରୁତ୍ୱ ।
- ରେଳବାଇ, ସୁନାକ୍ରୟ, କ୍ଷୁଦ୍ର ବିମା, ପେନ୍‌ସନ୍ ଆଦି କ୍ଷେତ୍ରରେ ଦିଆଯାଉଥିବା ଟିକସ ରିହାତିର ଉଚ୍ଛେଦ ।
- ସ୍ୱଚ୍ଛଳବର୍ଗଙ୍କୁ ଦିଆଯାଉଥିବା ବିଭିନ୍ନ ସାମଗ୍ରୀ ଉପରେ ସବ୍‌ସିଡିର ଅବସାନ ।
- ଟିକସ ଆଧାରକୁ ସଂପ୍ରସାରିତ କରିବା ସହ ବ୍ୟକ୍ତିଗତ ଆୟ କରରେ ଦିଆଯାଉଥିବା ଛାଡ଼ ସୀମାକୁ ଅପରିବର୍ତିତ ରଖିବା ।
- ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଉପରେ ଅଗ୍ରାଧିକାର ।
- ଧନୀ କୃଷକଙ୍କ ଉପରେ ଟିକସ ଲଗାଇବା ସହ କୃଷିଜାତ ଆୟକୁ ଟିକସ ପରିସରଭୁକ୍ତ କରିବା ।
- ସାର ସବ୍‌ସିଡି ଯୋଗୁଁ ଧନୀ କୃଷକମାନେ ବିଶେଷ ଲାଭବାନ ହେଉଥିବାରୁ ଏହି ସବ୍‌ସିଡି ନୀତିର ସମୀକ୍ଷା ।
- ଭାରତୀୟ ରିଜର୍ଭ ବ୍ୟାଙ୍କ ତାହାର ଅଂଶଧନ ପୁଞ୍ଜିକୁ ୧୬ ଶତାଂଶରେ ସୀମିତ ରଖିବା ସହ ବ୍ୟାଙ୍କ ଉଦ୍ୟୋଗକୁ ଅଧିକ ପୁଞ୍ଜି ଯୋଗାଇ ଦେବା ଆବଶ୍ୟକ ।
- ଉତମମାନର ନିଯୁକ୍ତି ସୃଷ୍ଟି ପାଇଁ ଶ୍ରମ ଆଇନରେ ପରିବର୍ତନ ।

ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦେଶର ବିକାଶ ସାମର୍ଥ୍ୟ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆର୍ଥିକ ଓ ନ୍ୟାୟୋଚିତ ବ୍ୟବସ୍ଥା ଆଧାରରେ ବିକାଶ ପ୍ରସଙ୍ଗକୁ ବିଚାର କରାଯାଇ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ କୁହାଯାଇଛି । ଏସବୁ ପ୍ରସ୍ତାବନା କାର୍ଯ୍ୟକାରୀ ହେଲେ ଅଭିବୃଦ୍ଧି ହାର ବଢ଼ିବ । ତେବେ ନିକଟ ଭବିଷ୍ୟତରେ ଏସବୁ କାର୍ଯ୍ୟକାରୀ ହେବା ସମ୍ଭାବନା କ୍ଷୀଣ । ତେଣୁ ସର୍ଭେ ରିପୋର୍ଟରେ ବାର୍ଷିକ ଅଭିବୃଦ୍ଧି ହାର ୭ ରୁ ୭.୭୫ ହେବ ବୋଲି ଯେଉଁ ଆକଳନ କରାଯାଇଛି ତାହା ପ୍ରଚଳିତ ବ୍ୟବସ୍ଥାକୁ ନେଇ ହୋଇଛି । ଅଧିକ ଅଭିବୃଦ୍ଧି ହାର ଆକଳନ କରି ଭୁଲ ପ୍ରମାଣିତ ହେବାର ଆଶଙ୍କାରୁ ଅର୍ଥନୈତିକ ସର୍ଭେ ରିପୋର୍ଟ ଦୂରେଇ ରହିବାକୁ ସତର୍କ ପଦକ୍ଷେପ ନେଇଥିବା ମନେହେଉଛି ।

ଲେଖକ ହେଉଛନ୍ତି ଏଫ୍.ଆଇ.ସି.ସି.ଆଇ. (ଫିକି)ର ପୂର୍ବତନ ସାଧାରଣ ସମ୍ପାଦକ ।

# ବଜେଟ୍‌ରେ ମହିଳାଙ୍କ ପାଇଁ ବ୍ୟବସ୍ଥା

ଡ: ସାହିନ୍ ରାଜ

**ଭାରତରେ ବିକାଶ କ୍ଷେତ୍ରରେ ଲିଙ୍ଗ ଜନିତ ଅସମାନତା ହେଉଛି ଏକ ବଡ଼ ଆହ୍ୱାନ । ୨୦୧୪ ମସିହା ବିଶ୍ୱ ଲିଙ୍ଗଗତ ବ୍ୟବଧାନ ସୂଚକାଂକ ଅନୁଯାୟୀ ୧୪୨ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୪ । ମୁଖ୍ୟତଃ ଚାରୋଟି କ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦ ହ୍ରାସ କରିବା କ୍ଷମତାକୁ ନେଇ ବିଭିନ୍ନ ଦେଶକୁ ଭିନ୍ନ ଭିନ୍ନ ସୂଚକାଂକ ପ୍ରଦାନ କରାଯାଇଥାଏ । ସେଗୁଡ଼ିକ ହେଉଛି ଆର୍ଥିକ ଅଂଶଗ୍ରହଣ ଓ ସୁଯୋଗ , ଶିକ୍ଷା, ରାଜନୈତିକ ସଶକ୍ତି କରଣ ଏବଂ ସ୍ୱାସ୍ଥ୍ୟ ଓ ଜୀବନଧାରଣ ।**



"ମହିଳାଙ୍କୁ ଦୁର୍ବଳ କହିବା ହେଉଛି ଅନ୍ୟାୟ । ଯଦି ଶକ୍ତିର ଅର୍ଥ ପଶୁବଳ ହୁଏ, ତେବେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ଏପରି ବଳ କମ୍ ଥାଏ । କିନ୍ତୁ, ଶକ୍ତିର ଅର୍ଥ ଯଦି ନୈତିକ ବଳ ହୁଏ, ତେବେ ମହିଳାମାନେ ପୁରୁଷଙ୍କ ଅପେକ୍ଷା ଅତ୍ୟନ୍ତ ବଳଶାଳୀ । ସମ୍ବେଦନଶୀଳତା, ଆତ୍ମବଳୀ, ସହନଶକ୍ତି ଏବଂ ସାହସ– ଏସବୁ କ'ଣ ମହିଳାଙ୍କଠାରେ ଅଧିକ ନଥାଏ ? ନାରୀ ବିନା, ପୁରୁଷର ଅସ୍ତିତ୍ୱ ଅସମ୍ଭବ । ଯଦି ଆମ ଅସ୍ତିତ୍ୱର ନିୟମ ଅହିଂସା ହୁଏ, ତା ହେଲେ ଆମ ଭବିଷ୍ୟତର ନେତୃତ୍ୱ ମହିଳାମାନଙ୍କର "-- **ମହାତ୍ମା ଗାନ୍ଧୀ**

କୃଷକ, ଗରିବ, ମହିଳା ଓ ମଧ୍ୟବିତ ପରିବାର, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀ ଆଦିଙ୍କ ଅନ୍ତର୍ଭୁକ୍ତିକରଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇ ଆସିଛନ୍ତି । ୨୦୧୬-୧୭ ବଜେଟ୍‌ରେ ମଧ୍ୟ ଏକଥା ପ୍ରତିଫଳିତ ହୋଇଛି । ଏହି ବଜେଟ୍‌ର ମୁଖ୍ୟ ବିଷୟ ହେଉଛି ୯ଟି ସ୍ତମ୍ଭ । ଏହା ଦ୍ୱାରା ଆର୍ଥିକ ପ୍ରଗତି ସହିତ ଆର୍ଥିକ ଅନ୍ତର୍ଭୁକ୍ତିକରଣ ତ୍ୱରାନ୍ୱିତ ହେବ ବୋଲି ବଜେଟ୍‌ରେ ଲକ୍ଷ୍ୟ ରଖାଯାଇଛି । ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରକୁ ଅର୍ଥମନ୍ତ୍ରୀ ସମାନ ଗୁରୁତ୍ୱ ଦେଇଛନ୍ତି । ଭିତିଭୂମିରେ ପୁଞ୍ଜିନିବେଶ ଦ୍ୱାରା ସାମାଜିକ ଓ ଗ୍ରାମୀଣ କ୍ଷେତ୍ର ହେଉ ବା ସ୍ୱାସ୍ଥ୍ୟ ବୀମା, କୃଷକ ଆୟ, ଶିକ୍ଷା, କୌଶଳ ଆଦି ହେଉ- ଏସବୁ ଉପରେ ଗୁରୁତ୍ୱ ଦିଆଯାଇଛି । ଅର୍ଥମନ୍ତ୍ରୀ ଆହୁରି ମଧ୍ୟ ଆର୍ଥିକ ସଂସ୍କାର, କର ସଂସ୍କାର, ଆର୍ଥିକ ସଂଭ୍ରମତା ଓ ବ୍ୟବସାୟିକ ବାତାବରଣ ସୃଷ୍ଟି ଉପରେ ମଧ୍ୟ ଯଥେଷ୍ଟ ଗୁରୁତ୍ୱାରୋପ କରିଛନ୍ତି । ୨୦୧୬-୧୭ ବଜେଟ୍ ଅନୁଯାୟୀ ଲିଙ୍ଗଗତ ସମାନତା ପାଇଁ ଉପଯୁକ୍ତ ଯୋଜନା, ସମ୍ବଳ ଆବଣ୍ଟନ ଏବଂ ଅଡିଟ୍ ପ୍ରକ୍ରିୟା ଆବଶ୍ୟକ ।

ଭାରତରେ ବିକାଶ କ୍ଷେତ୍ରରେ ଲିଙ୍ଗ ଜନିତ ଅସମାନତା ହେଉଛି ଏକ ବଡ଼ ଆହ୍ୱାନ । ୨୦୧୪ ମସିହା ବିଶ୍ୱ ଲିଙ୍ଗଗତ ବ୍ୟବଧାନ ସୂଚକାଂକ ଅନୁଯାୟୀ ୧୪୨ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୪ । ମୁଖ୍ୟତଃ ଚାରୋଟି କ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦ ହ୍ରାସ କରିବା କ୍ଷମତାକୁ ନେଇ ବିଭିନ୍ନ ଦେଶକୁ ଭିନ୍ନ ଭିନ୍ନ ସୂଚକାଂକ ପ୍ରଦାନ କରାଯାଇଥାଏ । ସେଗୁଡ଼ିକ ହେଉଛି ଆର୍ଥିକ ଅଂଶଗ୍ରହଣ ଓ ସୁଯୋଗ, ଶିକ୍ଷା, ରାଜନୈତିକ ସଶକ୍ତିକରଣ ଏବଂ ସ୍ୱାସ୍ଥ୍ୟ ଓ ଜୀବନଧାରଣ ।



Unfiled Notes Page 14

ତେବେ, ଦେଶରେ ମହିଳା ଓ ବାଳିକାଙ୍କ ପ୍ରତି ହିଂସ୍ର ଆଚରଣ ଘଟଣାମାନ ଘଟି ଚାଲିଛି । ଏଭଳି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଭାରତ ୨୦୦୫ ମସିହାରୁ "ଲିଙ୍ଗଗତ ସମ୍ବେଦନଶୀଳତା ଆଧାରିତ ବଜେଟ୍" ବା ଜି.ଆର୍.ବି. ପ୍ରସ୍ତୁତ କରିଆସୁଛି । ସରଳ ଅର୍ଥରେ ଏହା ହେଉଛି ଲିଙ୍ଗଗତ ସମାନତା ଓ ମହିଳା ଅଧିକାର ପାଇଁ ବଜେଟ୍‌ରେ ଆବଶ୍ୟକ ବ୍ୟବସ୍ଥା କରିବା । ଏହା ମଧ୍ୟ ସରକାରଙ୍କ ମହିଳା-ସମ୍ବେଦୀ ଆଭିମୁଖ୍ୟର ପରିଚାୟକ । ଏ ପର୍ଯ୍ୟନ୍ତ, ଦେଶର ୫୭ଟି ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ଲିଙ୍ଗଗତ ବଜେଟିଂ ସେଲ୍‌ମାନ ଖୋଲାଯାଇଛି । ଏଭଳି ପଦକ୍ଷେପ ଦ୍ୱାରା କୋଟିକୋଟି ମହିଳାଙ୍କ ଜୀବନ-ଜୀବିକା ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ ।



ଲିଙ୍ଗଗତ ବଜେଟିଂ ଦ୍ୱାରା ନାରୀ ସମାନତା ଭଳି ଆଦର୍ଶକୁ ବାସ୍ତବତାରେ ପରିଣତ କରିବାର ଏକ ସୁଯୋଗ ସୃଷ୍ଟି ହୋଇଥାଏ । ଏହା ଦ୍ୱାରା ବିକାଶର ସୁଫଳ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ଭାବରେ ମିଳିଥାଏ । ଲିଙ୍ଗଗତ ବଜେଟିଂର ଆଧାର ହେଉଛି ବଜେଟ୍ ଦ୍ୱାରା ସମ୍ବଳ ଆବଣ୍ଟନର, ପୁରୁଷ ଓ ମହିଳାଙ୍କ ଉପରେ ପଡୁଥିବା ପ୍ରଭାବ । ଦେଶର ଜନସଂଖ୍ୟାର ୮ ପ୍ରତିଶତ ହେଉଛନ୍ତି ମହିଳା । ତଥାପି ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସୁଯୋଗ ଆଦି ସାମାଜିକ ସୂଚକାଂକଗୁଡ଼ିକରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସ୍ଥାନ ବହୁ ନିମ୍ନରେ । ତେଣୁ ସମ୍ବଳ ଅଭାବଗ୍ରସ୍ତ ନାରୀମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଲିଙ୍ଗଗତ ପାର୍ଥକ୍ୟ ଦୂରୀକରଣ ଦିଗରେ, ବଜେଟ୍‌କୁ ଏକ ମାଧ୍ୟମ ଭାବେ ଗ୍ରହଣ କରାଯାଇପାରେ ।

ବିଭିନ୍ନ କ୍ଷେତ୍ରରେ ପରିବର୍ତନ ଆଣିବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟ୍‌ରେ ଘୋଷଣା କରିଛନ୍ତି । ତେବେ ଲିଙ୍ଗଗତ ସମାନତା ବିନା ଏହି ସ୍ୱପ୍ନ ସାକାର ହୋଇପାରିବ ନାହିଁ । ମହିଳା ସଂକ୍ରାନ୍ତୀୟ ବିଭିନ୍ନ ମନ୍ତ୍ରଣାଳୟ ପାଇଁ ବଜେଟ୍‌ରେ ଆବଣ୍ଟିତ ରାଶିରୁ ସରକାରଙ୍କ ଲିଙ୍ଗଗତ ସମ୍ବେଦନଶୀଳତା ପ୍ରତିଫଳିତ ହୁଏ । ଏଥିଅନୁଯାୟୀ, ମହିଳା ସଶକ୍ତିକରଣ ସଂକ୍ରାନ୍ତୀୟ ଜାତୀୟ ମିଶନ ପାଇଁ ଅର୍ଥ ଆବଣ୍ଟନ ପରିମାଣକୁ ଦ୍ୱିଗୁଣିତ କରାଯାଇ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଜାତୀୟ ମହିଳା ଆୟୋଗ ପାଇଁ ମଧ୍ୟ ଅଧିକ ବ୍ୟୟ ବରାଦ କରାଯାଇଛି । ସେହିଭଳି, ଯୁବତୀ ଚାଲାଣ ରୋକିବା ପାଇଁ ଓ କିଶୋରୀ ସଶକ୍ତିକରଣ ପାଇଁ ମଧ୍ୟ ଅର୍ଥ ଆବଣ୍ଟନ ବୃଦ୍ଧି କରାଯାଇଛି ।

ଶ୍ରମ ବଜାରରେ ମହିଳାଙ୍କ ଯୋଗଦାନ ହ୍ରାସ ପାଉଥିବା ଅନ୍ୟ ଏକ ଉଦ୍‌ବେଗର ବିଷୟ । ସାମାଜିକ କ୍ଷେତ୍ର ପାଇଁ ଆବଣ୍ଟିତ ଅର୍ଥ ପରିମାଣ କମିଗଲେ, ତାହା ମହିଳାଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଏ ଦୃଷ୍ଟିରୁ ଚଳିତ ବଜେଟ୍‌ରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ଇନ୍ଦିରା ଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନା ଉପରେ ଆବଶ୍ୟକ ପ୍ରାଧାନ୍ୟ ଦିଆଯାଇଛି । ୨୦୧୩ ମସିହାରେ, ଇନ୍ଦିରା ଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନା ଅଧୀନରେ ପ୍ରୋତ୍ସାହନ ରାଶି ୪୦୦୦ଟଙ୍କାରୁ ୬୦୦୦ଟଙ୍କାକୁ ବୃଦ୍ଧି

**୨୦୧୩ ମସିହାରେ, ଇନ୍ଦିରା ଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନା ଅଧୀନରେ ପ୍ରୋତ୍ସାହନ ରାଶି ୪୦୦୦ଟଙ୍କାରୁ ୬୦୦୦ଟଙ୍କାକୁ ବୃଦ୍ଧି କରାଯାଇଥିଲା । ୨୦୧୩ ମସିହା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ସର୍ବନିମ୍ନ ମାତୃତ୍ୱ ସହାୟତା ବ୍ୟବସ୍ଥା ଯୋଗୁଁ ଏପରି ବୃଦ୍ଧି କରାଯାଇଥିଲା । ତେବେ ଏହି ଯୋଜନାକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ, ବର୍ତମାନ ଏଥିପାଇଁ ୪୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଆଉ ମଧ୍ୟ, ଏହି ଯୋଜନାକୁ ୨୦୦ଟି ଜିଲ୍ଲାରେ ପାଇଲଟ୍ ପ୍ରକଳ୍ପ ଭାବେ ଲାଗୁ କରିବାକୁ ବଜେଟ୍‌ରେ ପ୍ରସ୍ତାବ ରହିଛି ।**



କରାଯାଇଥିଲା । ୨୦୧୩ ମସିହା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ସର୍ବନିମ୍ନ ମାତୃତ୍ୱ ସହାୟତା ବ୍ୟବସ୍ଥା ଯୋଗୁଁ ଏପରି ବୃଦ୍ଧି କରାଯାଇଥିଲା । ତେବେ ଏହି ଯୋଜନାକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ, ବର୍ତ୍ତମାନ ଏଥିପାଇଁ ୪୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଆଉ ମଧ୍ୟ, ଏହି ଯୋଜନାକୁ ୨୦୦ଟି ଜିଲ୍ଲାରେ ପାଇଲଟ୍ ପ୍ରକଳ୍ପ ଭାବେ ଲାଗୁ କରିବାକୁ ବଜେଟ୍‌ରେ ପ୍ରସ୍ତାବ ରହିଛି ।

ମହିଳାମାନଙ୍କୁ କର୍ମନିଯୁକ୍ତି ଯୋଗାଇବାରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବେଶ୍ ଫଳପ୍ରଦ ହୋଇପାରିଛି । ଏହି ଯୋଜନା ଅଧୀନରେ ମୋଟ୍ ଶ୍ରମଶକ୍ତିର ୫୫ ପ୍ରତିଶତ ହେଉଛନ୍ତି ମହିଳା । ବଜେଟ୍‌ରେ ଏହି ଯୋଜନା ପାଇଁ ବ୍ୟୟ ବରାଦକୁ ୩୮ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୨୦୧୬-୧୭ରେ ଏହି ବୃଦ୍ଧି ହାର ୧୧ ପ୍ରତିଶତ । ଏ ସଂପର୍କରେ ତାଙ୍କ ବଜେଟ୍ ଅଭିଭାଷଣରେ ଅର୍ଥମନ୍ତ୍ରୀ କହିଥିଲେ – "୨୦୧୬-୧୭ ପାଇଁ ମନରେଗା କାର୍ଯ୍ୟକ୍ରମ ସକାଶେ ୩୮,୫୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଯଦି ଏହି ସମସ୍ତ ଟଙ୍କା ଖର୍ଚ୍ଚ ହୁଏ, ତେବେ ଏହା ହେବ ମନରେଗା ଯୋଜନାରେ ସର୍ବବୃହତ ଖର୍ଚ୍ଚ ପରିମାଣ ।" ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ପରେ, ମନରେଗା ପାଇଁ ୩୪,୬୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ ।

ଗରିବ ପରିବାରର ମହିଳାଙ୍କ ନାଁରେ ରନ୍ଧନ ଗ୍ୟାସ୍ ଯୋଗାଇବା ପାଇଁ ଏହି ବଜେଟ୍‌ରେ ପ୍ରସ୍ତାବ ରହିଛି । ଏଥିପାଇଁ ୨୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହା ମଧ ସରକାରଙ୍କ ମହିଳା-ସପକ୍ଷବାଦୀ ଭାବନାର ପରିଚାୟକ । ଏପରି କରିବା ଦ୍ୱାରା, ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ପ୍ରଥମଟି ହେଉଛି ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା । କାରଣ, ଗାଁଗହଳିରେ ରନ୍ଧନ ଜାଳେଣି ପାଇଁ ବ୍ୟବହାର ହେଉଥିବା ଗୋବର, କାଠ ଓ ଅନ୍ୟାନ୍ୟ କୃଷିଜାତ ପଦାର୍ଥ ଦହନରୁ ନିର୍ଗତ ଧୂଆଁ, ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ । ଏହି ପଦକ୍ଷେପର ଦ୍ୱିତୀୟ ଉଦ୍ଦେଶ୍ୟ ହେଉଛି ଘରୋଇ ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବା । ଏହା ଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ହେବା ସହିତ ରୋଷେଇ ପାଇଁ ମହିଳାଙ୍କ କମ୍ ସମୟ ଖର୍ଚ୍ଚ ହେବ । ରନ୍ଧନ ଗ୍ୟାସ୍ ଯୋଗାଣକୁ ନେଇ ଗ୍ରାମାଂଚଳ ଯୁବପୀଢ଼ିଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ମଧ ସୃଷ୍ଟି ହେବ । ବିଭିନ୍ନ ଅଧ୍ୟୟନରୁ ମିଳିଥିବା ତଥ୍ୟ ଅନୁଯାୟୀ, ଘରୋଇ ପ୍ରଦୂଷଣ ଯୋଗୁଁ ଭାରତରେ ପ୍ରାୟ ୫ ଲକ୍ଷ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଥାନ୍ତି । ଏହି ଯୋଜନା ଦ୍ୱାରା ୨୦୧୬-୧୭ ମସିହାରେ ଦେଶର ୧.୫ କୋଟି ପରିବାର ଉପକୃତ ହେବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ଯୋଜନାକୁ ଆହୁରି ଦୁଇବର୍ଷ ପାଇଁ ପ୍ରଚଳନ କରିବାର ମଧ ଲକ୍ଷ୍ୟ ରହିଛି, ଯଦ୍ୱାରା ୫ କୋଟି ବିପିଏଲ୍ ପରିବାର ଏଥିରେ ସାମିଲ ହୋଇପାରିବେ । ଏହା ଦ୍ୱାରା ରନ୍ଧନ ଗ୍ୟାସ୍ ବ୍ୟବହାର ସାର୍ବଜନୀନ ହୋଇପାରିବ । ଭାରତ ଏକ ଦେଶରେ, ରନ୍ଧନ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କେବଳ ଉଚ୍ଚ ମଧବିତ ପରିବାର ପର୍ଯ୍ୟନ୍ତ ହିଁ ସୀମିତ ରହିଥିଲା । ଯଦିଓ ବର୍ତ୍ତମାନ ମଧବିତ ପରିବାରଗୁଡ଼ିକ ମଧ ଏହାର ବ୍ୟବହାର କରୁଛନ୍ତି, ତଥାପି ବହୁ ଗରିବ ପରିବାର ଏହି ସୁବିଧାରୁ ଏବେ ମଧ ବଂଚିତ ଅଛନ୍ତି । ରନ୍ଧନ ଗ୍ୟାସ୍ ସଂଯୋଗ ପାଇଁ ଗରିବ ପରିବାର ସକାଶେ, ସରକାରଙ୍କ ତରଫରୁ ରିହାତି ବ୍ୟବସ୍ଥା ମଧ କରାଯାଇଛି ।

ଦୁଇ ହଜାର କୋଟି ଟଙ୍କାର 'ଉଜାଲା' ଦ୍ୱାରା, ଗରିବ ପରିବାରର

ଗରିବ ପରିବାରର ମହିଳାଙ୍କ ନାଁରେ ରନ୍ଧନ ଗ୍ୟାସ୍ ଯୋଗାଇବା ପାଇଁ ଏହି ବଜେଟ୍‌ରେ ପ୍ରସ୍ତାବ ରହିଛି । ଏଥିପାଇଁ ୨୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହା ମଧ ସରକାରଙ୍କ ମହିଳା-ସପକ୍ଷବାଦୀ ଭାବନାର ପରିଚାୟକ । ଏପରି କରିବା ଦ୍ୱାରା, ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ଦେଢ଼କୋଟି ମହିଳାଙ୍କୁ ୨୦୧୬-୧୭ ଆର୍ଥିକ ବର୍ଷରେ ସ୍ୱଚ୍ଛ ଇନ୍ଧନ ସଂଯୋଗ ଯୋଗାଇ ଦିଆଯିବାର ଲକ୍ଷ୍ୟ ରହିଛି । ଏହା ଦ୍ୱାରା ମହିଳା ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହିତ, ଗ୍ରାମୀଣ ପରିବେଶକୁ ମଧ୍ୟ ପ୍ରଦୂଷଣରହିତ କରିବାରେ ସୁବିଧା ହେବ । ବଜେଟ୍‌ରେ ଗରିବଙ୍କ ସକାଶେ ରନ୍ଧନ ଗ୍ୟାସ୍ ସଂଯୋଗୀକରଣ ପାଇଁ ରିହାତି ବ୍ୟବସ୍ଥା ହେଉଚି ସର୍ବପ୍ରଥମ । ପ୍ରତ୍ୟେକ ସଂଯୋଗ ପାଇଁ ସରକାର ୧୬୦୦ ଟଙ୍କା ରିହାତି ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି । ଏଭଳି ରିହାତି ବ୍ୟବସ୍ଥା ରାଜ୍ୟଗୁଡ଼ିକରେ ଥିବା ଇନ୍ଧନ ରିଟେଲର୍‌ମାନଙ୍କ ଔଦ୍ୟୋଗିକ ସାମାଜିକ ଦାୟିତ୍ୱବୋଧ ବା ସିଏସ୍‌ଆର୍ ଅଧୀନରେ କରାଯାଉଥିଲା । ନୂତନ ରନ୍ଧନ ଗ୍ୟାସ୍ ସଂଯୋଗୀକରଣ କ୍ଷେତ୍ରରେ, ଏ ଦିଗରେ ପଛୁଆ ରାଜ୍ୟଗୁଡ଼ିକୁ ଅଗ୍ରାଧିକାର ଦିଆଯିବ । ବିଶେଷତଃ ପୂର୍ବାଂଚଳ ରାଜ୍ୟଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ । ରନ୍ଧନ ଗ୍ୟାସ୍ ରିହାତି ପାଇଁ ସିଧାସଳଖ ସୁବିଧା ହସ୍ତାନ୍ତର ଯୋଜନା **"ପହଲ"**କୁ ଗିନିସ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନୀତ କରାଯାଇଛି । ତଥାପି, ସମଗ୍ର ଦେଶରେ ୬୦ ପ୍ରତିଶତ ଜନସଂଖ୍ୟା ରନ୍ଧନ ଗ୍ୟାସ୍ ବ୍ୟବହାର କରୁଥିବା ବେଳେ, ଏହାକୁ ଆହୁରି ବୃଦ୍ଧି କରିବାକୁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । କାରଣ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ, ଅସ୍ୱଚ୍ଛ ରନ୍ଧନ ଇନ୍ଧନ ଯୋଗୁଁ ଭାରତରେ ପ୍ରାୟ ୫ ଲକ୍ଷ ମହିଳା ମୃତ୍ୟୁମୁଖରେ ପଡ଼ନ୍ତି ।



ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଉଦ୍ୟୋଗୀକରଣ ମାଧ୍ୟମରେ ସଶକ୍ତ କରିବା ସକାଶେ ଉଦ୍ଦିଷ୍ଟ **"ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ"** ଯୋଜନା ପାଇଁ ଏହି ବଜେଟ୍‌ରେ ୫୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହି ବର୍ଗର ଉଦ୍ୟୋଗୀମାନେ ବିଭିନ୍ନ ବ୍ୟବସାୟରେ ସଫଳତାର ସହ କାର୍ଯ୍ୟ କରୁଛନ୍ତି ବୋଲି ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ ମଧ୍ୟ ଉଲ୍ଲେଖ କରିଛନ୍ତି । ଏହି ଯୋଜନାରେ ପ୍ରାୟ ଅଢ଼େଇ ଲକ୍ଷ ଉଦ୍ୟୋଗୀ ଉପକୃତ ହେବେ । ତେବେ, ଏହା ଦ୍ୱାରା ମହିଳା ଉଦ୍ୟୋଗୀମାନେ ମଧ୍ୟ ସୁଯୋଗ ପାଇବେ । ଏ ସଂକ୍ରାନ୍ତୀୟ ପରାମର୍ଶ ପ୍ରଦାନ ପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଗୋଟିଏ ଜାତୀୟ ଅନୁସୂଚିତ ଜାତି / ଜନଜାତି କେନ୍ଦ୍ର ଖୋଲିବାକୁ ମଧ୍ୟ ସରକାର ନିଷ୍ପତି ନେଇଛନ୍ତି । ବାବାସାହେବ ଆମ୍ବେଦକରଙ୍କ ୧୨୫ତମ ଜୟନ୍ତୀ ବର୍ଷରେ ଅନୁସୂଚିତ ଜାତି / ଜନଜାତିଙ୍କ ଆର୍ଥିକ ସଶକ୍ତିକରଣ ପାଇଁ କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ।



ବୈଶ୍ୱିକ ଆର୍ଥିକ ଅସ୍ଥିରତା ମଧ୍ୟରେ ଭାରତକୁ ଏକ 'ଉଜ୍ଜ୍ୱଳ ବିନ୍ଦୁ' ଭାବେ ପ୍ରତିଷ୍ଠିତ କରିବାକୁ ବଜେଟ୍ ୨୦୧୬-୧୭ରେ ପ୍ରଚେଷ୍ଟା କରାଯାଇଛି । ଏବଂ ବିକାଶ ପାଇଁ ମହିଳା ସଶକ୍ତିକରଣ ଓ ଲିଙ୍ଗଗତ ସମାନତାଠାରୁ ଅଧିକ ଉପଯୋଗୀ ଉପକରଣ ଆଉ ନାହିଁ ।

ଲେଖକ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସହ ସଂପୃକ୍ତ ଜଣେ ଅର୍ଥନୀତିଜ୍ଞ ଓ ଶିକ୍ଷାବିତ୍ ।

# ୨୦୧୬-୧୭ ବଜେଟ : କୃଷି ପାଇଁ ଉତ୍ସାହଜନକ

ସିଏସ୍‌ସି ଶେଖର

କ୍ରମାଗତ ଦୁଇ ବର୍ଷର ମରୁଡ଼ି ଯୋଗୁଁ କୃଷି ଉଦ୍ୟୋଗର ଅତ୍ୟନ୍ତ ମାନ୍ଦା ପ୍ରଦର୍ଶନ ପରିପ୍ରେକ୍ଷୀରେ ଚଳିତ ବଜେଟରେ କୃଷି କ୍ଷେତ୍ରର ବିକାଶ ପାଇଁ ସ୍ୱତନ୍ତ୍ର ପ୍ରୟାସ କରାଯାଇଛି । ଏକାଦଶ ପଂଚବାର୍ଷିକ ଯୋଜନାକାଳରେ କୃଷି ଅଭିବୃଦ୍ଧି ଉତ୍ସାହଜନକ ରହିବା ପରେ ଏଥିରେ କ୍ରମଶଃ ଅବନତି ପରିଲକ୍ଷିତ ହୋଇଥିଲା । ୨୦୧୨-୧୩ରେ ଅଭିବୃଦ୍ଧି ହାର ୧.୫ ଶତାଂଶ ହେବା ପରେ ପରବର୍ତ୍ତୀ ଦୁଇ ଆର୍ଥିକ ବର୍ଷରେ ଏହା ଯଥାକ୍ରମେ ୪.୨ ଶତାଂଶ ଓ -୦.୨ ଶତାଂଶ ହୋଇଥିଲା । ସିଏସ୍‌ଓ (କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ)ର ସଦ୍ୟତମ ଆକଳନ ଅନୁସାରେ କୃଷି ଅଭିବୃଦ୍ଧି ୨୦୧୫-୧୬ରେ ପ୍ରକଳ୍ପିତ ୧.୧ ଶତାଂଶ ହାରଠାରୁ ସାମାନ୍ୟ ଅଧିକ ହେବ ।



**କୃ**ଷି ଏବଂ ଗ୍ରାମ୍ୟ ଉନ୍ନୟନ ପାଇଁ ୨୦୧୬-୧୭ କେନ୍ଦ୍ରୀୟ ବଜେଟ ଅତ୍ୟନ୍ତ ଉତ୍ସାହଜନକ । ଏଥିରେ କୃଷି ଅଭିବୃଦ୍ଧି ବଢ଼ାଇବା ପାଇଁ ଜଳସେଚନ ସମେତ ବିଭିନ୍ନ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଛି । କ୍ରମାଗତ ଦୁଇ ବର୍ଷର ମରୁଡ଼ି ଯୋଗୁଁ କୃଷି ଉଦ୍ୟୋଗର ଅତ୍ୟନ୍ତ ମାନ୍ଦା ପ୍ରଦର୍ଶନ ପରିପ୍ରେକ୍ଷୀରେ ଚଳିତ ବଜେଟରେ କୃଷି କ୍ଷେତ୍ରର ବିକାଶ ପାଇଁ ସ୍ୱତନ୍ତ୍ର ପ୍ରୟାସ କରାଯାଇଛି ।

ଏକାଦଶ ପଂଚବାର୍ଷିକ ଯୋଜନାକାଳରେ କୃଷି ଅଭିବୃଦ୍ଧି ଉତ୍ସାହଜନକ ରହିବା ପରେ ଏଥିରେ କ୍ରମଶଃ ଅବନତି ପରିଲକ୍ଷିତ ହୋଇଥିଲା । ୨୦୧୨-୧୩ରେ ଅଭିବୃଦ୍ଧି ହାର ୧.୫ ଶତାଂଶ ହେବା ପରେ ପରବର୍ତ୍ତୀ ଦୁଇ ଆର୍ଥିକ ବର୍ଷରେ ଏହା ଯଥାକ୍ରମେ ୪.୨ ଶତାଂଶ ଓ -୦.୨ ଶତାଂଶ ହୋଇଥିଲା । ସିଏସ୍‌ଓ (କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ)ର ସଦ୍ୟତମ ଆକଳନ ଅନୁସାରେ କୃଷି ଅଭିବୃଦ୍ଧି ୨୦୧୫-୧୬ରେ ପ୍ରକଳ୍ପିତ ୧.୧ ଶତାଂଶ ହାରଠାରୁ ସାମାନ୍ୟ ଅଧିକ ହେବ । କ୍ରମାଗତ ଦୁଇ ବର୍ଷର ମରୁଡ଼ି ବ୍ୟତୀତ ଜଳସେଚନ, କୃଷି କ୍ଷେତ୍ରରେ ବିଭିନ୍ନ ପ୍ରକାର ଆନୁଷଙ୍ଗିକ ଲଗାଣ, ବିପଣନ ଓ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ଏହି ଅଧୋଗତି ଦେଖାଦେଇଛି । ଚଳିତ ବଜେଟରେ ଏସବୁ ପୁରୁଣା ସମସ୍ୟାର ସମାଧାନ ପାଇଁ ପ୍ରୟାସ କରାଯାଇଛି । ବଜେଟରେ ଏଥିପାଇଁ ମୁଖ୍ୟତଃ ଜଳସେଚନ, ଗ୍ରାମ୍ୟ ଭିତିଭୂମି ବିକାଶ ଓ ବିପଣନ ସୁବିଧା ଉପରେ ଅଗ୍ରାଧିକାର ଦିଆଯାଇଛି ।

ମୋଟାମୋଟି କୃଷି ଉତ୍ପାଦନ, ଅଭିବୃଦ୍ଧି ଓ



Unfiled Notes Page 18



ଖାଦ୍ୟମୂଲ୍ୟ ସ୍ଥିତି ପରିପ୍ରେକ୍ଷୀରେ ଦେଖିଲେ ଏଥର ବଜେଟରେ ଏହି କ୍ଷେତ୍ର ପାଇଁ ଯେଉଁ ଅର୍ଥ ବରାଦ୍ ହୋଇଛି ତାହା ଯଥାର୍ଥ ମନେହୁଏ । ୧୯୯୦ ଦଶକର ଅଧାରୁ ଦେଶର କୃଷି ଅଭିବୃଦ୍ଧି ସ୍ଥିର ରହିବା ସହିତ ଖାଦ୍ୟ ଶସ୍ୟ ଉତ୍ପାଦନ ହ୍ରାସ ପାଇବାକୁ ଆରମ୍ଭ କରିଥିଲା । ୧୯୯୭-୯୮ ରୁ ୨୦୦୪-୦୫ ଆର୍ଥିକ ବର୍ଷ ମଧ୍ୟରେ ସକଳ କୃଷି ଉତ୍ପାଦନ (ଜିଡିପି)ର ଅଭିବୃଦ୍ଧି ବାର୍ଷିକ ୨.୨ ଶତାଂଶ ହାରରେ ବଢୁଥିଲା । ପ୍ରାକ୍ ସବୁଜ ବିପ୍ଳବ କାଳର କୃଷି ଅଭିବୃଦ୍ଧି ହାର ସହ ଏହା ପ୍ରାୟ ସମାନ ଥିଲା । ଏଥିସହିତ ଖାଦ୍ୟଶସ୍ୟ ଉତ୍ପାଦନ ମଧ୍ୟ ଦ୍ରୁତଭାବେ ହ୍ରାସ ପାଉଥିଲା । କୃଷି କ୍ଷେତ୍ରରେ ପୁଞ୍ଜି ନିବେଶର ଅଭାବ ଏବଂ କମ୍ ଲାଭ ମିଳିବା ଦୃଷ୍ଟିରୁ କୃଷିକ୍ଷେତ୍ରରେ ଚାଷୀ ସମୁଦାୟ ଦ୍ୱାରା ବିଭିନ୍ନ ପ୍ରକାର ଲଗାଣ ବା ବିନିଯୋଗ ହ୍ରାସ ଏହି ସମସ୍ୟାର ମୁଖ୍ୟ କାରଣ । ୨୦୦୫-୦୬ ରେ ଏ କ୍ଷେତ୍ରରେ ପ୍ରଥମ ପରିବର୍ତ୍ତନର ଲକ୍ଷଣ ଦେଖାଦେଲା । କିଛି ସକାରାତ୍ମକ ରାଷ୍ଟ୍ରୀୟ ପ୍ରକ୍ରିୟା ସହାୟତାରେ କୃଷି କ୍ଷେତ୍ରରେ ବିଭିନ୍ନ ସାମଗ୍ରୀ ବ୍ୟବହାର, ବିନିଯୋଗ ଓ ଲଗାଣ କ୍ଷେତ୍ରରେ ଉନ୍ନତି ଆସିଲା । ୨୦୦୭-୦୮ ବର୍ଷରେ କାର୍ଯ୍ୟକାରୀ ହୋଇଥିବା କେତେକ କାର୍ଯ୍ୟକ୍ରମ ଯୋଗୁଁ କୃଷି ଉତ୍ପାଦନର ଅଭିବୃଦ୍ଧି ଧାରା ତ୍ୱରାନ୍ୱିତ ହେଲା । ରାଜ୍ୟ ସମୂହ ଦ୍ୱାରା କୃଷି କ୍ଷେତ୍ରରେ ବିନିଯୋଗ କାର୍ଯ୍ୟକ୍ରମ (ଆର.କେ. ଭିଓ୍ୱାଇ) ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କାର୍ଯ୍ୟକ୍ରମ (ଏନ୍.ଏଫ୍.ଏସ୍.ଏମ୍) ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ସହ ଏହି ଉଦ୍ୟୋଗର ବିକାଶ ସାଧନ ଗତ କେତେ ବର୍ଷ ମଧ୍ୟରେ ସମ୍ଭବ ହୋଇପାରିଛି । ଏହା ସତ୍ତ୍ୱେ ଉତ୍ପାଦନରେ ଅନିଶ୍ଚିତତା ଓ ବିକ୍ରିବଟାରେ ଅସୁବିଧା ଏହି ଉଦ୍ୟୋଗ ପାଇଁ ସମସ୍ୟା ହୋଇ ରହିଛି ।

**ଜଳସେଚନ :** ମୌସୁମୀ ବର୍ଷା ଉପରେ ମାତ୍ରାଧିକ ନିର୍ଭରଶୀଳତା ଭାରତୀୟ କୃଷିର ଏକ ପ୍ରମୁଖ ସମସ୍ୟା । ଦେଶର ମୋଟ ଚାଷ ଜମିର ମାତ୍ର ୪୫ ଶତାଂଶ ଜଳସେଚିତ । ଏହା ଯୋଗୁଁ ଉତ୍ପାଦନ ଆଶାଜନକ ହୋଇପାରୁନାହିଁ । ସୁତରାଂ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜାନରେ ଏହି ସମସ୍ୟାର ସମାଧାନ ପାଇଁ ବଜେଟରେ ଉଦ୍ୟମ କରାଯାଇଛି । କୃଷି ସିଂଚାଇ ଯୋଜନା ପାଇଁ ୧୭ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିରେ ୨୮ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରହିଛି । ଏହାଛଡ଼ା ଅଚଳ ହୋଇପଡ଼ିଥିବା ୮୯ ଜଳସେଚନ ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି । ତ୍ୱରାନ୍ୱିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ (ଏଆଇଟିପି) ଦ୍ୱାରା ୮୧ ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିବ । ସେହିଭଳି ଭୂତଳ ଜଳର ଉପଯୋଗ କରିବା ପାଇଁ ୬୦୦୦ କୋଟି ଟଙ୍କା ବିନିଯୋଗ କରାଯିବ । ଏହାଛଡ଼ା ଚାଷ ଜମିରେ ପୋଖରୀ, କୂପ ଖନନ ଓ ପୋଖରୀରୁ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଆଦିକୁ ଏମଜିନରେଗା କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା କରାଯାଇଛି । ଏସବୁ ପ୍ରୟାସ ସହିତ ୨୫ ହଜାର କୋଟି ଟଙ୍କାର ଦୀର୍ଘ ମିଆଦୀ ଜଳସେଚନ ପାଣ୍ଠି କୃଷି ଉତ୍ପାଦନ ବୃଦ୍ଧିରେ ନିଶ୍ଚିତ ସହାୟକ ହେବ ବୋଲି ଆଶା କରାଯାଏ ।

**ରଣ ଓ ବୀମା :** କୃଷି ରଣ ଯୋଗାଣ ଏବଂ ଚାଷୀ ଏହାକୁ ଠିକ୍ ସମୟରେ ପାଇବା ଏକ ବଡ଼ ସମସ୍ୟା । ମୋଟ କୃଷି ଉତ୍ପାଦନ ଅନୁସାରେ ଏହି କ୍ଷେତ୍ରକୁ ରଣ ଯୋଗାଣର ଅନୁପାତ ୧୯୯୯-୨୦୦୦ରେ ୧୦ ଶତାଂଶରୁ ବଢ଼ି ୨୦୧୨-୧୩ରେ ୩୮ ଶତାଂଶରେ ପହଂଚିଥିଲା । ଦୀର୍ଘ ମିଆଦି ରଣର ଅନୁପାତ ଏବେ ଯଥେଷ୍ଟ ହ୍ରାସ ପାଇ ୨୦୦୬-୦୭ରେ ୫୫%ରୁ ୨୦୧୧-୧୨ରେ ୩୯ ଶତାଂଶକୁ ଖସି ଆସିଛି । କୃଷି ଉଦ୍ୟୋଗର ସ୍ୱାର୍ଥ ଦୃଷ୍ଟିରୁ ଏହି ଧାରାକୁ ରୋକାଯିବା ଉଚିତ୍ । ବୋଧହୁଏ ଏହି ବିଚାରରୁ ଚଳିତ ବଜେଟରେ କୃଷି ରଣ ଯୋଗାଣ ଲକ୍ଷ୍ୟ ୯ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବବର୍ଷ ଏହି ପରିମାଣ ଥିଲା ୮.୫ ଲକ୍ଷ କୋଟି ଟଙ୍କା । ଏହା ବ୍ୟତୀତ

**ଦେଶର ମୋଟ ଚାଷ ଜମିର ମାତ୍ର ୪୫ ଶତାଂଶ ଜଳସେଚିତ । ଏହା ଯୋଗୁଁ ଉତ୍ପାଦନ ଆଶାଜନକ ହୋଇପାରୁନାହିଁ । ସୁତରାଂ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜାନରେ ଏହି ସମସ୍ୟାର ସମାଧାନ ପାଇଁ ବଜେଟରେ ଉଦ୍ୟମ କରାଯାଇଛି । କୃଷି ସିଂଚାଇ ଯୋଜନା ପାଇଁ ୧୭ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିରେ ୨୮ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରହିଛି । ଏହାଛଡ଼ା ଅଚଳ ହୋଇପଡ଼ିଥିବା ୮୯ ଜଳସେଚନ ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି ।**

ଚାଷୀଙ୍କ ଋଣ ଛାଡ଼ ବାବଦରେ ବଜେଟରେ ୧୫ ହଜାର କୋଟି ଟଙ୍କାର ଅର୍ଥ ବରାଦ କରାଯାଇଛି । ତେବେ ଭାଗଚାଷ ବ୍ୟବସ୍ଥାରେ ଜମି ଉପରେ ଚାଷୀର ଅଧିକାର ନଥିବାରୁ ଏହି ଋଣ ଛାଡ଼ ବ୍ୟବସ୍ଥାରେ ବାସ୍ତବରେ କେତେ ଚାଷୀ ଉପକୃତ ହେବେ ତାହା ଏକ ବଡ଼ ପ୍ରଶ୍ନ ? ପାଣିପାଗର ଅନିଶ୍ଚିତତା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷ ବାରମ୍ବାର କ୍ଷତିଗ୍ରସ୍ତ ହେଉଥିବାରୁ ଏହାର ଗୁରୁତର ପ୍ରତିକୂଳ ପ୍ରଭାବ ଚାଷୀ ଉପରେ ପଡୁଛି । ଏହି ସମସ୍ୟାର ସମାଧାନ ପାଇଁ ଏବେ ଏକ ପରିବର୍ତ୍ତିତ ବୀମା ବ୍ୟବସ୍ଥା ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା ଘୋଷଣା କରାଯାଇଛି । ଏହି ନୂଆ ଫସଲ ବିମା ଯୋଜନା ପାଇଁ ୫୫୦୦ କୋଟି ଟଙ୍କା ବରାଦ ହୋଇଛି । ଫସଲ ଉତ୍ପାଦନ କ୍ଷତିଗ୍ରସ୍ତ ହେଲେ ଖାଦ୍ୟ ଶସ୍ୟ ଏବଂ ତୈଳବିଜ କ୍ଷେତ୍ରରେ ୨ ଶତାଂଶ ଓ କପା ତଥା ଉଦ୍ୟାନ କୃଷି କ୍ଷେତ୍ରରେ ୫ ଶତାଂଶ କମ୍ ହାରରେ ବିମା ପ୍ରିମିୟମ ବ୍ୟବସ୍ଥା କରାଯାଇଛି । ପ୍ରିମିୟମ ରାଶୀର ଅନୁପାତ ଏହି ଯୋଜନାରେ ଧାର୍ଯ୍ୟ ନ'ହେବା ଏକ ବଡ଼ ବିଶେଷତ୍ୱ । ଏହା ଫଳରେ ଚାଷୀ ଯେତେ ଟଙ୍କାର ବିମା କରିଥିବ ଫସଲ କ୍ଷତିଗ୍ରସ୍ତ ହେଲେ ତାହାର ପ୍ରିମିୟମ ଅନୁପାତକୁ ବିଚାରକୁ ନ'ନେଇ ଅଙ୍ଗୀକୃତ ବିମାରାଶୀ ପାଇପାରିବ । ସାର ରିଆତିର ଲାଭ ବାବଦ ଅର୍ଥ ସିଧା ଚାଷୀଙ୍କ ବ୍ୟାଙ୍କ ଖାତାକୁ ପଠାଇବା ପାଇଁ ଏକ ପାଇଲଟ ପ୍ରକଳ୍ପ କାର୍ଯ୍ୟକାରୀ କରିବାର ପରିକଳ୍ପନା ଆରମ୍ଭ ହୋଇଛି । ଏସବୁ ବେଶ୍ ଗଠନମୂଳକ ଓ ଚାଷୀ ସ୍ୱାର୍ଥବାଦୀ କାର୍ଯ୍ୟକ୍ରମ ହୋଇଥିଲେ ହେଁ ଜମିର ମାଲିକାନା ଏବଂ ଚାଷୀର ପ୍ରକୃତ ସ୍ଥିତି ଉପରେ ଏହାର ସଫଳତା ନିର୍ଭର କରୁଛି ।

**ଫସଲ ସଂଗ୍ରହ, ବଣ୍ଟନ ଓ ବିପଣନ :** ଚାଷୀଙ୍କଠାରୁ ଉତ୍ପାଦିତ ଫସଲର ସଂଗ୍ରହ ବ୍ୟବସ୍ଥା ଅନଲାଇନ୍ ବ୍ୟବସ୍ଥାରେ କରିବାର ବ୍ୟବସ୍ଥା ହୋଇଛି । ଏହା ଦ୍ୱାରା ଚାଷୀ ସୁବିଧାରେ ଏହା ବିକି ପାରିବେ ଏବଂ ଖର୍ଦ୍ଦି ବିକ୍ରିରେ ସ୍ୱଚ୍ଛତା ରହିପାରିବ । ସେଥିପାଇଁ ବିକେନ୍ଦ୍ରୀକୃତ ଶସ୍ୟ ସଂଗ୍ରହ ବ୍ୟବସ୍ଥା ଆପଣେଇବା ପାଇଁ ରାଜ୍ୟ ସରକାରମାନଙ୍କୁ କୁହାଯିବ । ସାଧାରଣ ସଂଗ୍ରହ ବ୍ୟବସ୍ଥା ମାଧ୍ୟମରେ ଡାଲି ସଂଗ୍ରହ କରି ପ୍ରଚୁର ଡାଲି କେନ୍ଦ୍ରୀୟ ସ୍ତରରେ ଭଣ୍ଡାର କରି ରଖିବାର ପ୍ରସ୍ତାବ ରହିଛି । ଏହାଛଡ଼ା ଦେଶର ମୋଟ ୫.୩୫ ଲକ୍ଷ ସୁଲଭ ମୂଲ୍ୟ ଦୋକାନ ମଧ୍ୟରୁ ୩ ଲକ୍ଷକୁ ସ୍ୱୟଂକ୍ରିୟ କରିବାର ପ୍ରସ୍ତାବ ଅଛି । ଏହା ଛଡ଼ା କୃଷି ପ୍ରଯୁକ୍ତି ଭିତ୍ତିଭୂମି ପାଣ୍ଠି



(ଏଆଇଟିଏଫ୍) ଜରିଆରେ ଏକ ଜାତୀୟ କୃଷି ବଜାର ଗଠନର ପରିକଳ୍ପନା ରହିଛି । ୨୦୧୫ରେ ଏହି ପ୍ରସ୍ତାବକୁ କେନ୍ଦ୍ର ମନ୍ତ୍ରିପରିଷଦର ଅନୁମୋଦନ ମିଳିଛି ଏବଂ ଏଥିପାଇଁ ୨୦୦ କୋଟି ଟଙ୍କା ବିନିଯୋଗ କରାଯିବ । ଚଳିତ ବଜେଟରେ ଦେଶର ୫୮୫ ନିୟନ୍ତ୍ରିତ ବଜାର କମିଟିକୁ ଏହି ଯୋଜନାରେ ସଂଯୁକ୍ତ କରିବାର ପ୍ରସ୍ତାବ ରହିଛି । ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ହେଲେ ପ୍ରଥମେ ସବୁ ରାଜ୍ୟ ସରକାରଙ୍କୁ ସେମାନଙ୍କର ପ୍ରଚଳିତ କୃଷି ଉତ୍ପାଦନ ବିପଣନ କମିଟି ନିୟମ (ଏପିଏମ୍‌ସି)କୁ ସଂଶୋଧନ କରିବାକୁ ପଡ଼ିବ । ଏହା ଦ୍ୱାରା ସବୁ ରାଜ୍ୟରେ ଗୋଟିଏ ଲାଇସେନ୍ସ, ଗୋଟିଏ ପ୍ରକାର ବଜାର ପାଉଣା ଏବଂ ସାମଗ୍ରୀ ମୂଲ୍ୟ ବିଜ୍ଞାପନ ଓ ଇ-ନିଲାମ ପାଇଁ ବ୍ୟବସ୍ଥା କରିବାକୁ ହେବ । ଏ ପର୍ଯ୍ୟନ୍ତ ମାତ୍ର ୧୨ଟି ପ୍ରଦେଶରେ ଏପିଏମ୍‌ସି ଆଇନ ସଂଶୋଧିତ ହୋଇଛି । ଯେତେ ଶୀଘ୍ର ଅବଶିଷ୍ଟ ରାଜ୍ୟ ଏହି ଆଇନକୁ ସଂଶୋଧନ କରିବେ ସେତେ ଶୀଘ୍ର ଏହି କେନ୍ଦ୍ରୀୟ ଯୋଜନା ସାରା ଦେଶରେ କାର୍ଯ୍ୟକାରୀ ହେବ ।

ଉଦ୍ୟାନ କୃଷି କ୍ଷେତ୍ରରେ ଅମଳ



ପରବର୍ତ୍ତୀ ଫସଲ ନଷ୍ଟ ସାରା ଦେଶରେ ଏକ ବଡ଼ ସମସ୍ୟା ପାଲଟିଛି । ଏକ ସରକାରୀ ରିପୋର୍ଟ ଅନୁସାରେ ଅମଳ ପରେ ଆମ ଦେଶର ମୋଟ ପନିପରିବା, ଫଳମୂଳର ୨୦ ରୁ ୨୨ ଭାଗ ବିଭିନ୍ନ ପର୍ଯ୍ୟାୟରେ ପଚିସଢ଼ି ନଷ୍ଟ ହେଉଛି । ୨୦୧୫-୧୬ ଅର୍ଥନୈତିକ ସର୍ଭେ ରିପୋର୍ଟ ତଥ୍ୟ ଅନୁସାରେ ଦେଶର ୧୫ ଶତାଂଶ ଫଳ ଓ ପନିପରିବା ଉତ୍ପାଦନ ପରବର୍ତ୍ତୀ ଅବସ୍ଥାରେ ପଚିସଢ଼ି ନଷ୍ଟ ହେଉଛି । ଏହା ଏକ ବଡ଼ ଅପଚୟ ଏବଂ ଏହାକୁ ନିୟନ୍ତ୍ରିତ କରିବାକୁ ପଡ଼ିବ । ଖାଦ୍ୟ ପ୍ରକ୍ରିୟାକରଣ, ଫଳ ଓ ପନିପରିବା ସଂରକ୍ଷଣ ଓ ବିକ୍ରିବଟାକୁ ଦୃଷ୍ଟିରେ ରଖି ସରକାର ଏ କ୍ଷେତ୍ରରେ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶକୁ ୧୦୦ ପ୍ରତିଶତ କରିବାକୁ ନିଷ୍ପତି ନେଇଛନ୍ତି । ଏହା ଏକ ଉଚିତ ପଦକ୍ଷେପ ଏବଂ ଏହାଦ୍ୱାରା କୃଷି ଓ କୃଷକ ଉଭୟ ଲାଭବାନ ହେବେ ।



**ଗ୍ରାମ୍ୟ ଉନ୍ନୟନ :** ଚଳିତ ବଜେଟରେ ଗ୍ରାମ୍ୟ ଉନ୍ନୟନ ପାଇଁ ମୋଟ ୮୭,୭୬୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେଥିମଧ୍ୟରୁ ୩୫,୫୦୦ କୋଟି ଟଙ୍କା ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଇଁ ଉଦ୍ଦିଷ୍ଟ । ଗ୍ରାମ ପଂଚାୟତ ଓ ପୌର ସଂସ୍ଥାଗୁଡ଼ିକ ପାଇଁ ବଜେଟରେ ଯେଉଁ ୨.୮୭ ଲକ୍ଷ କୋଟି ଟଙ୍କାର ବରାଦ ହୋଇଛି ଏବଂ ଏହା ଏ କ୍ଷେତ୍ରରେ ଏପର୍ଯ୍ୟନ୍ତ ସବୁଠୁ ଅଧିକ ସରକାରୀ ଅନୁଦାନ । ଏହା ଫଳରେ ପ୍ରତ୍ୟେକ ଗ୍ରାମ ପଂଚାୟତକୁ ବାର୍ଷିକ ପ୍ରାୟ ୮୦ ଲକ୍ଷ ଟଙ୍କା ମିଳିବ ଯାହା ଉଲ୍ଲେଖନୀୟ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ମଧ୍ୟ ଅର୍ଥ ବୃଦ୍ଧି କରାଯାଇଛି ଏବଂ ଏହା ଯଥାର୍ଥ ମନେହୁଏ । ଗ୍ରାମ୍ୟ ନିର୍ମାଣ, ପରିବହନ ଏବଂ ସେବା ଯୋଗାଣ ଆଦି କ୍ଷେତ୍ରରେ ଏବେ ଗ୍ରାମାଂଚଳର ଅଣଚାଷୀମାନେ ଜୀବିକା ଉପାର୍ଜନ ପାଇଁ ବିଶେଷ ନିର୍ଭର କରୁଛନ୍ତି । ଅତଏବ ଗ୍ରାମାଂଚଳ ପାଇଁ ଅଧିକ ଅର୍ଥ ବରାଦ ଏହି ବର୍ଗର ଲୋକଙ୍କ ଜୀବନ ଜୀବିକା ଉପରେ ସକାରାତ୍ମକ ପ୍ରଭାବ ପକାଇବାର ସୁଯୋଗ ରହିଛି ।

**ବଜେଟର ଦୁର୍ବଳତା :** ନିମ୍ନ କେତେକ ବିଷୟରେ ବଜେଟ ଆଶାନୁରୂପ ହୋଇପାରିନାହିଁ ।

ପ୍ରଥମତଃ, କୃଷି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ବଜେଟରେ ରାଜ୍ୟସମୂହଙ୍କୁ ଯଥେଷ୍ଟ ପ୍ରୋତ୍ସାହନ ଯୋଗାଣର ବ୍ୟବସ୍ଥା ନାହିଁ । କୃଷି ରାଜ୍ୟ-ତାଲିକାର ବିଷୟବସ୍ତୁ ହୋଇଥିବାରୁ କୃଷି ଉଦ୍ୟୋଗର ବିକାଶ ପାଇଁ ରାଜ୍ୟଗୁଡ଼ିକୁ ପୁଞ୍ଜି ଲଗାଣ ନିମନ୍ତେ ଅଧିକ ସୁବିଧାସୁଯୋଗ ଯୋଗାଇବା ଉଚିତ୍ ଥିଲା । ଗତ କିଛି କାଳ ଧରି କୃଷି କ୍ଷେତ୍ରରେ ପୁଞ୍ଜି ନିବେଶ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ହୋଇପଡ଼ିଛି । କୃଷିରେ ମୋଟ ପୁଞ୍ଜି ସୃଷ୍ଟି ହାର ୨୦୧୧-୧୨ ବର୍ଷରେ ୧୮.୩ ଶତାଂଶ ଥିବାବେଳେ ୨୦୧୪-୧୫ରେ ଏହା ୧୫.୮ ଶତାଂଶକୁ ହ୍ରାସ ପାଇଛି । ୨୦୦୪-୦୫ ରୁ ୨୦୧୧-୧୨ ଯାଏ କୃଷି କ୍ଷେତ୍ରରେ ପୁଞ୍ଜି ଲଗାଣ ହାର ଯଥେଷ୍ଟ ଅଧିକ ଥିଲା । ଏହା ଫଳରେ କୃଷି କ୍ଷେତ୍ରର ଅଭିବୃଦ୍ଧି ପ୍ରଭାବିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷି କ୍ଷେତ୍ରରେ ଅଧିକରୁ ଅଧିକ ପୁଞ୍ଜି ନିବେଶ ପାଇଁ ରାଜ୍ୟଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ବଜେଟରେ ସଫଳ ପ୍ରସ୍ତାବ କିମ୍ବା ପ୍ରୋତ୍ସାହନ ଦିଆଯାଇନାହିଁ । ଦ୍ୱିତୀୟତଃ, ଉପରୁ ତଳକୁ ଯୋଜନା ବା କାର୍ଯ୍ୟକ୍ରମ ଥାପି ଦେବାର ବ୍ୟବସ୍ଥା ମଧ୍ୟ ତ୍ରୁଟିପୂର୍ଣ୍ଣ । ଭାରତ ଭଳି ଏକ ବିଶାଳ ଦେଶରେ

**ଗତ କିଛି କାଳ ଧରି କୃଷି କ୍ଷେତ୍ରରେ ପୁଞ୍ଜି ନିବେଶ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ହୋଇପଡ଼ିଛି । କୃଷିରେ ମୋଟ ପୁଞ୍ଜି ସୃଷ୍ଟି ହାର ୨୦୧୧-୧୨ ବର୍ଷରେ ୧୮.୩ ଶତାଂଶ ଥିବାବେଳେ ୨୦୧୪-୧୫ରେ ଏହା ୧୫.୮ ଶତାଂଶକୁ ହ୍ରାସ ପାଇଛି । ୨୦୦୪-୦୫ ରୁ ୨୦୧୧-୧୨ ଯାଏ କୃଷି କ୍ଷେତ୍ରରେ ପୁଞ୍ଜି ଲଗାଣ ହାର ଯଥେଷ୍ଟ ଅଧିକ ଥିଲା । ଏହା ଫଳରେ କୃଷି କ୍ଷେତ୍ରର ଅଭିବୃଦ୍ଧି ପ୍ରଭାବିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ**

ଭୌଗୋଳିକ ବିଷମତା ସହିତ ବିଭିନ୍ନ ପ୍ରକାରର କୃଷି ପାଣିପାଗ ମଣ୍ଡଳ ରହିଛି । ବଜେଟରେ ଜଳସେଚନ ଓ ଫସଲ ବିମା ନେଇ ଯେଉଁସବୁ ବ୍ୟାପକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି ସେସବୁକୁ ସ୍ଥାନୀୟ ପରିବେଶ ଓ ପରିସ୍ଥିତି ସହ ଖାପ ଖୁଆଇ କାର୍ଯ୍ୟକାରୀ ନ'କଲେ ତାହା ସଫଳ ହେବ ନାହିଁ । ଅତଏବ ସେ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ସ୍ଥାନୀୟ ବାସ୍ତବତାକୁ ବିଚାରକୁ ନନେଇ ଉପରୁ ଯୋଜନା ଓ କାର୍ଯ୍ୟକ୍ରମ ଲଦି ଦେଲେ କୃଷି ବିକାଶ ସଫଳ ହେବା ସମ୍ଭାବନା କ୍ଷୀଣ । ଏଥିପାଇଁ ଜିଲା କୃଷି ଯୋଜନାର ତଥ୍ୟାବଳୀକୁ ବିଚାରକୁ ନେଇ ଅଂଚଳ ଭିତିକ କୃଷି ବିକାଶ କାର୍ଯ୍ୟକ୍ରମ ହାତକୁ ନେଲେ ତାହା ଅଧିକ ସଫଳ ହେବ ।

ଭାରତ ଭଳି ଏକ ବିଶାଳ ଦେଶରେ ଭୌଗୋଳିକ ବିଷମତା ସହିତ ବିଭିନ୍ନ ପ୍ରକାରର କୃଷି ପାଣିପାଗ ମଣ୍ଡଳ ରହିଛି । ବଜେଟରେ ଜଳସେଚନ ଓ ଫସଲ ବିମା ନେଇ ଯେଉଁସବୁ ବ୍ୟାପକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି ସେସବୁକୁ ସ୍ଥାନୀୟ ପରିବେଶ ଓ ପରିସ୍ଥିତି ସହ ଖାପ ଖୁଆଇ କାର୍ଯ୍ୟକାରୀ ନ'କଲେ ତାହା ସଫଳ ହେବ ନାହିଁ । ଅତଏବ ସେ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ସ୍ଥାନୀୟ ବାସ୍ତବତାକୁ ବିଚାରକୁ ନନେଇ ଉପରୁ ଯୋଜନା ଓ କାର୍ଯ୍ୟକ୍ରମ ଲଦି ଦେଲେ କୃଷି ବିକାଶ ସଫଳ ହେବା ସମ୍ଭାବନା କ୍ଷୀଣ ।

ସେହିଭଳି ଜମିରେକର୍ଡ ଓ ଭୂରାଜସ୍ୱ ନୀତିର ସଂସ୍କାର ଏବଂ ଆଧୁନିକୀକରଣ ଲୋଡ଼ା । ଆବଶ୍ୟକ ରେକର୍ଡ ପତ୍ର ଅଭାବରୁ ପ୍ରକୃତ ଚାଷୀ ବା ହିତାଧିକାରୀଙ୍କୁ ଚିହ୍ନଟ କରିବା ଏବେ ସହଜ ହେଉନାହିଁ । ଫଳରେ ଭାଗଚାଷୀ ବା ପ୍ରକୃତ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଋଣ, ବିମା ଓ ରିଆତି ଲାଭ ହସ୍ତାନ୍ତର ଆଦି କାର୍ଯ୍ୟକ୍ରମର ସୁଫଳ ସେମାନଙ୍କ ପାଖକୁ ଯାଇପାରୁନାହିଁ । ତେଣୁ ଯିଏ ବାସ୍ତବରେ ଜମି ଚାଷ କରୁଛି ସେ ଯେପରି ସମସ୍ତ ସରକାରୀ ସୁବିଧା ସୁଯୋଗ ପାଏ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଶେଷ ପ୍ରସଙ୍ଗଟି ହେଲା ସଂପ୍ରସାରଣ ସେବାର ଆଧୁନିକୀକରଣ । ଚଳିତ ସମେତ ନିକଟ ଅତୀତର ପ୍ରାୟ ସବୁ ବଜେଟରେ ସଂପ୍ରସାରଣ ସେବାର ଆଧୁନିକୀକରଣ ଉପରେ ଆଦୌ ଗୁରୁତ୍ୱ ଦିଆଯାଇନାହିଁ । କୃଷି ସଂପ୍ରସାରଣ



ସେବା ମାଧ୍ୟମରେ ଚାଷୀଙ୍କୁ ନୂଆ ଜ୍ଞାନକୌଶଳ, ଯନ୍ତ୍ରପାତି, କୃଷି ପଦ୍ଧତି, ବିମା ଓ ଋଣ ସୁବିଧା, ଫସଲ ବିକ୍ରିବଟା, ରିଆତି ଆଦିର ଯାବତୀୟ ତଥ୍ୟ ତଥା ସହାୟତା ଯୋଗାଇ ଦିଆଯାଇଥାଏ । ମାତ୍ର ଏ କ୍ଷେତ୍ରରେ ବଜେଟର ନିରବତା ଅର୍ଥ ଚାଷୀଙ୍କ ପାଖରେ ସେମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ତଥ୍ୟ ପହଂଚିବାର କିଛି ଠିକ୍ ଠିକଣା ନାହିଁ । ଚାଷୀଙ୍କୁ ସଚେତନ କରିବା ସବୁଠୁ ବଡ଼ କାର୍ଯ୍ୟ । ଏ ଦିଗ ପ୍ରତି ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ । ତା'ହେଲେ ଚାଷୀକୂଳ ସରକାରୀ ସୁବିଧା ସୁଯୋଗର ଉପଯୋଗ କରି କୃଷି ଅଭିବୃଦ୍ଧି ବଢ଼ାଇବାରେ ସମର୍ଥ ହୋଇପାରିବେ ।

**ସହଯୋଗୀ ପ୍ରଫେସର, କୃଷି ଅଭିବୃଦ୍ଧି ପ୍ରତିଷ୍ଠାନ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ।**

# ବ୍ୟାଙ୍କ ଓ ବଜେଟ୍

ଏନ୍.ଆର୍. ଭାନୁମୂର୍ତି ଏବଂ ମନିଷ ପ୍ରସାଦ୍

**୨୦୦୮-୦୯ ଆର୍ଥିକ ବର୍ଷରେ ଏଫ୍. ଆର୍. ବି. ଏମ୍ ଲକ୍ଷ୍ୟର ସମୀପବର୍ତୀ ହେବାକୁ ଥିବାବେଳେ, ପରେ ପରେ ବିତୀୟ ନିଅଣ୍ଟ ପ୍ରତିଶତ ଦ୍ୱି-ଅଙ୍କ ବିଶିଷ୍ଟ ହେବା ପର୍ଯ୍ୟନ୍ତ ଚାଲିଗଲା । ଫଳ ସ୍ୱରୂପ, ସକଳ ଘରୋଇ ଉତ୍ପାଦନରେ ହ୍ରାସ , ମୂଦ୍ରାସ୍ଫୀତି ଏବଂ ଚଳନ୍ତି ଖାତାରେ ମଧ୍ୟ ନିଅଣ୍ଟିଆ ପରିସ୍ଥିତି ଉତ୍ପନ୍ନ ହେଲା । ଏତଦ୍‌ବ୍ୟତୀତ, ବିତୀୟ ନିଅଣ୍ଟର ଏପରି ଉଚ୍ଚ ପ୍ରତିଶତ ଯୋଗୁଁ, ମୁଦ୍ରା ନୀତିରେ ଏମିତି ପରିବର୍ତନ କରାଗଲା, ଯଦ୍ୱାରା, ଦୀର୍ଘ ସମୟ ପର୍ଯ୍ୟନ୍ତ ସୁଧହାର ଉଚ୍ଚ ରହିଲା ।**



ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ, ଭାରତ ସମ୍ମୁଖରେ ବର୍ତମାନ ଦୁଇଟି ପ୍ରମୁଖ ଆହ୍ୱାନ ରହିଛି । ଗୋଟିଏ ହେଉଛି ବ୍ୟାଙ୍କ ଗୁଡ଼ିକରେ ଅର୍ଥାଭାବ ଓ ଦ୍ୱିତୀୟଟି ହେଉଛି ଉଦ୍ୟୋଗ କ୍ଷେତ୍ର । ରାଷ୍ଟ୍ରାୟତ ବ୍ୟାଙ୍କ ଗୁଡ଼ିକର ସମସ୍ୟା ସମାଧାନ କରିବା ଦିଗରେ ୨୦୧୬-୧୭ ବଜେଟ୍‌ରୁ କିଛିଟା ଆଶା କରାଯାଉଥିଲା । ଏହି ଆଶା ଅନୁରୂପ, ବଜେଟ୍‌ରେ ବ୍ୟାଙ୍କଗୁଡ଼ିକର ପୁନଃ ଜୀବନ୍ୟାସ ପାଇଁ ବିଭିନ୍ନ ବ୍ୟବସ୍ଥା ମଧ୍ୟ କରାଗଲା - ସେଗୁଡ଼ିକ ମଧ୍ୟରୁ, କେତେକ ସିଧାସଳଖ ପଦକ୍ଷେପ ତ ଆଉ କେତେକ ପରୋକ୍ଷ, ନୀତି-ଆଧାରିତ ପଦକ୍ଷେପ । ତେବେ, ଏ ସମ୍ପର୍କରେ ସବିଶେଷ ଆଲୋଚନା ପୂର୍ବରୁ, ସମସ୍ୟାଟିକୁ ବୁଝିବାକୁ ପଡ଼ିବ ।

**ସମସ୍ୟା :** ବିଶ୍ୱ ଆର୍ଥିକ ସଂକଟ ପୃଷ୍ଠଭୂମିରେ ଅନ୍ୟ ଦେଶ ଭଳି ଭାରତ ମଧ୍ୟ ବିତୀୟ କ୍ଷେତ୍ରରେ ବହୁ ପଦକ୍ଷେପ ନେଇଛି । ଯଦିଓ ଏହାଦ୍ୱାରା, ଭାରତୀୟ ଅର୍ଥନୀତି ସୁସ୍ଥତା ଫେରିପାଇଛି, ତଥାପି କେତେକ ଭୁଲ୍ ପଦକ୍ଷେପ ଯୋଗୁଁ ଦେଶର ବିତିୟ ନିଅଣ୍ଟ ବଢ଼ିଯାଇଛି । ୨୦୦୮-୦୯ ଆର୍ଥିକ ବର୍ଷରେ ଏଫ୍.ଆର୍.ବି.ଏମ୍ ଲକ୍ଷ୍ୟର ସମୀପବର୍ତୀ ହେବାକୁ ଥିବାବେଳେ, ପରେ ପରେ ବିତୀୟ ନିଅଣ୍ଟ ପ୍ରତିଶତ ଦ୍ୱି-ଅଙ୍କ ବିଶିଷ୍ଟ ହେବା ପର୍ଯ୍ୟନ୍ତ ଚାଲିଗଲା । ଫଳସ୍ୱରୂପ, ସକଳ ଘରୋଇ ଉତ୍ପାଦନରେ ହ୍ରାସ, ମୁଦ୍ରାସ୍ଫୀତି ଏବଂ ଚଳନ୍ତି ଖାତାରେ ମଧ୍ୟ ନିଅଣ୍ଟିଆ ପରିସ୍ଥିତି ଉତ୍ପନ୍ନ ହେଲା । ଏତଦ୍‌ବ୍ୟତୀତ, ବିତୀୟ ନିଅଣ୍ଟର ଏପରି ଉଚ୍ଚ ପ୍ରତିଶତ ଯୋଗୁଁ, ମୁଦ୍ରା ନୀତିରେ



Unfiled Notes Page 23



ଏମିତି ପରିବର୍ତ୍ତନ କରାଗଲା, ଯଦ୍ୱାରା, ଦୀର୍ଘ ସମୟ ପର୍ଯ୍ୟନ୍ତ ସୁଧହାର ଉଚ୍ଚ ରହିଲା । ଏସବୁ ଦ୍ୱାରା ଭାରତୀୟ ଅର୍ଥନୀତିର ଭବିଷ୍ୟତକୁ ନେଇ ଏକ ଅନିଶ୍ଚିତତା ସୃଷ୍ଟି ହେଲା ।

ଆର୍ଥିକ କ୍ଷେତ୍ରର ଏକ ଶକ୍ତିଶାଳୀ ସ୍ତମ୍ଭ ହେଉଛି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା । ତେବେ ପାରସ୍ପାରିକ ସମ୍ପର୍କ ଯୋଗୁଁ, ରିଏଲ୍ ସେକ୍ଟର ବା ବାସ୍ତବ କ୍ଷେତ୍ରର ଅନିଶ୍ଚିତତାର ପ୍ରଭାବ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ମଧ୍ୟ ପଡିଥାଏ । ଦୁଇଟି ଭିନ୍ନ ମାର୍ଗ ଦେଇ ଏଭଳି ପ୍ରଭାବ ପଡ଼େ । ପ୍ରଥମଟି ହେଉଛି, ବୃହତ୍ ପରିମାଣର ସରକାରୀ କରଜ ଓ ତଦ୍‌ଜନୀତ ଉଚ୍ଚ ବିତୀୟ ନିଅଣ୍ଟ ଏବଂ ଉଚ୍ଚ ସୁଧହାର ଯୋଗୁଁ ଔଦ୍ୟୋଗିକ ଲାଭ ଉପରେ ପଡୁଥିବା ଚାପ । ଫଳସ୍ୱରୂପ, ସରକାରୀ ବ୍ୟାଙ୍କଗୁଡ଼ିକର ସମତୁଲ୍ୟ ଅନୁପାତରେ (ଲେଭରେଜ ରେସିଓ) ଗଭୀରଭାବେ ହ୍ରାସ ହେଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁଯାୟୀ ଏହି ଅନୁପାତ ୪.୫ ପ୍ରତିଶତ, ଏବଂ ବା ସେଲ୍- ୩ ନିୟମ ଅନୁଯାୟୀ ୩ ପ୍ରତିଶତ ହେବା ଉଚିତ୍ । ତେବେ, କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ହାର ଠାରୁ ଅନେକ ବ୍ୟାଙ୍କ ଗୁଡ଼ିକର ହାର ଯଥେଷ୍ଟ କମ୍ ରହିଲା । ଏଭଳି ନିୟମ ଖିଲାପିର ପ୍ରଭାବ, ବ୍ୟାଙ୍କ ଗୁଡ଼ିକର ଅଣ-କାର୍ଯ୍ୟକ୍ଷମ ସମ୍ପତି ବା ନନ୍ ପରଫର୍‌ମିଙ୍ଗ ଏସେଟ୍ (ଏନ୍‌ପିଏ) ଉପରେ ପଡ଼ିଲା । ଉଚ୍ଚ ଆର୍ଥିକ ଅଭିବୃଦ୍ଧି ସମୟରେ ବ୍ୟାଙ୍କ ଗୁଡ଼ିକର ଏନ୍.ପି.ଏ, ୩ ପ୍ରତିଶତରୁ କମ୍ ରହିଥିଲା । ଅବଶ୍ୟ, ଏହାର କାରଣ ହୋଇପାରେ ନିମ୍ନ ବିତୀୟ ନିଅଣ୍ଟ ଏବଂ ସଙ୍କଟ ପୂର୍ବବର୍ତ୍ତୀ ଅବସ୍ଥାରେ ସରକାରୀ ଜମାରାଶିରେ ବୃଦ୍ଧି । ତେବେ ଆର୍ଥିକ ସଙ୍କଟ ପରବର୍ତ୍ତୀ ପର୍ଯ୍ୟାୟରେ, ସରକାରୀ ବ୍ୟାଙ୍କ ଗୁଡ଼ିକର ଏନ୍‌ପିଏରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବାବେଳେ, ଘରୋଇ

## ମୋଟ ରଣ ତୁଳନାରେ ମୋଟ୍ ଏନ୍‌ପିଏ ପ୍ରତିଶତ

### ସାରଣୀ-୧ : ସରକାରୀ ଓ ଘରୋଇ ବ୍ୟାଙ୍କରୁ ମିଳୁଥିବା ଅଭାସ

| | ସରକାରୀ ବ୍ୟାଙ୍କ | | | | ଘରୋଇ ବ୍ୟାଙ୍କ | | | |
|---|---|---|---|---|---|---|---|---|
| | ମାର୍ଚ୍ଚ ୧୩ | ମାର୍ଚ୍ଚ୧୪ | ମାର୍ଚ୍ଚ୧୫ | ସେପ୍ଟେମ୍ବର୧୫ | ମାର୍ଚ୍ଚ୧୩ | ମାର୍ଚ୍ଚ ୧୪ | ମାର୍ଚ୍ଚ୧୫ | ସେପ୍ଟେମ୍ବର ୧୫ |
| ନିଟ୍ ଏନ୍‌ପିଏ | ୨.୦ | ୨.୭ | ୩.୨ | ୩.୬ | ୦.୫ | ୦.୭ | ୦.୯ | ୦.୯ |
| ପୁନଃ-ବ୍ୟବସ୍ଥିତ ସମ୍ପତି ପ୍ରତିଶତ | ୭.୨ | ୭.୨ | ୮.୧ | ୭.୯ | ୧.୯ | ୨.୩ | ୨.୪ | ୨.୪ |
| ସର୍ବମୋଟ ପୁନଃ ବ୍ୟବସ୍ଥିତ ସମ୍ପତି ପ୍ରତିଶତ | ୧୧.୦ | ୧୧.୯ | ୧୩.୫ | ୧୪.୦ | ୩.୮ | ୪.୨ | ୪.୬ | ୪.୬ |
| ସର୍ବମୋଟ + ପୁନଃ-ବ୍ୟବସ୍ଥିତ + ଛାଡ଼ ହୋଇଥିବା ରଣ ପରିମାଣ (%) | ୧୩.୪ | ୧୪.୧ | ୧୬.୧ | ୧୭.୦ | ୫.୪ | ୬.୪ | ୬.୭ | ୬.୭ |



Unfiled Notes Page 24

ବ୍ୟାଙ୍କଗୁଡ଼ିକ କ୍ଷେତ୍ରରେ ଏହା କିନ୍ତୁ ସୀମା ମଧ୍ୟରେ ରହିଛି । ଏଥିରୁ ବିତିୟ ଓ ଆର୍ଥିକ କ୍ଷେତ୍ରର ନିବିଡ଼ତା ସ୍ପଷ୍ଟ ଅନୁମେୟ । ଅର୍ଥାତ୍, ବିତିୟ କ୍ଷେତ୍ରର ବିଭିନ୍ନ ସୂଚକ ଗୁଡ଼ିକର ସିଧାସଳଖ ପ୍ରଭାବ, ଆର୍ଥିକ ବଜାର ଉପରେ ପଡ଼ିଥାଏ । ବର୍ତମାନ ସରକାରୀ ବ୍ୟାଙ୍କ ଗୁଡ଼ିକର ଏନ୍‌ପିଏ, ୬ ପ୍ରତିଶତରୁ ଅଳ୍ପ ଉର୍ଦ୍ଧ୍ୱରେ ରହିଛି, ଯାହାକି ବେଶ୍ ଉଦ୍‌ବେଗଜନକ । ଏହାଦ୍ୱାରା ବ୍ୟାଙ୍କ ଗୁଡ଼ିକର ଲାଭ ସଙ୍କୁଚିତ ହେବାର ଆଶଙ୍କା ରହିଛି । ଏହାଦ୍ୱାରା, ପୁଞ୍ଜିନିବେଶ ପ୍ରଭାବିତ ହେବା ସହିତ, ଅର୍ଥନୈତିକ ସ୍ୱାସ୍ଥ୍ୟରେ ମଧ୍ୟ ଅବନତି ବଜାୟ ରହିବ ।

ଏପରି ଏନ୍‌ପିଏ ବୃଦ୍ଧିର କାରଣ ମଧ୍ୟ ଜାଣିବା ଆବଶ୍ୟକ । ସାଧାରଣ ଆଶାର ବିପରୀତ, ଏହି ବୃଦ୍ଧି ପଛରେ ସର୍ବନିମ୍ନ ଅବଦାନ ରହିଛି କୃଷି କ୍ଷେତ୍ରର । ତେବେ ୨୦୧୫-୧୬ ବେଳକୁ, ସମ୍ଭବତଃ ଦୁଇଥର ଲାଗ୍ ଲାଗ୍ ମରୁଡ଼ି ଯୋଗୁଁ କୃଷି ଋଣ ପରିମାଣ ବୃଦ୍ଧି ପାଇଥିଲା । ଅନ୍ୟପକ୍ଷରେ, ବିଶେଷ ଭାବରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଏନ୍‌ପିଏ ପ୍ରତି ଯୋଗଦାନ ଅଧିକ ରହିଛି । ଉଦ୍ୟୋଗ ଜଗତର ମନ୍ଥରଗତି ଯୋଗୁଁ ଏଭଳି ହୋଇଥିବାର ଅନୁମାନ କରାଯାଏ ।

**ପ୍ରଭାବ** :- ବ୍ୟାଙ୍କିଙ୍ଗ କ୍ଷେତ୍ରର ଏଭଳି ଏନ୍‌ପିଏର ସମଗ୍ର ଅର୍ଥନୀତି ଉପରେ କି ପ୍ରକାର ପ୍ରଭାବ ପଡ଼େ ? ଋଣ ମାଧ୍ୟମ ଓ ସୁଧ ମାଧ୍ୟମ ନେଇ ଏହାର ଆକଳନ କରାଯାଇପାରେ । ନିକଟ ଅତୀତରେ, ମୁଦ୍ରାସ୍ଫୀତି ମୁକାବିଲା ପାଇଁ କୋମଳ ପଦ୍ଧତି ଏବଂ ଆନ୍ତର୍ଜାତିକ ବଜାରରେ ତୈଳ ଦର ହ୍ରାସ ଯୋଗୁଁ ଘରୋଇ ମୁଦ୍ରାସ୍ଫୀତି ହାର ୫.୬ ପ୍ରତିଶତକୁ ଖସି ଆସିଛି । ଏଥିପାଇଁ ଆଶାକରାଯାଉଥିଲା ଯେ ସୁଧହାର ମଧ୍ୟ ନୀତିଗତ ଭାବେ ହ୍ରାସ କରାଯିବ ।



ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ, ଅତି ସନ୍ତର୍ପଣରେ, ୨୦୧୪ ଡିସେମ୍ବର ମାସରୁ ରିପୋରେଟ୍ (ଯେଉଁ ସୁଧହାରରେ କେନ୍ଦ୍ରୀୟ ବ୍ୟାଙ୍କ, ଅନ୍ୟ ବ୍ୟାଙ୍କ ଗୁଡ଼ିକୁ ଋଣ ଦିଏ)ରେ ୧୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି । ତେବେ, ବ୍ୟାଙ୍କ ଗୁଡ଼ିକ ଋଣ ଦେବାବେଳେ, ସୁଧହାରରେ ମାତ୍ର ୪୦ ବେସିସ୍ ପଏଣ୍ଟ ହ୍ରାସ କରିଛନ୍ତି । (ଉଭୟ ସରକାରୀ ଓ ଘରୋଇ ବ୍ୟାଙ୍କ) । ଏତଦ୍‌ବ୍ୟତୀତ, ଜମା ରାଶି ପରିମାଣ ହ୍ରାସ କରିବାରେ ମଧ୍ୟ ବ୍ୟାଙ୍କଗୁଡ଼ିକ ପାଖରେ ଯଥେଷ୍ଟ ସ୍ୱାଧୀନତା ନାହିଁ । କାରଣ, ନିଜନିଜର ସମତୁଲ ଅନୁପାତ ବା ଲେଭରେଜ ରେସିଓ ବୃଦ୍ଧି କରିବାକୁ, ବ୍ୟାଙ୍କଗୁଡ଼ିକୁ ଅଧିକ ପରିମାଣର ଜମାରାଶି ସଂଗ୍ରହ କରିବାକୁ ପଡ଼ିବ । ଏହାର ଅର୍ଥ ହେଉଛି, କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରାନୀତିଠୁ ଆରମ୍ଭ କରି ପୁଞ୍ଜିନିବେଶ ପର୍ଯ୍ୟନ୍ତ, ବିଭିନ୍ନ ଅନ୍ତରାୟ ରହିଛି । କାରଣ, ପୁଞ୍ଜିନିବେଶ ଚକ୍ରର ପୁନରୁଥିଥାନ ପାଇଁ, ରିପୋରେଟ୍ ହ୍ରାସର କୌଣସି ପ୍ରଭାବ ପରିଦୃଶ୍ୟ ହେଲାନାହିଁ । ତେଣୁ ନିଜନିଜର ବଳକା ଖାତାକୁ ବ୍ୟବସ୍ଥିତ କରିବା ସକାଶେ, ବର୍ତମାନ ବ୍ୟାଙ୍କ ଗୁଡ଼ିକୁ ଆବଶ୍ୟକ ଲିକ୍ୟୁଡିଟି ବା ପାଣ୍ଠି । ଋଣ ହାର ଏବଂ ପୁଞ୍ଜିନିବେଶ ମଧ୍ୟରେ ସମ୍ପର୍କ ଭାଙ୍ଗିଯିବା କାରଣରୁ, ରିପୋରେଟ୍ ଆଉ ହ୍ରାସ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ଅନିଚ୍ଛା ପ୍ରକାଶ କରୁଛି । ଏହାଦ୍ୱାରା, ଘରୋଇ ପୁଞ୍ଜିନିବେଶ ଏବଂ ଅଭିବୃଦ୍ଧି ବାଧାପ୍ରାପ୍ତ ହେଉଛି । ଏନ୍‌ପିଏ ବୃଦ୍ଧି ପୃଷ୍ଠଭୂମିରେ, ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ମଧ୍ୟ କହିଛି ଯେ, ଭାରତୀୟ ଅର୍ଥନୈତିକ ବ୍ୟବସ୍ଥାରେ ଦୁର୍ବଳତା ବୃଦ୍ଧିପାଇଛି । ଏହାର ଏକ ରିପୋର୍ଟରେ ଉଲ୍ଲେଖ ଅଛି -

## ସାରଣୀ-୨ : ବିଭିନ୍ନ କ୍ଷେତ୍ରରୁ ଆଦାୟ ହୋଇପାରିନଥିବା ସମ୍ପତି

### ସମସ୍ତ ବ୍ୟାଙ୍କ - ମୋଟ୍ + ପୁନଃ ବ୍ୟବସ୍ଥିତ + ଛାଡ଼ ହୋଇଥିବା ଋଣ (%)

| | ମାର୍ଚ୍ଚ ୧୩ | ମାର୍ଚ୍ଚ ୧୪ | ମାର୍ଚ୍ଚ ୧୫ | ସେପ୍ଟେମ୍ବର ୧୫ |
|---|---|---|---|---|
| କୃଷି | ୮.୨ | ୭.୪ | ୭.୫ | ୭.୯ |
| ଅଣୁ ଉଦ୍ୟୋଗ | ୧୦.୨ | ୧୦.୦ | ୧୦.୫ | ୧୨.୩ |
| କ୍ଷୁଦ୍ର ଉଦ୍ୟୋଗ | ୧୩.୨ | ୧୩.୩ | ୧୪.୮ | ୧୬.୮ |
| ମଧ୍ୟମ ଉଦ୍ୟୋଗ | ୨୦.୨ | ୨୩.୬ | ୨୭.୦ | ୩୧.୫ |
| ବୃହତ ଉଦ୍ୟୋଗ | ୧୬.୩ | ୧୯.୦ | ୨୩.୦ | ୨୩.୭ |

'ଭାରତରେ, ମୁଦ୍ରାସ୍ଫିତୀ ଖୁବ୍ ଶୀଘ୍ର ହ୍ରାସ ପାଇଥିଲେ ସୁଦ୍ଧା ଭବିଷ୍ୟତରେ ଉଚ୍ଚ ମୁଦ୍ରାସ୍ଫୀତିର ଆଶଙ୍କା ଏବଂ ଉଚ୍ଚ ବିତୀୟ ନିଅଣ୍ଟ ହେଉଛି ଭାରତୀୟ ଅର୍ଥନୀତି କ୍ଷେତ୍ରରେ ବଡ଼ ଆହ୍ୱାନ । ଏଥିପାଇଁ ମୁଦ୍ରାନୀତିକୁ କଡ଼ାକଡ଼ି କରାଯିବା ଉଚିତ୍ । ବିତୀୟ ସୁଦୃଢ଼ୀକରଣ ପ୍ରୟାସ ଚାଲୁ ରହିବା ଉଚିତ୍ । ଏଥିପାଇଁ ଲୋଡ଼ା, ବୃହତ୍ କର ସଂସ୍କାର ଓ ରିହାତି ହ୍ରାସ । ଔଦ୍ୟୋଗିକ ଜଗତର ଆର୍ଥିକ ସ୍ଥିତି ଓ ସରକାରୀ ବ୍ୟାଙ୍କ୍‌ଗୁଡ଼ିକର ବର୍ତମାନ ବ୍ୟବସ୍ଥା ପ୍ରତି ଧ୍ୟାନ ନଦେଲେ, ଏହାର ଆର୍ଥିକ ସ୍ଥିରତା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି ।' (ଆଇଏମ୍‌ଏଫ୍-୨୦୧୬)

### ବଜେଟ୍‌ରେ ବ୍ୟବସ୍ଥା :

ଅର୍ଥାଭାବ ଗ୍ରସ୍ତ ବ୍ୟାଙ୍କ ଗୁଡ଼ିକୁ ଏହି ସଙ୍କଟରୁ ମୁକ୍ତ କରିବାକୁ କେନ୍ଦ୍ର ସରକାର ବଜେଟ୍‌ରେ ୨୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି । ଆବଶ୍ୟକ ପଡ଼ିଲେ ଆହୁରି ଅର୍ଥ ଦିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । ତେବେ, ଏହି ପ୍ରତ୍ୟକ୍ଷ ପଦକ୍ଷେପ ବ୍ୟତିରକେ ଆଉ ଅନ୍ୟ କେତେକ ପରୋକ୍ଷ ପଦକ୍ଷେପ ଦ୍ୱାରା ମଧ୍ୟ ବ୍ୟାଙ୍କଗୁଡ଼ିକୁ ପ୍ରଭାବିତ କରାଯାଇପାରେ । ସେଗୁଡ଼ିକ ମଧ୍ୟରେ ରହିଛି, ଅବୈଧ ଜମା ପ୍ରତିହତ କରିବାକୁ ଆବଶ୍ୟକ ଆଇନ୍ ପ୍ରଣୟନ, ଋଣ ଆଦାୟ ଅଦାଲତ ବା ଡେଟ୍ ରିକଭରୀ ଟ୍ରିବ୍ୟୁନାଲ ଆଇନ୍‌କୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେଥିରେ ପରିବର୍ତନ, ସିକ୍ୟୁରିଟିଜ୍ ଆପେଲଟ୍ ଟ୍ରିବ୍ୟୁନାଲର ଶାଖା ଓ ସଦସ୍ୟ ସଂଖ୍ୟାରେ ବୃଦ୍ଧି ଏବଂ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଅର୍ଥ ପରିମାଣକୁ ୧ ଲକ୍ଷ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ଭଳି ପଦକ୍ଷେପ । ଏହିସବୁ ପଦକ୍ଷେପ ଦ୍ୱାରା ଋଣ ପରିମାଣ ବୃଦ୍ଧି ପାଇବ । ତେବେ, ଏହାଦ୍ୱାରା ସବୁ ସମସ୍ୟାର ସମାଧାନ ହେବ ନାହିଁ । ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ପୁନଃ-ବ୍ୟବସ୍ଥିତ କରିବାପାଇଁ ଆହୁରି ଅନେକ କିଛି କରିବାର ଆବଶ୍ୟକତା ରହିଛି । ବ୍ୟାଙ୍କ ଗୁଡ଼ିକରେ ସୁ-ପ୍ରଶାସନକୁ ନେଇ ପି. ଜେ. ନାଏକ କମିଟି ପ୍ରସ୍ତାବ ଗୁଡ଼ିକ ଉପରେ ଧ୍ୟାନଦେବାକୁ ପଡିବ ।

ସେଗୁଡ଼ିକ ମଧ୍ୟରୁ କେତେକ ସୁପାରିଶ ନିମ୍ନରେ ପ୍ରଦତ ହେଲା:-

- ବ୍ୟାଙ୍କ ଜାତୀୟ କରଣ ଅଧିନିୟମ ୧୯୭୦, ୧୯୮୦, ଏସ୍‌ବିଆଇ ଅଧିନିୟମ ଏବଂ ଏସ୍‌ବିଆଇ (ସହଯୋଗୀ ବ୍ୟାଙ୍କ) ଅଧିନିୟମ ଗୁଡ଼ିକର ପ୍ରତ୍ୟାହାର ।
- ସବୁ ବ୍ୟାଙ୍କଗୁଡ଼ିକୁ କମ୍ପାନୀ ଅଧିନିୟମ ଅନ୍ତର୍ଭୁକ୍ତ କରିବା ଏବଂ ବ୍ୟାଙ୍କ ପୁଞ୍ଜିନିବେଶ କମ୍ପାନି ଗଠନ ।
- ବ୍ୟାଙ୍କ ଗୁଡ଼ିକରେ ସରକାରୀ ପୁଞ୍ଜିକୁ ୫୦ ପ୍ରତିଶତରୁ ତଳକୁ ହ୍ରାସ କରିବା ।
- ଶୀର୍ଷ ପ୍ରବନ୍ଧନ କ୍ଷେତ୍ରରେ ଯୁବପିଢ଼ୀଙ୍କୁ ସ୍ଥାନ ଦେବା ସକାଶେ ମାନବ ସମ୍ବଳ ନୀତି ପ୍ରଣୟନ ।
- ବିକାଶ ଲକ୍ଷ୍ୟ ପ୍ରାପ୍ତିପାଇଁ ସରକାରୀ ବ୍ୟାଙ୍କଗୁଡ଼ିକୁ ସରକାର ନିର୍ଦ୍ଦେଶ ଦେବା ଅନୁଚିତ୍ । ଏତଦ୍‌ବ୍ୟତୀତ ନିୟନ୍ତ୍ରଣଜନିତ ନିର୍ଦ୍ଦେଶ ଦେବା ମଧ୍ୟ ବନ୍ଦ ହେବା ଉଚିତ୍ ।

ଏତଦ୍‌ବ୍ୟତୀତ ସମ୍ପତି ପୁନର୍ଗଠନ କମ୍ପାନୀ ଏବଂ ଏହାର ନିୟନ୍ତ୍ରଣ ଉପରେ ମଧ୍ୟ ସରକାର ଧ୍ୟାନ ଦେବା ଉଚିତ୍ । ଏକ ଜାତୀୟ ସମ୍ପତି ପ୍ରବନ୍ଧନ କମ୍ପାନୀ (ନାସ୍‌କୋ) ଗଠନ କରି, ବ୍ୟାଙ୍କ ଗୁଡ଼ିକର ଚାପଗ୍ରସ୍ତ ସମ୍ପତିକୁ ଉଚିତ୍ ସମୟରେ ଏବଂ ଉଚିତ୍ ମୂଲ୍ୟରେ ବିକ୍ରି କରାଯିବାର ପ୍ରସ୍ତାବ ମଧ୍ୟ ରହିଛି । ଅବଶ୍ୟ, ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ 'ଜ୍ଞାନ ସଂଗମ' (ବ୍ୟାଙ୍କର ଉଚ୍ଚ ପଦାଧିକାରୀ, ଆର୍‌ବିଆଇ ଓ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ ବାର୍ଷିକ ବୈଠକ) ମାଧ୍ୟମରେ ବ୍ୟାଙ୍କ ଗୁଡ଼ିକର ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯାଉଛି । ଚଳିତ ବଜେଟ୍‌ରେ କରାଯାଇଥିବା ବ୍ୟବସ୍ଥା ଏବଂ ପୂର୍ବରୁ ଥିବା ଅନେକ ସୁପାରିଶକୁ କାର୍ଯ୍ୟକାରୀ କରାଗଲେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଏନ୍‌ପିଏ ସମସ୍ୟା ସମାଧାନ ଦିଗରେ ଏହା ସହାୟକ ହୁଅନ୍ତା । କାରଣ, ପୁଞ୍ଜିନିବେଶକୁ ପୁନରୁଜ୍ଜୀବିତ କରିବାକୁ ହେଲେ, ବ୍ୟାଙ୍କ ଗୁଡ଼ିକର ବଳକା ଖାତାକୁ ଅଧିକ ସଶକ୍ତ କରିବାକୁ ପଡ଼ିବ ।

**ଲେଖକ ଦ୍ୱୟ, ନୂଆଦିଲ୍ଲୀସ୍ଥିତ ପବ୍ଲିକ ଫାଇନାନ୍ସ ଓ ପଲିସି ଜାତୀୟ ଅନୁଷ୍ଠାନରେ କାର୍ଯ୍ୟରତ ।**

# କେନ୍ଦ୍ର ବଜେଟ୍ ୨୦୧୬-୧୭ରେ ଶିକ୍ଷା ପାଇଁ ବ୍ୟବସ୍ଥା

ପ୍ରତିଭା କୁଣ୍ଡୁ


**୨୦୧୬-୧୭ ପାଇଁ କେନ୍ଦ୍ର ସରକାରଙ୍କ ଶିକ୍ଷା ବଜେଟ୍, ସକଳ ଘରୋଇ ଉତ୍ପାଦର ୦.୪୮ ପ୍ରତିଶତ ଅଛି । ଏହା ୨୦୧୫-୧୬ ବର୍ଷରେ ସଂଶୋଧିତ ବଜେଟ୍‌ରେ ୦.୫୦ ପ୍ରତିଶତ ଥିଲା । ସେହିଭଳି, ବଜେଟ୍‌ର ଅଂଶ ଭାବେ ଶିକ୍ଷା ପାଇଁ ଖର୍ଚ୍ଚ ପରିମାଣ ୩.୮ ପ୍ରତିଶତରୁ ୩.୭ ପ୍ରତିଶତକୁ ଖସିଆସିଛି । ୨୦୧୬-୧୭ ବଜେଟ୍‌ରେ ଏହି ମନ୍ତ୍ରଣାଳୟ ପାଇଁ ୭୨୩୯୪ କୋଟି ଟଙ୍କା ଆବଣ୍ଟିତ ହୋଇଛି, ଯାହାର ୬୦ ପ୍ରତିଶତ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ପାଇଁ ଏବଂ ୪୦ ପ୍ରତିଶତ ଉଚ୍ଚଶିକ୍ଷା ପାଇଁ ସଂରକ୍ଷିତ । ତେବେ, ସମୟକ୍ରମେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ବଜେଟ୍‌ରେ ବର୍ଷକୁ ବର୍ଷ, ଉଚ୍ଚଶିକ୍ଷା ପାଇଁ ଅଧିକ ବ୍ୟୟ ବରାଦ କରାଯାଇଛି ।**

**ବି**ତିୟ ନୀତି କ୍ଷେତ୍ରରେ ୨୦୧୫-୧୬ ବର୍ଷଟି ଭାରତୀୟ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଦେଶର ବିତିୟ ଢ଼ାଂଚାରେ ଯେଉଁ ପଦକ୍ଷେପଗୁଡ଼ିକ ଯୋଗୁଁ ପରିବର୍ତ୍ତନ ଆସିଥିଲା, ସେଗୁଡ଼ିକ ହେଉଛି- ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରିଶ ଯୋଗୁଁ, କେନ୍ଦ୍ରୀୟ ଟିକସରେ ରାଜ୍ୟମାନଙ୍କୁ ବର୍ଦ୍ଧିତ ଅଂଶ ପ୍ରଦାନ, ରାଜ୍ୟଗୁଡ଼ିକ ପାଇଁ କେନ୍ଦ୍ରୀୟ ଅନୁଦାନରେ ହ୍ରାସ ଓ ଯୋଜନା ଆୟୋଗର ପୁନର୍ବିନ୍ୟାସ । ଏହି ସବୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପୃଷ୍ଠଭୂମିରେ ଶିକ୍ଷା କ୍ଷେତ୍ର ପାଇଁ କେନ୍ଦ୍ର ବଜେଟ୍ ୨୦୧୬-୧୭ର ବିଶ୍ଳେଷଣ ଆବଶ୍ୟକ ।



**୧. ବଜେଟ୍‌ରେ ଶିକ୍ଷା କ୍ଷେତ୍ର ପାଇଁ ବ୍ୟବସ୍ଥା :** ଲୋକସଭାରେ ବଜେଟ୍ ଉପସ୍ଥାପନ କରିବା ଅବସରରେ ଅର୍ଥମନ୍ତ୍ରୀ, ଦେଶର ବିକାଶ ତ୍ୱରାନ୍ୱିତ କରିବା ସକାଶେ ନଅଟି ସ୍ତମ୍ଭ ବିଷୟରେ ପ୍ରକାଶ କରିଥିଲେ । ଅର୍ଥମନ୍ତ୍ରୀ, ଶିକ୍ଷାକୁ ତୃତୀୟ ସ୍ତମ୍ଭ ରୂପକ ସାମାଜିକ କ୍ଷେତ୍ରରେ ଅନ୍ତର୍ଭୁକ୍ତ ନ କରି, ଶିକ୍ଷା, କୌଶଳ ଓ ନିଯୁକ୍ତି ସୁଯୋଗକୁ ଚତୁର୍ଥ ସ୍ତମ୍ଭ ଭାବେ ଉଲ୍ଲେଖ କଲେ । ୨୦୧୬-୧୭ ପାଇଁ କେନ୍ଦ୍ର ସରକାରଙ୍କ ଶିକ୍ଷା ବଜେଟ୍, ସକଳ ଘରୋଇ ଉତ୍ପାଦର ୦.୪୮ ପ୍ରତିଶତ ଅଛି । ଏହା ୨୦୧୫-୧୬ ବର୍ଷରେ ସଂଶୋଧିତ ବଜେଟ୍‌ରେ ୦.୫୦ ପ୍ରତିଶତ ଥିଲା । ସେହିଭଳି, ବଜେଟ୍‌ର ଅଂଶ ଭାବେ ଶିକ୍ଷା ପାଇଁ ଖର୍ଚ୍ଚ ପରିମାଣ ୩.୮ ପ୍ରତିଶତରୁ ୩.୭


**ଚିତ୍ର ୧ : ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବଜେଟ୍ ବ୍ୟବସ୍ଥା (%)**



ପ୍ରତିଶତକୁ ଖସିଆସିଛି ।(ଚିତ୍ର-୧)

କେନ୍ଦ୍ର ସରକାରଙ୍କ ଶିକ୍ଷା ସମ୍ବନ୍ଧୀୟ ଖର୍ଚ୍ଚର ପ୍ରାୟ ୭୦ ପ୍ରତିଶତ ଅକ୍ତିଆର କରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ । ୨୦୧୬-୧୭ ବଜେଟ୍‌ରେ ଏହି ମନ୍ତ୍ରଣାଳୟ ପାଇଁ ୭୨୩୯୪ କୋଟି ଟଙ୍କା ଆବଣ୍ଟିତ ହୋଇଛି, ଯାହାର ୬୦ ପ୍ରତିଶତ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ପାଇଁ ଏବଂ ୪୦ ପ୍ରତିଶତ ଉଚ୍ଚଶିକ୍ଷା ପାଇଁ ସଂରକ୍ଷିତ। ତେବେ, ସମୟକ୍ରମେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ବଜେଟ୍‌ରେ ବର୍ଷକୁ ବର୍ଷ, ଉଚ୍ଚଶିକ୍ଷା ପାଇଁ ଅଧିକ ବ୍ୟୟ ବରାଦ କରାଯାଇଛି ।

**ଚିତ୍ର୨- ବିଭାଗ ଅନୁଯାୟୀ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ବଜେଟ୍ (%)**




**୨. (କ) ବିଦ୍ୟାଳୟ ଶିକ୍ଷା ପାଇଁ ବଜେଟ୍ ବ୍ୟବସ୍ଥା :** ବଜେଟ୍ ଅଭିଭାଷଣରେ ଅର୍ଥମନ୍ତ୍ରୀ, ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏଥିପାଇଁ, ଗୁଣାତ୍ମକ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରିଛନ୍ତି । ତେବେ, ବଜେଟ୍ ପ୍ରସ୍ତାବରେ ଶିକ୍ଷା ଅଧିକାର କିମ୍ବା ମାଧ୍ୟମିକ ଶିକ୍ଷା ସଂପର୍କରେ ଆଶ୍ଚର୍ଯ୍ୟଜନକ ଭାବେ କୌଣସି ବିଷୟ ସ୍ଥାନ ପାଇନାହିଁ ।

ଭାରତ, ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସାର୍ବଜନୀନ ନାମଲେଖା ଲକ୍ଷ ପ୍ରାପ୍ତ କରିସାରିଛି । (ପ୍ରଥମରୁ ପଂଚମ ଶ୍ରେଣୀ) । ତେବେ, ତଥ୍ୟ ଅନୁଯାୟୀ (୨୦୧୧ ଜନଗଣନା), ୬-୧୪ ବର୍ଷ ବୟସ୍କ ଶିଶୁଙ୍କ ମଧ୍ୟରୁ ୪.୩ କୋଟି ଶିଶୁ ବିଦ୍ୟାଳୟକୁ ଯାଉନାହାନ୍ତି । ସେହି ବୟସ ଗୋଷ୍ଠୀରେ ଏମାନଙ୍କ ପ୍ରତିଶତ ହେଉଛି ୧୮ । କେବଳ ନାମ ଲେଖା କାହିଁକି, ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ମଧ୍ୟ ଗତ କିଛିବର୍ଷ ଧରି ସ୍ଥିତି ଚିନ୍ତାଜନକ ରହିଛି । ୨୦୦୯ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ସମୟବଦ୍ଧ ଭାବରେ ସମସ୍ତ ଶିଶୁଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ତଥାପି, ଏହି ଆଇନ ପ୍ରଣୟନ ହେବାର ପାଂଚବର୍ଷ ପରେ ମଧ୍ୟ କେବଳ ଆଠ ପ୍ରତିଶତ ବିଦ୍ୟାଳୟରେ ଆବଶ୍ୟକ ଭିତିଭୂମି ରହିଛି । ଉଦାହରଣ ସ୍ୱରୂପ, ସରକାରୀ ବିଦ୍ୟାଳୟଗୁଡ଼ିକରେ ୯.୪ ଲକ୍ଷ ଶିକ୍ଷକଙ୍କ ଅଭାବ ରହିଛି । ୮.୩ ପ୍ରତିଶତ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କେବଳ ଜଣେ ଲେଖାଏଁ ଶିକ୍ଷକ ବା ଶିକ୍ଷୟତ୍ରୀ ଅଛନ୍ତି । ସେହିପରି, ସରକାରୀ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟ କରୁଥିବା ଶିକ୍ଷକ ଗୋଷ୍ଠୀଙ୍କ ପ୍ରାୟ ୨୦ ପ୍ରତିଶତ ହେଉଛନ୍ତି ଅଣ-ପ୍ରଶିକ୍ଷିତ । ଗତ ପାଂଚବର୍ଷ ମଧ୍ୟରେ ପ୍ରଶିକ୍ଷିତ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସଂଖ୍ୟା ପ୍ରାୟ ସ୍ଥିର ରହିଛି । ତେଣୁ ଏହି ଆଇନର ସଫଳ କାର୍ଯ୍ୟାନ୍ୱୟନ ପାଇଁ ପର୍ଯ୍ୟାପ୍ତ ଅର୍ଥ ଆବଶ୍ୟକ । ତଥାପି, ଚଳିତ ବର୍ଷ ବିଦ୍ୟାଳୟ ଶିକ୍ଷା ବିଭାଗ ପାଇଁ ଆବଣ୍ଟିତ ଅର୍ଥ ପରିମାଣ, ଗତ ଆର୍ଥିକ ବର୍ଷର ସଂଶୋଧିତ ବଜେଟ୍‌ର ମାତ୍ର ୩.୨ ପ୍ରତିଶତ ।


**(ଖ) ଶିକ୍ଷା ଅଧିକାର ପାଇଁ ଖର୍ଚ୍ଚ :** ଶିକ୍ଷା ଅଧିକାର ଆଇନ (୨୦୦୯) ଲାଗୁ କରିବାର ମୁଖ୍ୟ ମାଧ୍ୟମ ହେଉଛି ସର୍ବଶିକ୍ଷା ଅଭିଯାନ । ଏଥିପାଇଁ ଚଳିତ ବର୍ଷ ବଜେଟ୍‌ରେ ୨୨,୫୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି । ୨୦୧୫-୧୬ ସଂଶୋଧିତ ବଜେଟ୍ ଅପେକ୍ଷା ଏଥିରେ ମାତ୍ର ୨.୨. ପ୍ରତିଶତ ବୃଦ୍ଧି ଘଟିଛି । ଏହି ଅର୍ଥର ୬୫ ପ୍ରତିଶତ, ପ୍ରାରମ୍ଭିକ ଶିକ୍ଷା ସେସ୍ ମାଧ୍ୟମରେ ପୂରଣ କରିବାକୁ ଥିବା ବେଳେ, ୨୯ ପ୍ରତିଶତ ବଜେଟ୍‌ରୁ ଏବଂ ଅବଶିଷ୍ଟ ୬ ପ୍ରତିଶତ ବ୍ୟବସ୍ଥା ବାହ୍ୟ ସହାୟତା ପ୍ରାପ୍ତ ପ୍ରକଳ୍ପ ମାଧ୍ୟମରେ ହାସଲ କରିବାର ବ୍ୟବସ୍ଥା କରାଯାଇଛି । ନିକଟ ଅତୀତର ଏକ ସିଏଜି ରିପୋର୍ଟ ଅନୁଯାୟୀ ୨୦୧୪-୧୫ ମସିହା ବଜେଟ୍‌ରେ ସର୍ବଶିକ୍ଷା ଅଭିଯାନ ପାଇଁ ୨୭,୫୭୫ କୋଟି ଟଙ୍କାର ପ୍ରାବଧାନ କରାଯାଇଥିବା ବେଳେ, ସଂଶୋଧିତ ବଜେଟ୍‌ରେ ୫୨୫୬ କୋଟି ଟଙ୍କା ହ୍ରାସ କରାଯାଇଥିଲା । ଏହା ପଛର କାରଣ ଥିଲା ଶିକ୍ଷା ସେସ୍ (ଟିକସ) ଆଦାୟ ନ ହୋଇ ପାରିବା । (ସିଏଜି-୨୦୧୫)

ପୁନଶ୍ଚ, ନୀତି ଆୟୋଗ ସୁପାରିଶ



ଅନୁଯାୟୀ, କେନ୍ଦ୍ର ସରକାର, ସର୍ବଶିକ୍ଷା ଅଭିଯାନରେ ନିଜ ଅଂଶଧନ ୬୫ ପ୍ରତିଶତରୁ ୬୦ ପ୍ରତିଶତକୁ ଖସାଇ ଦେଇଛନ୍ତି । ୨୦୧୬-୧୭ ମସିହାଠାରୁ ଏହି ବ୍ୟବସ୍ଥା ସମସ୍ତ ସାଧାରଣ ବର୍ଗ ରାଜ୍ୟଗୁଡ଼ିକ ପାଇଁ ଲାଗୁ ହେବ । କହିବା ବାହୁଲ୍ୟ ଶିକ୍ଷା ଅଧିକାର ଆଇନର ସଫଳ କାର୍ଯ୍ୟକାରିତା ପାଇଁ, ରାଜ୍ୟଗୁଡ଼ିକ ଦ୍ୱାରା ବର୍ଦ୍ଧିତ ପାଣ୍ଠି ପ୍ରଦାନ କରିବାର କ୍ଷମତା ରହିବା ଦରକାର ।

**ଚିତ୍ର ୩ : ସେସ୍ ମାଧ୍ୟମରେ ସର୍ବଶିକ୍ଷା ଅଭିଯାନ ପାଇଁ ପାଣ୍ଠି ବ୍ୟବସ୍ଥା (%)**




ମାଧ୍ୟମିକ ସ୍ତରରେ, ଗୁଣାତ୍ମକ ଶିକ୍ଷାଦାନ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । କାରଣ, ଏହା ହେଉଛି ପ୍ରାଥମିକ ଓ ଉଚ୍ଚଶିକ୍ଷା ମଧ୍ୟରେ ଏକ ସଂଯୋଗକାରୀ । ତେବେ, ପ୍ରାଥମିକ ସ୍ତରରେ ସାର୍ବଜନୀନ ନାମଲେଖା ଲକ୍ଷ୍ୟ ପ୍ରାୟତଃ ପ୍ରାପ୍ତି ହୋଇଥିବା ବେଳେ, ମାଧ୍ୟମିକ ସ୍ତରରେ ମାତ୍ର ୬୨ ପ୍ରତିଶତ (୧୫ରୁ ୧୮ ବର୍ଷ) ପିଲା ନାମ ଲେଖାଇଛନ୍ତି (ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) । ଏହି ଦୃଷ୍ଟିରୁ ଚଳିତ ବଜେଟ୍‌ରେ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଉଦ୍ଦିଷ୍ଟ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ପାଇଁ ୩୭୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ୨୦୧୫-୧୬ର ସଂଶୋଧିତ ବଜେଟ୍ ଅପେକ୍ଷା ଏହି ପରିମାଣ ୧୩୫ କୋଟି ଟଙ୍କା ଅଧିକ । ତେବେ ଏଥିରେ ମଧ୍ୟ କେନ୍ଦ୍ର ସରକାର ନିଜ ଅଂଶଧନ ବାବଦକୁ ୭୫ ପ୍ରତିଶତ ପରିବର୍ତ୍ତେ ୬୦ ପ୍ରତିଶତ ବହନ କରିବେ । ତେଣୁ, ୨୫ ପ୍ରତିଶତ ବଦଳରେ ଏଣିକି ରାଜ୍ୟଗୁଡ଼ିକର ଅଂଶଧନ ୪୦ ପ୍ରତିଶତକୁ ବୃଦ୍ଧି ପାଇଛି ।

ବିଦ୍ୟାଳୟ ସ୍ତରରେ ଶିକ୍ଷିତ ଓ ପ୍ରଶିକ୍ଷିତ ଶିକ୍ଷକ ଅଭାବ ସତ୍ତ୍ୱେ, ଚଳିତ ବଜେଟ୍‌ରେ ଶିକ୍ଷକ ପ୍ରଶିକ୍ଷଣ ଓ ପ୍ରୌଢ଼ଶିକ୍ଷା ପାଇଁ ଆବଣ୍ଟନ ପରିମାଣ ହ୍ରାସ କରାଯାଇଛି । ସେହିପରି ମାଦ୍ରାସା ଓ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଶିକ୍ଷା ପାଇଁ ମଧ୍ୟ ବଜେଟ୍ ଆବଣ୍ଟନ ହ୍ରାସ ପାଇଛି ।

**୩. ଉଚ୍ଚଶିକ୍ଷା ପାଇଁ ବଜେଟ୍ ବ୍ୟବସ୍ଥା :** ଦେଶର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ଉନ୍ନତି ପାଇଁ ଚଳିତ ବଜେଟ୍‌ରେ ଉଲ୍ଲେଖ ରହିଛି । ସେହି ଅନୁସାରେ ଏଥିପାଇଁ ୨୮

**ସାରଣୀ : ୧ : କେତେକ ନିର୍ଦ୍ଦିଷ୍ଟ ଶିକ୍ଷା ଯୋଜନା ପାଇଁ ବଜେଟ୍ ଆବଣ୍ଟନ**

| ଯୋଜନା | ୨୦୧୪-୧୫ | ୨୦୧୫-୧୬ (ବଜେଟ୍ ଆକଳନ) | ୨୦୧୫-୧୬ (ସଂଶୋଧିତ ଆକଳନ) | ୨୦୧୬-୧୭ |
|---|---|---|---|---|
| ସର୍ବଶିକ୍ଷା ଅଭିଯାନ | ୨୪୦୯୭ | ୨୨୦୦୦ | ୨୨୦୧୫ | ୨୨୫୦୦ |
| ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ | ୩୩୯୮ | ୩୫୬୫ | ୩୫୬୫ | ୩୭୦୦ |
| ଶିକ୍ଷକ ପ୍ରଶିକ୍ଷଣ ଓ ସାକ୍ଷର ଭାରତ ଯୋଜନା | ୧୧୫୮ | ୧୩୯୭ | ୧୨୦୩ | ୮୭୯ |
| କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ | ୩୨୪୩ | ୩୨୭୮ | ୩୨୭୮ | ୩୭୯୫ |
| ନବୋଦୟ ବିଦ୍ୟାଳୟ ସଂଗଠନ | ୨୦୧୩ | ୨୦୬୧ | ୨୨୮୫ | ୨୪୭୧ |
| ମଧ୍ୟାହ୍ନ ଭୋଜନ ଯୋଜନା | ୧୦୫୨୩ | ୯୨୩୬ | ୯୨୩୬ | ୯୭୦୦ |

**ସାରଣୀ : ୨: ଉଚ୍ଚଶିକ୍ଷା କ୍ଷେତ୍ରରେ ବଜେଟ୍ ଆବଣ୍ଟନ (କୋଟି ଟଙ୍କାରେ)**

| ବିଭାଗ | ୨୦୧୫-୧୬ (ବଜେଟ୍ ଆକଳନ) | ୨୦୧୫-୧୬ (ସଂଶୋଧିତ ଆକଳନ) | ୨୦୧୬-୧୭ (ବଜେଟ୍ ଆବଣ୍ଟନ) |
|---|---|---|---|
| ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ | ୯୬୧୫ | ୯୩୧୫ | ୪୪୯୧ |
| କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଅନୁଦାନ | | | ୬୩୫୬ |
| ବିଦ୍ୟାର୍ଥୀଙ୍କ ପାଇଁ ଆର୍ଥିକ ସହାୟତା | ୨୩୭୩ | ୨୧୬୩ | ୨୨୨୧ |
| ଭାରତୀୟ ବୈଷୟିକ ସଂସ୍ଥା (ଆଇଆଇଟି) ଓ ଭାରତୀୟ ପ୍ରବନ୍ଧନ ସଂସ୍ଥା (ଆଇଆଇଏମ୍) | ୪୯୪୯ | ୪୪୬୩ | ୫୭୧୪ |
| . ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) | ୧୧୫୫ | ୧୦୫୫ | ୧୩୦୦ |

ହଜାର ଆଠଶହ ଚାଳିଶ କୋଟି ଟଙ୍କା ଆବଣ୍ଟିତ ହୋଇଛି, ଯାହା ୨୦୧୫-୧୬ (ସଂଶୋଧିତ ବଜେଟ୍) ତୁଳନାରେ ୧୩.୫ ପ୍ରତିଶତ ଅଧିକ। ତେବେ, ମୋଟାମୋଟି ଭାବେ, ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷା ପାଇଁ ବଜେଟ୍‌ରେ କେବଳ ନାମକୁ ମାତ୍ର ବୃଦ୍ଧି କରାଯାଇଛି । ଅନ୍ୟପକ୍ଷରେ, ବୈଷୟିକ ଶିକ୍ଷା ପାଇଁ ବଜେଟ୍ ଆବଣ୍ଟନ ବୃଦ୍ଧି ପାଇଛି । କିନ୍ତୁ ଏଥିରୁ ଅଧିକାଂଶ ଅର୍ଥ ନୂତନ ଆଇଆଇଟି ଓ ଆଇଆଇଏମ୍ କେନ୍ଦ୍ର ସ୍ଥାପନ ଓ ପରିଚାଳନା ପାଇଁ ବ୍ୟୟ କରିବାର ବ୍ୟବସ୍ଥା ରହିଛି ।

ଏହି ବିଭାଗ ପାଇଁ ପୂର୍ବରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧୀନରେ ବଜେଟ୍ ଆବଣ୍ଟିତ ହେଉଥିଲା । ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ସହାୟତା ପରିମାଣରେ ୨୦୧୫-୧୬ ସଂଶୋଧିତ ବଜେଟ୍ ତୁଳନାରେ ଚଳିତ ବଜେଟ୍‌ରେ ୨.୭ ପ୍ରତିଶତ ବୃଦ୍ଧି ପାଇଛି । ଗରିବ ବିଦ୍ୟାର୍ଥୀଙ୍କୁ ଶିକ୍ଷାରଣ ପ୍ରଦାନ ଏବଂ ଅଣ-ହିନ୍ଦୀକ୍ଷେତ୍ରର ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ବର୍ଗର ବିଦ୍ୟାର୍ଥୀମାନଙ୍କୁ ମେଧାବୃତି ଦେବା ପାଇଁ ଏହି ଅର୍ଥ ବ୍ୟୟ ହୋଇଥାଏ ।

ରାଜ୍ୟଗୁଡ଼ିକର ଉଚ୍ଚତର ଶିକ୍ଷା ଅନୁଷ୍ଠାନ ପାଇଁ ୨୦୧୩ ମସିହାରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା)କୁ ଜାତୀୟ ଶିକ୍ଷା ମିଶନ ଅଧୀନକୁ ଅଣାଯାଇଛି । ପରିବର୍ତିତ ଅର୍ଥ ଯୋଗାଣ ବ୍ୟବସ୍ଥା ଅନୁଯାୟୀ ନିଜର ଅଂଶଧନ (୬୦ ପ୍ରତିଶତ) ବାବଦକୁ କେନ୍ଦ୍ର ସରକାର ଚଳିତ ବଜେଟ୍‌ରେ ୧୩୦୦ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି । (ପୂର୍ବରୁ ଏହାର ଅନୁପାତ ଥିଲା ୬୫:୩୫) । ଏହା ହେଉଛି ୨୦୧୫-୧୬ ସଂଶୋଧିତ ବଜେଟ୍ ଅପେକ୍ଷା ୨୪୫ କୋଟି ଟଙ୍କା ବେଶୀ ।

ତେବେ ଅନୁତରୀତ ପ୍ରଶ୍ନଟି ହେଉଛି, ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟୟ ହେବାକୁ ଥିବା ଅର୍ଥର କେତେ ପରିମାଣ ଶିକ୍ଷା ସେସ୍‌ରୁ ସଂଗ୍ରହ କରାଯିବ ? କାରଣ, ଏହି ଅର୍ଥ ସଂଗ୍ରହ ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଣ୍ଠି ନାହିଁ । କିମ୍ବା ଏହାର ବିନିଯୋଗ ପାଇଁ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ । ଫଳତଃ, ଏଭଳି ଅର୍ଥକୁ ଅନ୍ୟ ଦିଗରେ ଖର୍ଚ୍ଚ କରିବାର ମଧ୍ୟ ସମ୍ଭାବନା ରହିଛି ।

**୪. ଶିକ୍ଷା ଅପେକ୍ଷା କୌଶଳ ବିକାଶ ଉପରେ ଗୁରୁତ୍ୱ ? :** ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଥିଲେ : - "ଆମ ଦେଶର ପ୍ରଗତି ପାଇଁ, ଆମକୁ କୌଶଳ ବିକାଶ ଏବଂ କୁଶଳ ଭାରତ ପାଇଁ କାମ କରିବାକୁ ପଡ଼ିବ ।" ଏଥିସକାଶେ, ସରକାର ଚାରୋଟି ପ୍ରମୁଖ ପଦକ୍ଷେପ

> **ଦେଶର କ୍ରମବର୍ଦ୍ଧିଷ୍ଣୁ ଶ୍ରମଶକ୍ତି ପାଇଁ, କୌଶଳ ବିକାଶର ବିଶେଷ ଆବଶ୍ୟକତା ରହିଛି । ତେବେ, କୌଶଳ ହାସଲ ପାଇଁ ମଧ୍ୟ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ । ଯେଉଁଠି, ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ଏଯାବତ୍ ହାସଲ ହୋଇନାହିଁ, ସେଠି, ଶିକ୍ଷାଗତ ଉପଲବ୍ଧି ସନ୍ତୋଷଜନକ ହୋଇନପାରେ । ୨୦୧୫, ଜାତୀୟ ନମୂନା ସର୍ବେକ୍ଷଣ ଅନୁଯାୟୀ ୫-୨୯ ବର୍ଷ ବୟସ୍କ ଗୋଷ୍ଠୀର ୪୦ ପ୍ରତିଶତ ବ୍ୟକ୍ତି ବିଦ୍ୟାଳୟକୁ ଯାଉନାହାନ୍ତି ।**

ନେଇଛନ୍ତି । ସେଗୁଡ଼ିକ ହେଉଛି - ଜାତୀୟ କୌଶଳ ବିକାଶ ମିଶନ, ଔଦ୍ୟୋଗିକତା ଓ କୌଶଳ ବିକାଶ ଜାତୀୟ ନୀତି, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଏବଂ କୌଶଳ ଋଣ ଯୋଜନା । ବଜେଟ୍‌ରେ ମଧ୍ୟ କୌଶଳ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ଏହା ଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ୧୫୦୦ ବହୁକୌଶଳ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ପାଇଁ ୧୭୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

ବାସ୍ତବରେ, ଦେଶର କ୍ରମବର୍ଦ୍ଧିଷ୍ଣୁ ଶ୍ରମଶକ୍ତି ପାଇଁ, କୌଶଳ ବିକାଶର ବିଶେଷ ଆବଶ୍ୟକତା ରହିଛି । ତେବେ, କୌଶଳ ହାସଲ ପାଇଁ ମଧ୍ୟ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ । ଯେଉଁଠି, ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ଏଯାବତ୍ ହାସଲ ହୋଇନାହିଁ, ସେଠି, ଶିକ୍ଷାଗତ ଉପଲବ୍ଧି ସନ୍ତୋଷଜନକ ହୋଇନପାରେ । ୨୦୧୫, ଜାତୀୟ ନମୂନା ସର୍ବେକ୍ଷଣ ଅନୁଯାୟୀ ୫-୨୯ ବର୍ଷ ବୟସ୍କ ଗୋଷ୍ଠୀର ୪୦ ପ୍ରତିଶତ ବ୍ୟକ୍ତି ବିଦ୍ୟାଳୟକୁ ଯାଉନାହାନ୍ତି । ଏହି ଦୃଷ୍ଟିରୁ କେବଳ ନିଯୁକ୍ତି ସୁଯୋଗ ପାଇଁ କୌଶଳ ବିକାଶ ଯୋଜନା ଦ୍ୱାରା, ସ୍ୱଳ୍ପ ପାରିଶ୍ରମିକ ପାଇବା ଯୋଗ୍ୟ ଅର୍ଦ୍ଧକୁଶଳୀ ଶ୍ରମଶକ୍ତି ହିଁ ସୃଷ୍ଟି ହେବ । ଏହା ବାଞ୍ଛନୀୟ ନୁହେଁ ।

**ଉପସଂହାର :** ସକଳ ଘରୋଇ ଉତ୍ପାଦନର ଅନ୍ତତଃ ଛଅ ପ୍ରତିଶତ ଶିକ୍ଷାକ୍ଷେତ୍ରରେ ବିନିଯୋଗ କରିବାକୁ ବାରମ୍ବାର ଯୁକ୍ତି ଉପସ୍ଥାପନ କରାଯାଇଛି । ୧୯୬୬ ମସିହାରେ ଗଠିତ କୋଠାରୀ ଆୟୋଗ ମଧ୍ୟ ଏପରି ସୁପାରିଶ କରିଥିଲେ । ତେବେ ବର୍ତ୍ତମାନ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ସଂପର୍କିତ ବ୍ୟୟ ହେଉଛି ଜି.ଡି.ପି.ର ୪ ପ୍ରତିଶତରୁ ବି କମ୍ । ତା' ସହିତ ରହିଛି କେନ୍ଦ୍ର ସରକାରଙ୍କ ଶିକ୍ଷା ସଂପର୍କିତ ବଜେଟ୍ ବ୍ୟୟ ହ୍ରାସ, ଯାହା ଦ୍ୱାରା ରାଜ୍ୟଗୁଡ଼ିକ ଉପରେ ଅଧିକ ଦାୟିତ୍ୱ ରହୁଛି । ତେଣୁ, ରାଜ୍ୟଗୁଡ଼ିକ କିଭଳି ଶିକ୍ଷାକ୍ଷେତ୍ର ପାଇଁ ନିଜନିଜ ବଜେଟ୍‌ରେ ବ୍ୟବସ୍ଥା କରୁଛନ୍ତି, ତାହା ପ୍ରଣିଧାନଯୋଗ୍ୟ । ଅବଶ୍ୟ, ଯୁଗ୍ମ-ସୂଚୀରେ ଥିବାରୁ ଶିକ୍ଷା ପ୍ରତି କେନ୍ଦ୍ର ସମେତ ରାଜ୍ୟଗୁଡ଼ିକର ମଧ୍ୟ ଦାୟିତ୍ୱ ରହିଛି ।

## ଶିକ୍ଷା କ୍ଷେତ୍ର ପାଇଁ ୨୦୧୬-୧୭ ବଜେଟ୍ ଘୋଷଣା

୧. ଗୁଣାତ୍ମକ ଶିକ୍ଷା ଅଭିବୃଦ୍ଧି ପାଇଁ ୬୯ଟି ନୂତନ ନବୋଦୟ ବିଦ୍ୟାଳୟ ।

୨. ଉଦ୍ୟୋଗଗୁଡ଼ିକର ସାମାଜିକ ଦାୟିତ୍ୱବୋଧ ଅଧୀନ ଅର୍ଥ ଏବଂ ବଜାରରୁ ମିଳୁଥିବା ଅନ୍ୟାନ୍ୟ କେତେକ ପାଣ୍ଠିକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ସୁ-ବ୍ୟବସ୍ଥିତ ଢଂଗରେ ଖର୍ଚ୍ଚ କରିବାକୁ ପ୍ରାରମ୍ଭିକ ୧୦୦୦ କୋଟି ଟଙ୍କାରେ ଉଚ୍ଚଶିକ୍ଷା ଫାଇନାନ୍ସିଂ ସଂସ୍ଥା ଗଠନ ।

୩. ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଓ ଶିକ୍ଷା ଓ ପ୍ରଶିକ୍ଷଣ ଦେବା ପାଇଁ ୨୨୦୦ ମହାବିଦ୍ୟାଳୟ, ୩୦୦ ବିଦ୍ୟାଳୟ, ୫୦୦ ସରକାରୀ ଆଇଟିଆଇ ଏବଂ ୫୦ଟି ବୃତିଗତ ତାଲିମ କେନ୍ଦ୍ରର ଚିହ୍ନଟିକରଣ ।

୪. ୧୦ଟି ଲେଖାଏଁ ସରକାରୀ ଓ ବେସରକାରୀ ସଂସ୍ଥାକୁ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିଶ୍ୱସ୍ତରୀୟ କରିବାକୁ ଆବଶ୍ୟକ ବ୍ୟବସ୍ଥା ।

ସୂଚନାଯୋଗ୍ୟ ଯେ ନୀତି ଆୟୋଗ ଉପକମିଟି ସୁପାରିଶ ଅନୁସାରେ, ସାମାଜିକ ଅନ୍ତର୍ଭୁକ୍ତିକରଣ ପାଇଁ ଉଦ୍ଦିଷ୍ଟ (ବିଶେଷ ଭାବେ ଅନୁସୂଚୀତ ଜାତି ଓ ଜନଜାତି, ସଂଖ୍ୟାଲଘୁ, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ) ଶିକ୍ଷା ଯୋଜନାକୁ ଏକ ଅତ୍ୟାବଶ୍ୟକୀୟ ଯୋଜନା ପର୍ଯ୍ୟାୟରେ ରଖାଯାଇଛି । ତେଣୁ, ଏଥିସକାଶେ କେନ୍ଦ୍ର ଓ ରାଜ୍ୟ ଅଂଶଧନ ଅନୁପାତରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । କିନ୍ତୁ ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଏବଂ ଶିକ୍ଷକ ତାଲିମ ଓ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ ଜାତୀୟ ଶିକ୍ଷା ମିଶନ ଅନ୍ତର୍ଭୁକ୍ତ କରାଯାଉଛି । ତେଣୁ ଏଣିକି ଏଥିପାଇଁ କେନ୍ଦ୍ର-ରାଜ୍ୟ ଅର୍ଥ ବ୍ୟବସ୍ଥା ୬୦:୪୦ ଅନୁପାତରେ ହେବ ।

**ଯେଉଁଠି, ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ଏଯାବତ୍ ହାସଲ ହୋଇନାହିଁ, ସେଠି, ଶିକ୍ଷାଗତ ଉପଲବ୍ଧି ସନ୍ତୋଷଜନକ ହୋଇନପାରେ । ୨୦୧୫, ଜାତୀୟ ନମୂନା ସର୍ବେକ୍ଷଣ ଅନୁଯାୟୀ ୫-୨୯ ବର୍ଷ ବୟସ୍କ ଗୋଷ୍ଠୀର ୪୦ ପ୍ରତିଶତ ବ୍ୟକ୍ତି ବିଦ୍ୟାଳୟକୁ ଯାଉନାହାନ୍ତି । ଏହି ଦୃଷ୍ଟିରୁ କେବଳ ନିଯୁକ୍ତି ସୁଯୋଗ ପାଇଁ କୌଶଳ ବିକାଶ ଯୋଜନା ଦ୍ୱାରା, ସ୍ୱଳ୍ପ ପାରିଶ୍ରମିକ ପାଇବା ଯୋଗ୍ୟ ଅର୍ଦ୍ଧକୁଶଳୀ ଶ୍ରମଶକ୍ତି ହିଁ ସୃଷ୍ଟି ହେବ । ଏହା ବାଞ୍ଛନୀୟ ନୁହେଁ ।**

ଲେଖିକା, ବଜେଟ୍ ଓ ପ୍ରଶାସନିକ ଉତର ଦାୟୀତ୍ୱ କେନ୍ଦ୍ର (ସି.ବି.ଜି.ଏ.)ରେ କାର୍ଯ୍ୟରତ ।

# ନିଅଣ୍ଟ-ସୂଚକ ମାଧମରେ ବିତିୟ ବୁଦ୍ଧିମତାର ଆକଳନ

ଡ: ଅମୀୟ କୁମାର ମହାପାତ୍ର

**ଏଫ୍.ଆର୍.ବି.ଏମ୍. ପୃଷ୍ଠଭୂମିରେ, ୨୦୧୬-୧୭ କେନ୍ଦ୍ର ବଜେଟ୍‌ର ସମୀକ୍ଷା କରିବା ପାଇଁ ଏବଂ ଏହାର ପ୍ରଭାବ ଆକଳନ ପାଇଁ ବିଭିନ୍ନ ପ୍ରକାରର ବିତିୟ ଉପକରଣମାନ ରହିଛି । ସେଗୁଡ଼ିକ ମଧ୍ୟରୁ ରାଜସ୍ୱ ନିଅଣ୍ଟ, ବିତିୟ ନିଅଣ୍ଟ ଓ ପ୍ରାଥମିକ ସ୍ତରୀୟ ନିଅଣ୍ଟ ଅନ୍ୟତମ । ଅର୍ଥନୀତିର ବୃହତ୍ ପରିସରରେ ବଜେଟ୍‌ର ପ୍ରଭାବ ଆକଳନ ପାଇଁ, ଏଗୁଡ଼ିକୁ ବ୍ୟବହାର କରାଯାଇଥାଏ । ବଜେଟ୍‌ର ସଫଳତା ପାଇଁ ରାଜସ୍ୱ ଓ ବିତିୟ ନିଅଣ୍ଟ ସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖାଯିବା ବାଞ୍ଛନୀୟ । କାରଣ, ବର୍ତ୍ତମାନର ଚାହିଦା ସହିତ ଦେଶର ଧାରଣକ୍ଷମ ବିକାଶ ଲକ୍ଷ୍ୟ ପାଇଁ ଏହା ଅପରିହାର୍ଯ୍ୟ ।**

**ଅ**ର୍ଥନୈତିକ ସ୍ଥିରତା ଓ ସାମାଜିକ ଉନ୍ନତି ପାଇଁ ବିତିୟ ବୁଦ୍ଧିମତା ପ୍ରୟୋଗ ପୂର୍ବକ ବିତିୟ ଦୃଢ଼ୀକରଣ କରାଯିବା ଆବଶ୍ୟକ । ଆର୍ଥିକ ବିକାଶ ସହ ଧାରଣକ୍ଷମ ପ୍ରଗତି ହାସଲ କରିବା ଉଦ୍ଦେଶ୍ୟରେ ଭାରତ ସରକାର ବିତିୟ ଉତରଦାୟିତ୍ୱ ଓ ବଜେଟ୍ ପରିଚାଳନା ଆଇନ ବା ଏଫ୍.ଆର୍.ବି.ଏମ୍.ଏ. ୨୦୦୩ ପ୍ରଣୟନ କରିଛନ୍ତି । ଏଥି ଅନୁଯାୟୀ, ବିତୟ ଢ଼ାଂଚାରେ ପରିବର୍ତନ ଆଣିବା ସହ ସରକାର ରାଜସ୍ୱ ନିଅଣ୍ଟ ଓ ବିତିୟ ନିଅଣ୍ଟ ରୋକିବା ପାଇଁ ପ୍ରୟାସ କରି ଆସୁଛନ୍ତି ।

ଏଫ୍.ଆର୍.ବି.ଏସ୍.ଏମ୍. ପୃଷ୍ଠଭୂମିରେ, ୨୦୧୬-୧୭ କେନ୍ଦ୍ର ବଜେଟ୍‌ର ସମୀକ୍ଷା କରିବା ପାଇଁ ଏବଂ ଏହାର ପ୍ରଭାବ ଆକଳନ ପାଇଁ ବିଭିନ୍ନ ପ୍ରକାରର ବିତିୟ ଉପକରଣମାନ ରହିଛି । ସେଗୁଡ଼ିକ ମଧ୍ୟରୁ ରାଜସ୍ୱ ନିଅଣ୍ଟ, ବିତିୟ ନିଅଣ୍ଟ ଓ ପ୍ରାଥମିକ ସ୍ତରୀୟ ନିଅଣ୍ଟ ଅନ୍ୟତମ । ଅର୍ଥନୀତିର ବୃହତ୍ ପରିସରରେ ବଜେଟ୍‌ର ପ୍ରଭାବ ଆକଳନ ପାଇଁ, ଏଗୁଡ଼ିକୁ ବ୍ୟବହାର କରାଯାଇଥାଏ । ବଜେଟ୍‌ର ସଫଳତା ପାଇଁ ରାଜସ୍ୱ ଓ ବିତିୟ ନିଅଣ୍ଟ ସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖାଯିବା ବାଞ୍ଛନୀୟ । କାରଣ, ବର୍ତ୍ତମାନର ଚାହିଦା ସହିତ ଦେଶର ଧାରଣକ୍ଷମ ବିକାଶ ଲକ୍ଷ୍ୟ ପାଇଁ ଏହା ଅପରିହାର୍ଯ୍ୟ ।

**ରାଜସ୍ୱ ନିଅଣ୍ଟ** : ସରଳ ଅର୍ଥରେ କହିବାକୁ ଗଲେ ସରକାରଙ୍କ ରାଜସ୍ୱ ଆୟ ଅପେକ୍ଷା ରାଜସ୍ୱ ବ୍ୟୟ ଅଧିକ ହେଲେ, ତାହାକୁ ରାଜସ୍ୱ ନିଅଣ୍ଟ ବୋଲି କୁହାଯାଏ । ନିମ୍ନ ପ୍ରଦତ ସାରଣୀରେ ଏ ସଂପର୍କିତ କେତେକ ତଥ୍ୟ ଦିଆଯାଇଛି । ରାଜସ୍ୱ ନିଅଣ୍ଟିଆ ସ୍ଥିତି ଭରଣା କରିବାକୁ ସରକାରଙ୍କ ପାଖରେ କ୍ୟାପିଟାଲ୍ ରିସିଟ୍ ବା ପୁଞ୍ଜି ଉଠାଣ ହିଁ ଏକମାତ୍ର ବିକଳ୍ପ ଥାଏ । କାରଣ ରାଜସ୍ୱ ଆୟ ବ୍ୟବହୃତ ହୋଇସାରିଥାଏ । ତେବେ, ଏଭଳି ପଦକ୍ଷେପ ବିପଜ୍ଜନକ । କାରଣ, ପୁଞ୍ଜି ଉଠାଣ ଦ୍ୱାରା ସରକାରଙ୍କ ସମ୍ପତି ହ୍ରାସ ପାଏ, ନ ହେଲେ ଋଣ ବଢ଼ିଯାଏ । ପୁନଶ୍ଚ, ଋଣ ବଢ଼ିଗଲେ, ଭବିଷ୍ୟତରେ ସୁଧ ବାବଦ ଖର୍ଚ୍ଚ ମଧ ବୃଦ୍ଧି ପାଏ । ଫଳସ୍ୱରୂପ, ଭବିଷ୍ୟତରେ ରାଜସ୍ୱ ନିଅଣ୍ଟ ପରିମାଣ ବୃଦ୍ଧି ପାଏ । ଅନ୍ୟପକ୍ଷରେ ପୁଞ୍ଜି ପ୍ରତ୍ୟାହାର ଓ ସମ୍ପତି ବିକ୍ରୟ କରିବା ବୁଦ୍ଧିମତାର ପରିଚାୟକ ନୁହେଁ । କାରଣ ଏହା ଦ୍ୱାରା ରାଜସ୍ୱ ଆୟ ପୁଣି ହ୍ରାସ ପାଏ । ତେଣୁ, ରାଜସ୍ୱ ନିଅଣ୍ଟ ଭରଣା ପାଇଁ, ଟିକସ ଓ ଅଣ-ଟିକସ ରାଜସ୍ୱ ସଂଗ୍ରହ ବୃଦ୍ଧି କରିବା ବାଞ୍ଛନୀୟ ।

**ବିତିୟ ନିଅଣ୍ଟ** : ଋଣକୁ ବାଦ୍

ଟେବୁଲ୍-୧. Revenue Deficit (RD) –Estimated and Actual as % of GDP

| Year | 2004-05 | 2005-06 | 2006-07 | 2007-08 | 2008-09 | 2009-10 | 2010-11 | 2011-12 | 2012-13 | 2013-14 | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|---|---|---|---|---|---|---|---|---|---|
| Estimated Revenue Deficit (%) | 2.5 | 2.7 | 2.1 | 1.5 | 1 | 4.8 | 4 | 3.4 | 3.4 | 3.3 | 2.9 | 2.8 | 2.3 | *1.8 | *1.3 |
| Actual Revenue Deficit (%) | 2.5 | 2.6 | 1.9 | 1.1 | 4.5 | 5.2 | 3.3 | 4.4 | 3.6 | 3.1 | 2.9 | - | - | - | - |

ଦେଲେ ସରକାରଙ୍କ ସମଗ୍ର ବ୍ୟୟ ଯେତେବେଳେ, ସମଗ୍ର ଆୟ ଅପେକ୍ଷା ଅଧିକ ହୁଏ, ତାହାକୁ ବିତିୟ ନିଅଣ୍ଟ କୁହାଯାଏ । ଏହା ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ନିଅଣ୍ଟିଆ ସ୍ଥିତି ଭରଣା ପାଇଁ, ଋଣ ଉପରେ ଦେଶ କେତେ ନିର୍ଭର କରିଥାଏ, ତାହା ଜଣାପଡ଼େ । ଦେଶର ନାଗରିକମାନଙ୍କ କୁଶଳ ମଂଗଳ ହେଉ, ଦେଶର ଆର୍ଥିକ ସ୍ୱାସ୍ଥ୍ୟ ହେଉ କିମ୍ବା ଆର୍ଥିକ ପ୍ରଗତିର ସ୍ତର ହେଉ– ଏସବୁର ଆକଳନ ପାଇଁ ବିତିୟ ନିଅଣ୍ଟକୁ ଏକ ମାପକାଠି ଭାବେ ବ୍ୟବହାର କରାଯାଏ । କାରଣ ଏଥିରୁ, ଅର୍ଥ ସଂଗ୍ରହ ପାଇଁ ଋଣ କରିବା ଉପରେ ସରକାରଙ୍କ ନିର୍ଭରଶୀଳତା ସଂପର୍କରେ ଏକ ସ୍ପଷ୍ଟ ଚିତ୍ର ମିଳିଥାଏ ।

ବିତିୟ ଦୃଢ଼ିକରଣ ନୀତି ପାଇଁ ଏଫ୍.ଆର୍.ବି.ଏମ୍. ଆଇନ କାର୍ଯ୍ୟକ୍ଷମ ହେବା ଦ୍ୱାରା, ଦେଶର ବିତିୟ ନିଅଣ୍ଟ ପରିମାଣ କ୍ରମାଗତ ଭାବେ ହ୍ରାସ ପାଇଛି । ୨୦୦୪-୨୦୦୫ ଆର୍ଥିକ ବର୍ଷରୁ ଏହା ୪.୪%, ୪.୩%, ୩.୮%, ୩.୩% ଖସି, ୨୦୦୮-୨୦୦୯ ବେଳକୁ ୨.୫% ପ୍ରତିଶତରେ ପହଂଚିଥିଲା । କିନ୍ତୁ ତା'ପରେ, ୨୦୦୯-୧୦ ମସହିାରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ମୁକାବିଲା କରିବାକୁ ଯାଇ, ଦେଶର ବିତିୟ ନିଅଣ୍ଟ ପରିମାଣ, ସକଳ ଘରୋଇ ଉତ୍ପାଦର ୬.୮ ପ୍ରତିଶତକୁ ଛୁଇଁଥିଲା ।

ପୁନଶ୍ଚ, ୨୦୧୦-୧୧ ଆର୍ଥିକ ବର୍ଷରେ ଏହା ୫.୫ ପ୍ରତିଶତକୁ ଏବଂ ତା'ପରବର୍ଷ ୪.୬ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ, ୨୦୧୦-୨୦୧୩ରେ ୫.୧%କୁ ବୃଦ୍ଧି ପାଇଥିଲା । 'ୟୁରୋ' ସଂକଟ ଏବଂ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ଏପରି ହୋଇଥିଲା । ପରେପରେ, ଏହି ନିଅଣ୍ଟ ପରିମାଣ ୪.୮% ଓ ୪.୧% ଖସିଆସି, ୨୦୧୫-୧୬ ବେଳକୁ ସକଳ ଘରୋଇ ଉତ୍ପାଦନର ୩.୯%ରେ ପହଂଚିଥିଲା । ତେବେ, କେଲ୍‌କର୍ କମିଟି ସୁପାରିଶ ଆଧାରରେ ବିତମନ୍ତ୍ରୀ ଆଗାମୀ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ବିତିୟ ନିଅଣ୍ଟକୁ ସକଳ ଘରୋଇ ଉତ୍ପାଦନର ୩.୫%ରେ ରଖିଛନ୍ତି ।






Table-2: Fiscal Deficit (FD) –Estimated and Actual as % of GDP

| Year | 2004-05 | 2005-06 | 2006-07 | 2007-08 | 2008-09 | 2009-10 | 2010-11 | 2011-12 | 2012-13 | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|---|---|---|---|---|---|---|---|---|
| Estimated Fiscal Deficit (%) | 4.4 | 4.3 | 3.8 | 3.3 | 2.5 | 6.8 | 5.5 | 4.6 | 5.1 | 4.8 | 4.1 | 3.9 | 3.5 | *3.0 |
| Actual Fiscal Deficit (%) | 4 | 4.1 | 3.5 | 2.7 | 6.0 | 6.4 | 4.9 | 5.7 | 4.8 | 4.4 | 4.1 | - | - | - |

ମୁଦ୍ରାସ୍ଫୀତିର ପ୍ରଭାବ ହ୍ରାସ ପାଉଥିଲେ ହେଁ, ସରକାରଙ୍କ ବର୍ଦ୍ଧିତ ଋଣ ପରିମାଣ ଏକ ଉଦ୍‌ବେଗର ବିଷୟ । ମାତ୍ର ସାତବର୍ଷ ଭିତରେ ୨୦୦୮-୦୯ରୁ ୨୦୧୫-୧୬ ମଧ୍ୟରେ ବିତିୟ ନିଅଣ୍ଟ ପରିମାଣ ୧,୩୩,୨୮୭ କୋଟି ଟଙ୍କାରୁ ତୀର୍ଯ୍ୟକ ଭାବେ ବୃଦ୍ଧି ପାଇ ୫୫୫୬୪୯ କୋଟି ଟଙ୍କାରେ ପହଂଚିଛି । ସାତବର୍ଷ ମଧ୍ୟରେ ଏହା ହେଉଛି ଚାରିଗୁଣ ବୃଦ୍ଧି । କିନ୍ତୁ ଚଳିତ ବଜେଟ୍‌ରେ ସରକାର ଏହି ପରିମାଣକୁ ଉଭୟ ଜି.ଡି.ପି.ର ପ୍ରତିଶତ ଭାବେ ଏବଂ ପରିମାଣ ଭାବେ ହ୍ରାସ କରିବାକୁ ଆଗ୍ରହ ଦେଖାଇଛନ୍ତି । ମୋଟ୍ ୫୩୩୯୦୪ କୋଟି ଟଙ୍କାର ବିତିୟ ନିଅଣ୍ଟ ପ୍ରକୃତରେ ସନ୍ତୋଷଜନକ, ବିଶେଷ ଭାବେ ବିଗତ ବର୍ଷଗୁଡ଼ିକର ପୃଷ୍ଠଭୂମିରେ । ତେବେ ପ୍ରତିଶତ ହିସାବରେ ହେଉ ବା ପରିମାଣ ହିସାବରେ, ବିତିୟ ନିଅଣ୍ଟକୁ ପ୍ରତିହତ କରିବା ନିର୍ଭର କରେ ସରକାରଙ୍କ ବିତିୟ ବୁଦ୍ଧିମତା ଓ ଦାୟିତ୍ୱବୋଧ ଉପରେ ।





**ରାଜସ୍ୱ ଓ ବିତିୟ ନିଅଣ୍ଟ ସଂପର୍କ** : ବିତିୟ ନିଅଣ୍ଟର ପ୍ରମୁଖ ଉପାଦାନ ହେଉଛି ରାଜସ୍ୱ ନିଅଣ୍ଟ ଏବଂ ଅର୍ଥ ବ୍ୟୟ । ଏହାର ଅର୍ଥ ହେଉଛି, ଅର୍ଥ ଯୋଗାଣ ପାଇଁ ଏବଂ ଆୟ ହ୍ରାସକୁ ଭରଣା କରିବା ପାଇଁ ସରକାର ଋଣ ଉପରେ ନିର୍ଭର କରନ୍ତି । ତେଣୁ, ରାଜସ୍ୱ ନିଅଣ୍ଟର ସଠିକ ପରିଚାଳନା ନିର୍ଭର କରେ ସରକାରଙ୍କ ବିତିୟ ବୁଦ୍ଧିମତା ଉପରେ । ଖର୍ଚ୍ଚକାଟ ନକରି ମଧ୍ୟ, ରାଜସ୍ୱ ବୃଦ୍ଧି ଦ୍ୱାରା ବିତିୟ ସୁଦୃଢ଼ୀକରଣର ଲକ୍ଷ୍ୟ ହାସଲ କରାଯାଇପାରିବ । ନିର୍ଦ୍ଦିଷ୍ଟ ଏକ ସ୍ତରରେ ବିତିୟ ନିଅଣ୍ଟ ପରିମାଣକୁ ଧରି ରଖିବା ପାଇଁ ଖର୍ଚ୍ଚକାଟ ଦେଶର ସାମାଜିକ-ଆର୍ଥିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସମୀଚିନ ନୁହେଁ । ତେଣୁ ନିଅଣ୍ଟ ହ୍ରାସ ପାଇଁ ଏକମାତ୍ର ବିକଳ୍ପ ହେଉଛି ଟିକସ ରାଜସ୍ୱ ବୃଦ୍ଧି ।

ରାଜସ୍ୱ ନିଅଣ୍ଟ ଓ ବିତିୟ ନିଅଣ୍ଟ ମଧ୍ୟରେ ସବୁବେଳେ ଏକ ସକାରାତ୍ମକ ସଂପର୍କ ରହିଥାଏ । ପ୍ରଦତ ଚିତ୍ରରୁ ଏହା ସ୍ପଷ୍ଟ ଜଣାପଡ଼େ ।

୨୦୦୯-୧୦ ମସିହାର ୪.୮ ପ୍ରତିଶତ ରାଜସ୍ୱ ନିଅଣ୍ଟ, ୨୦୧୬-୧୭ ବେଳକୁ ୨.୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲେ ସୁଦ୍ଧା ଓ ମୁଦ୍ରାସ୍ଫୀତିର ପ୍ରଭାବ ହ୍ରାସ ପାଉଥିଲେ ହେଁ, ସରକାରଙ୍କ ବର୍ଦ୍ଧିତ ଋଣ ପରିମାଣ ବିତିୟ ନିଅଣ୍ଟ ପ୍ରତି ଏହାର ଯୋଗଦାନ ତଥାପି ଅଧିକ । ତେଣୁ, ଅର୍ଥ ବ୍ୟୟ ଦ୍ୱାରା ନୁହେଁ, ବରଂ ରାଜସ୍ୱ ନିଅଣ୍ଟ ପରିମାଣ ହ୍ରାସ କରାଯାଇ ବିତିୟ ନିଅଣ୍ଟକୁ ନିୟନ୍ତ୍ରିତ କରାଯାଇପାରେ । ଏଥିପାଇଁ ଆବଶ୍ୟକ ରାଜସ୍ୱ ବୃଦ୍ଧି ଓ ସରକାରୀ ଖର୍ଚ୍ଚର ଯୁକ୍ତିଯୁକ୍ତକରଣ । ଅଣ-ଯୋଜନା ରାଜସ୍ୱ ବ୍ୟୟ ପାଇଁ ପ୍ରାଥମିକତା ନିର୍ଦ୍ଦିଷ୍ଟ କରିବା ସକାଶେ ବ୍ୟୟ ସଂସ୍କାର ଆୟୋଗ ଗଠିତ ହୋଇଛି । ଏହି ଆୟୋଗର ଉଦ୍ଦେଶ୍ୟ ହେଉଛି ଅର୍ଥ ଆବଣ୍ଟନରେ ଦକ୍ଷତା ସହିତ, ବିତିୟ ଦୃଢ଼ୀକରଣକୁ ସୁନିଶ୍ଚିତ କରିବା । ମୋଟ୍ ଅର୍ଥ ଆବଣ୍ଟନ ଅପେକ୍ଷା ଫଳାଫଳ ଆଧାରରେ ହିଁ ବଜେଟ୍‌ର ପ୍ରଭାବ ଆକଳନ କରାଯିବା ଉଚିତ । ବିତିୟ ନିଅଣ୍ଟ ନିୟନ୍ତ୍ରଣ କେବଳ ମାତ୍ର ଏକ ସଂଖ୍ୟାର ଖେଳ ନୁହେଁ । ବରଂ, ଏହାର ସୁଦୂରପ୍ରସାରୀ ପ୍ରଭାବ ରହିଛି । ବର୍ତମାନର ବଜେଟ୍, ବିତିୟ ନିଅଣ୍ଟର ଧାରଣକ୍ଷମ ମୋଡେଲ୍ ଆପଣେଇ ନେଇଛି । ଏଥିରେ ବ୍ୟୟ ହ୍ରାସ ବଦଳରେ, ସମ୍ପତି ପାଇଁ ଓ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ପାଇଁ ବ୍ୟୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଏ । ତେଣୁ, ଉଭୟ ରାଜସ୍ୱ ଓ ବିତିୟ ନିଅଣ୍ଟ ହ୍ରାସ ପାଇଁ ରାଜସ୍ୱ ବୃଦ୍ଧିର ଉତ୍ସ ଓ ପରିମାଣ ହିଁ



Unfiled Notes Page 34




ସର୍ବୋତମ ଉପାୟ । ବିତିୟ ନିଅଣ୍ଟ ନିୟନ୍ତ୍ରଣ କରୁଥିବା ଏହି ମଡେଲ୍‌କୁ M 3 ମୋଡେଲ୍ ଆଖ୍ୟା ଦିଆଯାଇଛି ।

(M 3: More Expenditure And More Revenue Model) ବର୍ତ୍ତମାନର ବଜେଟ୍‌ରେ ଏହା ପ୍ରତିଫଳିତ ହୋଇଛି । ରାଜସ୍ୱ ଆୟ ଏବଂ ଖର୍ଚ୍ଚ ଉଭୟ କ୍ଷେତ୍ରରେ ବୃଦ୍ଧି ଜରିଆରେ ଜି.ଡି.ପି.ର ୩.୫ ପ୍ରତିଶତ ମଧ୍ୟରେ ବିତିୟ ନିଅଣ୍ଟକୁ ସୀମିତ ରଖିବାକୁ ଅର୍ଥମନ୍ତ୍ରୀ ପ୍ରଚେଷ୍ଟା କରିଛନ୍ତି । ସଂକ୍ଷେପରେ କହିବାକୁ ଗଲେ, ୨୦୧୫-୧୬ର ସଂଶୋଧିତ ଆକଳନ ତୁଳନାରେ ଚଳିତ ବଜେଟ୍‌ରେ ଯୋଜନା ବାବଦ ବ୍ୟୟ ବରାଦ ୧୫.୩% ବୃଦ୍ଧି ପାଇଥିବା ବେଳେ, ଅଣ-ଯୋଜନା ବାବଦ ବ୍ୟୟ ୯ ପ୍ରତିଶତ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି । ଅନ୍ୟପକ୍ଷରେ, ଟିକସ କ୍ଷେତ୍ରରେ ମଧ୍ୟ ଅର୍ଥମନ୍ତ୍ରୀ ଧାରଣକ୍ଷମ ଟିକସ ବ୍ୟବସ୍ଥା ଉପରେ ଅଗ୍ରାଧିକାର ଦେଇଛନ୍ତି । ଏଥିପାଇଁ ଅସମାନତା ଦୂରୀକରଣ ସକାଶେ ଧନୀକ ବର୍ଗଙ୍କ ଉପରେ ଅଧିକ ଟିକସ ଧାର୍ଯ୍ୟ କରାଯାଇଥିବା ବେଳେ, ପରିବେଶ ଓ ମାନବ ସ୍ୱାସ୍ଥ୍ୟ ଉପରେ ହାନିକାରକ ପ୍ରଭାବ ପକାଉଥିବା ବସ୍ତୁ ଓ ସେବା ଉପରେ ମଧ୍ୟ ଅଧିକ ଟିକସ ଧାର୍ଯ୍ୟ କରାଯାଇଛି । ତେବେ, ସମାଜର ଅବହେଳିତ ବର୍ଗଙ୍କ ସାମାଜିକ-ଆର୍ଥିକ ଉନ୍ନତି କଳ୍ପେ କୃଷି ଓ ଅନ୍ୟାନ୍ୟ ଗ୍ରାମିଣ କ୍ଷେତ୍ର ପାଇଁ ଯଥେଷ୍ଟ ପରିମାଣର ବ୍ୟୟ ବରାଦ କରାଯାଇଛି ।

**ବିତିୟ ସୁଦୃଢ଼ୀକରଣ ପାଇଁ ପଦକ୍ଷେପ:** ଏଫ୍.ଆର୍.ବି.ଏମ୍. ଆଇନ ଅଧୀନରେ କେଲ୍‌କର୍ କମିଟି ଦ୍ୱାରା ବିତିୟ ନିଅଣ୍ଟର ହାର, ସକଳ ଘରୋଇ ଉତ୍ପାଦର ୩ ପ୍ରତିଶତ ଧାର୍ଯ୍ୟ ହୋଇଛି । ତେବେ, ଏହାକୁ ଏପର୍ଯ୍ୟନ୍ତ ହାସଲ କରାଯାଇ ପାରିନାହିଁ । ସରକାରଙ୍କ ପ୍ରଚେଷ୍ଟା ଏ ଦିଗରେ ଜାରି ରହିଛି । ତେବେ, ବିତିୟ ନିଅଣ୍ଟ ନିୟନ୍ତ୍ରଣ ପାଇଁ କେତେକ ପ୍ରମୁଖ ପଦକ୍ଷେପ ହେଉଛି ବ୍ୟୟ-ଯୁକ୍ତିଯୁକ୍ତକରଣ ଓ ଆୟ ବୃଦ୍ଧି । ଅର୍ଥ ଆବଣ୍ଟନ ବେଳେ, ସରକାର ବିଶେଷ ବୁଦ୍ଧିମତାର ପରିଚୟ ଦେବା ଉଚିତ । ଏହା ସହିତ ଆବଣ୍ଟନ ପାଇଁ ପ୍ରାଥମିକତା ଧାର୍ଯ୍ୟ କରିବା ଉଚିତ । ବିଭିନ୍ନ କ୍ଷେତ୍ରରେ ଥିବା ପ୍ରକ୍ରିୟାଗତ ଦୋଷତ୍ରୁଟି ଦ୍ୱାରା ଅର୍ଥ ଅପଚୟକୁ ମଧ୍ୟ ରୋକାଯିବା ଆବଶ୍ୟକ । ମୋଟାମୋଟି ଭାବେ, ଜନମଙ୍ଗଳ କାର୍ଯ୍ୟ ପାଇଁ ଅର୍ଥ-ଆବଣ୍ଟନକୁ ବାଧିତ ନ କରି, ସମ୍ବଳର ସଦ୍‌ଉପଯୋଗ କରିବା ଉଚିତ । ଏଥିପାଇଁ ଆବଶ୍ୟକ ଦକ୍ଷତା ବୃଦ୍ଧି, ଦୁର୍ନୀତି ନିବାରଣ, ପ୍ରଶାସନିକ ଖର୍ଚ୍ଚ ହ୍ରାସ ଭଳି ପଦକ୍ଷେପ । ଅନ୍ୟପକ୍ଷରେ ରାଜସ୍ୱ ବୃଦ୍ଧି ପାଇଁ ମଧ୍ୟ ସରକାର ପ୍ରୟାସ କରିଛନ୍ତି । ଉଭୟ ଟିକସ ଓ ଅଣ-ଟିକସ ରାଜସ୍ୱ ବୃଦ୍ଧି ପାଇଁ ନାନା ପ୍ରକାର ପଦକ୍ଷେପ ନିଆଯାଉଛି । ଟିକସ ବୃଦ୍ଧି, ସଂଗ୍ରହ ଓ ପରିଚାଳନା ଆଦି ଉପରେ ଗୁରୁତ୍ୱ ଦିଆଯାଇ, ଭବିଷ୍ୟତରେ ଟିକସ-ଜି.ଡି.ପି. ଅନୁପାତ ବୃଦ୍ଧି କରିବାକୁ ବଜେଟ୍‌ରେ ପ୍ରଚେଷ୍ଟା କରାଯାଇଛି । ଏହା ଦ୍ୱାରା ମଧ୍ୟ ବିତିୟ ନିଅଣ୍ଟକୁ ଯଥେଷ୍ଟ ମାତ୍ରାରେ ନିୟନ୍ତ୍ରିତ କରାଯାଇ ପାରିବ ।

**ଉପକ୍ରମଣିକା :** ଅର୍ଥ ଆବଂଟନ ନୁହେଁ, ବରଂ ଆବଣ୍ଟିତ ଅର୍ଥର ସଦୁପଯୋଗ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ପ୍ରାପ୍ତି ଉପରେ ନିର୍ଭର କରେ ବଜେଟ୍‌ର ସଫଳତା । ଏଭଳି ଲକ୍ଷ୍ୟ ପ୍ରାପ୍ତି ସକାଶେ, ବିଭିନ୍ନ ଯୋଜନାର ସଫଳ ଓ ଦକ୍ଷ କାର୍ଯ୍ୟାନ୍ୱୟନ ଆବଶ୍ୟକ । ଦେଶର ବିକାଶ, ବିଶେଷ ଭାବେ ଗରିବ, ଅବହେଳିତ ବର୍ଗର ବିକାଶ ହେବା ଆବଶ୍ୟକ । ଅଣ-ଟିକସ ରାଜସ୍ୱ ବୃଦ୍ଧି ପାଇଁ ଉଚିତ ନୀତି କାର୍ଯ୍ୟକାରୀ କରିବା ସହିତ ସରକାରୀ ଉଦ୍ୟୋଗଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି କରାଯିବା ଆବଶ୍ୟକ । ଦୁର୍ନୀତି ଓ ପ୍ରଶାସନିକ ବ୍ୟୟ ଉପରେ ମଧ୍ୟ ଅଙ୍କୁଶ ଲଗାଯିବା ଉଚିତ । ଏସବୁ ପଦକ୍ଷେପ ଦ୍ୱାରା ବିତିୟ ନିଅଣ୍ଟ ଅନେକ ମାତ୍ରାରେ ହ୍ରାସ ପାଇବ ଏବଂ ବିତିୟ ଦୃଢ଼ିକରଣ ପ୍ରୟାସ ମାଧ୍ୟମରେ ଦେଶର ବିତିୟ ଧାରଣ କ୍ଷମତା ବୃଦ୍ଧି ପାଇବ ।

ଲେଖକ, ନୂଆଦିଲ୍ଲୀସ୍ଥିତ ଫର୍ଚ୍ଚୁନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନେସ୍‌ନାଲ୍ ବିଜିନେସ୍‌ରେ ଅର୍ଥନୀତି ବିଭାଗରେ ସହ-ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ

# ଷ୍ଟାର୍ଟ ଅପସ୍ ଆବିର୍ଭାବ - ପ୍ରଗତି ଓ ନିଯୁକ୍ତି ସୁଯୋଗ

ନିରଜ ବାଜପେୟୀ

> ଦେଶର ଉଚ୍ଚାଭିଳାଷ ଏବଂ ସର୍ବନିମ୍ନ ଆବଶ୍ୟକତା ପ୍ରତି ସରକାରଙ୍କ ସମ୍ବେଦନଶୀଳତାର ଛାପ, ବଜେଟ୍‌ରେ ପ୍ରତିଫଳିତ ହୋଇଛି । ତେବେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଯୋଗୁଁ ସୃଷ୍ଟି ହୋଇଥିବା, ଆଘାତପ୍ରାପ୍ତ ବିତିୟ ବଜାର ଏବଂ ସଙ୍କୁଚିତ ବିଶ୍ୱ ବାଣିଜ୍ୟ ପୃଷ୍ଠଭୂମିରେ ଏହି ଉଦ୍ଦେଶ୍ୟ ହାସଲ କରିବା ଏକ କାଠିକର ପାଠ । ତଥାପି ବିଶ୍ୱର ସାମ୍ପ୍ରତିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦେଶର ଅର୍ଥନୈତିକ ସ୍ଥିରତା ଯୋଗୁଁ ଭାରତକୁ ଏପରିକି ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇ.ଏମ୍.ଏଫ୍) ମଧ୍ୟ ଏକ ମାତ୍ର "ଉଜ୍ଜ୍ୱଳ ବିନ୍ଦୁ" ଭାବେ ବର୍ଣ୍ଣନା କରିଛି ।



**କୁ**ହାଯାଏ ଗୋଟିଏ ଦିନରେ ରୋମର ନିର୍ମାଣ ହୋଇ ନ ଥିଲା । ଅନୁରୂପ ଭାବେ ଅଳ୍ପ ସମୟ ମଧ୍ୟରେ ଷ୍ଟାର୍ଟଅପ୍ କମ୍ପାନୀ, ଉଦ୍ୟୋଗ ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଦ୍ୱାରା ଦେଶର କ୍ରମବର୍ଦ୍ଧିଷ୍ଣୁ ନିଯୁକ୍ତି ଆଶାୟୀଙ୍କୁ ଥଇଥାନ କରିବାପାଇଁ ମଧ୍ୟ ସମୟ ଦରକାର ।


ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ନିକଟରେ ଦେଇଥିବା ବଜେଟ୍ ଅଭିଭାଷଣରେ ମଧ୍ୟ ଏହି କଥା ଉଲ୍ଲେଖ ହୋଇଛି । ଦେଶର ଉଚ୍ଚାଭିଳାଷ ଏବଂ ସର୍ବନିମ୍ନ ଆବଶ୍ୟକତା ପ୍ରତି ସରକାରଙ୍କ ସମ୍ବେଦନଶୀଳତାର ଛାପ, ବଜେଟ୍‌ରେ ପ୍ରତିଫଳିତ ହୋଇଛି । ତେବେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଯୋଗୁଁ ସୃଷ୍ଟି ହୋଇଥିବା, ଆଘାତପ୍ରାପ୍ତ ବିତିୟ ବଜାର ଏବଂ ସଙ୍କୁଚିତ ବିଶ୍ୱ ବାଣିଜ୍ୟ ପୃଷ୍ଠଭୂମିରେ ଏହି ଉଦ୍ଦେଶ୍ୟ ହାସଲ କରିବା ଏକ କାଠିକର ପାଠ । ତଥାପି ବିଶ୍ୱର ସାମ୍ପ୍ରତିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦେଶର ଅର୍ଥନୈତିକ ସ୍ଥିରତା ଯୋଗୁଁ ଭାରତକୁ ଏପରିକି ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇ.ଏମ୍.ଏଫ୍) ମଧ୍ୟ ଏକ ମାତ୍ର "**ଉଜ୍ଜ୍ୱଳ ବିନ୍ଦୁ**" ଭାବେ ବର୍ଣ୍ଣନା କରିଛି ।

୨୦୧୬-୧୭ ବଜେଟ୍ ପ୍ରସ୍ତାବ ଉପସ୍ଥାପନ କଲାବେଳେ ଅର୍ଥମନ୍ତ୍ରୀ ଆନ୍ତର୍ଜାତିକ ଆର୍ଥିକ ସ୍ଥିତି ପରିପ୍ରେକ୍ଷୀରେ ଦେଶର ଅର୍ଥନୈତିକ ଅବସ୍ଥା ଉପରେ ଆଲୋକପାତ କରିଥିଲେ । ତା' ସହିତ, ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାରଙ୍କ ବିଭିନ୍ନ ମହତ୍ୱାକାଂକ୍ଷୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ରେଖାଙ୍କିତ କରିଥିଲେ । ବିଶ୍ୱ ଅର୍ଥନୀତି ଆହୁରି ଅସ୍ଥିର ହେବାର ଆଶଙ୍କା ସତ୍ତ୍ୱେ, ସରକାରଙ୍କ ଷ୍ଟାର୍ଟ ଅପ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଓ କୌଶଳ ବିକାଶ ସମେତ

ନିଯୁକ୍ତି ସୁଯୋଗ ସୃଷ୍ଟିପାଇଁ ଅନ୍ୟ ବହୁ ଯୋଜନାଗୁଡ଼ିକର ସମୟାନୁବର୍ତୀ କାର୍ଯ୍ୟାନ୍ୱୟନ ସକାଶେ ଅର୍ଥମନ୍ତ୍ରୀ ଯଥେଷ୍ଟ ଆଶାବାଦୀ ଥିଲେ ।

ପ୍ରଧାନମନ୍ତ୍ରୀ ଏହା ସ୍ପଷ୍ଟ କରିସାରିଛନ୍ତି ଯେ, ତାଙ୍କର ମନ୍ତ୍ର ହେଉଛି ଷ୍ଟାର୍ଟ ଅପ୍ ଇଣ୍ଡିଆ ଓ ଷ୍ଟାଣ୍ଡ ଅପ୍ ଇଣ୍ଡିଆ । ସେ କହିଥିଲେ - "ଷ୍ଟାର୍ଟ ଅପ୍ କମ୍ପାନୀଗୁଡ଼ିକପାଇଁ ଅନୁକୂଳ ବାତାବରଣ ସକାଶେ ବଜେଟ୍‌ରେ ଟିକସ ସମ୍ପର୍କୀତ ପ୍ରସ୍ତାବ ରହିଛି । ଆମ ଦଳିତ ଓ ଆଦିବାସୀ ଯୁବକ, ଯୁବତୀମାନେ ବର୍ତମାନ ଉଦ୍ୟୋଗ ବସାଇବାକୁ ଚାହୁଁଛନ୍ତି । ସେମାନେ ଆଉ ନିଯୁକ୍ତ ଆଶାୟୀ ନ ହୋଇ ନିଯୁକ୍ତିଦାତାର ଭୂମିକା ନିଭେଇବାକୁ ଚାହୁଁଛନ୍ତି । ସେମାନଙ୍କର ଏହି ସ୍ୱପ୍ନକୁ ସାକାର କରିବାପାଇଁ ଔଦ୍ୟୋଗିକ କେନ୍ଦ୍ର ସ୍ଥାପନ ସକାଶେ ସରକାର ସ୍ଥିର କରିଛନ୍ତି ।"

ବର୍ତମାନ ନିଯୁକ୍ତି ସୁଯୋଗ ସୃଷ୍ଟିପାଇଁ ମେକ୍ ଇନ୍ ଇଣ୍ଡିଆ ଏକ ବଳିଷ୍ଠ କାର୍ଯ୍ୟକ୍ରମ ଭାବେ ଉଭା ହୋଇଛି । ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଓ ବଳିଷ୍ଠ କରିବା ସକାଶେ, ବିଶେଷ ଭାବେ ଘରୋଇ ବିନିର୍ମାଣ କ୍ଷେତ୍ରକୁ ମଜବୁତ୍ କରିବା ସକାଶେ ଚଳିତ ବଜେଟ୍‌ରେ ସରକାର ବିଭିନ୍ନ ପ୍ରକାରର ଟିକସ ପ୍ରୋତ୍ସାହନ ମଧ୍ୟ ଘୋଷଣା କରିଛନ୍ତି । ଅନ୍ୟ କେତେକ ଟିକସ ସମ୍ପର୍କୀତ ପ୍ରୋତ୍ସାହନ ବ୍ୟବସ୍ଥା ଓ ନୀତିଗୁଡ଼ିକ ସହଜ ବ୍ୟବସାୟିକ କାରବାର ପାଇଁ ଉଦ୍ଦିଷ୍ଟ । ଏଥିଯୋଗୁଁ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ବିଶେଷ ଭାବେ ଲାଭବାନ ହେବେ । ଏପରିକି ମାଲି ମକଦ୍ଦମା ଓ ବିଫଳତାରୁ ମଧ୍ୟ ମୁକୁଳି ଯିବାର ରାସ୍ତା ପାଇବେ । ବିଶେଷଜ୍ଞମାନଙ୍କ ମତରେ ସଂଶୋଧିତ ଉତ୍ପାଦନ ଶୁଳ୍କ ଓ ସୀମା ଶୁଳ୍କ ଯୋଗୁଁ ମେକ୍ ଇନ୍ ଇଣ୍ଡିଆ ଅଧିନରେ ସୂଚନା ପ୍ରଯୁକ୍ତି ବିଦ୍ୟା, କାପିଟାଲ୍ ଗୁଡ଼ସ୍, ବସ୍ତ୍ର, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ଆହୁରି ଅନେକ ଦ୍ରବ୍ୟ ଉତ୍ପାଦନକାରୀ ଉଦ୍ୟୋଗଗୁଡ଼ିକ ଲାଭପାଇପାରିବେ । ଉଦାହରଣ ସ୍ୱରୂପ,




ମୋବାଇଲ୍ ହ୍ୟାଣ୍ଡସେଟ୍‌ରେ ବ୍ୟବହାର ହେଉଥିବା ବିଭିନ୍ନ ଉପକରଣର ଆମଦାନୀକୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ସୀମା ଶୁଳ୍କ ଓ ଅନ୍ୟ ଟିକସ ରିହାତି ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେଇଛନ୍ତି । ଏହାଦ୍ୱାରା ଦେଶ ଭିତରେ ମୋବାଇଲ୍ ଫୋନ୍ ଓ ଆନୁସଙ୍ଗିକ ଉତ୍ପାଦନକୁ ତ୍ୱରାନ୍ୱିତ କରାଯାଇପାରିବ ।

ବର୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଆବଶ୍ୟକ ବ୍ୟବସାୟିକ ବାତାବରଣ ସୃଷ୍ଟି ମାଧ୍ୟମରେ ପୁଞ୍ଜି ନିବେଶ ଆକୃଷ୍ଟ କରିବାର ପ୍ରୟାସ କରୁଛନ୍ତି । ଏହାଦ୍ୱାରା ଘରୋଇ ଉଦ୍ୟୋଗଜଗତକୁ ଲାଭ ମିଳିବ । ବଜେଟ୍‌ରେ ଥିବା ବିଭିନ୍ନ ବ୍ୟବସ୍ଥାର ସୁପ୍ରଭାବ, ଦେଶର ସାମଗ୍ରିକ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ପଡ଼ିବାର ଆଶା କରାଯାଏ ।

ଉଭୟ ଦେଶ ଭିତରେ ଓ ବାହାରେ ପୁଞ୍ଜିନିବେଶକମାନଙ୍କ ପାଇଁ ସମ୍ମିଳନୀର ଆୟୋଜନ କରାଯାଇଥାଏ । ନିକଟରେ ହରିଆଣାରେ ଏହିପରି ଏକ ସମ୍ମିଳନୀରେ ପୁଞ୍ଜି ନିବେଶ ଆକୃଷ୍ଟ କରିବାକୁ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନେବାପାଇଁ ରାଜ୍ୟଗୁଡ଼ିକୁ କେନ୍ଦ୍ର ଅର୍ଥମନ୍ତ୍ରୀ ଆହ୍ୱାନ ଦେଇଥିଲେ । ତାଙ୍କର ଯୁକ୍ତି ଥିଲା ଯେ, ପକ୍ଷାଘାତଗ୍ରସ୍ତ ନିତୀକୁ ପୁଞ୍ଜିନିବେଶକାରୀ ପ୍ରତ୍ୟାଖ୍ୟାନ କରି ଅନୁକୂଳ ବ୍ୟବସାୟିକ ଓ ରାଜନୈତିକ ବାତାବରଣ ଥିବା ଗନ୍ତବ୍ୟ ସ୍ଥଳ ବାଛି ନେଇଥା'ନ୍ତି । ଏହି ଅବସରରେ ସେ କହିଥିଲେ ଯେ, ସହଯୋଗ ଭିତିକ ସଂଘୀୟ ବ୍ୟବସ୍ଥା ବ୍ୟତିରେକ, ଭାରତ ବର୍ତମାନ ପ୍ରତିଯୋଗୀତାଭିତିକ ସଂଘୀୟ ବ୍ୟବସ୍ଥା ଆଡ଼କୁ ଗତି କରୁଛି । କାରଣ, ଦେଶର ଭବିଷ୍ୟତ ଆଉ କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ ନିର୍ଭର ନ କରି ରାଜ୍ୟ-ରାଜ୍ୟ ମଧ୍ୟରେ ଅଧିକ ପୁଞ୍ଜିନିବେଶ ଆକର୍ଷିତ କରିବା ପ୍ରତିଯୋଗିତା ଉପରେ ନିର୍ଭର କରିବ । ସେ କହିଥିଲେ - ଯେଉଁ ରାଜ୍ୟଗୁଡ଼ିକ ସଂସ୍କାର ମୂଳକ ପଦକ୍ଷେପ ନେବେ ନାହିଁ, ସେହି ରାଜ୍ୟବାସୀଙ୍କୁ ଏହାର ସୁଫଳ ମିଳିବ ନାହିଁ । କିନ୍ତୁ ଯେଉଁମାନେ ଅନୁକୂଳ ଅର୍ଥନୈତିକ, ବ୍ୟବସାୟିକ ଓ ରାଜନୈତିକ ବାତାବରଣ ସୃଷ୍ଟି କରିବେ, ସେଇମାନେ ଲାଭାନ୍ୱିତ ହେବେ । ସେ ପୁଣି କହିଥିଲେ ଯେ, ସଂସ୍କାର ଆଣ, ନ ହେଲେ ଶେଷ ହୋଇଯାଅ - ଏହି ଆପ୍ତବାକ୍ୟଟି ଆଜିକାଲି ସବୁଠୁ ବେଶି ପ୍ରାସଙ୍ଗିକ ।

ନିକଟରେ ଲୋକସଭାରେ ବଜେଟ୍ ଉପସ୍ଥାପନ କଲାବେଳେ ଶ୍ରୀ ଜେଟ୍‌ଲୀ କହିଥିଲେ ଯେ, ଷ୍ଟାର୍ଟ ଅପ୍ କମ୍ପାନୀଗୁଡ଼ିକ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଏଗୁଡ଼ିକ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମର ପ୍ରମୁଖ ଅଂଶୀଦାର ହେବାର ସମ୍ଭାବନା ରହିଛି । ଏଥି ଅନୁଯାୟୀ, ଏପ୍ରିଲ୍ ୨୦୧୬ରୁ ମାର୍ଚ୍ଚ ୨୦୧୯ ମଧ୍ୟରେ ଷ୍ଟାର୍ଟ ଅପ୍ କମ୍ପାନୀ ସ୍ଥାପନ

କରିବାର ପ୍ରଥମ ୫ ବର୍ଷ ମଧ୍ୟରୁ ତିନିବର୍ଷ ଯାଏ ଅର୍ଜିତ ଲାଭକୁ ଅର୍ଥମନ୍ତ୍ରୀ ସମ୍ପୂର୍ଣ୍ଣ ଟିକସମୁକ୍ତ ରଖିଛନ୍ତି । ଅବଶ୍ୟ ଏଗୁଡ଼ିକ ପାଇଁ ସର୍ବନିମ୍ନ ବିକଳ୍ପ ଟିକସ (ଏମ୍.ଏ.ଟି.) ଲାଗୁ ହେବ । ଏତଦ୍ ବ୍ୟତୀତ, ଏହି କମ୍ପାନୀଗୁଡ଼ିକରେ (ଚିହ୍ନଟ ହୋଇଥିବା) କିମ୍ବା ନିୟନ୍ତ୍ରିତ ବିଜ୍ଞପିତ ପାଣ୍ଠିରେ ଯଦି କେହି ପୁଞ୍ଜିନିବେଶ କରେ, ତେବେ ତାହା ମଧ୍ୟ କ୍ୟାପିଟାଲ୍ ଗେନସ୍ ଟିକସରୁ ମୁକ୍ତ ରହିବ ।

ଭାରତରେ ବିକଶିତ ଏବଂ ରେଜିଷ୍ଟ୍ରୀଭୁକ୍ତ ବିଭିନ୍ନ ପେଟେଣ୍ଟ୍‌ର ଅନ୍ୟତ୍ର ବ୍ୟବହାର କରାଯାଇ ସେଥିରୁ ଆୟ କରାଗଲେ, ତା ଉପରେ ମଧ୍ୟ ୧୦ ପ୍ରତିଶତ ଟିକସ ଧାର୍ଯ୍ୟ ହେବ । ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଉତ୍ପାଦନ ଓ ସୀମା ଶୁଳ୍କ ବ୍ୟବସ୍ଥାଦ୍ୱାରା ଘରୋଇ ଶିଳ୍ପ/ଉଦ୍ୟୋଗ ଗୁଡ଼ିକୁ ମୂଲ୍ୟଯୁକ୍ତ କରାଯାଇ ମେକ୍-ଇନ୍-ଇଣ୍ଡିଆ ଅଭିଯାନକୁ ଆହୁରି ବଳଶାଳୀ କରିହେବ । ଏହାଦ୍ୱାରା ଘରୋଇ ଶିଳ୍ପ କ୍ଷେତ୍ରରେ ପ୍ରତିଯୋଗିତାକୁ ମଧ୍ୟ ପ୍ରୋତ୍ସାହନ ମିଳିବ । ବିଶେଷ ଭାବେ, ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ୟାପିଟାଲ୍ ଗୁଡ଼୍ସ୍, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ବସ୍ତ୍ର, ଖଣିଜ ଦ୍ରବ୍ୟ, ଇନ୍ଧନ, ରସାୟନ, କାଗଜ, ନିଉଜ୍ ପ୍ରିଣ୍ଟ, ବିମାନ ଏବଂ ଜାହାଜର ସାମୟିକ ପରୀକ୍ଷା ନିରିକ୍ଷା ଓ ମରାମତି ସମ୍ବନ୍ଧୀୟ ଉତ୍ପାଦକତାର ଅଭିବୃଦ୍ଧି ହେବ ।

ବିକଶିତ ଅବସ୍ଥାରେ ଥିବା ଉଦ୍ୟୋଗ ଗୁଡ଼ିକୁ କୁଶଳୀ ମାନବ ସମ୍ବଳ ଯୋଗାଣ ଓ କର୍ମ ନିଯୁକ୍ତି ସୃଷ୍ଟିପାଇଁ ସରକାର, ସମଗ୍ର ଦେଶରେ ୧୫୦୦ ବହୁ-କୌଶଳ ତାଲିମ୍ କେନ୍ଦ୍ର ସ୍ଥାପନ କରିବାକୁ ନିଷ୍ପତି ନେଇଛନ୍ତି । ଏଥିପାଇଁ ବଜେଟ୍‌ରେ ୧୭୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସରକାର ସ୍ପଷ୍ଟ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ମାଧ୍ୟମରେ ଦେଶର ଯୁବଗୋଷ୍ଠୀଙ୍କ ପାଖକୁ ଔଦ୍ୟୋଗିକ ସୁଯୋଗ ଆଣିବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଅର୍ଥମନ୍ତ୍ରୀଙ୍କ ଅନୁସାରେ କୌଶଳ ବିକାଶ କାର୍ଯ୍ୟକ୍ରମ, ଦେଶର ଜନସଂଖ୍ୟାର ଲାଭ ଉଠାଇବାପାଇଁ ଉଦ୍ଦିଷ୍ଟ । ଏହା ଅଧୀନରେ ବର୍ତମାନ ସୁଦ୍ଧା ଦେଶର ୭୬ ଲକ୍ଷ ଯୁବକ/ଯୁବତୀଙ୍କୁ କୌଶଳ ବିକାଶ ତାଲିମ୍ ଦିଆଯାଇପାରିଛି । ଉଦ୍ୟୋଗ ଏବଂ ଶିକ୍ଷାନୁଷ୍ଠାନର ସହଯୋଗରେ ଏକ ଜାତୀୟ କୌଶଳ ବିକାଶ ପ୍ରମାଣପତ୍ର ପରିଷଦ ସ୍ଥାପନ ପାଇଁ ମଧ୍ୟ ସରକାର ସ୍ଥିର କରିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ



ଯୋଜନାକୁ ତ୍ୱରାନ୍ୱିତ କରାଯାଇ, ଆସନ୍ତା ତିନି ବର୍ଷ ମଧ୍ୟରେ ଏକ କୋଟି ଯୁବକ ଯୁବତୀଙ୍କୁ କୌଶଳଯୁକ୍ତ କରାଯିବ ।

ବିଶେଷଜ୍ଞମାନଙ୍କ ମତରେ, ଆସନ୍ତା ତିନି ବର୍ଷରେ ଏକ କୋଟି ଯୁବକ / ଯୁବତୀ କୌଶଳଯୁକ୍ତ ହେବାଦ୍ୱାରା, କର୍ମନିଯୁକ୍ତିର ଏକ ନୂତନ ଯୁଗର ଆରମ୍ଭ ହେବ । ଏହା ସହିତ ସାମଗ୍ରିକ ଭାବେ ଉତ୍ପାଦକତା ମଧ୍ୟ ବୃଦ୍ଧି ପାଇବ ।

ଯୋଜନା ଅନୁଯାୟୀ, ଉଦ୍ୟମିତା, ଶିକ୍ଷା ଓ ତାଲିମ ପାଇଁ ଦେଶର ୨୨୦୦ ମହାବିଦ୍ୟାଳୟ, ୩୦୦ ବିଦ୍ୟାଳୟ, ୫୦୦ ସରକାରୀ ଆଇ.ଆଇ.ଟି. ଓ ୫୦ଟି ବୃତିଗତ ତାଲିମ୍ ଅନୁଷ୍ଠାନକୁ ଚିହ୍ନଟ କରାଯିବ । ଏଗୁଡ଼ିକରେ ଏକ ବୃହତ୍ ଅନ୍‌ଲାଇନ୍ ପାଠ୍ୟକ୍ରମ ମାଧ୍ୟମରେ କୌଶଳ ଶିକ୍ଷା ଓ ପ୍ରଶିକ୍ଷଣ ଦିଆଯିବ । ଦୂରବର୍ତୀ ସ୍ଥାନରେ ଥିବା ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ଋଣବଜାର ସହିତ ସଂଯୋଗ କରାଯାଇ ସେମାନଙ୍କ ପାଇଁ ଆବଶ୍ୟକ ପରାମର୍ଶଦାତା ମଧ୍ୟ ନିୟୋଜିତ କରାଯିବ ।

ନିଯୁକ୍ତି ସୁଯୋଗ ସୃଷ୍ଟିପାଇଁ ନୂତନ ଭାବେ ନିଯୁକ୍ତ କର୍ମଚାରୀ ଯେଉଁମାନେ ଇ.ପି.ଏଫ୍.ଓ ବା କର୍ମଚାରୀ ପେନ୍‌ସନ୍ ଯୋଜନାରେ ପଞ୍ଜିକୃତ ହେବେ, ସେମାନଙ୍କର ପ୍ରଥମ ତିନିବର୍ଷର ଅବଦାନକୁ ସରକାର ବହନ କରିବେ । ଏଥିପାଇଁ ସରକାର ୮.୩୩ ପ୍ରତିଶତ ଦର ନିର୍ଦ୍ଧାରଣ କରିଛନ୍ତି । ଅବଶ୍ୟ, ଏହି ବ୍ୟବସ୍ଥା ମାସିକ ୧୫୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହେବ । ଏହି ଯୋଜନାପାଇଁ ସରକାର ୧୦୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି । ଏତଦ୍ ବ୍ୟତୀତ, ଆୟକର ଅଧିନିୟମ ଅନ୍ତର୍ଗତ ୮୦ ଜେ.ଜେ.ଏ.ଏ. ଧାରାରେ ଥିବା ବିଭିନ୍ନ ପ୍ରୋତ୍ସାହନ ବ୍ୟବସ୍ଥାର ଲାଭ ନେବାପାଇଁ ନିଯୁକ୍ତି ପ୍ରଦାନକାରୀଙ୍କ ସକାଶେ ୨୦୧୬ ଅର୍ଥ ବିଧେୟକରେ ପ୍ରଚେଷ୍ଟା କରାଯାଇଛି ।

ନିଯୁକ୍ତି ସୃଷ୍ଟି ପାଇଁ ଗତ ଜୁଲାଇ, ୨୦୧୫ରେ ସରକାର ଏକ ଜାତୀୟ କ୍ୟାରିୟର ସେବା ଆରମ୍ଭ କରିଛନ୍ତି । ଏଥିରେ ୩୫ ନିୟୁତ ବ୍ୟକ୍ତି ପଞ୍ଜୀକୃତ ହୋଇ ସାରିଛନ୍ତି । ୨୦୧୬-୧୭ ଶେଷ ସୁଦ୍ଧା ଦେଶରେ ୧୦୦ଟି ଆଦର୍ଶ କ୍ୟାରିୟର୍ କେନ୍ଦ୍ର କାର୍ଯ୍ୟକାରୀ କରିବାକୁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ପୁଣି, ଜାତୀୟ କ୍ୟାରିଅର ସେବା ସହିତ ରାଜ୍ୟ ନିୟୋଜନ କାର୍ଯ୍ୟାଳୟ ଗୁଡ଼ିକୁ ସଂଯୋଗ କରିବାର ମଧ୍ୟ ପ୍ରସ୍ତାବ ରହିଛି । ଏଥିପାଇଁ, ବର୍ତମାନ ସଂସଦର ବଜେଟ୍ ଅଧିବେସନରେ କମ୍ପାନି ଅଧିନିୟମ-



Unfiled Notes Page 38

୨୦୧୩ର ସଂଶୋଧନ ସକାଶେ ଏକ ବିଧେୟକ ଆଣିବାକୁ ସରକାର ସ୍ଥିର କରିଛନ୍ତି । ଏହାଦ୍ୱାରା ବ୍ୟବସାୟିକ ବାତାବରଣ ସୃଷ୍ଟି ଦିଗରେ ଅସୁବିଧାଗୁଡ଼ିକ ଦୂର ହେବ । ଷ୍ଟାର୍ଟ ଅପ୍ ଗୁଡ଼ିକ ପାଇଁ ମଧ୍ୟ ଏହା ଅନୁକୂଳ ବ୍ୟବସ୍ଥା ସୃଷ୍ଟି କରିବ । କମ୍ପାନୀ ପଞ୍ଜିକରଣ ଗୋଟିଏ ଦିନରେ ହେବ । ଏ ପ୍ରସ୍ତାବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅର୍ଥନୈତିକ ପ୍ରଗତି ଜରିଆରେ ନିଯୁକ୍ତି ସୁଯୋଗ ସୃଷ୍ଟି । ଅନ୍ୟ ଉଦ୍ଦେଶ୍ୟ ହେଉଛି ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା, ପେନ୍‌ସନ୍ ଯୁକ୍ତ ଏକ ସମାଜ ପ୍ରତିଷ୍ଠା କରିବା ଓ ବାସଗୃହକୁ ସହଜଲଭ୍ୟ କରିବା ।

ଋଣ ଆଦାୟ ହୋଇପାରୁ ନ ଥିବା କିମ୍ବା ଋଣ ଆଦାୟ ସ୍ଥିତି ସନ୍ଦେହ ଜନକ ହେବା କ୍ଷେତ୍ରରେ ଅଣବ୍ୟାଙ୍କିଂଗ୍ ଆର୍ଥିକ ସଂସ୍ଥା ଗୁଡ଼ିକର ଆୟ ଉପରେ ୫ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଛାଡ଼ ବ୍ୟବସ୍ଥା କରାଯାଇଛି । ମାର୍ଚ୍ଚ ୨୦୧୫ ସୁଦ୍ଧା ବାର୍ଷିକ ୫ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରୁଥିବା କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ପାଇଁ ଆସନ୍ତା ବର୍ଷ ସକାଶେ, ସରକାର କର୍ପୋରେଟ୍ ଆୟକର କୁ ୨୯ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାକୁ ମଧ୍ୟ ବଜେଟ୍‌ରେ ପ୍ରସ୍ତାବ ରଖିଛନ୍ତି । ଅବଶ୍ୟ ଏହା ଉପରେ ସରଚାର୍ଜ ଓ ସେସ୍ ଲାଗୁ ହେବ । ମାର୍ଚ୍ଚ ୧, ୨୦୧୬ ପରେ ପ୍ରତିଷ୍ଠିତ ବିନିର୍ମାଣ ଉଦ୍ୟୋଗଗୁଡ଼ିକ ପାଇଁ ମଧ୍ୟ ସରକାର ଏକ ପ୍ରସ୍ତାବ ରଖିଛନ୍ତି । ତା ହେଉଛି, ଯଦି ସେହି କମ୍ପାନୀ ଗୁଡ଼ିକ ଲାଭଜନୀତ ବା ପୁଞ୍ଜିନିବେଶ ଜନୀତ କୌଣସି ରିହାତି ନ ନିଅନ୍ତି, ସେଇ ଗୁଡ଼ିକୁ ସରଜାର୍ଜ ଓ ସେସ୍ ବ୍ୟତିରେକ, ୨୫ ପ୍ରତିଶତ ଟିକସ ଦେବାକୁ ପଡ଼ିବ । ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ



ଯୋଜନା ଅନ୍ତର୍ଗତ ସେବା ଉପରେ ସେବା କର ଛାଡ଼ର ମଧ୍ୟ ପ୍ରସ୍ତାବ ରହିଛି ।

ସେବା କ୍ଷେତ୍ରରେ ଖୁଚୁରା ବ୍ୟବସାୟ ହେଉଛି ସବୁଠାରୁ ବଡ଼ ନିଯୁକ୍ତି ପ୍ରଦାନକାରୀ । ତେଣୁ ଯଦି ନିୟନ୍ତ୍ରଣ ବ୍ୟବସ୍ଥାକୁ ସରଳ କରାଯାଏ, ତେବେ ଏ କ୍ଷେତ୍ରରେ ଆହୁରି ନିଯୁକ୍ତି ସୃଷ୍ଟି କରାଯାଇପାରିବ ବୋଲି ସରକାର ବିଶ୍ୱାସ କରନ୍ତି । ଅର୍ଥମନ୍ତ୍ରୀ କୁହନ୍ତି ଯେ, ସପିଂଗ୍ ମଲ୍ ଗୁଡ଼ିକ ଭଳି କ୍ଷୁଦ୍ର ଓ ମଧ୍ୟମ ଦୋକାନ ଗୁଡ଼ିକ ମଧ୍ୟ ସପ୍ତାହକୁ ସାତ ଦିନ ଯାକ ଖୋଲା ରହିବାରେ ଅସୁବିଧା କ'ଣ ? ତେଣୁ ଇଚ୍ଛାକୃତ ଭାବେ ଏବଂ କର୍ମଚାରୀଙ୍କ କାର୍ଯ୍ୟ ଘଣ୍ଟା ଓ ସାପ୍ତାହୀକ ଅବକାଶ ଭଳି ବାଧ୍ୟତାମୂଳକ ବ୍ୟବସ୍ଥାକୁ ବଜାୟ ରଖି ଏହି ଦୋକାନ ଗୁଡ଼ିକୁ ଖୋଲା ରଖିବାକୁ ସୁଯୋଗ ଦିଆଯିବା ଉଚିତ । ଏହି ଦୃଷ୍ଟିରୁ ଏକ ଆଦର୍ଶ ଦୋକାନ ଏବଂ ପ୍ରତିଷ୍ଠାନ ବିଧେୟକ ଆଣିବାକୁ ସରକାର ଚିନ୍ତା କରୁଛନ୍ତି । ଏହାକୁ ପରେ ରାଜ୍ୟଗୁଡ଼ିକ ନିଜ ଇଚ୍ଛା ଅନୁସାରେ ଅନୁମୋଦନ କରିବେ ।

ଭାରତର ୬୫ ପ୍ରତିଶତ ଜନସଂଖ୍ୟାର ବୟସ ୩୫ ବର୍ଷ ରୁ କମ୍ । ତେଣୁ ଅଧିକ କର୍ମନିଯୁକ୍ତି ସୁଯୋଗ ପାଇଁ ସରକାର ପ୍ରୟାସରତ । କିନ୍ତୁ ଏହି ବିଶାଳ ଯୁବଗୋଷ୍ଠୀଙ୍କ କର୍ମନିଯୁକ୍ତି ପାଇଁ ଆବଶ୍ୟକ ବୃହତ୍ ପରିବେଶ ସୃଷ୍ଟି କରିବା ଏକ ଆହ୍ୱାନ ଏବଂ ଏହା ସମୟ ସାପେକ୍ଷ ମଧ୍ୟ ।ଇ.ପି.ଏଫ୍. ଉଠାଣ ଉପରେ ପ୍ରସ୍ତାବିତ ଟିକସକୁ କେନ୍ଦ୍ର ସରକାର ଇତିମଧ୍ୟରେ ପ୍ରତ୍ୟାହୃତ କରିଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯଦ୍ଦ୍ୱାରା ଉଦ୍ୟୋଗ ଜଗତର ମେରୁଦଣ୍ଡ କୁହାଯାଉଥିବା ଶ୍ରମିକ ବର୍ଗଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ । ଏ ସମ୍ପର୍କରେ ଅର୍ଥମନ୍ତ୍ରୀ କହିଥିଲେ ଯେ, ଟିକସ ବ୍ୟବସ୍ଥା ଦ୍ୱାରା ପେନ୍‌ସନ୍ ଯୋଜନାରେ ପୁଞ୍ଜି ନିବେଶ କରି ନିଜ ଭବିଷ୍ୟତକୁ ସୁରକ୍ଷିତ ରଖିବା ସକାଶେ କର୍ମଚାରୀଙ୍କୁ ସରକାର ଏକ ସୁଯୋଗ ଦେବାକୁ ଚାହୁଁଥିଲେ । ତେବେ ବହୁ ସାଂସଦ ଓ ଅନୁଷ୍ଠାନ ଗୁଡ଼ିକଦ୍ୱାରା ବିରୋଧ କରାଯିବା କାରଣରୁ ସରକାର ଏହାକୁ ପ୍ରତ୍ୟାହାର କରିଛନ୍ତି । ତେବେ ଜାତୀୟ ପେନ୍‌ସନ୍ ଯୋଜନା ସମ୍ପର୍କୀତ ଟିକସ ପ୍ରସ୍ତାବ ବଳବତର ରହିବ । ସୂଚନାଯୋଗ୍ୟ ଯେ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରୁ ଉଠାଯିବାକୁ ଥିବା ଟଙ୍କାର ୬୦ ପ୍ରତିଶତ ଉପରେ ଟିକସ ଲାଗୁ ହେବାକୁ ଥିବାବେଳେ ଅବଶିଷ୍ଟ ୪୦ ପ୍ରତିଶତକୁ ଟିକସ ମୁକ୍ତ ରଖିବାର ପ୍ରସ୍ତାବ ଥିଲା ।

ଭାରତର ଭବିଷ୍ୟତ ବଦଳାଇବାକୁ ସରକାର ପ୍ରଚେଷ୍ଟାରତ ଅଛନ୍ତି । ଆଗାମୀ ୫ ବର୍ଷରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାର ଲକ୍ଷ୍ୟ, ଗ୍ରାମିଣ ଭିତିଭୂମି ବିକାଶ ଓ କର୍ମନିଯୁକ୍ତି, ଅର୍ଥ ନୈତିକ ସଂସ୍କାର ଓ ବ୍ୟବସାୟିକ ବାତାବରଣ ସୃଷ୍ଟି, ବିତିୟ ଶୃଙ୍ଖଳା ଓ ଟିକସ ସଂସ୍କାର ଆଦି ପଦକ୍ଷେପ ଜରିଆରେ ଏହି ଉଦ୍ଦେଶ୍ୟ ହାସଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

ଲେଖକ, ଜଣେ ବରିଷ୍ଠ ସାମ୍ବାଦିକ ଏବଂ ଭାରତୀୟ ପ୍ରେସ୍ ପରିଷଦର ପୂର୍ବତନ ସଦସ୍ୟ ।

# ୨୦୧୬-୧୭ ରେଳ ବଜେଟ

ଶାନ୍ତି ନାରାୟଣ

**ଏ**କ ନୂଆ ସମ୍ବଳ ସଂଗ୍ରହ କୌଶଳ ଅବଲମ୍ବନ କରି ରେଳ ଭିତିଭୂମିକୁ ସୁଧାରିବା ପାଇଁ ରେଳବାଇ ମନ୍ତ୍ରୀ ବଜେଟରେ ଯେଉଁ ପ୍ରୟାସ କରିଛନ୍ତି ସେଥିପାଇଁ ସେ ଧନ୍ୟବାଦର ପାତ୍ର । ଏହି ପଦକ୍ଷେପ ରେଳବାଇର ସାଂପ୍ରତିକ ଆବଶ୍ୟକତା ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ରେଳ ଭିତିଭୂମିର ବିକାଶ ପାଇଁ ଏବେ ପ୍ରଚୁର ପୁଞ୍ଜି ନିବେଶର ଆବଶ୍ୟକତା ରହିଛି । କେବଳ ଥରେ ଅଧେ ଏଭଳି ପ୍ରୟାସ କରିଦେଲେ କାମ ଚଳିବ ନାହିଁ; ଏ କ୍ଷେତ୍ରରେ ନିରନ୍ତର ଉଦ୍ୟମ ଲୋଡ଼ା । ଦେଶର ଯାତ୍ରୀବାହକ ଭାବେ ପରିଚିତ ଭାରତୀୟ ରେଳବାଇର ଅଧିକାଂଶ ପଥରେ ରେଳଚଳାଚଳ ଏବେ ସର୍ବୋଚ୍ଚ ସ୍ତରରେ ପହଂଚିଗଲାଣି । ନୂଆ ରେଳପଥ ସହ ଭିତିଭୂମି ବିକାଶ ନ'ହେଲେ ରେଳ ପରିବହନ ଆଗେଇ ପାରିବ ନାହିଁ ।

୨୦୧୪-୧୫ ବଜେଟରେ ରେଳବାଇରେ ପୁଞ୍ଜି ଲଗାଣ ପରିମାଣ ପ୍ରାୟ ୬୦ ହଜାର କୋଟି ଟଙ୍କା ଥିବାବେଳେ ୨୦୧୫-୧୬ରେ ଏହା ଏକ ଲକ୍ଷ କୋଟି ଏବଂ ଚଳିତ ବଜେଟରେ ଏହା ଏକ ଲକ୍ଷ୨୧ ହଜାର କୋଟିକୁ ବୃଦ୍ଧି ପାଇଛି । ପାଂଚବର୍ଷ ମଧ୍ୟରେ (୨୦୨୦-୨୧ ସୁଦ୍ଧା) ଭାରତୀୟ ରେଳବାଇରେ ୮.୫୪ ଲକ୍ଷ କୋଟି ଟଙ୍କାର ଯେଉଁ ପୁଞ୍ଜି ନିବେଶ ଲକ୍ଷ୍ୟ ରହିଛି ଏହି ବାର୍ଷିକ ବିନିଯୋଗ ତାହାର ଅଂଶ ବିଶେଷ । ଏହି ଲକ୍ଷ୍ୟ ସାଧିତ ହେଲେ ପୂର୍ବ ପାଂଚ ବର୍ଷ ତୁଳନାରେ ରେଳବାଇରେ ପୁଞ୍ଜି ନିବେଶ ପରିମାଣ ତିନିଗୁଣ ବଢ଼ିବ ।

ଏଥର ରେଳ ବଜେଟର ଆଉ ଏକ ଭଲ ଦିଗ ହେଲା ପ୍ରକଳ୍ପର ଗୁରୁତ୍ୱ ଓ ଲାଭ କ୍ଷତିକୁ ବିଚାରକୁ ନେଇ ତାହାର ଶ୍ରେଣୀ ବିଭାଗ । ଯେଉଁଗୁଡ଼ିକ ଲାଭଦାୟକ ଓ ଗୁରୁତ୍ୱପୂର୍ଣ୍ଣ ସେସବୁ ପ୍ରକଳ୍ପକୁ ଅଗ୍ରାଧିକାର ତାଲିକାଭୁକ୍ତ କରାଯାଇଛି । ଅଣଲାଭଦାୟକ ପ୍ରକଳ୍ପଗୁଡ଼ିକ ପାଇଁ ରାଜ୍ୟ ସରକାରଙ୍କ ସହିତ ମିଳିତ ପ୍ରୟାସରେ ସେସବୁର କାର୍ଯ୍ୟକାରୀତା ପାଇଁ ବ୍ୟବସ୍ଥା ହୋଇଛି । ଏଥିପାଇଁ ଉଭୟ ରେଳବାଇ ଓ ରାଜ୍ୟ ସରକାର ଅର୍ଥ ଯୋଗାଇଦେବେ । ତା' ଛଡ଼ା ଆସନ୍ତା ୩ବର୍ଷ ପର୍ଯ୍ୟନ୍ତ ଦୈନିକ ୧୩ କିମି ରେଳପଥ ନିର୍ମାଣ, ନିର୍ମାଣାଧୀନ ପ୍ରକଳ୍ପ ତଥା ରେଳପଥ ଦୋହରା କରିବା କାମ ଆଦିକୁ ଶୀଘ୍ର ଶେଷ କରିବା ପାଇଁ ଅଧିକ ଅର୍ଥ ବରାଦ, ମାଲପରିବହନ ପାଇଁ ସ୍ୱତନ୍ତ୍ର ଉତ୍ସର୍ଗୀକୃତ ରେଳପଥ ନିର୍ମାଣ ଓ ସବୁ ପ୍ରମୁଖ ବନ୍ଦରକୁ ରେଳପଥରେ ସଂଯୁକ୍ତ କରିବାର ପ୍ରସ୍ତାବନା ଆଦି ବାସ୍ତବବାଦୀ ଓ ସ୍ୱାଗତଯୋଗ୍ୟ । ସେହିଭଳି ରେଳଯାତ୍ରୀଙ୍କ ସୁଖସୁବିଧା ବୃଦ୍ଧି ତଥା ଷ୍ଟେସନଗୁଡ଼ିକ ର ଉନ୍ନତି ପାଇଁ ରେଳମନ୍ତ୍ରୀ ମଧ୍ୟ ଆବଶ୍ୟକ ଦୃଷ୍ଟି ଦେଇଛନ୍ତି । ଇ-କ୍ୟାଟରିଙ୍ଗ ବ୍ୟବସ୍ଥା ଏକ ଅଭିନବ ପ୍ରୟାସ । ଏହାଛଡ଼ା ରେଳ କ୍ୟାଟରିଙ୍ଗର ମାନ ବୃଦ୍ଧି ସହ ଏହାକୁ ଅଧିକ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଏହାକୁ ଆଇଆରସିଟିସିକୁ ପର୍ଯ୍ୟାୟକ୍ରମେ ହସ୍ତାନ୍ତର ନିଷ୍ପତି ନିଶ୍ଚିତ ଏକ ଭଲ ପ୍ରୟାସ । ଏହା ଫଳରେ ଆଇଆରସିଟିସି ପରିଚାଳିତ ମୂଳ ରନ୍ଧନଶାଳା ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବ ଓ ଯାତ୍ରୀ ଉନ୍ନତମାନର ଭୋଜନ ପାଇପାରିବେ । ଓଭର ବ୍ରିଜ୍ ଓ ଅଣ୍ଡର ବ୍ରିଜ୍ ନିର୍ମାଣ ପୂର୍ବକ ଦେଶର ସବୁ ଜଗୁଆଳି ଓ ଅଣଜଗୁଆଳି ଲେଭଲ କ୍ରସିଂକୁ ବନ୍ଦ କରିଦେବା ନିଷ୍ପତି ଆଉ

୨୦୧୪-୧୫ ବଜେଟରେ ରେଳବାଇରେ ପୁଞ୍ଜି ଲଗାଣ ପରିମାଣ ପ୍ରାୟ ୬୦ ହଜାର କୋଟି ଟଙ୍କା ଥିବାବେଳେ ୨୦୧୫-୧୬ରେ ଏହା ଏକ ଲକ୍ଷ କୋଟି ଏବଂ ଚଳିତ ବଜେଟରେ ଏହା ଏକ ଲକ୍ଷ୨୧ ହଜାର କୋଟିକୁ ବୃଦ୍ଧି ପାଇଛି । ପାଂଚବର୍ଷ ମଧ୍ୟରେ (୨୦୨୦-୨୧ ସୁଦ୍ଧା) ଭାରତୀୟ ରେଳବାଇରେ ୮.୫୪ ଲକ୍ଷ କୋଟି ଟଙ୍କାର ଯେଉଁ ପୁଞ୍ଜି ନିବେଶ ଲକ୍ଷ୍ୟ ରହିଛି ଏହି ବାର୍ଷିକ ବିନିଯୋଗ ତାହାର ଅଂଶ ବିଶେଷ । ଏହି ଲକ୍ଷ୍ୟ ସାଧିତ ହେଲେ ପୂର୍ବ ପାଂଚ ବର୍ଷ ତୁଳନାରେ ରେଳବାଇରେ ପୁଞ୍ଜି ନିବେଶ ପରିମାଣ ତିନିଗୁଣ ବଢ଼ିବ ।



Unfiled Notes Page 40

**ବିଭିନ୍ନ ନୀତିଗତ ନିଷ୍ପତିର କାର୍ଯ୍ୟକାରିତା, ପ୍ରକଳ୍ପର ରୂପାୟନ, ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ଆଦି ବିଭିନ୍ନ କାର୍ଯ୍ୟ ତଦାରଖ କରିବା ପାଇଁ ରେଳବାଇ ବୋର୍ଡରେ ପ୍ରଥମ କରି ଏକ ପ୍ରଶାସନିକ ଢାଂଚା ସୃଷ୍ଟି କରାଯାଇଛି । ଏହା ଗୋଟିଏ ଉତମ ନିଷ୍ପତି ଏବଂ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ଏହି ବ୍ୟବସ୍ଥା ବିଶେଷ ସହାୟକ ହେବ ବୋଲି ଆଶା କରାଯାଏ । ଏଥିପାଇଁ ସାତଟି ମିଶନ ପ୍ରସ୍ତୁତ ହୋଇଛି ଏବଂ ସେଥିପାଇଁ ମିଶନ ନିର୍ଦ୍ଦେଶକ ତାଙ୍କ ଅଧୀନରେ ଥିବା କାର୍ଯ୍ୟର ଫଳାଫଳ ସିଧାସଳଖ ରେଳବାଇ ବୋର୍ଡର**

ଏକ ଉଲ୍ଲେଖନୀୟ ପ୍ରୟାସ । ସୂଚନାଯୋଗ୍ୟ ଯେ ସମୁଦାୟ ରେଳ ଦୁର୍ଘଟଣା ମଧ୍ୟରୁ ଲେଭଲ କ୍ରସିଂ ଜନିତ ଦୁର୍ଘଟଣାର ପରିମାଣ ୪୦ ଶତାଂଶ ।

ବିଭିନ୍ନ ନୀତିଗତ ନିଷ୍ପତିର କାର୍ଯ୍ୟକାରିତା, ପ୍ରକଳ୍ପର ରୂପାୟନ, ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ଆଦି ବିଭିନ୍ନ କାର୍ଯ୍ୟ ତଦାରଖ କରିବା ପାଇଁ ରେଳବାଇ ବୋର୍ଡରେ ପ୍ରଥମ କରି ଏକ ପ୍ରଶାସନିକ ଢାଂଚା ସୃଷ୍ଟି କରାଯାଇଛି । ଏହା ଗୋଟିଏ ଉତମ ନିଷ୍ପତି ଏବଂ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ଏହି ବ୍ୟବସ୍ଥା ବିଶେଷ ସହାୟକ ହେବ ବୋଲି ଆଶା କରାଯାଏ । ଏଥିପାଇଁ ସାତଟି ମିଶନ ପ୍ରସ୍ତୁତ ହୋଇଛି ଏବଂ ସେଥିପାଇଁ ମିଶନ ନିର୍ଦ୍ଦେଶକ ତାଙ୍କ ଅଧୀନରେ ଥିବା କାର୍ଯ୍ୟର ଫଳାଫଳ ସିଧାସଳଖ ରେଳବାଇ ବୋର୍ଡର ଅଧ୍ୟକ୍ଷଙ୍କୁ ଜଣାଇବେ । ଏହି ସାତଟି ମିଶନ ମଧ୍ୟରୁ ଗୋଟିଏ ହେଲା ଦକ୍ଷତାର ଉପଯୋଗ । ପ୍ରସ୍ତାବିତ ମାଲ ପରିବହନ କରିଡର ନିର୍ମାଣ ଶେଷ ହେବାପରେ ରେଳବାଇର ଯେଉଁ ଦକ୍ଷତା ବଢ଼ିବ ତାହାର ସଦୁପଯୋଗ କିପରି କରାଯାଇପାରିବ ଦକ୍ଷତା ଉପଯୋଗ ମିଶନ ସେ ସମ୍ପର୍କରେ ଏକ ନକ୍ସା ପ୍ରସ୍ତୁତ କରିବ । ରେଳପଥରେ ବିଭିନ୍ନ ପ୍ରକାର ସାମଗ୍ରୀ ପରିବହନ ହେଉଥିବାରୁ ଖଣିଜ ପଦାର୍ଥ ବାହାରେ ଆଉ କେଉଁ ସାମଗ୍ରୀ ଅଧିକରୁ ଅଧିକ ପରିମାଣରେ ପରିବହନ କରାଯାଇପାରିବ ତାହା ଅନୁଧ୍ୟାନ ଓ ଆକଳନ କରି ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ ।

୧ ରେଳ ପରିବହନ ବୃଦ୍ଧି ପାଇଁ ନିମ୍ନଲିଖିତ କୌଶଳ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ଏବଂ ସେଥିପାଇଁ ବିପଣନ ଯୋଜନା ପ୍ରସ୍ତୁତ କରିବାକୁ ହେବ । ଏବେ ରେଳବାଇରେ ମାତ୍ର ୨୦% କଣ୍ଟେନର ପରିବହନ କରାଯାଉଛି । କଣ୍ଟେନର ପରିବହନ ମୂଲ୍ୟକୁ କୋହଳ ତଥା ପ୍ରତିଯୋଗିତାମୂଳକ କରି ଏହି କାରବାରକୁ ୪୦ ରୁ ୫୦ ଶତାଂଶ ପର୍ଯ୍ୟନ୍ତ ବଢ଼ାଇବାକୁ ପଡ଼ିବ । କଣ୍ଟେନର କମ୍ପାନୀଙ୍କ ଠାରୁ ନିୟମିତ ଭାବେ ଅଧିକ ପରିବହନ ବାବଦ ଦେୟ ଆଦାୟ କରାଯାଉଥିବାରୁ ସେମାନେ ଅନ୍ୟ ମାଧ୍ୟମକୁ ପସନ୍ଦ କରୁଛନ୍ତି ।

୨ ଏବେ ରେଳଯୋଗେ ବିଭିନ୍ନ ସ୍ଥାନକୁ ବିଭିନ୍ନ ପ୍ରକାର ସାମଗ୍ରୀ ଓ ପାର୍ଶଲ ପଠାଯାଉଛି । ଏସବୁ ସାମଗ୍ରୀ ଅପେକ୍ଷାକୃତ ବହୁ କମ୍ ଦାମରେ ଅତି ଦୂରଯାଗାକୁ ପଠାଯାଉଛି । ଟ୍ରେନର ମାଲ ପରିବହନ ଦକ୍ଷତାଠାରୁ ଏସବୁ ସାମଗ୍ରୀ କମ୍ ପରିମାଣରେ ଏବଂ କମ୍ ମୂଲ୍ୟରେ ପଠାଯାଉଥିବାରୁ ଏବାବଦରେ ରେଳବାଇ ବିପୁଳ କ୍ଷତି ସହୁଛି । ଏହି କ୍ଷତି ଏକ ବଡ଼ ରାଷ୍ଟ୍ରୀୟ କ୍ଷତି ହୋଇଥିବାରୁ ଏହାର ଅବସାନ ଲୋଡ଼ା । ଏଥିପାଇଁ ବିବିଧ ମାଧ୍ୟମ ଓ ମାର୍ଗର ଉପଯୋଗ କରାଯିବା ଉଚିତ ।

୩ ସଡ଼କ ପଥର ଭିଡ଼ କମାଇବା ପାଇଁ ରୋଲ ଅନ୍ - ରୋଲ ଅଫ୍ ସେବା ମାଧ୍ୟମରେ ବୋଝେଇ ଟ୍ରକଗୁଡ଼ିକୁ ସ୍ୱତନ୍ତ୍ର ଧରଣର ୱାଗନ ଯୋଗେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ପଠାଗଲେ ଏହା ଶସ୍ତାରେ ଓ ଶୀଘ୍ର ଦୂର ସ୍ଥାନକୁ ଯାଇପାରନ୍ତା । ଏହି ବିକଳ୍ପକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ।

୪ ଏବେ ଅନେକ ମାଲଗାଡ଼ି ଗୋଟିଏ ସ୍ଥାନକୁ ସାମଗ୍ରୀ ନେଇ ଯିବାବେଳେ ଖାଲି ଫେରୁଛି । ଏହାଦ୍ୱାରା ରେଳବାଇର ଖର୍ଚ୍ଚ ଅଧିକ ହେଉଛି । ରେଳବାଇ ସାମଗ୍ରୀ ପରିବହନ ସମୟରେ ଦୁଇ ପାଖର ଯିବା ଆସିବା ଖର୍ଚ୍ଚକୁ ହିସାବକୁ ନେଇ ଏକ ଯୁକ୍ତିଯୁକ୍ତ ପରିବହନ ଭଡ଼ା ନିର୍ଦ୍ଧାରଣ କରିବା ସହ ଉଦାରବାଦୀ ପରିବହନ ଭଡ଼ା ନିଲାମ ବ୍ୟବସ୍ଥା କରିବା ଉଚିତ । ଏହା ରେଳବାଇର ଲାଭ ବଢ଼ାଇବାରେ ସହାୟକ ହେବ ।

୫ ଯେଉଁମାନେ ନିୟମିତ ରେଳଯୋଗେ ମାଲ ପରିବହନ କରୁଛନ୍ତି ସେମାନଙ୍କୁ ସେମାନଙ୍କ ସାମଗ୍ରୀର ମୋଟ କାରବାର ଉପରେ ରିହାତି ଦେବାର ବ୍ୟବସ୍ଥା କରାଯିବା ଉଚିତ । ଏହାଦ୍ୱାରା ସେମାନେ ରେଳ ଉପରେ ଅଧିକ ଭରସା କରିବେ ।

ରେଳ ବଜେଟରେ ଅନେକ ଭଲ ବ୍ୟବସ୍ଥା ହୋଇଥିବା ସତ୍ୱେ ଗୋଟିଏ ଦୀର୍ଘ ଅବହେଳିତ କ୍ଷେତ୍ର ପ୍ରତି ଏଥର ମଧ୍ୟ ଦୃଷ୍ଟି ଦିଆଯାଇନାହିଁ । ସେଇଟି ହେଲା ଶୁଳ୍କ ବ୍ୟବସ୍ଥାର ଯୁକ୍ତିଯୁକ୍ତତା ପ୍ରତିପାଦିତ ନ'ହେବା । ଏହି ଶୁଳ୍କ ବା ଭଡ଼ାରେ ଅନେକ ବିସଂଗତି ଓ ତ୍ରୁଟି ରହିଛି । ତାହାର ସମାଧାନ କରାଯିବା ସହ ଏହାକୁ ଅଧିକ ଯୁକ୍ତିସଂଗତ କରିବାର ଆବଶ୍ୟକତା ରହିଛି । ଯାତ୍ରୀ ପରିବହନ କ୍ଷେତ୍ରରେ ରେଳବାଇ ବର୍ଷକୁ ପ୍ରାୟ ୩୦ ହଜାର କୋଟି ଟଙ୍କା ହରାଉଛି । ସେବାବଦ

**ରେଳବାଇର ପରିଚାଳନା ବ୍ୟୟ ଅନୁପାତ ବୃଦ୍ଧି ଆଉ ଏକ ଚିନ୍ତାଜନକ ବିଷୟ । ୨୦୧୪-୧୫ରେ ଏହା ୮୮.୨% ଥିବାବେଳେ ୨୦୧୫-୧୬ରେ ୯୦% ଏବଂ ଚଳିତ ବଜେଟରେ ୯୨ ଶତାଂଶକୁ ବୃଦ୍ଧି ପାଇବା ନିଶ୍ଚିତ ଉଦ୍‌ବେଗଜନକ । ଏହାଦ୍ୱାରା ଲାଭ ବା ଆୟ ପରିମାଣ ହ୍ରାସ ପାଇବ । ତେଣୁ ଏହି ଅନୁପାତକୁ ହ୍ରାସ କରିବାକୁ ହେଲେ ଆଭ୍ୟନ୍ତରୀଣ ସୂତ୍ରରୁ ଅଧିକରୁ ଅଧିକ ସମ୍ବଳ ସଂଗ୍ରହ ସହିତ ଖର୍ଚ୍ଚ ହ୍ରାସ କରିବାକୁ ପଡ଼ିବ ।**


ଅର୍ଥ ମାଲଭଡ଼ାରୁ ଭରଣା କରାଯାଉଛି । ଉଭୟ ସହରତଳି ଓ ଅଣ ସହରତଳି ଦ୍ୱିତୀୟ ଶ୍ରେଣୀ ଯାତ୍ରୀ ଭଡ଼ା ଦୀର୍ଘ କାଳ ଧରି ସଂଶୋଧିତ ହୋଇନାହିଁ । ଫଳରେ ଏବାବଦରେ ରେଳବାଇ ବହୁ କ୍ଷତି ସହୁଛି । ତାହାକୁ ଭରଣା କରିବା ପାଇଁ ରେଳବାଇ ମାଲଭଡ଼ା ବୃଦ୍ଧି କରି ଚାଲିଛି । ଏ କିପ୍ରକାର ଯୁକ୍ତି ? ଏହା ଫଳରେ ଭାରତୀୟ ଶିଳ୍ପ, ବାଣିଜ୍ୟ ଉଦ୍ୟୋଗ ତଥା ଭାରତୀୟ ସାମଗ୍ରୀ ବିଦେଶୀ ବଜାରରେ ପ୍ରତିଯୋଗିତା କରିପାରୁନାହାନ୍ତି । ସାମଗ୍ରୀର ମୂଲ୍ୟ ଚଢ଼ା ରହୁଛି ଏବଂ କାରବାର ହ୍ରାସ ପାଉଛି । ଭାରତର ମାଲଭଡ଼ା ଆନ୍ତର୍ଜାତିକ ମାଲଭଡ଼ା ଠାରୁ ପ୍ରାୟ ୨ ଗୁଣ ଅଧିକ ରହୁଛି ।

ଯାତ୍ରୀ ସେବାର ଉନ୍ନତି ପାଇଁ ରେଳବାଇ କିଛି ପଦକ୍ଷେପ ନେଇଥିବାରୁ ସାଧାରଣରେ ତାହାକୁ ପ୍ରଶଂସା କରାଯାଉଛି । ଉନ୍ନତ ସେବା ଯୋଗାଣ ପାଇଁ ଯାତ୍ରୀ ଅଧିକ ଦୁଇ ପଇସା ଖର୍ଚ୍ଚ କରିବାକୁ ଅନିଚ୍ଛୁକ ହେବେ ନାହିଁ ବୋଲି ମଧ ଗଣମାଧ୍ୟମରେ ମତ ପ୍ରକାଶ ପାଉଛି । ତେଣୁ ସେବାରେ ଉନ୍ନତି ଆଣି ସେ ବାବଦରେ ଯାତ୍ରୀଙ୍କଠାରୁ କିଛି ଅଧିକ ଆଦାୟ କରିବା ଏକ ଭଲ ବିଚାର । ଏହା ସହିତ ବାର୍ଷିକ ୧୦ ଶତାଂଶ ହିସାବରେ ଯାତ୍ରୀ ଭଡ଼ା ବୃଦ୍ଧି କରି ରେଳବାଇର ଦୁର୍ବଳ ଆର୍ଥିକ ସ୍ଥିତିକୁ ସୁଧାରିବାର ସୁଯୋଗ ରହିଛି ।

ଏକ ରେଳ ନିୟନ୍ତ୍ରକ ପ୍ରାଧିକରଣ ଗଠନ ପାଇଁ ଗତ ବଜେଟରେ ପ୍ରସ୍ତାବ ଥିଲା । ଏଯାଏ ତାହା କାର୍ଯ୍ୟକାରୀ ହୋଇପାରିନି । ଭଡ଼ା ନିର୍ଦ୍ଧାରଣ ଓ ସମୀକରଣ କ୍ଷେତ୍ରରେ ଏଭଳି ଏକ ସ୍ୱୟଂଶାସିତ ସଂସ୍ଥା ଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ତୁରନ୍ତ ଏହାକୁ ଗଠନ କରାଯିବା ଉଚିତ । ଅନ୍ୟ ଦୃଷ୍ଟିକୋଣରୁ ବିଚାର କଲେ କହିବାକୁ ହେବ ଯେ ସମସ୍ତ ପ୍ରକାର ସବ୍‌ସିଡିର ସମୀକ୍ଷା କରି କେବଳ ଯୋଗ୍ୟ ହିତାଧିକାରୀଙ୍କୁ ତାହା ଯୋଗାଇ ଦେବାକୁ ଏ ସରକାର ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ତାହା ସ୍ୱାଗତଯୋଗ୍ୟ । ସହରାଂଚଳର ଆତ୍ମନିଯୁକ୍ତ ବର୍ଗଙ୍କୁ ରେଳଯାତ୍ରାରେ କୌଣସି ରିହାତି ବା ସୁବିଧା ମିଳେ ନାହିଁ । ସେହିବର୍ଗର ସ୍ୱାର୍ଥରକ୍ଷା ପାଇଁ ଦୃଷ୍ଟି ଦିଆଯିବା ଆବଶ୍ୟକ । ଏହାଛଡ଼ା ଛାତ୍ରଛାତ୍ରୀଙ୍କ ପାଇଁ ମଧ ରେଳଭଡ଼ା ରିହାତି ବ୍ୟବସ୍ଥା ଅବ୍ୟାହତ ରହିବା ଉଚିତ୍ ।

ଅପରପକ୍ଷରେ ରେଳବାଇର ପରିଚାଳନା ବ୍ୟୟ ଅନୁପାତ ବୃଦ୍ଧି ଆଉ ଏକ ଚିନ୍ତାଜନକ ବିଷୟ । ୨୦୧୪-୧୫ରେ ଏହା ୮୮.୨% ଥିବାବେଳେ ୨୦୧୫-୧୬ରେ ୯୦% ଏବଂ ଚଳିତ ବଜେଟରେ ୯୨ ଶତାଂଶକୁ ବୃଦ୍ଧି ପାଇବା ନିଶ୍ଚିତ ଉଦ୍‌ବେଗଜନକ । ଏହାଦ୍ୱାରା ଲାଭ ବା ଆୟ ପରିମାଣ ହ୍ରାସ ପାଇବ । ତେଣୁ ଏହି ଅନୁପାତକୁ ହ୍ରାସ କରିବାକୁ ହେଲେ ଆଭ୍ୟନ୍ତରୀଣ ସୂତ୍ରରୁ ଅଧିକରୁ ଅଧିକ ସମ୍ବଳ ସଂଗ୍ରହ ସହିତ ଖର୍ଚ୍ଚ ହ୍ରାସ କରିବାକୁ ପଡ଼ିବ । ରେଳବାଇର ଆର୍ଥିକ ସ୍ଥିତି ଖରାପ ହେବାର ବିଭିନ୍ନ କାରଣ ରହିଥିଲେ ହେଁ ଏହାକୁ ଯଥାର୍ଥ କହି ଚୁପ୍‌ଚାପ ବସିବା ଠିକ୍ କଥା ନୁହେଁ । ସେଥିପାଇଁ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟରେ ଶେଷ କରିବା, ନିର୍ମାଣ ଖର୍ଚ୍ଚକୁ ଅଯଥା ନ ବଢ଼ାଇବା ଏବଂ ଲାଭଜନକ ପ୍ରକଳ୍ପରେ ଅର୍ଥ ଖଟାଇବାକୁ ଅଗ୍ରାଧିକାର ଦେବାକୁ ପଡ଼ିବ । ଏଥିପାଇଁ ତଦାରଖ ବ୍ୟବସ୍ଥାକୁ ସୁସଂହତ କରିବା ସହ ଠିକା ପରିଚାଳନା ଦକ୍ଷତାକୁ ବଢ଼ାଇବାକୁ ହେବ ।

ଶେଷରେ ଘରୋଇ-ସରକାରୀ ସହଭାଗିତା (ପିପିପି) ଏବଂ ରେଳବାଇ ଜମିକୁ ଆୟକାରୀ ଯୋଜନାରେ ବ୍ୟବହାର କରିବା ଭଳି ଯେଉଁସବୁ ବଜେଟ ବହିର୍ଭୁତ ଅତିରିକ୍ତ ଆୟ ବୃଦ୍ଧି ପ୍ରୟାସ କରାଯାଇଛି ତାହାର ବିଫଳତାକୁ ଭଲଭାବେ ପରୀକ୍ଷା ନିରୀକ୍ଷା କରିବାକୁ ପଡ଼ିବ । ସେହିଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳ ଓ ତୀର୍ଥ କ୍ଷେତ୍ରରେ ରେଳବାଇ ଯାତ୍ରୀଙ୍କ ପାଇଁ ସୁଲଭ ମୂଲ୍ୟର



ହୋଟେଲ ନିର୍ମାଣରେ ପୁଞ୍ଜି ଖଟାଇଲେ ଲାଭବାନ ହୋଇପାରନ୍ତା । କ୍ରମାଗତ ଭାବେ ବିଭାଗୀୟ ଅବହେଳା ଯୋଗୁଁ ଏହି ପ୍ରସ୍ତାବଟି ଆଗେଇ ପାରୁନାହିଁ । ଏ ଦିଗରେ ବିଶେଷ ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି । ଯେଉଁ ସବୁ ରେଳବାଇ ଜମି ବ୍ୟବସାୟିକ ଭିତିରେ ଚିହ୍ନଟ ହୋଇଛି ତାହାର ବିକାଶ ପାଇଁ ଏକ ଔଦ୍ୟୋଗିକ ପ୍ରତିଷ୍ଠାନ କରି ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଆଗ୍ରହୀ ପକ୍ଷଙ୍କୁ ଜମି ଯୋଗାଇ ଦେବାର ବ୍ୟବସ୍ଥା କରାଯାଉ । ଆଇଆରସିଟିସିର ଏ କ୍ଷେତ୍ରରେ ଆବଶ୍ୟକ ସାଧନ, ଅଭିଜ୍ଞତା ଓ ଦକ୍ଷତା ଥିବାରୁ ତା'କୁ ଏହି ଦାୟିତ୍ୱ ଦିଆଯାଇପାରେ । ସେହିଭଳି ରେଳ ଷ୍ଟେସନଗୁଡ଼ିକର ଆଧୁନିକୀକରଣ ଆଉ ଏକ ସମ୍ଭାବ୍ୟ ଉତ୍ସ ଯେଉଁଠୁ ରେଳବାଇ ଅତିରିକ୍ତ ସମ୍ବଳ ସଂଗ୍ରହ କରିବାର ସୁଯୋଗ ରହିଛି । ଏଥିପାଇଁ ଗୋଟିଏ 'ନୋଡାଲ' ସଂସ୍ଥା ମାଧ୍ୟମରେ ଅବିଳମ୍ବେ କାର୍ଯ୍ୟ ଆରମ୍ଭ କରାଯିବା ଆବଶ୍ୟକ ।

FORM – IV

(Statement of ownership and other particulars about newspaper Yojana (Odia) to be published in the first issue of every year after the last day of February)

| | | |
|---|---|---|
| 1. | Place of Publication | : NEW DELHI |
| 2. | Periodicity of its publication | : Monthly |
| 3. | Printer's Name & Nationality | : Dr. Sadhana Rout, (Indian Soochna Bhavan, Publications Division New Delhi-110 003. |
| 4. | Publisher's Name, Nationality & Address | : Dr. Sadhana Rout, Indian, Soochna Bhavan, Publications Division, New Delhi -110 003. |
| 5. | Editor's Name, Nationality &Address | : Dr. Girish Chandra Dash Indian Assistant Director (News) All India Radio, Cantonment Road Cuttack -753001 |
| 6. | Name and addresses of individuals Who own the newspaper and partners or shareholders holding more than One per cent of the total capital. | : Wholly owned by Ministry of I&B Govt. of India, New Delhi-110 001. |

I, Sadhana Rout hereby declare that the particulars given above are true to the best of my knowledge and belief.

Date:

(Dr. Sadhana Rout)
(Signature of Publisher)

ଲେଖକ, ଭାରତୀୟ ରେଳ ଟ୍ରାଫିକ୍ ସେବାର ଜଣେ ବରିଷ୍ଠ ଅଧିକାରୀ ।

# ଭିତିଭୂମି ବ୍ୟବସ୍ଥା : ଗୁରୁତ୍ୱପୂର୍ଣ୍ଣ ଅଥଚ ପିଚ୍ଛିଳ


ଜି ରଘୁରାମ


**ଦେ**ଶରେ ଭିତିଭୂମିର ବିକାଶ ପାଇଁ କେନ୍ଦ୍ର ବଜେଟରେ ଏଥର ଯେଉଁ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ଭାରତର ବିକାଶ ଦୃଷ୍ଟିକୋଣରୁ ଏହା ଠିକଣା ପଦକ୍ଷେପ । ବଜେଟରେ ଏଥିପାଇଁ ୨୨,୦୦୦୦ କୋଟି ଟଙ୍କାର ବ୍ୟୟ ବରାଦ ଏ ଦିଗରେ ଉପଯୁକ୍ତ ବାର୍ତା ଦେଉଛି । ଜାତୀୟ ରାଜପଥ ପାଇଁ ୭୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଓ ସେଥିମଧ୍ୟରୁ ୧୫ ହଜାର କୋଟି ଟଙ୍କା ବଣ୍ଡ୍ ଜରିଆରେ ସଂଗୃହୀତ ହେବ । ଅନ୍ୟାନ୍ୟ ସଂରଚନା କ୍ଷେତ୍ର ପାଇଁ ନିର୍ଦ୍ଦିଷ୍ଟ ଭାବେ କେତେ ଅର୍ଥବରାଦ ହୋଇଛି ତାହା ଗଣମାଧ୍ୟମରେ ସ୍ପଷ୍ଟ ହୋଇନାହିଁ । ତେବେ ଅର୍ଥମନ୍ତ୍ରଣାଳୟ ବିଭିନ୍ନ ମନ୍ତ୍ରଣାଳୟ ଓ ରାଜ୍ୟମାନଙ୍କ ପାଇଁ ବଜେଟରେ ଅର୍ଥବରାଦ କରୁଥିବାରୁ ତାଙ୍କ ପାଖରେ ଏ ସଂକ୍ରାନ୍ତ ସ୍ପଷ୍ଟ ଚିତ୍ର ନିଶ୍ଚିତ ଥିବ । ମୋର ବିଶ୍ୱାସ ରାଜ୍ୟ ସରକାର, ବିଭିନ୍ନ ସ୍ୱାୟତଶାସନ ସଂସ୍ଥା ଏବଂ ରେଳବାଇ ଆଦି ପାଇଁ କେନ୍ଦ୍ର ବଜେଟରେ ଅର୍ଥ ବରାଦ ହୋଇଥିବାରୁ ସରକାର ବଜେଟରେ ନିଶ୍ଚିତ ଅଧିକ ପାଣ୍ଠିର ବ୍ୟୟ ବରାଦ କରିଥିବେ । ସୂଚନାଯୋଗ୍ୟ ଯେ ଏଥର କେନ୍ଦ୍ର ସରକାର କେନ୍ଦ୍ରୀୟ ବଜେଟରେ ରେଳବାଇ ପାଇଁ ୪୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

ରାଜ୍ୟଗୁଡ଼ିକ ସହ ମିଳିତ ଭାବେ ବ୍ୟୟ କରିବାକୁ କେତେକ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କୁ ବ୍ୟୟ ବରାଦ କରିବାକୁ ହୋଇଥାଏ । ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ସେଥିମଧ୍ୟରୁ ଅନ୍ୟତମ । ଏଥିପାଇଁ କେନ୍ଦ୍ରୀୟ ବ୍ୟୟ ବରାଦ ୧୯ ହଜାର କୋଟି ଟଙ୍କା ହୋଇଥିବା ବେଳେ ପ୍ରଦେଶମାନଙ୍କ ପକ୍ଷରୁ ଆଉ ଆଠ ହଜାର କୋଟି ଟଙ୍କା ବ୍ୟୟ କରିବାକୁ ହେବ । ସେହିଭଳି ମେଟ୍ରୋ ପ୍ରକଳ୍ପଗୁଡ଼ିକ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଅନ୍ୟାନ୍ୟ ପ୍ରମୁଖ ଭିତିଭୂମି ପ୍ରକଳ୍ପ ପାଇଁ ବରାଦ ହୋଇଥିବା ପାଣ୍ଠି ନିମ୍ନ

> ରାଜ୍ୟଗୁଡ଼ିକ ସହ ମିଳିତ ଭାବେ ବ୍ୟୟ କରିବାକୁ କେତେକ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କୁ ବ୍ୟୟ ବରାଦ କରିବାକୁ ହୋଇଥାଏ । ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା । (ପିଏମ୍‌ଜିଏସ୍‌ୱାଇ) ସେଥିମଧ୍ୟରୁ ଅନ୍ୟତମ । ଏଥିପାଇଁ କେନ୍ଦ୍ରୀୟ ବ୍ୟୟ ବରାଦ ୧୯ ହଜାର କୋଟି ଟଙ୍କା ହୋଇଥିବା ବେଳେ ପ୍ରଦେଶମାନଙ୍କ ପକ୍ଷରୁ ଆଉ ଆଠ ହଜାର କୋଟି ଟଙ୍କା ବ୍ୟୟ କରିବାକୁ ହେବ । ସେହିଭଳି ମେଟ୍ରୋ ପ୍ରକଳ୍ପଗୁଡ଼ିକ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।



| କ୍ରମିକ | ରେଳ,ସଡ଼କ ଓ ମେଟ୍ରୋ ବ୍ୟତୀତ ଅନ୍ୟାନ୍ୟ ପ୍ରକଳ୍ପ | ବଜେଟ ହିସାବ ୨୦୧୬-୧୭ (କୋଟିରେ) |
|---|---|---|
| ୧ | ପ୍ରଧାନମନ୍ତ୍ରୀ ଆବାସ ଯୋଜନା | ୨୦୦୭୫ |
| ୨ | ସ୍ୱଚ୍ଛ ଭାରତ ଅଭିଯାନ | ୧୧୩୦୦ |
| ୩ | ଦୀନଦୟାଲ ଗ୍ରାମଜ୍ୟୋତି ଯୋଜନା ଓ ସମନ୍ୱିତ ଶକ୍ତି ବିକାଶ କାର୍ଯ୍ୟକ୍ରମ | ୮୫୦୦ |
| ୪ | ଅମୃତ ଓ ୧୦୦ ସ୍ମାର୍ଟ ସିଟି ବିକାଶ କାର୍ଯ୍ୟକ୍ରମ | ୭୨୯୬ |
| ୫ | ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ | ୫୦୦୦ |
| ୬ | ଜାତୀୟ ବିନିଯୋଗ ଓ ଭିତିଭୂମି ପାଣ୍ଠି | ୪୦୦୦ |
| ୭ | ଆଣବିକ ଶକ୍ତି ଉତ୍ପାଦନ | ୩୦୦୦ |
| ୮ | ଜାତୀୟ ଶିଳ୍ପ କରିଡର | ୧୪୪୮ |
| ୯ | ଅନ୍ତର୍ଦେଶୀୟ ଜଳପଥ ବିକାଶ | ୮୦୦ |
| ୧୦ | ସାଗରମାଳା | ୪୫୦ |
| ୧୧ | ୧୬୦ ବିମାନ ବନ୍ଦରର ବିକାଶ | ୫୦ ରୁ ୧୦୦ |

ଟେବୁଲରେ ପ୍ରଦାନ କରାଗଲା ।

ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଛି ରେଳପଥ ଓ ସଡ଼କ ବିକାଶ ଉପରେ । ଏହାପରେ ଆବାସ ନିର୍ମାଣ, ସ୍ୱଚ୍ଛଭାରତ ଅଭିଯାନ, ମେଟ୍ରୋ ଓ ସହରାଂଚଳ ବିକାଶକୁ କ୍ରମାନ୍ୱୟରେ ଗୁରୁତ୍ୱ ଦିଆଯାଇଛି । ଏହି ଉଲ୍ଲେଖନୀୟ ବ୍ୟୟ ବରାଦ ସତ୍ତ୍ୱେ ସମସ୍ୟା ମଧ୍ୟ ରହିଛି । ଏ କ୍ଷେତ୍ରରେ ବିଭିନ୍ନ ସମ୍ପୃକ୍ତ ପକ୍ଷଙ୍କର ନୂଆ ପରିସ୍ଥିତିର ସାମ୍ନା କରିବାକୁ ମାନସିକ ଦକ୍ଷତା ଓ ସାମର୍ଥ୍ୟ ସବୁଠୁ ବଡ଼ କଥା । ତା' ନ ହେଲେ ଆବଶ୍ୟକ ଅର୍ଥ ବରାଦ ସତ୍ତ୍ୱେ ତାହାର ଉପଯୁକ୍ତ ବିନିଯୋଗ ସମ୍ଭବ ନୁହେଁ ।

**ବିଭିନ୍ନ ଆହ୍ୱାନ :** ପ୍ରଥମ ସମସ୍ୟା ହେଲା ଯେଉଁସବୁ କାର୍ଯ୍ୟକ୍ରମ ପାଇଁ ଅର୍ଥ ଯୋଗାଣ କରାଯିବ ତାହାର ବିନିଯୋଗ ଓ କାର୍ଯ୍ୟକ୍ରମର ତଦାରଖ ପାଇଁ ସରକାରଙ୍କର ଆବଶ୍ୟକ ଦକ୍ଷତା ଓ ସାମର୍ଥ୍ୟ ଅଛି ତ ? ସଡ଼କ କ୍ଷେତ୍ରରେ ଅବଶ୍ୟ ଭଲ ପ୍ରତିଷ୍ଠାନଗତ ଅଭିଜ୍ଞତା ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଓ ଜାତୀୟ ଗ୍ରାମାଂଚଳ ସଡ଼କ ବିକାଶ ସଂସ୍ଥା (ଏନ୍‌ଆର୍‌ଆର୍‌ଡିଏ)ପାଖରେ ରହିଛି । ମାତ୍ର ଅନ୍ତର୍ଦେଶୀୟ ଜଳପଥ ବିକାଶ ପ୍ରାଧିକରଣ ( ଆଇଡବ୍ଲ୍ୟୁଏଆଇ)ର ଏ ଅଭିଜ୍ଞତା ନାହିଁ । ସାଗରମାଳା ପ୍ରକଳ୍ପ କ୍ଷେତ୍ରରେ ସମାନ ଅବସ୍ଥା । ଅନେକ ଚମତ୍କାର ଯୋଜନା ଓ ପ୍ରକଳ୍ପର ବ୍ୟବସ୍ଥା ହୋଇଥିବାବେଳେ କାର୍ଯ୍ୟକାରୀ କରିବାକୁ ଆବଶ୍ୟକ ପ୍ରତିଷ୍ଠାନ ବା ସଂସ୍ଥାଗତ ଦକ୍ଷତା ନାହିଁ । ସଡ଼କ ପରିବହନ ଉତ୍କର୍ଷ ପୁରସ୍କାର କାର୍ଯ୍ୟକ୍ରମରେ ଗତ ମାର୍ଚ୍ଚ ୪ ତାରିଖରେ ସଡ଼କ ପରିବହନ ଓ ରାଜପଥ ଏବଂ ଜାହାଜ ଚଳାଚଳ ବ୍ୟାପାର ମନ୍ତ୍ରୀଙ୍କ କଥା ଶୁଣିବାକୁ ବେଶ୍ ମଜା ଲାଗିଲା । ସେ କହିଲେ ଜଳବାୟୁ ଓ ପରିବେଶଗତ ପ୍ରଭାବ ଦୃଷ୍ଟିକୋଣରୁ ଜଳ, ରେଳ ଓ ସଡ଼କ ପରିବହନକୁ ଅଗ୍ରାଧିକାର ଦେବାକୁ ରାଷ୍ଟ୍ର ନିଷ୍ପତି ନେଇଛି । ଭବିଷ୍ୟତର ରୂପରେଖ ଓ ଅତୀତର ଅଭିଜ୍ଞତା ଦୃଷ୍ଟିରୁ ସଡ଼କ କ୍ଷେତ୍ରରେ ପ୍ରୋତ୍ସାହକମାନଙ୍କୁ ଆକର୍ଷିତ କରିବା ପାଇଁ ଏକ ମିଶ୍ରିତ ଢାଂଚା ପ୍ରସ୍ତୁତ ହୋଇଛି । ତେବେ ଅନ୍ତର୍ଦେଶୀୟ ଜଳପଥ ବିକାଶ ଏବଂ ରେଳବାଇ କ୍ଷେତ୍ରରେ ଏକ ଉପଯୁକ୍ତ ଘରୋଇ-ସରକାରୀ (ପିପିପି) ଢାଂଚା ପ୍ରସ୍ତୁତ କରିବାକୁ ଯଥେଷ୍ଟ ପ୍ରାକ୍ ପ୍ରସ୍ତୁତି ଓ ପଠନର ଆବଶ୍ୟକତା ରହିଛି ।

ଦ୍ୱିତୀୟ ଆହ୍ୱାନଟି ହେଲା ଆମ ପାଖରେ ଏମିତି ଯଥେଷ୍ଟ ଠିକାଦାର ବା ପିପିପି ପ୍ରମୋଟର ଅଛନ୍ତି କି ଯେଉଁମାନେ ଦକ୍ଷ ଏବଂ ଠିକ୍‌ଠାକ ସବୁ କାର୍ଯ୍ୟ ସମ୍ପାଦନ କରିବାକୁ ଆଗ୍ରହୀ ? ଚୁକ୍ତିନାମାର ସର୍ତ୍ତ ଖିଲାପ ଅଭିଯୋଗରେ ଗତ ପାଂଚ ବର୍ଷ ମଧ୍ୟରେ ଅନେକ ପ୍ରମୋଟର ବହୁ ସଡ଼କ, ମେଟ୍ରୋ ପ୍ରକଳ୍ପରୁ ଓହରି ଯାଇଛନ୍ତି । ପରିବେଶଗତ ବିବାଦ, ଭୂମି ଅଧିଗ୍ରହଣ ଓ ଅନାନ୍ୟ ଜଟିଳତା ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଛି । ସଂଶୋଧିତ ମିଶ୍ରିତ ଢାଂଚାରେ ଏବେ ସଡ଼କ ନିର୍ମାଣ କ୍ଷେତ୍ରରେ ଅଧିକ ଆଗ୍ରହ ଠିକାଦାର, ପ୍ରମୋଟରମାନେ ଦେଖାଇବା ଆଶା କରାଯାଏ । ତେବେ ଅନ୍ୟ କ୍ଷେତ୍ରରେ ଏହା ହୋଇ ନଥିବାରୁ ଠିକାଦାର ପ୍ରମୋଟରମାନେ

ପାଣିଚାଖିବା ନୀତି ଅବଲମ୍ବନ କରୁଛନ୍ତି । ଏଲ ଆଣ୍ଡ୍ ଟି ଭଳି ଘରୋଇ ନିର୍ମାଣକାରୀ ସଂସ୍ଥାମାନେ ନିର୍ମାଣ ଓ ଚାଳନା (ବିଲଡ୍ ଆଣ୍ଡ ଅପରେଟ) କାର୍ଯ୍ୟକ୍ରମରୁ ଓହରି କେବଳ ନିର୍ମାଣ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।

ତୃତୀୟ ସମସ୍ୟା ହେଉଛି ଆଇନଗତ ଓ ବିଚାରବିଭାଗୀୟ । ନିର୍ମାଣ କ୍ଷେତ୍ରରେ ଯେଉଁସବୁ ଆଇନଗତ ସମସ୍ୟା ମୁଣ୍ଡ ଟେକୁଛି ତାହାର ମୁକାବିଲା କରିବାର ସାମର୍ଥ୍ୟ ଓ ଦକ୍ଷତା ଆମର ଅଛି ତ? ଆଇନଗତ ବିବାଦ ଯୋଗୁଁ ସଂରଚନା ପ୍ରକଳ୍ପ ଅଟକି ରହିଛି । ଏହି ସମସ୍ୟାର ସମାଧାନ ପାଇଁ ଏକ ଜନସ୍ୱାର୍ଥ ବିଲ୍ ଆଣି ବିବାଦର ଆଶୁ ସମାଧାନ କରିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ତା'ଛଡ଼ା ଚୁକ୍ତିନାମା ଓ ଠିକା ବ୍ୟବସ୍ଥାର ସମୀକ୍ଷା ପାଇଁ ଏକ ପ୍ରସ୍ତାବ ରହିଛି । ବିବାଦରେ ଛନ୍ଦି ହୋଇ ରହିଥିବା ବିଭିନ୍ନ ପ୍ରକଳ୍ପକୁ ଉଦ୍ଧାର କରି ସେସବୁକୁ କାର୍ଯ୍ୟକାରୀ କରିବା ବର୍ତମାନର ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ।

ଚତୁର୍ଥ ସମସ୍ୟା ହେଉଛି ଋଣ ଓ ଏହାର ପରିଶୋଧ । ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକରୁ ବିଭିନ୍ନ ଭିତିଭୂମି ପ୍ରକଳ୍ପ ପାଇଁ ଆବଶ୍ୟକ ଋଣ ଆଣି ଠିକଣା ଭାବେ ତାହାର ସୁଧ ଦେବା ଓ ମୂଳ ପରିଶୋଧ କରିବା ଏବେ ଆଉ ସହଜ ନୁହେଁ । ଏସବୁ ବ୍ୟାଙ୍କ ସମୂହଙ୍କ ଅଣ ଉତ୍ପାଦନକାରୀ ସମ୍ପତି ଓ ପୁଞ୍ଜିର ପରିମାଣ ଏତେ ବଢ଼ି ଗଲାଣି ଯେ ତାହାକୁ ସମ୍ଭାଳିବା ଅବସ୍ଥାରେ ସେମାନେ ନାହାନ୍ତି । ଅର୍ଥମନ୍ତ୍ରୀ ରାଷ୍ଟ୍ରାୟତ ବ୍ୟାଙ୍କ ସମୂହଙ୍କ ଆର୍ଥିକ ଦୁର୍ଗତି ଦୂର କରିବା ପାଇଁ ଚଳିତ ବଜେଟରେ ୨୫୦୦୦ କୋଟି ଟଙ୍କା ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି । ମାତ୍ର ଏହି ଅର୍ଥ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକର ଆର୍ଥିକ ଦୁରବସ୍ଥା ଦୂର କରିବାକୁ ଯଥେଷ୍ଟ ନୁହେଁ । ଏଭଳି ଅବସ୍ଥାରେ ସେମାନେ ଭିତିଭୂମି ଉଦ୍ୟୋଗକୁ ଋଣ ଯୋଗାଇବା ସମ୍ଭବ ନୁହେଁ ।

**ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକରୁ ବିଭିନ୍ନ ଭିତିଭୂମି ପ୍ରକଳ୍ପ ପାଇଁ ଆବଶ୍ୟକ ଋଣ ଆଣି ଠିକଣା ଭାବେ ତାହାର ସୁଧ ଦେବା ଓ ମୂଳ ପରିଶୋଧ କରିବା ଏବେ ଆଉ ସହଜ ନୁହେଁ । ଏସବୁ ବ୍ୟାଙ୍କ ସମୂହଙ୍କ ଅଣ ଉତ୍ପାଦନକାରୀ ସମ୍ପତି ଓ ପୁଞ୍ଜିର ପରିମାଣ ଏତେ ବଢ଼ି ଗଲାଣି ଯେ ତାହାକୁ ସମ୍ଭାଳିବା ଅବସ୍ଥାରେ ସେମାନେ ନାହାନ୍ତି । ଅର୍ଥମନ୍ତ୍ରୀ ରାଷ୍ଟ୍ରାୟତ ବ୍ୟାଙ୍କ ସମୂହଙ୍କ ଆର୍ଥିକ ଦୁର୍ଗତି ଦୂର କରିବା ପାଇଁ ଚଳିତ ବଜେଟରେ ୨୫୦୦୦ କୋଟି ଟଙ୍କା ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି । ମାତ୍ର ଏହି ଅର୍ଥ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକର ଆର୍ଥିକ ଦୁରବସ୍ଥା ଦୂର କରିବାକୁ ଯଥେଷ୍ଟ ନୁହେଁ ।**

ପଂଚମ ସମସ୍ୟା ହେଉଛି ଆନୁଷ୍ଠାନିକ ଦକ୍ଷତା । ଏ କ୍ଷେତ୍ରରେ ତାଲିମ, ଶିକ୍ଷା, ଗବେଷଣା ଓ ଉନ୍ନୟନର ଭୂମିକା ଅନସ୍ୱୀକାର୍ଯ୍ୟ । ଅବଶ୍ୟ ଏବେ ତାଲିମ ଦକ୍ଷତା ବଢ଼ିଛି ଓ ଏଥିପାଇଁ ଏକାଧିକ ପ୍ରତିଷ୍ଠାନ ଖୋଲିଛି; ମାତ୍ର ଉତମ ଶିକ୍ଷା କ୍ଷେତ୍ରରେ ସେମିତି କିଛି ଆଖିଦୃଶିଆ ହୋଇନାହିଁ । ମୋ ଜାଣିବାରେ ମୁମ୍ବଇ ବିଶ୍ୱ ବିଦ୍ୟାଳୟ ଓ ଆଦାନୀ ଭଳି କେତେକ ଘରୋଇ ପରିଚାଳନା ପ୍ରତିଷ୍ଠାନରେ ଭିତିଭୂମି କ୍ଷେତ୍ରର ଉପାଧ୍ୟୁତର ପାଠ୍ୟକ୍ରମ ଅଛି । ଏହା ବାଦ ଗବେଷଣା ଓ ଉନ୍ନୟନର ଅଭାବ ରହିଛି । ଏହା ସତ୍ୱେ ଭାରତ ଏବେ ବିଶ୍ୱର ସବୁଠୁ ବଡ଼ ପିପିପି ବଜାର । ମାତ୍ର ଆମର ଆବଶ୍ୟକତା ଅନୁପାତରେ ଆମ ପାଖରେ ଯଥେଷ୍ଟ ସାଧନ ଓ ସମ୍ବଳ ନାହିଁ । ପିପିପି ନେଇ କେଲକର କମିଟି ରିପୋର୍ଟ ଅନୁସାରେ, ପିପିପିର ସଫଳତା ପାଇଁ ଉତ୍ସର୍ଗୀକୃତ ପ୍ରତିଷ୍ଠାନ ନିର୍ମାଣ କରିବାକୁ ହେବ । ଏଥିପାଇଁ ଗବେଷଣା, ସମୀକ୍ଷା, ଦକ୍ଷତା ନିର୍ମାଣ, ତୁରନ୍ତ ବିବାଦ ସମାଧାନର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ପ୍ରକଳ୍ପ ନିର୍ମାଣ, ପ୍ରକଳ୍ପ ଜନିତ ବିପଦ / କ୍ଷତିର ଆକଳନ ଏବଂ ପ୍ରକଳ୍ପ ପରିଚାଳନା, ସାମାଜିକ ମୂଲ୍ୟ ଓ ସୁଫଳର ତର୍ଜମା, ଆର୍ଥିକ ଦୃଷ୍ଟିରୁ ପ୍ରକଳ୍ପର ଲାଭ କ୍ଷତି, ଟେଣ୍ଡର, ନକ୍ସା ପ୍ରସ୍ତୁତି, ଚୁକ୍ତିନାମା, ନିୟନ୍ତ୍ରଣକାରୀ ପ୍ରସଙ୍ଗ ଆଦି କ୍ଷେତ୍ରରେ ଅଧିକରୁ ଅଧିକ ଗବେଷଣା ପାଇଁ ବିଭିନ୍ନ ଅନୁଧ୍ୟାନକାରୀ ଗୋଷ୍ଠୀ ଗୁରୁତ୍ୱ ଦେଉଛନ୍ତି । ସେଥିପ୍ରତି ଆବଶ୍ୟକ ଗୁରୁତ୍ୱ ଦେବା ଜରୁରୀ ।

**ନୀତି :** ଖର୍ଚ୍ଚ ହେବାକୁ ଥିବା ବିପୁଳ ଅର୍ଥର ମୂଲ୍ୟକୁ ଦୃଷ୍ଟିରେ ରଖି ଉତମ ନୀତି ନିୟମ ପ୍ରସ୍ତୁତ କରିବାକୁ ପଡ଼ିବ ଯ'ଦ୍ୱାରା ବଜେଟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ପୂର୍ବରୁ କୁହାଯାଇଛି ଯେ ବିଭିନ୍ନ ନୀତି ସମ୍ପର୍କରେ ସରକାରଙ୍କ ଦୃଷ୍ଟିକୋଣ ସ୍ୱଷ୍ଟ ରହିଛି । ତେବେ ବାସ୍ତବତା ହେଉଛି ସହଜ ଏବଂ ହାତପାହାନ୍ତର କାର୍ଯ୍ୟକ୍ରମଗୁଡ଼ିକ ସହଜରେ ଶେଷ ହୋଇଥାଏ । କଠିନ ଓ ସମସ୍ୟାବହୁଳ କାର୍ଯ୍ୟ ବିଳମ୍ବିତ ହୁଏ ।

ଉଦାହରଣସ୍ୱରୂପ ଜାତୀୟ ରାଜପଥ ବିକାଶ କାର୍ଯ୍ୟକ୍ରମ ଏବେ ସରକାରୀ ଅଗ୍ରାଧିକାର ପାଇଛି । ଏବେ ଦେଶରେ ଯେଉଁ ୯୬ହଜାର କି.ମି. ଜାତୀୟ ରାଜପଥ ରହିଛି, ତାହାକୁ ୨ ଲକ୍ଷ କିଲୋମିଟର କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ଏକ ଉତମ ପଦକ୍ଷେପ । ତେବେ ଜାତୀୟ / ଅନ୍ତର୍ଦ୍ଦେଶୀୟ ପଥରେ ଜଳପଥ ବିକାଶ ଏବଂ ଉପକୂଳ ଜାହାଜ ଚଳାଚଳ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହେଉନାହିଁ । ଏ କ୍ଷେତ୍ରରେ ଏକ ସମନ୍ୱିତ ବିକାଶ ନୀତି ଲୋଡ଼ା ସେଥି ପାଇଁ ବାସ୍ତବବାଦୀ ବହୁମୁଖୀ ପଦକ୍ଷେପ ଗ୍ରହଣ କରିବାକୁ ହେବ । ପ୍ରକଳ୍ପ

କାର୍ଯ୍ୟକାରିତାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନକରି କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ । ଜାତୀୟ ଜଳପଥ ବିକାଶ ପାଇଁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ମୋ ମତରେ ତାହା ବାସ୍ତବତାଠାରୁ ଭିନ୍ନ । ତେବେ ଦେଶରୁ ସମସ୍ତ ରେଳବାଇ ଲେଭଲ କ୍ରସିଂ ଉଠାଇଦେବା ଏବଂ ଏଥିପାଇଁ ସେତୁ ଭାରତମ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାର ସରକାରଙ୍କ ଆଭିମୁଖ୍ୟ ତଥା ଅଗ୍ରାଧିକାର ଉତମ ଅଟେ ।

ରେଳଷ୍ଟେସନର ବିକାଶ ପାଇଁ ପିପିପି ଢାଂଚାର ଉପଯୋଗ ଏକ ଭଲ ପ୍ରୟାସ ହୋଇଥିଲେ ହେଁ ଏ କ୍ଷେତ୍ରରେ ନିଲାମ ପ୍ରକ୍ରିୟା ଓ ଚୁକ୍ତି ଗୁରୁତ୍ୱପୂର୍ଣ୍ଣ । ଏ ପର୍ଯ୍ୟନ୍ତ ସାତଟି ଷ୍ଟେସନ ଭାରତୀୟ ରେଳବାଇର ଷ୍ଟେସନ ବିକାଶ ନିଗମ ଓ୍ୱେବସାଇଟ୍‌ରେ ସ୍ଥାନିତ ହୋଇଛି। ସେଥିମଧ୍ୟରୁ ତିନିଟି ବିଷୟରେ କିଛି ନଥିପତ୍ର ଓ ତଥ୍ୟ ରହିଛି । ତେଣୁ ୪୦୦ରୁ ଅଧିକ ଷ୍ଟେସନର ବିକାଶ ଯୋଜନା ହାତକୁ ନେବାବେଳେ ନିଲାମଧାରୀ ବା ଠିକାଦାର ଯେଉଁ ବିକାଶ ଢାଂଚା ଦେଉଛି ତାହାକୁ ସବୁ ପ୍ରତିଦ୍ୱନ୍ଦ୍ୱୀ ପକ୍ଷଙ୍କ ପ୍ରସ୍ତାବ ସହ ତୁଳନା କରି ଶ୍ରେଷ୍ଠ ବିକାଶ ଢାଂଚାକୁ ଗ୍ରହଣ କରିବାକୁ



**୧୩୦୧୦ ଗ୍ରାମକୁ ୨୦୧୮ ମେ ପହିଲା ସୁଦ୍ଧା ବିଜୁଳି ଯୋଗାଣ ସହ ଗ୍ରାମ୍ୟ ବିଦ୍ୟୁତ୍‌କରଣ କ୍ଷେତ୍ରରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ଏବଂ ୨୦୧୯ ସୁଦ୍ଧା ଅବଶିଷ୍ଟ ୬୫ ହଜାର ଗ୍ରାମକୁ ସଡ଼କ ସଂଯୋଗ ସମ୍ପର୍କରେ ବଜେଟରେ ଯେଉଁ ଲକ୍ଷ୍ୟ ଓ ନୀତି ନିର୍ଦ୍ଧାରଣ କରାଯାଇଛି ତାହା ସ୍ପଷ୍ଟ । ସେହିଭଳି ଆବାସ ନିର୍ମାଣ ପାଇଁ ମଧ୍ୟ ସମାନ ନୀତି ନିର୍ଦ୍ଧାରଣ କରାଯାଇ ଆବଶ୍ୟକ ଅର୍ଥ ବରାଦ କରାଯାଇଛି।**

ହେବା ସୁଇସ୍ ଚାଲେଞ୍ଜ ରୁଟ୍ ନାମରେ ପରିଚିତ ଏହି ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ତାହା କୁହାଯାଇ ନ'ପାରେ । ଏ କ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ ମଧ୍ୟ କେଲକର କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ରେଳ ବିକାଶ ପ୍ରାଧିକରଣ ପ୍ରତିଷ୍ଠା ଉପରେ ଏବେ ଗୁରୁତ୍ୱ ଦିଆଯାଉଛି । ଏଭଳି ଏକ ସ୍ୱାଧୀନ ନିୟାମକ ସଂସ୍ଥାର ଯଥେଷ୍ଟ ଆବଶ୍ୟକତା ଅଛି । ଏହାଫଳରେ ନୀତି ନିର୍ଦ୍ଧାରଣ ଓ ନିୟନ୍ତ୍ରଣ ଅଲଗା ହୋଇପାରିବ । ତେବେ ଏହି ପ୍ରାଧିକରଣର କ୍ଷମତା, କାର୍ଯ୍ୟ ପରିସର ଓ ସ୍ୱାଧୀନତା ବାସ୍ତବରେ କ'ଣ ହେବ ତାହା ଏ ସଂକ୍ରାନ୍ତ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଜଣାପଡ଼ିବ । ତେବେ ସେ ଯାହାହେଉ ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟାନ୍ୱୟନ ଦୁଇଟି ଯାକ ଅଲଗା ହେବା ଆବଶ୍ୟକ ।

ଅବଶିଷ୍ଟ ୧୩୦୧୦ ଗ୍ରାମକୁ ୨୦୧୮ ମେ ପହିଲା ସୁଦ୍ଧା ବିଜୁଳି ଯୋଗାଣ ସହ ଗ୍ରାମ୍ୟ ବିଦ୍ୟୁତ୍‌କରଣ କ୍ଷେତ୍ରରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ଏବଂ ୨୦୧୯ ସୁଦ୍ଧା ଅବଶିଷ୍ଟ ୬୫ ହଜାର ଗ୍ରାମକୁ ସଡ଼କ ସଂଯୋଗ ସମ୍ପର୍କରେ ବଜେଟରେ ଯେଉଁ ଲକ୍ଷ୍ୟ ଓ ନୀତି ନିର୍ଦ୍ଧାରଣ କରାଯାଇଛି ତାହା ସ୍ପଷ୍ଟ । ସେହିଭଳି ଆବାସ ନିର୍ମାଣ ପାଇଁ ମଧ୍ୟ ସମାନ ନୀତି ନିର୍ଦ୍ଧାରଣ କରାଯାଇ ଆବଶ୍ୟକ ଅର୍ଥ ବରାଦ କରାଯାଇଛି।

ସ୍ୱଚ୍ଛ ଭାରତ ଅଭିଯାନ, ସ୍ମାର୍ଟ ସିଟି ଓ ବିମାନବନ୍ଦର ପୁନରୁଦ୍ଧାର ନେଇ ଯେଉଁ ଅର୍ଥ ବରାଦ କରାଯାଇଛି ସେ ନେଇ ମୁଁ ଦୃଢ଼ ନିଶ୍ଚିତ ନୁହେଁ । କାରଣ ଏ କ୍ଷେତ୍ରରେ ସଫଳ କାର୍ଯ୍ୟକାରିତା ଏକ ପ୍ରଶ୍ନବାଚୀ ହୋଇଛି । ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଲୋକଙ୍କ ଅଭ୍ୟାସ ପରିବର୍ତନ ସବୁଠୁ ବଡ଼ କଥା । ସ୍ମାର୍ଟ ସିଟି ପରିକଳ୍ପନା ଓ ଲକ୍ଷ୍ୟ ଉପରେ ଅଧିକ ବିଚାରବିମର୍ଶ ଲୋଡ଼ା । ଏବେ ଦେଶର ଅନେକ ବିମାନବନ୍ଦର ନିଜର ଦକ୍ଷତାର ଉପଯୋଗ କରି ନ'ପାରି କ୍ଷତିରେ ଚାଲୁଥିବାବେଳେ ଏକାସଙ୍ଗେ ଅଧିକ ସଂଖ୍ୟାରେ ବିମାନବନ୍ଦରର ପୁନରୁଦ୍ଧାର ଓ ବିକାଶ କ୍ଷେତ୍ରରେ କି ଯୁକ୍ତି ରହିଛି ତାହା ବୁଝିବା କଷ୍ଟ ।

ଯାତ୍ରୀ ପରିବହନ କ୍ଷେତ୍ରରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ନୀତି ଘୋଷଣା କରାଯାଇଛି ତାହା ବେଶ ଭଲ । ଏହି ଘୋଷଣା ଅନୁସାରେ ପରମିଟ୍‌ରାଜର ଅନ୍ତଘଟିବ । ସରକାର ମୋଟର ଯାନ ଆଇନରେ ସଂଶୋଧନ ଆଣିବେ । ରାଜ୍ୟ ସରକାରଙ୍କୁ ଏ କ୍ଷେତ୍ରରେ ନୂଆ ଆଇନଗତ ବ୍ୟବସ୍ଥା ଗ୍ରହଣ କରିବାକୁ ସୁଯୋଗ ଦିଆଯିବ । ବିଭିନ୍ନ ରାସ୍ତାରେ ବସ୍ ଚଳାଚଳ କରିବାକୁ ଉଦ୍ୟୋଗୀମାନଙ୍କୁ ସୁଯୋଗ ମିଳିବ । ଏଥିପାଇଁ ଦକ୍ଷତା ଓ ନିରପତାକୁ ଅଗ୍ରାଧିକାର ଦିଆଯିବ । ସର୍ବସାଧାରଣ ଯାତ୍ରୀ ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ରହିବ । ଆବଶ୍ୟକସ୍ଥଳେ ଅଧିକ ଏବଂ ସୁଦକ୍ଷ ସରକାରୀ ପରିବହନ ସେବାର ବ୍ୟବସ୍ଥା କରାଯିବ ଓ



ସଡ଼କ ପରିବହନ ପାଇଁ ଆବଶ୍ୟକ ଭିତିଭୂମି ପ୍ରତିଷ୍ଠା କରାଯିବ । ଯାତ୍ରୀଙ୍କ ସୁଖ ସୁବିଧା ଉପରେ ଗୁରୁତ୍ୱ ଦିଆଯିବ । ଏହିସବୁ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ବିପର୍ଯ୍ୟସ୍ତ ଯାତ୍ରୀ ପରିବହନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପ୍ରଗତି ଘଟିବ ଏବଂ ଏ କ୍ଷେତ୍ରରେ ରୋଜଗାର ସୃଷ୍ଟି ହେବ । ତେବେ ପରିବହନ ଏକ ରାଜ୍ୟ ତାଲିକାଭୁକ୍ତ ବିଷୟ ହୋଇଥିବାରୁ କେନ୍ଦ୍ର ସରକାର ଏ କ୍ଷେତ୍ରରେ କେତେ କ'ଣ କରିପାରୁଛନ୍ତି ତାହା ଦେଖିବାର ଅଛି ।

ଅତୀତରେ କେତେକ ନୀତି କାର୍ଯ୍ୟକାରୀ ହୋଇଥିଲା ଯାହାର ପରିକଳ୍ପନା ଠିକଣା ଭାବେ ହୋଇନଥିଲା । ସେଥିମଧ୍ୟରୁ ଟୁ-ଜି ଓ ପିପିପି ଟର୍ମିନାଲ ଘଟଣା ଦୁଇଟି ଅନ୍ୟତମ । ପ୍ରଥମ ଆସିଥିବା ବ୍ୟକ୍ତିଙ୍କୁ ପ୍ରଥମେ ସୁବିଧା ପ୍ରଦାନ ନୀତି ଅବଲମ୍ବନ କରିବାରେ ବହୁ ଅସୁବିଧା ହୋଇଛି । ଏହା ଦୁର୍ନୀତି ଓ ବ୍ୟତିକ୍ରମ ପାଇଁ ସୁଯୋଗ ସୃଷ୍ଟି କରିଛି । ସର୍ବୋପରି ପ୍ରକଳ୍ପ କାର୍ଯ୍ୟକାରିତା ଏହା ଫଳରେ ଯଥେଷ୍ଟ ବିଳମ୍ବିତ ହୋଇଛି ।

**ସମୀକ୍ଷା** : ସର୍ବୋପରି ଦେଶର ଅର୍ଥନୀତିର ସାମଗ୍ରିକ ଚିତ୍ର ଯେତେବେଳେ ବାର୍ଷିକ ଭିତିରେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରଦାନ କରେ ସେଥିରେ ପୂର୍ବ ବଜେଟର ସମୀକ୍ଷା କ୍ୱଚିତ ସ୍ଥାନ ପାଏ । ପ୍ରକୃତ ଆକଳନ ଏବଂ ସଂଶୋଧିତ ଆକଳନ ତଥା ବଜେଟ ବ୍ୟୟବରାଦ ମଧ୍ୟରେ ଯେଉଁ ସବୁ ତାରତମ୍ୟ ବା ବ୍ୟତିକ୍ରମ ରହୁଛି ସେ ସବୁକୁ ଭଲଭାବେ ଅନୁଧ୍ୟାନ କରାଯିବା ଆବଶ୍ୟକ । ଏଥିରୁ ଯୋଜନା ବା କାର୍ଯ୍ୟକ୍ରମ, ବ୍ୟୟବରାଦ, ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ରୂପାୟନ ଜନିତ ସହାୟକ ବ୍ୟବସ୍ଥା, ଫଳାଫଳ ଆଦି ଅନେକ କଥା ଜାଣିହେବ । ଗୋଟିଏ ଉଦାହରଣ ଦିଆଯାଇପାରେ । ପୂର୍ବ ବଜେଟରେ ଅନ୍ତର୍ଦେଶୀୟ ଜଳପଥ ପ୍ରକଳ୍ପ ପାଇଁ ଅଧିକ ଅର୍ଥ ବରାଦ ହୋଇଥିବାବେଳେ ସେ ଅର୍ଥ କେଉଁଠି କିପରି ଖର୍ଚ୍ଚ ହୋଇଛି ସେ ନେଇ କୌଣସି ସ୍ୱଷ୍ଟ ତଥ୍ୟ ନାହିଁ ।

ତେଣୁ ଫଳାଫଳର ନିୟମିତ ସମୀକ୍ଷା କରାଯିବାର ଆବଶ୍ୟକତା ରହିଛି । ଏହାଫଳରେ ଭିତିଭୂମି ବିକାଶ ପାଇଁ ବରାଦ ହେଉଥିବା ଅର୍ଥର ବିନିଯୋଗ ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସ୍ୱଷ୍ଟ ଚିତ୍ର ମିଳିପାରିବ ।

**ସର୍ବୋପରି ଦେଶର ଅର୍ଥନୀତିର ସାମଗ୍ରିକ ଚିତ୍ର ଯେତେବେଳେ ବାର୍ଷିକ ଭିତିରେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରଦାନ କରେ ସେଥିରେ ପୂର୍ବ ବଜେଟର ସମୀକ୍ଷା କ୍ୱଚିତ ସ୍ଥାନ ପାଏ । ପ୍ରକୃତ ଆକଳନ ଏବଂ ସଂଶୋଧିତ ଆକଳନ ତଥା ବଜେଟ ବ୍ୟୟବରାଦ ମଧ୍ୟରେ ଯେଉଁ ସବୁ ତାରତମ୍ୟ ବା ବ୍ୟତିକ୍ରମ ରହୁଛି ସେ ସବୁକୁ ଭଲଭାବେ ଅନୁଧ୍ୟାନ କରାଯିବା ଆବଶ୍ୟକ। ଏଥିରୁ ଯୋଜନା ବା କାର୍ଯ୍ୟକ୍ରମ, ବ୍ୟୟବରାଦ, ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ରୂପାୟନ ଜନିତ ସହାୟକ ବ୍ୟବସ୍ଥା, ଫଳାଫଳ ଆଦି ଅନେକ କଥା ଜାଣିହେବ ।**

**ଲେଖକ, ଆଇ.ଆଇ.ଏମ୍. ଅହମଦାବାଦ୍‌ରେ ୧୯୮୫ ମସିହାଠାରୁ ଅଧ୍ୟାପନା କାର୍ଯ୍ୟ କରୁଛନ୍ତି । ସେ ମଧ୍ୟ ଇଣ୍ଡିଆନ ମେରିଟାଇମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ।**

# ୨୦୧୬-୧୭ କେନ୍ଦ୍ରୀୟ ବଜେଟ୍‌ର ଟିକସ ଗଣିତ

ଜୟନ୍ତ ରାୟଚୌଧୁରୀ

ଚଳିତ ବଜେଟରେ କମ୍ ଆୟ କରୁଥିବା ବ୍ୟକ୍ତିଗତ କରଦାତାଙ୍କୁ ସ୍ୱଳ୍ପ ରିଆତି ମିଳିଛି । ଯେଉଁମାନେ ଘରଭଡ଼ା ଭତା ନ' ପାଇ ଭଡ଼ା ଘରେ ରହୁଛନ୍ତି ସେମାନଙ୍କୁ ବାର୍ଷିକ ୬୦ହଜାର ଟଙ୍କା ପର୍ଯ୍ୟନ୍ତ ଛାଡ଼ ଏବଂ ପାଂଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଙ୍କୁ ୨୦୦୦ ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଆୟକର ରିଆତି ଦିଆଯାଇଛି । ଏହାସହିତ ପ୍ରଥମଥର ଘର କିଣୁଥିବା ଲୋକଙ୍କୁ ବାର୍ଷିକ ସୁଧବାବଦ ୫୦ ହଜାର ଟଙ୍କାର ରିଆତି ଦେବାର ବ୍ୟବସ୍ଥା କରାଯାଇଛି । ରିୟଲ ଇଷ୍ଟେଟ (ଗୃହ ନିର୍ମାଣକାରୀ) ଉଦ୍ୟୋଗର ମାନ୍ଦାବସ୍ଥା ପରିପ୍ରେକ୍ଷୀରେ ଏହି ଟିକସ ରିଆତି ଉଭୟ କ୍ରେତା ଓ ବିକ୍ରେତାଙ୍କୁ ବିଶେଷ ସହାୟକ ହେବ । ତେବେ ଏହି ଘର କ୍ରୟ କ୍ଷେତ୍ରରେ ସର୍ବୋଚ୍ଚ ଋଣ ସୀମା ୫୦ ଲକ୍ଷ ଟଙ୍କା ରଖାଯାଇଛି ଏବଂ ଘରର ମୂଲ୍ୟ ୩୦ ଲକ୍ଷରେ ସୀମିତ କରାଯାଇଛି ।

ଆନ୍ତର୍ଜାତିକ ବଜାରରେ ତୈଳ ଦର ନିଚା ରହିବା ସହ ବିଶ୍ୱ ଅର୍ଥନୀତି ଏକ ମାନ୍ଦାବସ୍ଥା ଦେଇ ଗତି କରୁଛି । ନିମ୍ନଗାମୀ ତୈଳ ବଜାରର ଫାଇଦା ଉଠାଇ ଭାରତ ଦୃଢ଼ ଟିକସ ବ୍ୟବସ୍ଥା ଗ୍ରହଣ ପୂର୍ବକ ସବ୍‌ସିଡି ହ୍ରାସ କରି ନିଜର ଅଭିବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ଅବକାଶ ଥିବାବେଳେ ଚଳିତ ବଜେଟରେ ତାହାକୁ ହାତଛଡ଼ା କରାଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦ୍ରୁତ ଗତିରେ ବଢୁଥିବା ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ବିଗତ କେତେ ବର୍ଷ ଧରି ଉଭୟ ବ୍ୟକ୍ତିଗତ ଓ ଔଦ୍ୟୋଗିକ ଟିକସ ହାର କମ୍ ରଖାଯିବା ସହ କରଯୋଗ୍ୟ ଆୟ ସୋପାନ ସୀମା ବୃଦ୍ଧି କରାଯିବା ଫଳରେ ବିଭିନ୍ନ ସ୍ତରରେ ଏ ନେଇ ଅନୁକୂଳ ମତାମତ ପ୍ରକାଶ ପାଇବା ସହ ପ୍ରତ୍ୟକ୍ଷ ରାଜସ୍ୱ ସଂଗ୍ରହ ପରିମାଣ ବୃଦ୍ଧି ପାଇଥିଲା । ତେବେ ସେ ଯା' ହେଉ ଚଳିତ ବଜେଟରେ ସରକାର ଯେଉଁ ଆର୍ଥିକ ବ୍ୟବସ୍ଥାମାନ ଗ୍ରହଣ କରିଛନ୍ତି ସେଥିରେ ବେଶ୍ କିଛି ଭଲ ଦିଗ ରହିଛି । ଟିକସର ସରଳୀକରଣ, ଏହାକୁ ଅଧିକ ଯୁକ୍ତି ସଂଗତ କରିବା ଏବଂ ଭବିଷ୍ୟତରେ ଅଧିକ ସଂସ୍କାର ପାଇଁ ବ୍ୟବସ୍ଥା କରିବା ଆଦି ଏହି ବଜେଟର ବିଶେଷତ୍ୱ ।

**ବ୍ୟକ୍ତିଗତ ଆୟକର ଦାତାଙ୍କୁ ଲାଭ** : ଚଳିତ ବଜେଟରେ କମ୍ ଆୟ କରୁଥିବା ବ୍ୟକ୍ତିଗତ କରଦାତାଙ୍କୁ ସ୍ୱଳ୍ପ ରିଆତି ମିଳିଛି । ଯେଉଁମାନେ ଘରଭଡ଼ା ଭତା ନ' ପାଇ ଭଡ଼ା ଘରେ ରହୁଛନ୍ତି ସେମାନଙ୍କୁ ବାର୍ଷିକ ୬୦ହଜାର ଟଙ୍କା ପର୍ଯ୍ୟନ୍ତ ଛାଡ଼ ଏବଂ ପାଂଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଙ୍କୁ ୨୦୦୦ ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଆୟକର ରିଆତି ଦିଆଯାଇଛି । ଏହାସହିତ ପ୍ରଥମଥର ଘର କିଣୁଥିବା ଲୋକଙ୍କୁ ବାର୍ଷିକ ସୁଧବାବଦ ୫୦ ହଜାର ଟଙ୍କାର ରିଆତି ଦେବାର ବ୍ୟବସ୍ଥା କରାଯାଇଛି । ରିୟଲ ଇଷ୍ଟେଟ (ଗୃହ ନିର୍ମାଣକାରୀ) ଉଦ୍ୟୋଗର ମାନ୍ଦାବସ୍ଥା ପରିପ୍ରେକ୍ଷୀରେ ଏହି ଟିକସ ରିଆତି ଉଭୟ କ୍ରେତା ଓ ବିକ୍ରେତାଙ୍କୁ ବିଶେଷ ସହାୟକ ହେବ । ତେବେ ଏହି ଘର କ୍ରୟ କ୍ଷେତ୍ରରେ ସର୍ବୋଚ୍ଚ ଋଣ ସୀମା ୫୦ ଲକ୍ଷ ଟଙ୍କା ରଖାଯାଇଛି ଏବଂ ଘରର ମୂଲ୍ୟ ୩୦ ଲକ୍ଷରେ ସୀମିତ କରାଯାଇଛି । ତା' ଛଡ଼ା ନିଜ ରହିବାକୁ ଥିବା ଘରର ନିର୍ମାଣ ଏବଂ ଅଧିକାର କ୍ଷେତ୍ରରେ ଦେୟ ପରିଶୋଧ ପାଇଁ ଋଣ ଗ୍ରହିତାଙ୍କୁ ପୂର୍ବରୁ ଯେଉଁ ତିନି ବର୍ଷିଆ ଆୟକର ଛାଡ଼ ଦିଆଯାଉଥିଲା ତାହାର ଅବଧିକୁ ୫ବର୍ଷ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ।

**ଅତି ଧନୀଙ୍କ ଉପରେ ଟିକସ** : ଯେଉଁମାନେ ବାର୍ଷିକ ଏକ କୋଟିରୁ ଅଧିକ ଟଙ୍କା ଆୟ କରୁଛନ୍ତି ସେମାନଙ୍କ ଉପରେ ଚଳିତ ବଜେଟରେ ୧୨ ରୁ ୧୫ ଶତାଂଶ ଉପକର ବା ସରଚାର୍ଜ ଲଗାଇବାର ବ୍ୟବସ୍ଥା ହୋଇଛି । ଟିକସ ବ୍ୟବସ୍ଥାରେ ଅଧିକ ସମତା ଆଣିବା ପାଇଁ ଏଭଳି ଉଦ୍ୟମ କରାଯାଇଛି । ଏହି ପ୍ରସ୍ତାବିତ ବ୍ୟବସ୍ଥା 'ଅତି ଧନୀ ଟିକସ' ନାମରେ ନାମିତ ହୋଇଛି । ବିଶ୍ୱସ୍ତରୀୟ ଟିକସ ବ୍ୟବସ୍ଥାର ଅନୁକରଣରେ

ଏହା କରାଯାଇଛି । ଅତି ଅଧିକ ରୋଜଗାର କରୁଥିବା ବ୍ୟକ୍ତି ଟିକସ ସୁରକ୍ଷା ବ୍ୟବସ୍ଥା ଅନ୍ୟମାନଙ୍କ ସହ ସମାନ ହାରରେ ପାଇଲେ ମଧ୍ୟ ବର୍ଗର ଆୟକରଦାତା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଏପରି ବ୍ୟବସ୍ଥା କରାଯାଇଛି । ଆର୍ଥିକ ମାନ୍ଦାବସ୍ଥା ପରିପ୍ରେକ୍ଷୀରେ ଏହି ପଦକ୍ଷେପ ନିଆଯାଇଛି । ବଜେଟର ଲାଭାଂଶ ଉପରେ ଟିକସ ପ୍ରସ୍ତାବ ପଦକ୍ଷେପକୁ ଧନୀ ବିରୋଧୀ କିନ୍ତୁ ଗରିବ ସପକ୍ଷବାଦୀ କୁହାଯାଇ ନ'ପାରେ । ବ୍ୟକ୍ତିବିଶେଷ, ଅବିଭାଜିତ ହିନ୍ଦୁ ପରିବାର ଓ ପ୍ରତିଷ୍ଠାନ କିମ୍ବା କମ୍ପାନୀ ବାର୍ଷିକ ପାଉଥିବା ଲାଭାଂଶ (ଡିଭିଡେଣ୍ଡ) ଉପରେ ୧୦ଶତାଂଶ ଟିକସ ବ୍ୟବସ୍ଥା କରାଯାଇଛି ।



ଏହାଛଡ଼ା ୧୦ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ବିଳାସପୂର୍ଣ୍ଣ କାର ଉପରେ କ୍ରୟ ସମୟରେ ଏକ ଶତାଂଶ ଅତିରିକ୍ତ ଟିକସ ଏବଂ ଦୁଇ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଓ ସେବା କ୍ରୟ କ୍ଷେତ୍ରରେ ସମାନ ଅତିରିକ୍ତ ଟିକସ ବ୍ୟବସ୍ଥା ହୋଇଛି । ଯଦିଓ ଅନେକ ବିଶେଷଜ୍ଞ ୧୦ ରୁ ୧୫ଲକ୍ଷ ଟଙ୍କା ମୂଲ୍ୟର କାର୍‌କୁ ଏବେ ବିଳାସପୂର୍ଣ୍ଣ ଗାଡ଼ି ମାନିବାକୁ ପ୍ରସ୍ତୁତ ନୁହଁନ୍ତି, ତଥାପି ଯେଉଁ ଦେଶର ଜନସଂଖ୍ୟାର ଏକ ବଡ଼ ଭାଗ ଦିନକୁ ଦୁଇ ବେଳା ପେଟପୂରା ଖାଇବାକୁ ପାଉନାହାନ୍ତି ସେ ଦେଶରେ ୧୦ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର କାର୍ ଓ ଏକ ସମୟରେ ଦୁଇ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଓ ସେବା କିଣିବା ଯେ ଏକ ବିଳାସ ତାହାକୁ ଅସ୍ୱୀକାର କରାଯାଇ ନ'ପାରେ ।

**କଳାଧନ ଟିକସ :** ରାଜନୈତିକ ପ୍ରତିଶ୍ରୁତି ଅନୁସାରେ ସରକାର କଳାଧନକୁ ଉଦ୍ଧାର କରି ଦେଶର ଅର୍ଥନୀତିରେ ସାମିଲ କରିବାକୁ ଉଦ୍ୟମ କରୁଛନ୍ତି । ସେଥିପାଇଁ ଏକ ବ୍ୟବସ୍ଥା ହୋଇଛି । ଯେଉଁମାନେ ନିଜର କଳାଧନ ଘୋଷଣା କରିବେ ସେମାନଙ୍କୁ ଏକକାଳୀନ ସେମାନଙ୍କ ଘୋଷିତ ଧନ ଉପରେ ୩୦ ଶତାଂଶ ଟିକସ ସହିତ ୭.୫ ଶତାଂଶ ଉପକର ଏବଂ ୭.୫ ଶତାଂଶ ଜୋରିମାନା ଲାଗୁ କରାଯାଇ ବାକି ଅର୍ଥକୁ ସେମାନଙ୍କ ନ୍ୟାୟୋଚିତ ଧନଭାବେ ଗ୍ରହଣ କରାଯିବ । ଅର୍ଥାତ ଘୋଷିତ କଳାଧନର ୪୫ ଶତାଂଶ ଟିକସ ଆକାରରେ ଦେଇ ଅବଶିଷ୍ଟ ୫୫ ଶତାଂଶ ଅର୍ଥର ନ୍ୟାୟୋଚିତ ମାଲିକ ଜଣେ ହୋଇପାରିବେ ।

**ଇପିଏଫ୍‌ଓ ପାଣ୍ଠି :** ଇପିଏଫ୍‌ଓ ବା କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରୁ ଅର୍ଥ ଉଠାଣ ବେଳେ ଏପ୍ରିଲ ପହିଲାରୁ ୬୦ ଶତାଂଶ ଅର୍ଥ ରାଶି ଉପରେ ଟିକସ ବ୍ୟବସ୍ଥା କରିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି । ଜମା ଓ ସଂଚୟ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ସହ ଏକକାଳୀନ ସବୁ ଜମା ଉଠାଇ ଅର୍ଥ ଅପଚୟ ସମ୍ଭାବନାକୁ ନିରୁତ୍ସାହିତ କରିବା ଏହାର ଲକ୍ଷ୍ୟ । ଏହା ସହିତ ଜାତୀୟ ପେନସନ୍ ପାଣ୍ଠି ଓ ଅନ୍ୟାନ୍ୟ ନବପ୍ରବର୍ତ୍ତିତ ପେନସନ ପାଣ୍ଠିରେ ଜମା କରିବାକୁ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ସରକାର ଇପିଏଫର ଉଠାଣ ଉପରେ କର ବ୍ୟବସ୍ଥା କରିଛନ୍ତି । ୨୦୧୬-୧୭ ବର୍ଷ ପାଇଁ ଇପିଏଫ୍ କର୍ପସ ପାଣ୍ଠିରେ ୬.୫ ଲକ୍ଷ କୋଟି ଟଙ୍କା ଜମା ରହିଛି । ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି ଯେ ଯେଉଁମାନେ ମାସିକ ସର୍ବୋଚ୍ଚ ୧୫ ହଜାର ଟଙ୍କା ବେତନ ପାଉଛନ୍ତି ସେମାନେ ଇପିଏଫ୍ ପାଣ୍ଠିରୁ ଅର୍ଥ ଉଠାଇଲେ ତା'ଉପରେ ଟିକସ ଲାଗିବ ନାହିଁ । ଇପିଏଫ୍‌ରେ ୩.୬ କୋଟି ସଦସ୍ୟ ଅଛନ୍ତି ଓ ଏହା ଦେଶର ସବୁଠୁ ବଡ଼ ଭବିଷ୍ୟନିଧି ସଂସ୍ଥା । ସେଥିରୁ ତିନିକୋଟି ସଦସ୍ୟ ନିମ୍ନ ବେତନଧାରୀ । ତେବେ ଏହି ଟିକସ ବ୍ୟବସ୍ଥା ପ୍ରତ୍ୟାହାର କରିବାକୁ ବିଭିନ୍ନ କର୍ମଚାରୀ ଓ ଶ୍ରମିକ ସଂଗଠନ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯିବା ପରେ ଏହା ଉପରେ ଅର୍ଥମନ୍ତ୍ରଣାଳୟ ପୁନର୍ବିଚାର କରିବାକୁ ପ୍ରତିଶ୍ରୁତି ଦେଇଛି । (ବି.ଦ୍ର. ଦେଖନ୍ତୁ)

**ଉଦ୍ୟୋଗ ଟିକସ ଗଣିତ :** ଉଦ୍ୟୋଗ ଜଗତର ଉଚ୍ଚ ଟିକସ ହାରକୁ କୋହଳ କରି ଏହାକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ଏଥର କାର୍ଯ୍ୟକାରୀ କରିବାକୁ ପ୍ରୟାସ କରିଛନ୍ତି । ଛୋଟଛୋଟ କମ୍ପାନୀଙ୍କ ଟିକସ ହାର ହ୍ରାସ କରାଯାଇଛି । ପ୍ରମୁଖ ଟିକସ ହାର ବ୍ୟବସ୍ଥାରେ ୨୦୧୪-୧୫ ବର୍ଷରେ ଯେଉଁ କମ୍ପାନୀମାନଙ୍କର ବାର୍ଷିକ ଆୟ ପାଂଚ କୋଟି ଟଙ୍କାରୁ କମ୍ ଥିଲା ସେମାନଙ୍କୁ ୨୯ ଶତାଂଶ

ହାରରେ ଟିକସ ଦେବାକୁ ପଡ଼ିବ । ନୂଆ ଉଦ୍ୟୋଗ (ଷ୍ଟାର୍ଟଅପ୍)ଗୁଡ଼ିକ ପାଇଁ ଟିକସ ହାର ୨୫ ଶତାଂଶ କରାଯାଇଛି । ଏହାଛଡ଼ା ନୂଆ ଷ୍ଟାର୍ଟ ଅପ୍‌ଗୁଡ଼ିକ ପାଇଁ ୩ବର୍ଷ ନିମନ୍ତେ ଟିକସ ଛୁଟି ଦିଆଯାଇଛି । ତେବେ ସେମାନଙ୍କୁ ପୁଞ୍ଜିନିବେଶ ଓ ଅନ୍ୟାନ୍ୟ ସୁରକ୍ଷା ସୁଯୋଗ ଉପରେ ୨୦୧୯ ପର୍ଯ୍ୟନ୍ତ କୌଣସି ଅତିରିକ୍ତ ଟିକସ ଛାଡ଼ ସୁବିଧା ମିଳିବ ନାହିଁ । ବ୍ୟକ୍ତି ବିଶେଷ ଓ ଅବିଭକ୍ତ ହିନ୍ଦୁ ପରିବାରର ସଦସ୍ୟ ଷ୍ଟାର୍ଟଅପ୍ ପାଇଁ ଆବାସିକ ଗୃହ, ସମ୍ପତି ଆଦିକୁ ହସ୍ତାନ୍ତର କଲେ ସେବାବଦରେ ଯେଉଁ ଦୀର୍ଘ ମିଆଦ ପୁଞ୍ଜି ଲାଭ ହେବ ତାହା ଉପରେ ଟିକସ ଦେବାକୁ ପଡ଼ିବ ନାହିଁ । ଏହି ସମ୍ପତି ଯଦି ଅଂଶଧନରେ ବିନିଯୋଗ ହୁଏ ତେବେ ତାହାର ୫୦ ଶତାଂଶ ଉପରେ ଟିକସ ଲାଗିବ ।

**ଟିକସ ଛାଡ଼ ବ୍ୟବସ୍ଥାର କ୍ରମ ଉଚ୍ଛେଦ :** ବିଭିନ୍ନ ଆୟକର ଛାଡ଼ ବ୍ୟବସ୍ଥାକୁ ସରକାର କ୍ରମଶଃ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରିବା ପ୍ରୟାସ ହାତକୁ ନେଇଛନ୍ତି । ଟିକସକୁ ଅଧିକ ସରଳ, ନ୍ୟାୟସଂଗତ କରି ବିଭିନ୍ନ ବର୍ଗରେ ଆୟକାରୀଙ୍କୁ ବିଭକ୍ତ କରି ଅଧିକ ଲୋକ ଓ ସଂସ୍ଥାଙ୍କୁ ଟିକସ ପରିସରକୁ ଆଣିବାକୁ ବ୍ୟବସ୍ଥା କରାଯାଇଛି ।

ଏବେ ଶକ୍ତି ଉତ୍ପାଦନ, ଆବଣ୍ଟନ ଓ ପରିବହନ, ସ୍ୱତନ୍ତ୍ର ଅର୍ଥନୈତିକ ଅଂଚଳ, ଟେଲି ଯୋଗାଯୋଗା, ଉତର-ପୂର୍ବାଂଚଳ ଏବଂ ସ୍ୱତନ୍ତ୍ର ଶ୍ରେଣୀ ପାହ୍ୟାର ରାଜ୍ୟଗୁଡ଼ିକରେ ଶିଳ୍ପ ସ୍ଥାପନ ପାଇଁ ଟିକସ ଛୁଟି ନୀତି କାର୍ଯ୍ୟକାରୀ ହେଉଛି । ଏବାବଦରେ ସରକାରଙ୍କୁ ପ୍ରାୟ ୬୨ ହଜାର କୋଟି ଟଙ୍କାର ଟିକସ ହରାଇବାକୁ ପଡୁଛି । ସେହିଭଳି ଟିକସ ରିଆତି ଯୋଗୁଁ ସରକାର ୧୦ ରୁ ୧୩ ଭାଗ ପର୍ଯ୍ୟନ୍ତ ଟିକସ ହରାଉଛନ୍ତି । ଏହି ବିପୁଳ କ୍ଷତିକୁ ହ୍ରାସ କରିବା ପାଇଁ ସରକାର ପର୍ଯ୍ୟାୟକ୍ରମେ ଟିକସ ଛାଡ଼ ବ୍ୟବସ୍ଥାର ଉଚ୍ଛେଦ ପାଇଁ ପ୍ରୟାସ କରୁଛନ୍ତି ।

**ଗୁଗୁଲ୍ ଟିକସ :** ୨୦୧୬-୧୭ ବଜେଟର ଏକ ଆଶ୍ଚର୍ଯ୍ୟଜନକ ପ୍ରସ୍ତାବନା ହେଉଛି ଗୁଗୁଲ୍ ଟିକସ । ଏହା ବ୍ରିଟେନର ଗୁଗୁଲ ଟିକସ ଢାଂଚାରେ ପ୍ରସ୍ତୁତ । ଏଥିରେ ଲେଭି ବା କର ବ୍ୟବସ୍ଥାର ସମତା ଉପରେ ଗୁରୁତ୍ୱ ଦିଆଯାଇଛି । ଏହାଦ୍ୱାରା ଅନ୍‌ଲାଇନ୍ ବିଜ୍ଞାପନ, ବିଦେଶୀ କମ୍ପାନୀ, ଉଦ୍ୟୋଗକୁ ଇ-କମର୍ସ ଜରିଆରେ ଭାରତୀୟମାନେ ପୈଠ କରୁଥିବା ଅନ୍‌ଲାଇନ୍ ଦେୟ ଉପରେ ୬ ଶତାଂଶ ଟିକସ ଲାଗିବ । ଏହା ସେବାକର ଶ୍ରେଣୀର ଅନ୍ତର୍ଭୁକ୍ତ ହେବ ।

**ଦଣ୍ଡ ବ୍ୟବସ୍ଥା :** ପ୍ରକୃତ ଆୟଠାରୁ କମ୍ ଦର୍ଶାଇବା ଏଣିକି ଦଣ୍ଡନୀୟ ଅପରାଧ ହେବ । ଏଥିପାଇଁ ୨୦୧୬ ଏପ୍ରିଲ ପହିଲାଠାରୁ ଟିକସ ଉପରେ ୫୦ ଶତାଂଶ ଜୋରିମାନା ଆଦାୟ କରାଯିବ । ତଥ୍ୟଗତ ହେରଫେର୍ ପାଇଁ ୨୦୦ ଶତାଂଶ ଜୋରିମାନା ଆଦାୟ କରାଯାଇପାରେ । ଏବେ ଆୟ ଲୁଚାଇବା କ୍ଷେତ୍ରରେ ଦଣ୍ଡ ବିଧାନ ବ୍ୟବସ୍ଥା ଆୟକର ଅଧିକାରୀଙ୍କ ଉପରେ ନିର୍ଭର କରୁଥିଲା ଏବଂ ଏଥିପାଇଁ ୧୦୦ ରୁ ୩୦୦ ଶତାଂଶ ଜାରିମାନାର ବ୍ୟବସ୍ଥା ରହିଛି ।

**ସର୍ବନିମ୍ନ ବିକଳ୍ପ ଟିକସ :** ବିଦେଶୀ କମ୍ପାନୀ ଭାରତରୁ ପୁଞ୍ଜି ଆହରଣ କରିବା ଏବଂ ଭାରତରେ ଅନୁପସ୍ଥିତ ରହି ଲାଭ ଉଠାଇବା ପ୍ରସଙ୍ଗ ନେଇ ବିବାଦ ରହିଛି । ଏସବୁ କମ୍ପାନୀ ସର୍ବନିମ୍ନ ବିକଳ୍ପ ଟିକସ ବ୍ୟବସ୍ଥାରୁ ଫାଇଦା ଉଠାଉଥିବା ଅଭିଯୋଗ ହେବା ପରେ ସରକାର ଏହାକୁ ସମୂଳେ ପ୍ରତ୍ୟାହାର କରିନେଇଛନ୍ତି । ବିଦେଶୀ କମ୍ପାନୀଙ୍କୁ ଏପ୍ରିଲ ପହିଲା ୨୦୧୬ଠାରୁ ଏହି ସୁଯୋଗ ଆଉ ମିଳିବ ନାହିଁ । ସମ୍ପୃକ୍ତ କମ୍ପାନୀର ଯଦି ଭାରତରେ ଉପସ୍ଥିତି ଥାଏ କିମ୍ବା ଯେଉଁ ଦେଶ ସହିତ ଭାରତର ବାଣିଜ୍ୟିକ ରାଜିନାମା ବା ଘରୋଇ ଇକୁଇଟି ନିବେଶକ ଆଇନ ଅନୁସାରେ ଚୁକ୍ତି ହୋଇଥିବ କେବଳ ସେହି କମ୍ପାନୀମାନଙ୍କୁ ସର୍ବନିମ୍ନ ବିକଳ୍ପ ଟିକସ ସୁବିଧା ମିଳିବ ।

**ରାଜ୍ୟ ସମୂହଙ୍କ ରାଜସ୍ୱ :** ଦେଶର ସଂଘୀୟ ବ୍ୟବସ୍ଥା ମଧ୍ୟରେ କେନ୍ଦ୍ରୀୟ ବଜେଟରେ ପ୍ରଦେଶମାନଙ୍କୁ ଅର୍ଥ ଯୋଗାଇଦେବାର ବ୍ୟବସ୍ଥା ରହିଛି । ତଦନୁସାରେ ବଜେଟରେ ଆର୍ଥିକ ବ୍ୟବସ୍ଥା କରାଯାଇଥାଏ । ୨୦୧୬-୧୭ ବଜେଟରେ ପ୍ରଦେଶଗୁଡ଼ିକୁ ପୂର୍ବାପେକ୍ଷା ୧୨ ଶତାଂଶ ଅଧିକ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

ତେବେ ବିଭିନ୍ନ ସେସ୍ (ଉପକର) ଲାଗୁ କରି କେନ୍ଦ୍ର ସରକାର ଯେଉଁ ବିପୁଳ ରାଜସ୍ୱ ଆଦାୟ କରୁଛନ୍ତି ସେଥିରେ ରାଜ୍ୟମାନଙ୍କର ଭାଗ ନାହିଁ । ଏବାବଦ ରାଜସ୍ୱରୁ ରାଜ୍ୟମାନଙ୍କୁ ଅଂଶ ଦିଆଗଲେ ସେମାନେ ଅଧିକ ଅର୍ଥ ପାଆନ୍ତେ । ଏ ନେଇ ରାଜ୍ୟ ସରକାରମାନେ ଅସନ୍ତୁଷ୍ଟ ହେବା ସ୍ୱାଭାବିକ । ନବ ପ୍ରବର୍ତ୍ତିତ କୃଷି କଲ୍ୟାଣ ଉପକର (ସେସ୍) ଜରିଆରେ ସରକାର ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରାୟ ୫୦୦୦ କୋଟି ଟଙ୍କାର ରାଜସ୍ୱ ପାଇବେ ବୋଲି ହିସାବ କରାଯାଇଛି । ସେହିଭଳି କାର୍ ଉପରେ ଲାଗୁ ହେବାକୁ ଥିବା ନୂଆ ଭିତିଭୂମି ସେସ୍‌ରୁ କେନ୍ଦ୍ର ସରକାର ୩୦୦୦କୋଟି ସହିତ ଏମିତି ବିଭିନ୍ନ ସେସ୍‌ରୁ କେନ୍ଦ୍ର ସରକାର ବର୍ଷକ ମଧ୍ୟରେ ୧.୯ ଲକ୍ଷ କୋଟି ଅତିରିକ୍ତ ଟିକସ ପାଇବେ । ଏହା କେନ୍ଦ୍ର ସରକାରଙ୍କ ମୋଟ୍ ଟିକସ ରାଜସ୍ୱର ୧୨ ଶତାଂଶ ।

**ବିଶେଷ ଦ୍ରଷ୍ଟବ୍ୟ :** ବିଭିନ୍ନ କର୍ମଚାରୀ ଓ ଶ୍ରମିକ ସଂଗଠନଙ୍କ ଆପତି ଏବଂ ପାର୍ଲାମେଣ୍ଟର ବିଭିନ୍ନ ରାଜନୈତିକ ଦଳଙ୍କ ପ୍ରସ୍ତାବ କ୍ରମେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଇପିଏଫ ଅର୍ଥ ଉଠାଣ ଉପରେ ଟିକସ ଲାଗୁ କରିବା ପ୍ରସ୍ତାବକୁ ପ୍ରତ୍ୟାହାର କରିନେଇଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ଯେ କେବଳ ଜାତୀୟ ପେନ୍‌ସନ୍ ପାଣ୍ଠି (ଏନ୍‌ପିଏସ୍)ରୁ ଅର୍ଥ ଉଠାଣ ବେଳେ ଟିକସ ବ୍ୟବସ୍ଥା ଲାଗୁ ହେବ ଏବଂ ଇପିଏଫ୍‌ରୁ ପୂର୍ବପରି ବିନା ଟିକସରେ ଅର୍ଥ ଉଠାଣ ବ୍ୟବସ୍ଥା ଚାଲୁ ରହିବ ।

ଲେଖକ, ' ଦି ଟେଲିଗ୍ରାଫ' ସମ୍ବାଦପତ୍ରରେ ଜଣେ ବରିଷ୍ଠ ସଂପାଦକ(ବ୍ୟବସାୟ) ଭାବେ କାର୍ଯ୍ୟରତ ।

# ଓଡ଼ିଶାର ସ୍ୱତନ୍ତ୍ର କୃଷି ବଜେଟ୍

ନଟବର ଖୁଣ୍ଟିଆ

> ଆମ ସମ୍ବିଧାନରେ 'ବଜେଟ୍' ବୋଲି କୌଣସି ଶାବ୍ଦର ଉଲ୍ଲେଖ ନାହିଁ । ସମ୍ବିଧାନର ୨୦୨ ଧାରା ଅନୁଯାୟୀ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ରାଜ୍ୟପାଳ ପ୍ରତ୍ୟେକ ବିତୀୟ ବର୍ଷ ସମ୍ପର୍କରେ ସେହି ବର୍ଷ ନିମିତ ରାଜ୍ୟର ପ୍ରାକ୍ ଆକଳିତ ପ୍ରାପ୍ତି ଓ ବ୍ୟୟର ବିବରଣୀ ଯାହାକି ବାର୍ଷିକ ବିତୀୟ ବିବରଣୀ ନାମରେ ନାମିତ, ତାହା ବିଧାନସଭା ସମକ୍ଷରେ ଉପସ୍ଥାପନା କରାଇବାରେ ବ୍ୟବସ୍ଥା କରିବେ । ରାଜ୍ୟପାଳଙ୍କ ତରଫରୁ ରାଜ୍ୟ ଅର୍ଥମନ୍ତ୍ରୀ ଏହି ବାର୍ଷିକ ପ୍ରାକ୍ ଆକଳିତ ରାଜ୍ୟର ରାଜସ୍ୱ ଆୟ ଓ ବ୍ୟୟର ବିବରଣୀ ପ୍ରସ୍ତୁତ କରି ବିଧାନସଭାରେ ଆଗତ କରନ୍ତି । ଆଗ ତାହା ଆଲୋଚନା ହୋଇ ବିଧାସନଭାରେ ଗୃହିତ ହେଲେ ସେହି ଅନୁଯାୟୀ ବ୍ୟୟ ହୋଇଥାଏ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ।



ଓଡ଼ିଶା ସରକାର ଏହି ମାର୍ଚ୍ଚ ମାସ ମଧ୍ୟ ଭାଗରେ ରାଜ୍ୟବିଧାନ ସଭାରେ ୨୦୧୬-୧୭ ଆର୍ଥିକ ବର୍ଷପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ଗତ ୨୦୧୩-୧୪ ଆର୍ଥିକ ବର୍ଷଠାରୁ ଓଡ଼ିଶା ସରକାର ସାଧାରଣ ବଜେଟ୍ ସହିତ ଏକ ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରୁଛନ୍ତି । ଏହି ସ୍ୱତନ୍ତ୍ର କୃଷି ବଜେଟ୍ ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ଆସନ୍ତୁ ବଜେଟ୍ କ'ଣ, ସେ ସମ୍ବନ୍ଧରେ ସାମ୍ବିଧାନିକ ବ୍ୟବସ୍ଥା କ'ଣ ଅଛି ତାହାର ସମ୍ୟକ ସୂଚନା ଦେବା । ଆମ୍ଭ ସମ୍ବିଧାନରେ 'ବଜେଟ୍' ବୋଲି କୌଣସି ଶାବ୍ଦର ଉଲ୍ଲେଖ ନାହିଁ । ସମ୍ବିଧାନର ୨୦୨ ଧାରା ଅନୁଯାୟୀ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ରାଜ୍ୟପାଳ ପ୍ରତ୍ୟେକ ବିତୀୟ ବର୍ଷ ସମ୍ପର୍କରେ ସେହି ବର୍ଷ ନିମିତ ରାଜ୍ୟର ପ୍ରାକ୍ ଆକଳିତ ପ୍ରାପ୍ତି ଓ ବ୍ୟୟର ବିବରଣୀ ଯାହାକି ବାର୍ଷିକ ବିତୀୟ ବିବରଣୀ ନାମରେ ନାମିତ, ତାହା ବିଧାନସଭା ସମକ୍ଷରେ ଉପସ୍ଥାପନା କରାଇବାରେ ବ୍ୟବସ୍ଥା କରିବେ । ରାଜ୍ୟପାଳଙ୍କ ତରଫରୁ ରାଜ୍ୟ ଅର୍ଥମନ୍ତ୍ରୀ ଏହି ବାର୍ଷିକ ପ୍ରାକ୍ ଆକଳିତ ରାଜ୍ୟର ରାଜସ୍ୱ ଆୟ ଓ ବ୍ୟୟର ବିବରଣୀ ପ୍ରସ୍ତୁତ କରି ବିଧାନସଭାରେ ଆଗତ କରନ୍ତି । ଆଗ ତାହା ଆଲୋଚନା ହୋଇ ବିଧାସନଭାରେ ଗୃହିତ ହେଲେ ସେହି ଅନୁଯାୟୀ ବ୍ୟୟ ହୋଇଥାଏ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ । କିନ୍ତୁ ରାଜ୍ୟର ଆୟ ବ୍ୟୟର ବିବରଣୀ କେବଳ ଏକ ଗାଣିତିକ ହିସାବ ଫର୍ଦ୍ଦ ହୋଇ ରହିନାହିଁ । ସମୟକ୍ରମେ ଅନେକ ବିରୋଧାଭାଷର ଏହା ହେଉଛି ଏକ ଅପୂର୍ବ ସମନ୍ୱୟ । ଲୋକପ୍ରିୟ ଭାବରେ ଏହି ବାର୍ଷିକ ବିତୀୟ ଆୟ ବ୍ୟୟର ବିବରଣୀ ବଜେଟ୍ ନାମରେ ପରିଚିତ । ଏହା ସରକାରଙ୍କ ହସ୍ତରେ ଏକ ଅତି ଅସାଧାରଣ ଅସ୍ତ୍ର ଭାବରେ କାର୍ଯ୍ୟ କରେ । ବଜେଟ୍ ବିକାଶର କାର୍ଯ୍ୟକ୍ରମକୁ ସାକାର କରିବାପାଇଁ ଏକ ପରିକଳ୍ପିତ ଯୋଜନା, ଭବିଷ୍ୟତକୁ ଦେଖିବା, ଭବିଷ୍ୟତ ପାଇଁ ସଫଳ ପରିକଳ୍ପନାର ରୂପରେଖ ଦେବା, ବିକାଶର ଦିଗ୍‌ଦର୍ଶନ



Unfiled Notes Page 52

ଦେବା, ଗୃହିତ ପରିକଳ୍ପନାକୁ ସଠିକ ଭାବରେ କାର୍ଯ୍ୟକାରୀ କରିବାକୁ ଉପାୟ ନିର୍ଦ୍ଧାରଣ କରିବା ଆଦି ବିଭିନ୍ନ ଲକ୍ଷ୍ୟକୁ ବହନ କରେ । ପୂର୍ବେ ବଜେଟ୍ ପ୍ରତି ସାଧାରଣ ଲୋକେ ବିଶେଷ ଗୁରୁତ୍ୱ ଦେଉ ନ ଥିଲେ, ଏହାକୁ ନୂଆ କରି କରାଇବା କିମ୍ବା କିଛି କର ହ୍ରାସ କରିବାର ଏକ ଅସ୍ତ୍ର ବୋଲି ଭାବୁଥିଲେ । କିନ୍ତୁ ସମୟକ୍ରମେ ବଜେଟ୍ ଆଜି ବିକାଶର ଏକ ଅତି ଧାରୁଆ ଅସ୍ତ୍ରରୂପେ ପରିଗଣିତ ହୋଇଯାଇଛି । ରାଜ୍ୟର ଅର୍ଥନୈତିକ ବିକାଶ ସାମାଜିକ ବିକାଶ, ରାଜନୈତିକ ମତବାଦ ଓ ଦୃଷ୍ଟିଭଙ୍ଗୀର ଦର୍ପଣ ସ୍ୱରୂପ ଆଜି ବଜେଟ୍ ପରିଣତ ହୋଇଛି । କେବଳ ଅର୍ଥନୀତିଜ୍ଞ ଓ ବୁଦ୍ଧିଜୀବୀମାନେ ବଜେଟ୍‌କୁ ଚାହିଁ ବସୁ ନାହାନ୍ତି - ସାଧାରଣ ଲେକେ ବି ତାଙ୍କପାଇଁ ବଜେଟ୍‌ରେ କି ବ୍ୟବସ୍ଥା ଅଛି, ତାହା ଜାଣିବାକୁ ଉଦ୍‌ବିଗ୍ନ । ଆମ ଦେଶର ପଚାଶ ଭାଗରୁ ଉର୍ଦ୍ଧ୍ୱଲୋକ କୃଷି ଓ କୃଷି ଆନୁଷଙ୍ଗିକ ବୃତି ଉପରେ ନିର୍ଭରଶୀଳ । କୃଷିର ସମନ୍ୱିତ ବିକାଶ ନ ହେଲେ ଦେଶର ପଚାଶ ଭାଗ ଲୋକଙ୍କର ଜୀବନ ଧାରଣର ମାନଦଣ୍ଡ ବୃଦ୍ଧି ପାଇବ ନାହିଁ । ତେଣୁ ଆମର ଯେଉଁ ବଜେଟ୍ ପ୍ରସ୍ତୁତ ହେଉଛି, ସେଥିରେ କୃଷିର ଦୀର୍ଘସ୍ଥାୟୀ ବିକାଶ ପ୍ରତି ଗୁରୁତ୍ୱ ଦେବା ସର୍ବାଦୌ ଆବଶ୍ୟକ । ଯଦିଓ ଆମ ସମ୍ବିଧାନରେ କୃଷିପାଇଁ ସ୍ୱତନ୍ତ୍ର ବାର୍ଷିକ ବ୍ୟୟ ବିବରଣ ପ୍ରସ୍ତୁତ କରିବାର ନିର୍ଦ୍ଦେଶ ନାହିଁ - କିନ୍ତୁ କୃଷି ବିକାଶପାଇଁ ସ୍ୱତନ୍ତ୍ର ବିବରଣୀ ବଜେଟ୍‌ରେ ସ୍ଥାନ ପାଇବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କୃଷି ହେଉଛି ସମ୍ବିଧାନ ଅନୁଯାୟୀ ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ । କୃଷି ବିକାଶ ପ୍ରତି ସ୍ୱତନ୍ତ୍ର ଚିନ୍ତା ଭାବନା କରି ବଜେଟ୍ ପ୍ରସ୍ତୁତ କରି କୃଷକମାନଙ୍କର ଆୟ ବଢ଼ାଇବାପାଇଁ ଦେଶର ରାଜ୍ୟଗୁଡ଼ିକ ମଧ୍ୟରୁ କର୍ଣ୍ଣାଟକ ରାଜ୍ୟ ପ୍ରଥମେ ସାଧାରଣ ବଜେଟ୍ ସାଙ୍ଗକୁ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରଥମେ ପ୍ରସ୍ତୁତ କରିଥିଲା । ତା' ପଛକୁ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ କଲେ ଛତିଶଗଡ଼ ସରକାର ।



ଛତିଶଗଡ଼ ପଛରେ ଓଡ଼ିଶା ରାଜ୍ୟ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ କରିବାରେ ତୃତୀୟ ରାଜ୍ୟ । ୨୦୧୩-୧୪ ଆର୍ଥିକ ବର୍ଷରୁ ଏହି ସ୍ୱତନ୍ତ୍ର କୃଷି ବଜେଟ୍ କ୍ରମାଗତ ଭାବରେ ପ୍ରତିବର୍ଷ ପ୍ରସ୍ତୁତ ହୋଇ କାର୍ଯ୍ୟକାରୀ ହେଉଛି । ଏହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । କିନ୍ତୁ ଗତି ତିନି ବର୍ଷର କୃଷି ବଜେଟ୍‌କୁ ତନ୍ନ ତନ୍ନ କରି ଅଧ୍ୟୟନ କଲେ ଜଣାଯାଏ ଯେ, ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତି ପ୍ରତି ଯେପରି ଗଭୀର ଭାବରେ ଅନୁଧ୍ୟାନ କରି ଧ୍ୟାନଦେବା କଥା ସେପରି କରାଯାଉ ନାହିଁ । କୃଷି ବଜେଟ୍ କହିଲେ କେବଳ କୃଷି ବିଭାଗର କାର୍ଯ୍ୟକ୍ରମ ଓ ବ୍ୟୟ କଥା ଉଲ୍ଲେଖ ରହୁ ନାହିଁ । ତାହା ସାଙ୍ଗକୁ କୃଷି ବିକାଶ ସହ ଆନୁଷଙ୍ଗିକ କୃଷି ବିଭାଗର ଯୋଜନା ଓ ସେସବୁର ବ୍ୟୟ ସ୍ଥାନ ପାଉଛି । କୃଷି ବିଭାଗରେ ସ୍ଥାନ ପାଉଥିବା ବିଭାଗଗୁଡ଼ିକ କୃଷି ଓ ଅନ୍ୟ ଉତ୍ପାଦନ, ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ସମବାୟ ବିଭାଗ, ଜଳସେଚନ ବିଭାଗ, ପଶୁପାଳନ ଓ ପଶୁ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ ଏବଂ କୃଷି ପାଇଁ ଉଦ୍ଦିଷ୍ଟ ଶକ୍ତି ବିଭାଗର କିଛି ଅଂଶ ।

> **ଛତିଶଗଡ଼ ପଛରେ ଓଡ଼ିଶା ରାଜ୍ୟ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ କରିବାରେ ତୃତୀୟ ରାଜ୍ୟ । ୨୦୧୩-୧୪ ଆର୍ଥିକ ବର୍ଷରୁ ଏହି ସ୍ୱତନ୍ତ୍ର କୃଷି ବଜେଟ୍ କ୍ରମାଗତ ଭାବରେ ପ୍ରତିବର୍ଷ ପ୍ରସ୍ତୁତ ହୋଇ କାର୍ଯ୍ୟକାରୀ ହେଉଛି । ଏହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । କିନ୍ତୁ ଗତି ତିନି ବର୍ଷର କୃଷି ବଜେଟ୍‌କୁ ତନ୍ନ ତନ୍ନ କରି ଅଧ୍ୟୟନ କଲେ ଜଣାଯାଏ ଯେ, ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତି ପ୍ରତି ଯେପରି ଗଭୀର ଭାବରେ ଅନୁଧ୍ୟାନ କରି ଧ୍ୟାନଦେବା କଥା ସେପରି କରାଯାଉ ନାହିଁ ।**

ଏସବୁ ବିଭାଗର ସମନ୍ୱିତ ବିକାଶପାଇଁ ଯଥୋଚିତ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ ନ କଲେ ପ୍ରକୃତ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତିର ଲକ୍ଷ୍ୟ ଆଦୌ ହାସଲ ହେବ ନାହିଁ । ଦେଶ ସ୍ୱାଧୀନ ହେବାବେଳେ ଆମ ରାଜ୍ୟର ମୋଟ ଘରୋଇ ଉତ୍ପାଦର ଶତକଡ଼ା ୭୦ ଭାଗ କୃଷି ଓ କୃଷି ଆନୁଷଙ୍ଗିକ କ୍ଷେତ୍ରରୁ ମିଳୁଥିବାବେଳେ ଏହା ହ୍ରାସପାଇ ଏବେ ଆସି ପହଂଚିଲାଣି ମାତ୍ର ୧୫ ଭାଗରେ । ଅଥଚ କୃଷି ଉପରେ ନିର୍ଭର କରୁଥିବା ଲୋକଙ୍କ ଅନୁପାତ ସେହି ହାରରେ ହ୍ରାସ ପାଉ ନାହିଁ । ଗ୍ରାମାଂଚଳରେ ବାସ କରୁଥିବା ଓ କୃଷି ଏବଂ କୃଷି ଆନୁଷଙ୍ଗିକ ଜୀବିକା ଉପରେ ନିର୍ଭର କରୁଥିବା ମୋଟ ପରିବାର ମଧ୍ୟରୁ ଶତକଡ଼ା ୮୭ ଭାଗ ପରିବାରର ହାରାହାରି ମାସିକ ଆୟ ପାଂଚହଜାର ଟଙ୍କାରୁ କମ୍ । ଏତେ କମ୍ ଆୟରେ ଗୋଟିଏ ପାଂଚଜଣିଆ ପରିବାର ସୁରୁଖୁରୁରେ ଚାଳିପାରିବ କି ?ଆମ ରାଜ୍ୟରେ ଦୁଇ ତୃତୀୟାଂଶ ଲୋକ କୃଷି ଉପରେ ନିର୍ଭର କଲାବେଳେ କୃଷିରୁ ଆୟ ମୋଟ ଆୟର ମାତ୍ର



୧୫ ପ୍ରତିଶତ । ଏହାର କାରଣ କୃଷିରେ ପୁଞ୍ଜିନିବେଶ ଯଥେଷ୍ଟ ହେଉ ନ ଥିବାରୁ କୃଷିର ଦୀର୍ଘସ୍ଥାୟୀ ବିକାଶ ହୋଇ କୃଷିରୁ ଆୟ ବୃଦ୍ଧି ପାଉ ନାହିଁ । କୃଷିରେ ସାଧାରଣତଃ ଘରୋଇ ପୁଂଜିନିବେଶର ଅବକାଶ ବର୍ତ୍ତମାନର ସ୍ଥିତିରେ ବହୁତ କମ୍ । ସୁତରାଂ କୃଷି ବିକାଶପାଇଁ ସରକାରୀ ପୁଂଜିନିବେଶର ଆବଶ୍ୟକତା ଯଥେଷ୍ଟ ଅଧିକ । କିନ୍ତୁ ଗତ ତିନିବର୍ଷର କୃଷି ବଜେଟ୍‌ରେ ଯେଉଁ ବ୍ୟୟ ବରାଦ କରାଯାଇଛି ପ୍ରତ୍ୟେକ ବର୍ଷ ମୋଟ ବଜେଟ୍ ବ୍ୟୟର ମାତ୍ର ୧୧.୯ ପ୍ରତିଶତ ମଧ୍ୟରେ କୃଷି ବଜେଟ୍ ବ୍ୟୟ ସୀମିତ । ଏତେ କମ୍ ବ୍ୟୟ ବରାଦରେ କୃଷିର ଦୀର୍ଘସ୍ଥାୟୀ ବିକାଶ ଲାଗି କୃଷି ଓ କୃଷି ଉପରେ ନିର୍ଭର କରୁଥିବା କୃଷି ଶ୍ରମିକଙ୍କର ଆୟ ଆଶାନୁରୂପ ବଢ଼ାଇବା ସମ୍ଭବ ନୁହେଁ । କର୍ଣ୍ଣାଟକ ସରକାର ପ୍ରଥମେ ଯେଉଁ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ କରିଥିଲେ ସେଥିରେ ସେ ମୋଟ ବଜେଟ୍ ବ୍ୟୟର ୨୨ ଭାଗ କୃଷି ବଜେଟ୍‌ପାଇଁ ନିର୍ଦ୍ଧାରଣ କରିଥିଲେ । ଛତିଶଗଡ଼ ମଧ୍ୟ କୃଷି ବଜେଟ୍‌ପାଇଁ ମୋଟ ବଜେଟ୍‌ର ୧୮ ପ୍ରତିଶତ ବ୍ୟୟ ବରାଦ ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର କୃଷି ତୁଳନାତ୍ମକ ଭାବେ ଅନଗ୍ରସର ଅବସ୍ଥାରେ ଥିଲେ ବି ମାତ୍ର ୧୧.୯ ପ୍ରତିଶତ ବ୍ୟୟ ବରାଦ କୃଷି କ୍ଷେତ୍ରରେ ଆଶାନୁରୂପ ପରିବର୍ତ୍ତନ ଆଣିପାରିବ ନାହିଁ ।

ତେଣୁ ୨୦୧୬-୧୭ ବଜେଟ୍ ଉପସ୍ଥାପନ ବେଳେ ଆଶା କରାଯାଉଛି ଯେ, ସରକାର ରାଜ୍ୟର ମୋଟ ବଜେଟ୍ ବ୍ୟୟର ଅନ୍ତତଃ ୨୦ ପ୍ରତିଶତ କୃଷି ବଜେଟ୍‌ରେ ବ୍ୟୟ ବରାଦ ରଖିବା ଉଚିତ ।

ଓଡ଼ିଶା ଗତ ପାଂଚବର୍ଷ ମଧ୍ୟରେ ଚାରିଥର କୃଷି କର୍ମଣ ପୁରସ୍କାର ପାଇଛି ଆଉ ଏହି ପୁରସ୍କାର ପାଇବା ଯେକୌଣସି ରାଜ୍ୟ ପକ୍ଷରେ ଆନନ୍ଦର କଥା । କିନ୍ତୁ ଏହି ପୁରସ୍କାର ପାଇଁ ରାଜ୍ୟ ସରକାର ଆଦୌ ଆତ୍ମସନ୍ତୋଷ ଲାଭ କରିବା କଥା ନୁହେଁ । ଏହି ପୁରସ୍କାର ଦିଆଯାଇଛି ଖାଦ୍ୟଶସ୍ୟ ଉତ୍ପାଦନରେ ଅଧିକ ଅଭିବୃଦ୍ଧି ହାସଲ କରୁଥିବା ଯୋଗୁ । ସାରା ଦେଶରେ ଥିବା ରାଜ୍ୟଗୁଡ଼ିକୁ ତିନିଗୋଟି ବର୍ଗରେ ଭାଗ କରାଯାଇଛି । ଯେଉଁ ରାଜ୍ୟଗୁଡ଼ିକ ୧୦ ଲକ୍ଷ ଟନ୍ ମଧ୍ୟରେ ଖାଦ୍ୟ ଶସ୍ୟ ଉତ୍ପାଦନ କରୁଛନ୍ତି, ସେମାନେ ଗୋଟିଏ ବର୍ଗ, ଯେଉଁ ରାଜ୍ୟମାନେ ୧୦ ଲକ୍ଷରୁ ଅଧିକ ୧୦୦ ଲକ୍ଷ ଟନ୍ ମଧ୍ୟରେ ଉତ୍ପାଦନ କରୁଛନ୍ତି, ସେମାନେ ଗୋଟିଏ ବର୍ଗ ଆଉ ଯେଉଁ ରାଜ୍ୟ ୧୦୦ ଲକ୍ଷ ଟନ୍‌ରୁ ଅଧିକ ଉତ୍ପାଦନ କରୁଛନ୍ତି ସେମାନେ ଗୋଟିଏ ବର୍ଗ । ଆମ ରାଜ୍ୟ ଓଡ଼ିଶା ତୃତୀୟ ବର୍ଗରେ ଆସୁଛି । ଏହି ବର୍ଗରେ ଅଛନ୍ତି ଓଡ଼ିଶା ସମେତ, ଛତିଶଗଡ଼, ଝାରଖଣ୍ଡ, ତାମିଲନାଡୁ, ଗୁଜୁରାଟ । ଖାଦ୍ୟଶସ୍ୟ କହିଲେ ଆମ ରାଜ୍ୟ ମୁଖ୍ୟତଃ ଧାନ ଚାଷ କରେ । ଆଉ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଚାଷ ବହୁତ କମ୍ । ଆମ ରାଜ୍ୟରେ ଚାଉଳ ଉତ୍ପାଦନ ହେକ୍ଟର ପିଛା ହାରାହାରି ବର୍ତ୍ତମାନ ୧୭ ଶହ କିଲୋଗ୍ରାମ ଥିବାବେଳେ ଗୁଜରାଟ ଓ ତାମିଲନାଡୁରେ ୩୪ ଶହ କିଲୋଗ୍ରାମ । ସେମାନଙ୍କଠାରୁ ଆମର ଉତ୍ପାଦିକା ଶକ୍ତି ଅଧା । କିନ୍ତୁ ସେମାନେ ପୁରସ୍କାର ପାଇଲେ ନାହିଁ - ଆମେ କେମିତି ପାଇଲୁ ? ଏଠି ଉଦାହରଣ ଦିଆଯାଇପାରେ ।

> **ଓଡ଼ିଶା ଗତ ପାଂଚବର୍ଷ ମଧ୍ୟରେ ଚାରିଥର କୃଷି କର୍ମଣ ପୁରସ୍କାର ପାଇଛି ଆଉ ଏହି ପୁରସ୍କାର ପାଇବା ଯେକୌଣସି ରାଜ୍ୟ ପକ୍ଷରେ ଆନନ୍ଦର କଥା । କିନ୍ତୁ ଏହି ପୁରସ୍କାର ପାଇଁ ରାଜ୍ୟ ସରକାର ଆଦୌ ଆତ୍ମସନ୍ତୋଷ ଶସ୍ୟ ଉତ୍ପାଦନ କରୁଛନ୍ତି, ସେମାନେ ଗୋଟିଏ ବର୍ଗ, ଯେଉଁ ରାଜ୍ୟମାନେ ୧୦ ଲକ୍ଷରୁ ଅଧିକ ୧୦୦ ଲକ୍ଷ ଟନ୍ ମଧ୍ୟରେ ଉତ୍ପାଦନ କରୁଛନ୍ତି, ସେମାନେ ଗୋଟିଏ ବର୍ଗ ଆଉ ଯେଉଁ ରାଜ୍ୟ ୧୦୦ ଲକ୍ଷ ଟନ୍‌ରୁ ଅଧିକ ଉତ୍ପାଦନ କରୁଛନ୍ତି ସେମାନେ ଗୋଟିଏ ବର୍ଗ । ଆମ ରାଜ୍ୟ ଓଡ଼ିଶା ତୃତୀୟ ବର୍ଗରେ ଆସୁଛି ।**

ଗତବର୍ଷ ଧରନ୍ତୁ ତାମିଲନାଡୁର ଉତ୍ପାଦନ ହେକ୍ଟର ପ୍ରତି ୩୩ ଶହ କେ.ଜି. ଥିଲେ ଏବର୍ଷ ବୃଦ୍ଧିପାଇଁ ୩୪ ଶହ କେ.ଜି. ହେଲା, ତାହାହେଲେ ଅଭିବୃଦ୍ଧି ହେଲା ୩.୦୩

ପ୍ରତିଶତ । ସେହି ଛଳରେ ଗତବର୍ଷ ଓଡ଼ିଶାରେ ୧୭ ଶହ କେ.ଜି. ଥିଲା ଏବର୍ଷ ବୃଦ୍ଧିପାଇ ୧୮ ଶହ କେ.ଜି. ହେଲା ତାହାହେଲେ ଅଭିବୃଦ୍ଧି ହେଲା ୫.୮୮ ପ୍ରତିଶତ । ଏଠି ତାମିଲନାଡୁ ନ ପାଇ ଓଡ଼ିଶା ପୁରସ୍କାର ପାଇବ । ଏହି ପୁରସ୍କାର ପଛୁଆ ଥିବା ରାଜ୍ୟମାନଙ୍କୁ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ସ୍ୱରୂପ ଦିଆଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷି ଉନ୍ନତ ରାଜ୍ୟ କଥା ଛାଡ଼ନ୍ତୁ । ଦେଶର ହାରାହାରି ଉତ୍ପାଦନର ବହୁ ପଛରେ ଓଡ଼ିଶା । ଏଠାରେ ହେକ୍ଟର ପ୍ରତି ଚାଉଳ ଉତ୍ପାଦନ ୧୭ ଶହ କିଲୋଗ୍ରାମ ହୋଇଥିବାବେଳେ ପଶ୍ଚିମବଙ୍ଗରେ ୨୭ ଶହ କିଲୋଗ୍ରାମ, ଆନ୍ଧ୍ର ପ୍ରଦେଶରେ ୩୧ ଶହ କିଲୋଗ୍ରାମ, ପଞ୍ଜାବରେ ୩୫ ଶହ କିଲୋଗ୍ରାମ । ଏହିପରି ସବୁ ଫସଲରେ ଦେଶର ହାରାହାରି ଉତ୍ପାଦନଠାରୁ ରାଜ୍ୟର ଉତ୍ପାଦନ କମ୍ । ଏହି ପରିପ୍ରେକ୍ଷୀରେ ରାଜ୍ୟ କୃଷି ବଜେଟ୍‌ରେ ଏପରିସବୁ ପଦକ୍ଷେପ ନିଆଯିବାପାଇଁ ଉଦ୍ୟମ ହେବା ଉଚିତ, ଯାହାଫଳରେ ଓଡ଼ିଶାର ବିଭିନ୍ନ ଫସଲ ହେକ୍ଟର ପ୍ରତି ଉତ୍ପାଦନ ଅନ୍ତତଃ ଆସନ୍ତା ତିନିବର୍ଷ ମଧ୍ୟରେ ଦେଶର ହାରାହାରି ଉତ୍ପାଦନ ସହ ସମାନ ହୋଇପାରିବ । ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶା ଅନ୍ୟାନ୍ୟ କୃଷି ଉନ୍ନତ ରାଜ୍ୟ ସହ ସମାନ ହେବା ପାଇଁ ଉଦ୍ୟମ କରିବ । ରାଜ୍ୟରେ ବିଭିନ୍ନ ଫସଲର ଉତ୍ପାଦିକା ଶକ୍ତି ବଢ଼ାଇବାକୁ ହେଲେ ସ୍ୱତନ୍ତ୍ର କୃଷି ବଜେଟ୍‌ରେ ନିମ୍ନୋକ୍ତ ପରାମର୍ଶ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ।

**ଓଡ଼ିଶାର ବାର୍ଷିକ ହାରାହାରି ବୃଷ୍ଟିପାତ ୧୪ ଶହ ମିଲିମିଟରରୁ ଅଧିକ । ଏହି ଜଳର ଅଧିକାଂଶ ଭାଗ ନଦୀନାଳ ଦେଇ ସମୁଦ୍ରକୁ ବହିଯାଏ । ବର୍ଷାଜଳକୁ ସଂରକ୍ଷଣ କରି ରଖିଲେ ଖରିଫ୍ ଋତୁରେ କମ୍ ବର୍ଷା ହେଲେ ଖରିଫ୍ ଫସଲକୁ ରକ୍ଷା କରାଯାଇପାରିବ ଏବଂ ପରବର୍ତ୍ତୀ ସମୟରେ ପନିପରିବା, ଡାଲି, ତୈଳବୀଜ ଚାଷ କରାଯାଇପାରିବ ।**



କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧିରେ ଜଳସେଚନର ସମ୍ପ୍ରସାରଣ ଅତି ଜରୁରୀ । ଆମ ରାଜ୍ୟରେ ଅନ୍ତତଃ ୮୫ ଭାଗ ଚାଷ ଜମିକୁ ଜଳଯୋଗାଇ ଦେବାପାଇଁ ବିଭିନ୍ନ ଉତ୍ସ ଥିଲେ ବି ଏପର୍ଯ୍ୟନ୍ତ ସରକାରୀ ହିସାବ ଅନୁଯାୟୀ ମାତ୍ର ୩୭.୫ ଭାଗ ଚାଷଜମିକୁ ଜଳ ଯୋଗାଇବାର ବ୍ୟବସ୍ଥା ହୋଇପାରିଛି । କିନ୍ତୁ ଅନେକ ଚାଷୀ ଅଭିଯୋଗ କରନ୍ତି, ସରକାର ଯେତିକି ଜମିରେ ଜଳସେଚନ ବ୍ୟବସ୍ଥା ଅଛି ବୋଲି କୁହନ୍ତି - ପ୍ରକୃତ କ୍ଷେତ୍ରରେ ସେତିକି ଜମିରେ ପାଣି ମାଡ଼େ ନାହିଁ । ଏବେ ବଡ଼ ବଡ଼ ବହୁମୁଖୀ ନଦୀବନ୍ଧ ଯୋଜନା କରିବାପାଇଁ ଅର୍ଥ ତ ଅଧିକ ଆବଶ୍ୟକ । ତାଛଡ଼ା ଚାଷୀମାନେ ଜମି ଛାଡ଼ିବାକୁ ନାରାଜ । ବଡ଼ ବଡ଼ ନଦୀବନ୍ଧ ଯୋଜନାପାଇଁ ବହୁତ ଜମି ଦରକାର, ସେଥିପାଇଁ ଚାଷୀମାନେ ଜମି ଛାଡ଼ିବାକୁ ନାରାଜ - ଆନ୍ଦୋଳନ ହେଉଛି । ବହୁ ବର୍ଷ ଲାଗୁଛି ନଦୀବନ୍ଧ ଯୋଜନାକୁ କାର୍ଯ୍ୟକ୍ଷମ କରିବାକୁ । ଜଳଭଣ୍ଡାର ସୃଷ୍ଟି ହେଲେ ବି ବିଲକୁ ପାଣି ଦେବାପାଇଁ କେନାଲ ଖୋଳା ମଧ୍ୟ ସମୟ ଲାଗୁଛି । ଏ ପରିସ୍ଥିତିରେ ସରକାର ପାରଂପାରିକ ଜଳସେଚନ ଉତ୍ସର ରକ୍ଷଣାବେକ୍ଷଣ, ମରାମତି, ସମ୍ପ୍ରସାରଣ ଓ ନୂତନ ଉତ୍ସସୃଷ୍ଟି ପାଇଁ ବଜେଟ୍‌ରେ ଗୁରୁତ୍ୱ ଦେଇ ବ୍ୟୟ ବରାଦ କରିବା ଉଚିତ । ପାରଂପରିକ ଜଳସେଚନର ଉତ୍ସ କହିଲେ, - କଟା, ବନ୍ଧ, ସାଗର, ଜୋର, ଗାଡ଼ିଆ, ପୁଷ୍କରିଣୀ, ନାଳ ଇତ୍ୟାଦି । ଛୋଟ ଛୋଟ ନଦୀ, ନାଳରେ ଆଡ଼ିବନ୍ଧ ନିର୍ମାଣ କରି ଉଠା ଜଳସେଚନ ମାଧ୍ୟମରେ ଜଳସେଚନ କରିବା, ଅକାମୀ ହୋଇ ପଡ଼ିଥିବା ନଳକୂପଗୁଡ଼ିକୁ ସକ୍ରିୟ କରିବା, କେନାଲ ଶେଷ ମୁଣ୍ଡକୁ ମରାମତି କରିବା ସହ ପଙ୍କ ଆଦି ଗତିରୋଧ କରୁଥିବା ଜଳ ପ୍ରବାହକୁ ମରାମତି କରିବାଦ୍ୱାରା ଅଳ୍ପ ଖର୍ଚ୍ଚରେ ଆଉ ଅଧିକ ଜମିକୁ ଜଳ ଯୋଗାଇ ହେବ । ଓଡ଼ିଶାର ବାର୍ଷିକ ହାରାହାରି ବୃଷ୍ଟିପାତ ୧୪ ଶହ ମିଲିମିଟରରୁ ଅଧିକ । ଏହି ଜଳର ଅଧିକାଂଶ ଭାଗ ନଦୀନାଳ ଦେଇ ସମୁଦ୍ରକୁ ବହିଯାଏ । ବର୍ଷାଜଳକୁ ସଂରକ୍ଷଣ କରି ରଖିଲେ ଖରିଫ୍ ଋତୁରେ କମ୍ ବର୍ଷା ହେଲେ ମଧ୍ୟ ଖରିଫ୍ ଫସଲକୁ ରକ୍ଷା କରାଯାଇପାରିବ ଏବଂ ପରବର୍ତ୍ତୀ ସମୟରେ ପନିପରିବା, ଡାଲି, ତୈଳବୀଜ ଚାଷ କରାଯାଇପାରିବ । ଏଥିପାଇଁ

ପ୍ରତ୍ୟେକ ଚାଷୀର ବିଲରେ ତାର ଆବଶ୍ୟକତାକୁ ଚାହିଁ ଜଳସେଚନ ପୋଖରୀ ଖୋଳିବାକୁ ହେବ। ସେହି ପୋଖରୀରେ ବର୍ଷାଜଳକୁ ସଂଗ୍ରହ କରି ଜଳସେଚନ କରାଯାଇପାରିବ । ସେଥିପାଇଁ ସରକାର ପୋଖରୀ ଖୋଳା ଖର୍ଚ୍ଚର ଅନ୍ତତଃ ୫୦ ଭାଗ ଖର୍ଚ୍ଚ ସବ୍‌ସିଡ଼ି ଆକାରରେ ବହନ କରିବାପାଇଁ କୃଷି ବଜେଟ୍‌ରେ ବ୍ୟୟ ବରାଦ କରିବା ବାଂଛନୀୟ। ଆମର ଚାଷୀମାନେ ଯେତେ ଧାନ ଅମଳ କରୁଛନ୍ତି, ସବୁ ଧାନକୁ ସରକାରଙ୍କ ନିର୍ଦ୍ଧାରିତ ଅନ୍ୟୂନ ସହାୟକ ମୂଲ୍ୟରେ ବିକ୍ରି କରିପାରୁ ନାହାନ୍ତି। ତାର କାରଣ ହେଲା ସରକାର ଧାନ ସାଇତି ରଖିବାପାଇଁ ଯଥେଷ୍ଟ କ୍ଷମତା ସମ୍ପନ୍ନ ଗୋଦାମ ଘର ନିର୍ମାଣ କରି ନାହାନ୍ତି । ପ୍ରତି ପଂଚାୟତରେ ଗୋଦାମ ଘର ଶସ୍ୟ ସାଇତି ରଖିବା ପାଇଁ ବ୍ୟବସ୍ଥା ହେଲେ ଏବଂ ପଂଚାୟତକୁ ସରକାରଙ୍କ ତରଫରୁ ଧାନ କିଣିବାପାଇଁ ଅଧିକୃତ କରାଗଲେ ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ ବିକ୍ରି କରିବାକୁ ସମର୍ଥ ହୁଅନ୍ତେ। ଏବେ ଅଧା ଧାନ ଚାଷୀମାନେ ସରକାରୀ ମଣ୍ଡିରେ ବିକ୍ରି କରି ନ ପାରି କମ୍ ଦାମ୍‌ରେ ଘରୋଇ ବେପାରୀଙ୍କୁ ବିକି କ୍ଷତି ସହୁଛନ୍ତି । ଯଦି ପଂଚାୟତ ଧାନ ସଂଗ୍ରହ କରନ୍ତା, ସେ ସମସ୍ୟା ରହନ୍ତା ନାହିଁ। ଧାନ ଅମଳ ହେବା ଦିନଠାରୁ ଅନ୍ତତଃ ତିନିମାସ ପର୍ଯ୍ୟନ୍ତ ପଂଚାୟତ ଚାଷୀଙ୍କଠାରୁ ଧାନ କିଣନ୍ତୁ। ଏବେ ମାତ୍ର ସପ୍ତାହ କିମ୍ବା ଦୁଇ ସପ୍ତାହ ପାଇଁ ମଣ୍ଡି ଖୋଲୁଥିବାରୁ ଏତେ କମ୍ ସମୟ ମଧ୍ୟରେ



ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ଖାଦ୍ୟଶସ୍ୟ ଗୋଦାମ ନିର୍ମାଣ ପାଇଁ ଅର୍ଥର ଅଭାବ ପଡ଼ିବ ନାହିଁ । ନାବାର୍ଡ଼ର ରାଜ୍ୟ ଭିତିଭୂମି ବିକାଶ ପାଣ୍ଠିରୁ କମ୍ ସୁଧରେ ଋଣ ଅଣାଯାଇପାରିବ । କେନ୍ଦ୍ର ସରକାରଙ୍କଠାରୁ ଗ୍ରାମ୍ୟ ଗୋଦାମ ସବ୍‌ସିଡ଼ି ଯୋଜନାରେ ସବ୍‌ସିଡ଼ି ଅଣାଯାଇପାରିବ ଓ ଗୋଦାମ ନିର୍ମାଣପାଇଁ ମୂଳ ମଜୁରି ଖର୍ଚ୍ଚ ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ ଗ୍ରାମୀଣ ନିଯୁକ୍ତି ଆଇନ ପାଣ୍ଠିରୁ ଅର୍ଥ ଅଣାଯାଇପାରିବ । ସୁତରାଂ ବଜେଟ୍‌ରେ ପ୍ରତି ପଂଚାୟତରେ ଶସ୍ୟ ଗୋଦାମ ନିର୍ମାଣ ପାଇଁ ତିନିବର୍ଷିୟା ଯୋଜନାର ଘୋଷଣା କରାଯାଉ।

ଆମ ରାଜ୍ୟରେ ଯେତେ ପରିବା ଉତ୍ପାଦନ ହେଉଛି ତାର ୩୦ରୁ ୪୦ ଭାଗ ପଚିସଢ଼ି ନଷ୍ଟ ହେଉଛି । କାରଣ ସାଇତି ରଖି ଧୀରେ ଧୀରେ ବିକ୍ରି କରିବାପାଇଁ ଯଥେଷ୍ଟ ସଂଖ୍ୟାରେ ଶୀତଳ ଭଣ୍ଡାର ନାହିଁ ବା କୃଷିଜାତ ଦ୍ରବ୍ୟର ବିକ୍ରୟ ପାଇଁ ନିୟନ୍ତ୍ରିତ ବଜାର ବ୍ୟବସ୍ଥା ନାହିଁ । ଓମ୍‌ଫେଡ୍ ଢାଂଚାରେ ପରିବା ଉତ୍ପାଦନ, ସଂଗ୍ରହ ଓ ବିକ୍ରୟ ପାଇଁ ଏକ ସମବାୟ ସଙ୍ଘ ଗଠନ କରାଯାଇ ସଂଘ ମାଧ୍ୟମରେ ବିଭିନ୍ନ ପରିବା ଉତ୍ପାଦନ ହେଉଥିବା ଅଂଚଳରେ ପରିବା ଉତ୍ପାଦନ ସମବାୟ ସମିତି ଗଠନ କରାଇ ପରିବା ଉତ୍ପାଦନ କରାଯାଉ। ସେହି ପରିବାକୁ ପ୍ରସ୍ତାବିତ ଭେଜ୍‌ଫେଡ୍ ସଂଗ୍ରହ କରି ପ୍ରକ୍ରିୟାକରଣ, ଓ ପ୍ୟାକେଜିଂ କରି ଭେଜ୍‌ଫେଡ୍ ବୁଥ୍ ଖୋଲି ଖାଉଟିମାନଙ୍କୁ ବିକ୍ରୟ କରୁ । ଏହାଫଳରେ ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଇବେ ଆଉ ଖାଉଟିମାନେ ନ୍ୟାଯ୍ୟ ମୂଲ୍ୟରେ ପନିପରିବା କିଣିପାରିବେ । ଭେଜ୍‌ଫେଡ୍‌ର ଶୀତଳ ଭଣ୍ଡାର, କୃଷିଜାତ ଦ୍ରବ୍ୟର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଆଦି ରହିଛି। ରାଜ୍ୟ ମଧ୍ୟରେ ଏସବୁ ପ୍ରକ୍ରିୟାକୃତ ପନିପରିବା ବିକ୍ରି କରିବା ସହିତ ବାହାର ରାଜ୍ୟକୁ ଏବଂ ଏପରିକି ବିଦେଶକୁ ରପ୍ତାନୀ କରିବାର ବ୍ୟବସ୍ଥା ହେଉ । ଏ ବଜେଟ୍‌ରେ ଏହା ଘୋଷଣା କରାଯାଉ । ଓଡ଼ିଶା ଭୂସଂସ୍କାର ଆଇନ ଅନୁଯାୟୀ କୌଣସି ଜମି ମାଲିକ ତାର ଜମିକୁ ଭାଗରେ ଚାଷ ପାଇଁ ଦେଇପାରିବ ନାହଁ । କିନ୍ତୁ ଓଡ଼ିଶାରେ ଶତକଡ଼ା ୫୦ ଭାଗ ଚାଷ ଜମି ମୌଖିକ ଭାବରେ ଭାଗରେ

**କେନ୍ଦ୍ର ସରକାରଙ୍କଠାରୁ ଗ୍ରାମ୍ୟ ଗୋଦାମ ସବ୍‌ସିଡ଼ି ଯୋଜନାରେ ସବ୍‌ସିଡ଼ି ଅଣାଯାଇପାରିବ ଓ ଗୋଦାମ ନିର୍ମାଣପାଇଁ ମୂଳ ମଜୁରି ଖର୍ଚ୍ଚ ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ ଗ୍ରାମୀଣ ନିଯୁକ୍ତି ଆଇନ ପାଣ୍ଠିରୁ ଅର୍ଥ ଅଣାଯାଇପାରିବ । ସୁତରାଂ ବଜେଟ୍‌ରେ ପ୍ରତି ପଂଚାୟତରେ ଶସ୍ୟ ଗୋଦାମ ନିର୍ମାଣ ପାଇଁ ତିନିବର୍ଷିୟା ଯୋଜନାର ଘୋଷଣା କରାଯାଉ।**

ଚାଷପାଇଁ ଦିଆଯାଉଛି । ଭାଗଚାଷୀ କିନ୍ତୁ ଚାଷପାଇଁ ବ୍ୟାଙ୍କ୍‌ରୁ ଋଣ ପାଇପାରୁନ ନାହାନ୍ତି । କାହିଁକି ନା ତା ନାମରେ ରେକର୍ଡ଼ କିଛି ନାହିଁ । ଭାଗଚାଷୀ ମଧ୍ୟ ମଣ୍ଡିରେ ସରକାର ନିର୍ଦ୍ଧାରଣ କରିଥିବା ମୂଲ୍ୟରେ ତାର ଧାନ ବିକ୍ରି କରି ପାରୁ ନାହିଁ । ପ୍ରାକୃତିକ ବିପର୍ଯ୍ୟୟରେ ତା ଫସଲର କ୍ଷତି ହେଲେ ସରକାର ଯେଉଁ ସାହାଯ୍ୟ ଦିଅନ୍ତି, ଭାଗଚାଷୀ ତାକୁ ପାଏ ନାହିଁ । ଜମି ମାଲିକ ପାଏ । ଏପରିସ୍ଥିତିରେ ଭାଗଚାଷୀ ମନ ଦେଇ ଓ ଅଧିକ ନିବେଶ କରି ଜମି ଚାଷ କରେ ନାହିଁ । ରାଜ୍ୟର କୃଷି ଉତ୍ପାଦନ ହ୍ରାସ ପାଏ । ଏପରିସ୍ଥଳେ ଭୂସଂସ୍କାର ଆଇନରେ ସଂଶୋଧନ ଆଣି ଭାଗଚାଷକୁ ଆଇନ ସମ୍ମତ କରାଯିବା କଥା ।



ଜାତୀୟ ଚାଷ କମିସନ ସୁପାରିଶ କରିଛନ୍ତି ଯେ, ପ୍ରତ୍ୟେକ ରାଜ୍ୟରେ ଚାଷୀମାନଙ୍କ ସମସ୍ୟା ବୁଝିବାପାଇଁ ଓ ସମସ୍ୟାର ସମାଧାନପାଇଁ ସରକାରଙ୍କୁ ସୁପାରିସ କରିବା ସକାଶେ ସ୍ଥାୟୀ ଚାଷ ଅଧିକାର କମିଶନ ଗଠନ କରାଯାଉ । ଏହା ମାନବ ଅଧିକାର କମିସନ ଢାଂଚାରେ ହେଉ । ରାଜ୍ୟର ଦୁଇ ତୃତୀୟାଂଶ ଲୋକ କୃଷି ଉପରେ ନିର୍ଭର କରିବାବେଳେ ସେମାନଙ୍କ ସମସ୍ୟା ବୁଝିବାପାଇଁ ଏକ କମିସନର ଆବଶ୍ୟକତା ଥିବା କେତେ ଜରୁରୀ ତାହା ସମସ୍ତେ ହୃଦୟଙ୍ଗମ କରୁଛନ୍ତି । ତେଣୁ ରାଜ୍ୟ ସରକାର ରାଜ୍ୟରେ ଚାଷୀ ଅଧିକାର କମିସନ ଗଠନ କଥା କୃଷି ବଜେଟ୍‌ରେ ଘୋଷଣା କରିବା ଉଚିତ । କରପୋରେଟ୍, ବ୍ୟକ୍ତି ବିଶେଷ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନମାନେ ଯେପରି ଦାନ କରିପାରିବେ ଚାଷୀମାନଙ୍କର ଆକସ୍ମିକ ଅଭାବ ଅସୁବିଧା ବେଳେ ସରକାର ସାହାଯ୍ୟର ହାତ ବଢ଼ାଇବାପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଢାଂଚାରେ ଗଠନ କରିବା କଥା ସରକାର ବିଚାର କରନ୍ତୁ । ଏହି ପାଣ୍ଠିପାଇ ସେଥିପାଇଁ ନିୟମ ହେଉ । ଏହି ପାଣ୍ଠିର ନାମ ରଖାଯାଉ ଚାଷୀମଙ୍ଗଳ ପାଣ୍ଠି । ସ୍ୱତନ୍ତ୍ର କୃଷିବଜେଟ୍ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ସ୍ୱାଗତ କରାଗଲାବେଳେ କୃଷିବଜେଟ୍ ଯେପରି କୃଷକମାନଙ୍କୁ ନ୍ୟାୟ ଦେଇପାରିବ ଏବଂ ରାଜ୍ୟରେ କୃଷି ଉତ୍ପାଦିକା ଶକ୍ତି ବୃଦ୍ଧି ପାଇବ ଏବଂ ଚାଷୀ ତାର ଉତ୍ପାଦିତ ଦ୍ରବ୍ୟର ଲାଭଜନକ ମୂଲ୍ୟ ପାଇପାରିବ ସେଥିପାଇଁ ସତର୍କ ଦୃଷ୍ଟି ନ ଦେଲେ ଔପଚାରିକ ଭାବରେ କୃଷି ବଜେଟ୍ ପ୍ରସ୍ତୁତ କରି ଉପସ୍ଥାପନ କଲେ କୃଷିର ଦୀର୍ଘସ୍ଥାୟୀ ବିକାଶ ହେବ ନାହିଁ । ରାଜ୍ୟରୁ ଦାରିଦ୍ର୍ୟ ହଟିବ ନାହିଁ । କୃଷକମାନଙ୍କୁ ନ୍ୟାୟ ଦେବାପାଇଁ ଆଜି ଯେଉଁ ସ୍ୱର କୃଷକମାନେ, କୃଷକ ସଙ୍ଗଠନମାନେ, କୃଷି ବିଶେଷଜ୍ଞମାନେ,ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ନାଗରିକ ସମାଜ ଓ ବୁଦ୍ଧିଜୀବୀମାନେ ଉଠାଉଛନ୍ତି ତାର ପ୍ରଭାବ ନିଶ୍ଚିତ ଭାବରେ ସରକାରଙ୍କ ଉପରେ ପଡ଼ିବ ଓ କୃଷି ବିକାଶ ଆଭିମୁଖୀ କୃଷି ବଜେଟ୍ ଉପସ୍ଥାପିତ ହେବ ବୋଲି ଆଶା କରାଯାଏ ।

**ଜାତୀୟ ଚାଷ କମିସନ ସୁପାରିଶ କରିଛନ୍ତି ଯେ, ପ୍ରତ୍ୟେକ ରାଜ୍ୟରେ ଚାଷୀମାନଙ୍କ ସମସ୍ୟା ବୁଝିବାପାଇଁ ଓ ସମସ୍ୟାର ସମାଧାନପାଇଁ ସରକାରଙ୍କୁ ସୁପାରିସ କରିବା ସକାଶେ ସ୍ଥାୟୀ ଚାଷ ଅଧିକାର କମିଶନ ଗଠନ କରାଯାଉ । ଏହା ମାନବ ଅଧିକାର କମିସନ ଢାଂଚାରେ ହେଉ । ରାଜ୍ୟର ଦୁଇ ତୃତୀୟାଂଶ ଲୋକ କୃଷି ଉପରେ ନିର୍ଭର କରିବାବେଳେ ସେମାନଙ୍କ ସମସ୍ୟା ବୁଝିବାପାଇଁ ଏକ କମିସନର ଆବଶ୍ୟକତା ଥିବା କେତେ ଜରୁରୀ ତାହା ସମସ୍ତେ ହୃଦୟଙ୍ଗମ କରୁଛନ୍ତି । ତେଣୁ ରାଜ୍ୟ ସରକାର ରାଜ୍ୟରେ ଚାଷୀ ଅଧିକାର କମିସନ ଗଠନ କଥା କୃଷି ବଜେଟ୍‌ରେ ଘୋଷଣା କରିବା ଉଚିତ ।**

ଲେଖକ, ଜଣେ କୃଷିବିତ୍ ଏବଂ ବରିଷ୍ଠ ସ୍ତମ୍ଭକାର ।

# କେନ୍ଦ୍ର ବଜେଟ ୨୦୧୬-୧୭ ଓ ବିତିୟ ଦୃଢ଼ୀକରଣ

ବି.ଭି. ମଧୁସୂଦନ ରାଓ

ବିତିୟ ନିଅଣ୍ଟ ବା ନିଅଣ୍ଟିଆ ବଜେଟର ସଂଜ୍ଞା ପ୍ରଥମେ ନିରୂପଣ କରିଥିଲେ ପ୍ରସିଦ୍ଧ ଇଂରାଜୀ ଅର୍ଥନୀତିଜ୍ଞ ଜନ ମେନାର୍ଡ କେନସ ଯିଏ କି ମାନ୍ଦାବସ୍ଥା ସମୟରେ ନିଅଣ୍ଟିଆ ଆର୍ଥିକ ପରିଚାଳନା ନିମନ୍ତେ ପ୍ରସ୍ତାବ ଦେଇଥିଲେ । କେନସ ନିଜ ପୁସ୍ତକ 'ଦ ଜେନେରାଲ ଥିଓରି ଅଫ ଏମ୍ପ୍ଲୟମେଣ୍ଟ, ଇଣ୍ଟେରେଷ୍ଟ ଆଣ୍ଡ ମନି' ପ୍ରକାଶ କରିଥିଲେ ୧୯୩୬ରେ । ଏଥିରେ ସେ ଅଭିବୃଦ୍ଧି ଓ ନିଯୁକ୍ତି ସକାଶେ ନିଅଣ୍ଟିଆ ଆର୍ଥିକ ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ପୂର୍ବରୁ ପ୍ରଚଳିତ ହୋଇଥିବା ବିଶ୍ୱାସର ଏହା ପରିପନ୍ଥୀ ଥିଲା ।

**ନି**ଅଣ୍ଟିଆ ବଜେଟ ହେଉଛି ଏକ ଆର୍ଥିକ ବର୍ଷରେ ସରକାରଙ୍କ ମୋଟ ବ୍ୟୟ ଓ ମୋଟ ଆଦାୟ ମଧ୍ୟରେ ରହିଥିବା ପ୍ରଭେଦ ସହ ମୋଟ ଆଦାୟ ତୁଳନାରେ ବ୍ୟୟ ପରିମାଣ ଯଦି ଅଧିକ ହୋଇଥାଏ । ଏକ ଆଗତ ବର୍ଷ ପାଇଁ ଏହା ହୋଇଥାଏ ପ୍ରତ୍ୟାଶିତ ନିଅଣ୍ଟ । ବିତିୟ ନିଅଣ୍ଟ ହେଉଛି ଋଣ ବାବଦ ଆୟ ବାଦ୍ ମୋଟ ବ୍ୟୟ ଓ ମୋଟ ଆଦାୟ ମଧ୍ୟରେ ରହିଥିବା ପ୍ରଭେଦ । ଏହାକୁ ମଧ୍ୟ ସାମଗ୍ରିକ ରାଜସ୍ୱ ନିଅଣ୍ଟ ବୋଲି କୁହାଯାଇଥାଏ । ରାଜସ୍ୱ ନିଅଣ୍ଟ ହେଉଛି ରାଜସ୍ୱ ଆଦାୟ ଓ ରାଜସ୍ୱ ବ୍ୟୟ ମଧ୍ୟରେ ପ୍ରଭେଦ ଯେଉଁଠି ରାଜସ୍ୱ ବ୍ୟୟ ପରିମାଣ ରାଜସ୍ୱ ଆୟ ତୁଳନାରେ ଅଧିକ ହୋଇଥିବ । ସମୁଦାୟ ଆର୍ଥିକ ନିଅଣ୍ଟ ହେଉଛି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମୋଟ ନିଅଣ୍ଟ ପରିମାଣ ।

ବିତିୟ ନିଅଣ୍ଟ ବା ନିଅଣ୍ଟିଆ ବଜେଟର ସଂଜ୍ଞା ପ୍ରଥମେ ନିରୂପଣ କରିଥିଲେ ପ୍ରସିଦ୍ଧ ଇଂରାଜୀ ଅର୍ଥନୀତିଜ୍ଞ ଜନ ମେନାର୍ଡ କେନସ ଯିଏ କି ମାନ୍ଦାବସ୍ଥା ସମୟରେ ନିଅଣ୍ଟିଆ ଆର୍ଥିକ ପରିଚାଳନା ନିମନ୍ତେ ପ୍ରସ୍ତାବ ଦେଇଥିଲେ । କେନସ ନିଜ ପୁସ୍ତକ 'ଦ ଜେନେରାଲ ଥିଓରି ଅଫ ଏମ୍ପ୍ଲୟମେଣ୍ଟ, ଇଣ୍ଟେରେଷ୍ଟ ଆଣ୍ଡ ମନି' ପ୍ରକାଶ କରିଥିଲେ ୧୯୩୬ରେ । ଏଥିରେ ସେ ଅଭିବୃଦ୍ଧି ଓ ନିଯୁକ୍ତି ସକାଶେ ନିଅଣ୍ଟିଆ ଆର୍ଥିକ ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ।




ପୂର୍ବରୁ ପ୍ରଚଳିତ ହୋଇଥିବା ବିଶ୍ୱାସର ଏହା ପରିପନ୍ଥୀ ଥିଲା । ପୂର୍ବରୁ ରହିଆସିଥିଲା ଯେ, ଅର୍ଥନୀତି ସମାନ୍ତରାଳ ଭାବେ ତିଷ୍ଠି ରହିଥିବାବେଳେ ସାମଗ୍ରୀ ଓ ସେବା ଉତ୍ପାଦନ ସାମର୍ଥ୍ୟ ତୁଳନାରେ ଉପଭୋକ୍ତାମାନଙ୍କ ଆବଶ୍ୟକତା ସର୍ବଦା ଅଧିକ ରହିଥାଏ ଏବଂ ଥରେ ଏକ ଉପଯୁକ୍ତ ଦରରେ ପହଂଚିବା ପରେ ଉତ୍ପାଦିତ ସମସ୍ତ ସାମଗ୍ରୀ ଓ ସେବା ସେହି ଅନୁସାରେ ଉପଭୋକ୍ତାଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ । କେନସ ଯୁକ୍ତି ଦର୍ଶାଇଥିଲେ ଯେ, ବର୍ତ୍ତମାନ ରହିଥିବା ବେକାରୀ ହେଉଛି ସେହି ଅବସ୍ଥାର ଫଳ ଯେଉଁଠି ଅର୍ଥନୀତିକ ବ୍ୟବସ୍ଥା ଅନୁସାରେ ସମସ୍ତ ସାମଗ୍ରୀ ଓ ସେବାକୁ ବ୍ୟବହାର କରାଯାଇନଥାଏ । ସେ ମଧ୍ୟ ଯୁକ୍ତି ଦର୍ଶାଇଥିଲେ ଯେ, ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇଥିବା ସଂଚୟଗୁଡ଼ିକୁ ସାମଗ୍ରୀ ଓ ସେବାରେ ନିବେଶ କରାଯାଇନଥାଏ ଯଦ୍ୱାରା ଅର୍ଥନୀତି ଯେପରି ଶକ୍ତିଶାଳୀ ଭାବେ



Unfiled Notes Page 58

ପରିଚାଳିତ ହେବା କଥା ସେପରି ପରିଚାଳିତ ହୋଇ ନଥାଏ । କେନସ ପ୍ରସ୍ତାବ ଦେଇଥିଲେ ଯେ, ସରକାରୀ ସ୍ତରରେ ବ୍ୟୟ ମୋଟ ଚାହିଦା ପରିମାଣ ବୃଦ୍ଧି କରିବା ସହ ବେକାରୀ ହ୍ରାସ କରିଥାଏ । ଅର୍ଥନୀତିର ସୁପରିଚାଳନା ପାଇଁ ରାଜସ୍ୱ ତୁଳନାରେ ସୁଧହାର ହ୍ରାସ କରିବା ଏବଂ ସରକାରୀ ବ୍ୟୟ ବୃଦ୍ଧି କରିବାର ଆବଶ୍ୟକତା ପଡ଼ିଥାଏ । କେନସଙ୍କ ଏହି ମତକୁ ୧୯୩୭ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ଏଫ.ଡି. ରୁଜଭେଲ୍ଟଙ୍କ ନେତୃତ୍ୱାଧୀନ ଆମେରିକା ସରକାର ଓ ପରେ ଅନ୍ୟାନ୍ୟ ରାଷ୍ଟ୍ରର ସରକାର ଗ୍ରହଣ କରିଥିଲେ ।

## ନିଅଣ୍ଟ ପରିସ୍ଥିତି ଭଲ ନା ଖରାପ ?

ଯଦିଓ ଏହି ପ୍ରଶ୍ନର କୌଣସି ସ୍ପଷ୍ଟ ଉତ୍ତର ନାହିଁ ତଥାପି ଏହା ସତ୍ୟ ଯେ, ଚାହିଦାରେ ଉନ୍ନତି ଦ୍ୱାରା ଅର୍ଥନୀତିକୁ ଆଗେଇନେବାରେ ନିଅଣ୍ଟିଆ ଆର୍ଥିକ ପରିଚାଳନା ସହାୟକ ହୋଇଥାଏ । ତେବେ ସରକାରୀ ବ୍ୟୟ ବୃଦ୍ଧି ଦ୍ୱାରା ସମ୍ପ୍ରସାରିତ ଆର୍ଥିକ ନୀତି ଅଧିକ ସୁଧ ହାରରେ ଋଣ ଆଣିବାର ଅବସ୍ଥା ସୃଷ୍ଟି କରିଥାଏ । ଏହା ଯୋଗୁ ବଜାରରେ ସୁଧହାର ବୃଦ୍ଧି ହୋଇଥାଏ ଏବଂ ଘରୋଇ ଉଦ୍ୟୋଗ ନିମନ୍ତେ ଋଣ ଉପଲବ୍ଧ ହ୍ରାସ କରିଥାଏ । ଏହା ମଧ୍ୟ ଯୁକ୍ତି କରାଯାଇଥାଏ ଯେ, ସମ୍ପ୍ରସାରିତ ଆର୍ଥିକ ନୀତି ଯାହାକି ପରିଦୃଷ୍ଟ ହୋଇପାରୁଥିବା ପ୍ରଭାବ ସକାଶେ ଏକ ଦୀର୍ଘ ସମୟକାଳ ଆବଶ୍ୟକ କରିଥାଏ, ସେ କ୍ଷେତ୍ରରେ କର ଉଚ୍ଛେଦ ଏକ ଉଚିତ ପଦକ୍ଷେପ ହୋଇଥାଏ । କର ଉଚ୍ଛେଦ ଯୋଗୁ ମୂଲ୍ୟ ହ୍ରାସ ପାଇଥାଏ, ବ୍ୟବସାୟକୁ ଲାଭବାନ କରିଥାଏ, ନିଯୁକ୍ତି ବୃଦ୍ଧି କରିଥାଏ ତଥା ଏହାକୁ କାର୍ଯ୍ୟକାରୀ କରିବା ସହଜ ହୋଇଥାଏ ।

## ଆର୍ଥିକ ସଂକଟ:

୧୯୮୦ ଦଶକରେ ଲାଟିନ ଆମେରିକାରେ ଦେଖାଦେଇଥିଲା ଗଭୀର ଆର୍ଥିକ ସଙ୍କଟ । ଏହି ସମୟକାଳରେ ଲାଟିନ ଆମେରିକୀୟ ରାଷ୍ଟ୍ରଗୁଡ଼ିକର ଆର୍ନ୍ତଜାତିକ ଋଣ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଥିଲା ଯଦ୍ୱାରା ଏହାକୁ ପରିଚାଳନା କରିବା ସେମାନଙ୍କ ସାମର୍ଥ୍ୟର ବାହାରେ ଥିଲା । ଏହାର କାରଣ ଥିଲା ଋଣକୁ ପୁଞ୍ଜିନିବେଶରେ ବ୍ୟବହାର ନ କରି ଖାଉଟି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା । ଲାଟିନ ଆମେରିକାକୁ ଋଣ ଯନ୍ତାରୁ ମୁକ୍ତ କରିବା ପାଇଁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଓ ବିଶ୍ୱବ୍ୟାଙ୍କ ଯଦିଓ ଆଗେଇ ଆସିଥିଲେ ତଥାପି ସେମାନେ କେତେକ ପ୍ରସ୍ତାବ ଦେଇଥିଲେ । ତାହା ହେଲା ସାମାଜିକ କ୍ଷେତ୍ର ଲାଗି ବ୍ୟୟ ହ୍ରାସ, ମଜୁରି କମାଇବା, ଚାକିରି ହ୍ରାସ ଓ ସବସିଡି ହ୍ରାସ ବା ଉଚ୍ଛେଦ ଜରିଆରେ ଖର୍ଚ୍ଚ କାଟ କରିବା, ଉଦାରୀକରଣ ବାଣିଜ୍ୟ, ଦର ନିୟନ୍ତ୍ରଣ ବ୍ୟବସ୍ଥା ହଟାଇବା, ଆଭ୍ୟନ୍ତରୀଣ ଓ ବୈଦେଶିକ ନିବେଶକୁ ପ୍ରୋତ୍ସାହନ କରିବା ସହ ଭିତ୍ତିଭୂମି ସଜାଡ଼ିବା କାର୍ଯ୍ୟକ୍ରମର ପ୍ରସ୍ତାବ ଦେଲେ । ବିଭିନ୍ନ ଆଇନଗତ ବ୍ୟବସ୍ଥା ମଧ୍ୟରେ ଏସବୁ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦିଆଗଲା ।

୧୯୯୧ରେ ଭାରତ ଏକ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା । ଏହି ସମୟକାଳରେ ଉଭୟ କେନ୍ଦ୍ର ଓ ରାଜ୍ୟର ବିତୀୟ ନିଅଣ୍ଟ ପରିମାଣ ଜିଡିପିର ୧୧.୨୪ ପ୍ରତିଶତ ହୋଇଥିଲା ଏବଂ ବାଲାନସ ଅଫ ପେମେଣ୍ଟର ସ୍ଥିତି ମଧ୍ୟ ଗମ୍ଭୀର ଥିଲା । ପ୍ରମୁଖ ବୈଦେଶିକ ମୁଦ୍ରା ତୁଳନାରେ ଭାରତୀୟ ମୁଦ୍ରାକୁ ଯଥେଷ୍ଟ ଅବମୂଲ୍ୟାୟନ କରାଯାଇଥିଲା । ୧୯୯୬-୯୭ରେ ଯଦିଓ ମୋଟ ରାଜସ୍ୱ ନିଅଣ୍ଟ ପରିମାଣ ଜିଡିପିର ୮.୧୭ ପ୍ରତିଶତ ହେଲା ତଥାପି ୧୯୯୭ରେ ପଞ୍ଚମ ଦରମା ଆୟୋଗଙ୍କ ସୁପାରିଶ କାର୍ଯ୍ୟକାରୀ ହେବା ଯୋଗୁ ବିତୀୟ ନିଅଣ୍ଟ ପରିମାଣ ପୁଣି ୧୧ ପ୍ରତିଶତକୁ ବୃଦ୍ଧି ପାଇଥିଲା । ପୂର୍ବରୁ ରାଜସ୍ୱ ନିଅଣ୍ଟ ପରିମାଣ ୩ ପ୍ରତିଶତ ଥିବାବେଳେ ୧୯୯୯-୨୦୦୦ରେ ରାଜ୍ୟଗୁଡ଼ିକର ନିଅଣ୍ଟ ରାଜସ୍ୱ ପରିମାଣ ୪.୬ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଏହାର କାରଣ ଥିଲା ରାଜସ୍ୱ ବ୍ୟୟ ପରିମାଣ ବୃଦ୍ଧି । ରାଜସ୍ୱ ନିଅଣ୍ଟ ପରିମାଣ ବିତୀୟ ନିଅଣ୍ଟର ୬୦ ପ୍ରତିଶତରୁ ଅଧିକ ହୋଇଥିବାବେଳେ ସବସିଡି ବୃଦ୍ଧି ଏବଂ ଦରମା ବାବଦ ବ୍ୟୟ ଯୋଗୁ ତଥା ଏକ ଆଇନଗତ ବ୍ୟବସ୍ଥା ଅଭାବରୁ ଏହି ନିଅଣ୍ଟ ଅବସ୍ଥା ଅନିୟନ୍ତ୍ରିତ ହେବ ।

## ମାଷ୍ଟ୍ରିକ ଚୁକ୍ତି ଓ ବିତୀୟ ନିଅଣ୍ଟର ଲକ୍ଷ୍ୟ:

ୟୁରୋପୀୟ ରାଷ୍ଟ୍ରସଂଘ ଗଠନ କରିବା ଉଦ୍ଦେଶ୍ୟରେ ୧୯୯୨ରେ ନେଦରଲ୍ୟାଣ୍ଡର ମାଷ୍ଟ୍ରିକଠାରେ ୟୁରୋପୀୟ ରାଷ୍ଟ୍ରମାନେ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଏକକ ମୁଦ୍ରା ୟୁରୋର ପ୍ରଚଳନ । ଏକକ ମୁଦ୍ରା ସହ ପ୍ରତ୍ୟେକ ରାଷ୍ଟ୍ର ନିଜ ନିଜ ଅଧିକାର ସାବ୍ୟସ୍ତ କରିବେ । ୟୁରୋପୀୟ ରାଷ୍ଟ୍ରସଂଘର ସଦସ୍ୟମାନଙ୍କ ଜଟିଳ ଅଙ୍ଗୀକାର ଜରିଆରେ ଏହା ତିଷ୍ଠିବ ବୋଲି ହୃଦବୋଧ କରାଯାଇଥିଲା । ତେଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ, ରାଜସ୍ୱ ନିଅଣ୍ଟ ଓ ମୋଟ ଋଣ ସମସ୍ୟାକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ଉପରେ ୟୁରୋପୀୟ ରାଷ୍ଟ୍ରସଂଘ ସଦସ୍ୟମାନେ ସହମତି ପ୍ରକାଶ କରିଥିଲେ । ଏହି ଚୁକ୍ତିରେ ସହମତି ପ୍ରକାଶ କରାଯାଇଥିଲା ଯେ, ସର୍ବନିମ୍ନ ମୁଦ୍ରାସ୍ଫୀତି ଥିବା ତିନିଟି ସଦସ୍ୟ ରାଷ୍ଟ୍ରର ହାରାହାରି ମୁଦ୍ରାସ୍ଫୀତିର ୧.୫ ପ୍ରତିଶତ ମଧ୍ୟରେ ନିଜର ମୁଦ୍ରାସ୍ଫୀତିକୁ ସୀମାବଦ୍ଧ ରଖିବେ । ସେହିପରି ସହମତି ପ୍ରକାଶ କରାଯାଇଥିଲା ଯେ, ଏକ ସଦସ୍ୟ ରାଷ୍ଟ୍ରର ରାଷ୍ଟ୍ରୀୟ ଋଣ ପରିମାଣ ଏହାର ଜିଡିପିର ୬୦ ପ୍ରତିଶତରୁ ଅଧିକ ହେବ ନାହିଁ ଏବଂ ବିତୀୟ ନିଅଣ୍ଟ ପରିମାଣ ଜିଡିପିର ୩ ପ୍ରତିଶତ ମଧ୍ୟରେ ସୀମାବଦ୍ଧ ରଖାଯିବ । ବାସ୍ତବତା ଏହା ଯେ, ୧୨ଟି ସଦସ୍ୟ ରାଷ୍ଟ୍ର ମଧ୍ୟରୁ ୧୨ବର୍ଷ ଅର୍ଥାତ ୧୯୯୯-୨୦୧୧ ଭିତରେ ୧୦ଟି ରାଷ୍ଟ୍ର ୩ ପ୍ରତିଶତ ସୀମା ଉଲ୍ଲଘଂନ କରିଥିଲେ ।

ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଙ୍ଗରାଜନ ଓ ସୁବାରାଓ ଦର୍ଶାଇଛନ୍ତି ଯେ, ଭାରତର ଆକଳନ କରାଯାଇଥିବା ସଞ୍ଚୟ ପ୍ରାୟ ୧୩ ପ୍ରତିଶତ ହେବ ଯେଉଁଥିରୁ କର୍ପୋରେଟ ଦ୍ୱାରା ୫ ପ୍ରତିଶତ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ୨ ପ୍ରତିଶତ ବ୍ୟବହାର ହୋଇଥାଏ । ଅର୍ଥାତ ଏହାର ପରିମାଣ ପ୍ରାୟ ୬ ପ୍ରତିଶତ ହୋଇଥାଏ ଯାହାକି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୋଟ ନିଅଣ୍ଟ ପରିମାଣ ସହ ସମାନ ହୋଇଥାଏ ।

ସାଧାରଣ ଭାବେ ଏହା କୁହାଯାଉଛି ଯେ, ମାଷ୍ଟ୍ରିକ ଚୁକ୍ତିରୁ ହିଁ ଭାରତ ବିତିୟ ନିଅଂଟଣ୍ଟ ଓ ମୋଟ ଋଣ ଲକ୍ଷ୍ୟ ବ୍ୟବସ୍ଥା ଧାର ଆଣିଛି । ଯଦିଓ ୩ ପ୍ରତିଶତ ବିତିୟ ନିଅଣ୍ଟ ଲକ୍ଷ୍ୟ ସକାଶେ କୌଣସି ବିଧିବଦ୍ଧ ଭିତ୍ତି ନାହିଁ ତଥାପି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଙ୍ଗରାଜନ ଓ ସୁବାରାଓ ଦର୍ଶାଇଛନ୍ତି ଯେ, ଭାରତର ଆକଳନ କରାଯାଇଥିବା ସଞ୍ଚୟ ପ୍ରାୟ ୧୩ ପ୍ରତିଶତ ହେବ ଯେଉଁଥିରୁ କର୍ପୋରେଟ ଦ୍ୱାରା ୫ ପ୍ରତିଶତ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ୨ ପ୍ରତିଶତ ବ୍ୟବହାର ହୋଇଥାଏ । ଅର୍ଥାତ ଏହାର ପରିମାଣ ପ୍ରାୟ ୬ ପ୍ରତିଶତ ହୋଇଥାଏ ଯାହାକି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୋଟ ନିଅଣ୍ଟ ପରିମାଣ ସହ ସମାନ ହୋଇଥାଏ ।


## ଆର୍ଥିକ ଦାୟିତ୍ୱବୋଧ ଓ ବଜେଟ ପରିଚାଳନା ଆଇନ, ୨୦୦୩ ଓ ପରବର୍ତ୍ତୀ ଅବସ୍ଥା:


ଆର୍ଥିକ ଦାୟିତ୍ୱବୋଧ ସକାଶେ ଚିଠା ବିଧି ସୁପାରିଶ କରିବା ପାଇଁ ଭାରତ ସରକାର ଏକ କମିଟି ଗଠନ କରିଥିଲେ । ଏହି ସୁପାରିଶ ଆଧାରରେ ଡିସେମ୍ବର ୨୦୦୦ରେ ଭାରତ ସରକାର ଆର୍ଥିକ ଦାୟିତ୍ୱବୋଧ ଓ ବଜେଟ ପରିଚାଳନା ବିଲ୍ ଆଗତ କରିଥିଲେ । ଏହି ବିଲ୍‌କୁ ସଂସଦୀୟ ଷ୍ଟାଣ୍ଡିଂ କମିଟି ନିକଟକୁ ପଠାଯାଇଥିଲା ଯାହାକି ଏହାକୁ ଅନୁଧ୍ୟାନ କରିବା ସହ କେତେକ ପ୍ରସ୍ତାବ ଦେଇଥିଲା । ଏହି ପ୍ରସ୍ତାବ ଅନୁସାରେ ଏପ୍ରିଲ ୨୦୦୩ରେ ଲୋକସଭାରେ ଏହାର ସଂଶୋଧିତ ବିଲ୍ ଆଗତ ହୋଇଥିଲା । ପରେ ୨୦୦୩ ଅଗଷ୍ଟରେ ରାଜ୍ୟସଭାରେ ଏହି ବିଲ୍ ଆଗତ ହୋଇଥିଲା । ରାଷ୍ଟ୍ରପତିଙ୍କ ସମ୍ମତି ଲାଭ କରିବା ପରେ ଆର୍ଥିକ ଦାୟିତ୍ୱବୋଧ ଓ ବଜେଟ ପରିଚାଳନା (ଏଫଆରବିଏମ) ପରେ ଆଇନରେ ପରିଣତ ହୋଇଥିଲା ।


ଏହି ଆଇନ ଦର୍ଶାଇଥାଏ ଯେ, ବିତିୟ ନିଅଣ୍ଟ ପରିମାଣ ଓ ରାଜସ୍ୱ ନିଅଣ୍ଟ ପରିମାଣ ଜିଡିପିର ୩ ପ୍ରତିଶତକୁ ହ୍ରାସ କରିବା ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ନେବେ । ଏହି ବ୍ୟବସ୍ଥାକୁ ଏପରି ଭାବେ ପରିଚାଳନା କରାଯିବା ଆବଶ୍ୟକ ଯଦ୍ୱାରା ୩୧ ମାର୍ଚ୍ଚ ୨୦୦୮ ସୁଦ୍ଧା ରାଜସ୍ୱ ନିଅଣ୍ଟ ହଟାଯାଇପାରିବ ଏବଂ ପରେ ବଳକା ରାଜସ୍ୱ ବ୍ୟବସ୍ଥା ତିଆରି ହେବ । ଏହି ଆଇନ ମଧ୍ୟ ଦର୍ଶାଇଥାଏ ଯେ, ଆକାଙ୍କ୍ଷିତ ନିଅଣ୍ଟ ସୀମାରେ ପହଂଚିବାକୁ ହେଲେ ବାର୍ଷିକ ଲକ୍ଷ୍ୟଗୁଡ଼ିକୁ ସ୍ଥିର କରାଯିବା ଆବଶ୍ୟକ । ଏହାଛଡ଼ା ବାର୍ଷିକ ଆର୍ଥିକ ବିବୃତି ଓ ଅନୁଦାନ ଦାବି ସହ ପ୍ରତିବର୍ଷ ସରକାର ପ୍ରତି ଆର୍ଥିକ ବର୍ଷରେ ତିନିଟି ବିବୃତି ସଂସଦର ଉଭୟ ଗୃହରେ ଉପସ୍ଥାପନ କରିବା ପାଇଁ ଏହି ଆଇନରେ ନିର୍ଦ୍ଦେଶ ରହିଛି । ଏହି ତିନିଟି ବିବୃତି ହେଉଛି: ୧- ମଧ୍ୟବର୍ତ୍ତୀ ଆର୍ଥିକ ନୀତି ବିବୃତି ୨- ଆର୍ଥିକ ନୀତି କୌଶଳ ବିବୃତି ଓ ୩- ବୃହତ ଅର୍ଥନୈତିକ ଫ୍ରେମଓ୍ୱାର୍କ ବିବୃତି । ବଜେଟ ପ୍ରସ୍ତୁତି ଓ ସଂସଦର ଉଭୟ ଗୃହରେ ଏହାର ଉପସ୍ଥାପନ ପୂର୍ବରୁ ସରକାରଙ୍କ ଆୟ ଓ ବ୍ୟୟର ଏକ ତ୍ରୟମାସିକ ସମୀକ୍ଷା ଅର୍ଥମନ୍ତ୍ରୀ କରିବା ନେଇ ଏହି ଆଇନରେ ବିଧି ରହିଛି । ବିତିୟ ଓ ରାଜସ୍ୱ ନିଅଣ୍ଟର ଉଚିତ ମୁକାବିଲା କରିବା ସକାଶେ ରାଜ୍ୟ ବିଧାନସଭାଗୁଡ଼ିକରେ ରାଜ୍ୟମାନେ ସମଧରଣର ଆଇନ ତିଆରି କରିଛନ୍ତି ।


ଏଫଆରବିଏମ ଆଇନର ସମୀକ୍ଷା ଓ ଏହାର ପ୍ରଭାବ ଦର୍ଶାଇଥାଏ ଯେ, ଏଫଆରବିଏମ ପ୍ରତି ସମସ୍ତ ରାଜ୍ୟ ଅଙ୍ଗୀକୃତ ରହିବେ ଏବଂ ନିଜ ନିଜ ବିଧାନସଭାରେ ଏହି ଆଇନ ଗୃହିତ କରିବା ପରେ ବଳକା ରାଜସ୍ୱ ଅବସ୍ଥା ସୃଷ୍ଟି କରିବେ । ତେବେ ବିଶ୍ୱରେ ଦେଖାଦେଇଥିବା ମାନ୍ଦାବସ୍ଥା ଯୋଗୁ ୨୦୦୯-୧୦ ବର୍ଷକୁ ଏହି ପ୍ରକ୍ରିୟାରୁ ବାଦ ରଖାଯାଇଥିଲା । ସେହିପରି ଭାରତର ସମସ୍ତ ରାଜ୍ୟ ୩ ପ୍ରତିଶତ ବିତିୟ ନିଅଣ୍ଟରେ ସୀମାବଦ୍ଧ ରହିବା ପାଇଁ ପଦକ୍ଷେପ ନେଇଛନ୍ତି । ସେହିପରି ଭାରତ ସରକାରଙ୍କ ଆର୍ଥିକ ସମୀକ୍ଷା ଦର୍ଶାଇଥାଏ ଯେ, ଯେଉଁ ପଦକ୍ଷେପଗୁଡ଼ିକୁ ମାନିନେବା କଥା ତାହା ତୁଳନାରେ ବହୁପରିମାଣରେ ଅଙ୍ଗୀକାରଗୁଡ଼ିକୁ ଉଲ୍ଲଂଘନ କରାଯାଇଛି ।

ଏପ୍ରିଲ ୨୦୦୩ରେ ଲୋକସଭାରେ ଏହାର ସଂଶୋଧିତ ବିଲ୍ ଆଗତ ହୋଇଥିଲା । ପରେ ୨୦୦୩ ଅଗଷ୍ଟରେ ରାଜ୍ୟସଭାରେ ଏହି ବିଲ୍ ଆଗତ ହୋଇଥିଲା । ରାଷ୍ଟ୍ରପତିଙ୍କ ସମ୍ମତି ଲାଭ କରିବା ପରେ ଆର୍ଥିକ ଦାୟିତ୍ୱବୋଧ ଓ ବଜେଟ ପରିଚାଳନା (ଏଫଆରବିଏମ) ପରେ ଆଇନରେ ପରିଣତ ହୋଇଥିଲା ।


Revenue Deficit as percent of GSDP
FRBM Legislation


Gross Fiscal Deficit as percent of GSDP


Revenue Deficit as % of GDP
PRE FRBM
POST FRBM


Gross Fiscal Deficit as percent of GDP
PRE FRBM
POST FRBM

**ରାଜ୍ୟ ସ୍ତରରେ ବିତିୟ ଦୃଢ଼ୀକରଣ:**

ରାଜ୍ୟସ୍ତରରେ ଆର୍ଥିକ ଦୃଢ଼ୀକରଣ ପଦକ୍ଷେପକୁ ଭାରତ ସରକାର ଓ ଅର୍ଥ ଆୟୋଗ ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇଛି । ଋଣ ଅଦଳବଦଳ ଯୋଜନା ଜରିଆରେ ରାଜ୍ୟମାନେ ବଜାରରୁ କମ ହାରରେ ଋଣ ଉଠାଇପାରିବେ ଏବଂ ଭାରତ ସରକାରଙ୍କ ଋଣ ପରିଶୋଧ କରିପାରିବେ ଯାହାର ହାର ସମ୍ପ୍ରତି ରହିଛି ୧୩ ପ୍ରତିଶତ ।୨୦୦୨-୦୩ରୁ ୨୦୦୪-୦୫ ସମୟକାଳ ମଧ୍ୟରେ ରାଜ୍ୟଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଛି ୧.୦୩ ଲକ୍ଷ କୋଟି ଟଙ୍କା । ସେହିପରି ୧୨ଶ ଅର୍ଥ ଆୟୋଗ ଋଣ ବ୍ୟବସ୍ଥା ଓ ପରିଶୋଧ ସୁବିଧା (ଡିସିଆରଏଫ)କୁ ସୁପାରିଶ କରିଛନ୍ତି ଯାହାକି ୭.୫ ପ୍ରତିଶତ ହାରରେ ୨୦ଟି ସମାନ କିସ୍ତିରେ ଭାରତ ସରକାରଙ୍କୁ ଋଣ ପରିଶୋଧ କରିବାର ବ୍ୟବସ୍ଥା ରହିଛି । ଅନେକ ରାଜ୍ୟ କନସଲିଡେଟେଡ ସିଙ୍କିଙ୍ଗ ଫଣ୍ଡ- ସିଏସଏଫ ଓ ଗ୍ୟାରେଂଟି ରିଡେମ୍ପସନ ଫଣ୍ଡ- ଜିଆରଏଫ ଗଠନ କରିଛନ୍ତି ଯଦ୍ଦ୍ୱାରା ଋଣ ପରିଶୋଧ କରାଯାଇପାରିବ ଏବଂ ଆପାତକାଳୀନ ସହାୟତା ଦେଇପାରିବ । ଅନ୍ୟାନ୍ୟ ଯେଉଁ ପଦକ୍ଷେପ ନିଆଯାଇଛି ତାହା ହେଲା ଶକ୍ତ ବିତରଣର ପୁନର୍ଗଠନ, ନୂଆ ପେନସନ ଯୋଜନା ଆରମ୍ଭ କରିବା ଏବଂ କର ବ୍ୟବସ୍ଥାରେ ଉନ୍ନତି । ଏହି ପଦକ୍ଷେପ ଯୋଗୁ ରାଜ୍ୟସ୍ତରରେ ଆର୍ଥିକ ଉନ୍ନତି ସମ୍ଭବ ହୋଇପାରିବ ।

**କେନ୍ଦ୍ର ସ୍ତରରେ ବିତିୟ ଦୃଢ଼ୀକରଣ:**

୨୦୧୬-୧୭ ବଜେଟକୁ ଅନୁଧ୍ୟାନ କଲେ ପ୍ରତୀୟମାନ ହୁଏ ଯେ, ଅବ୍ୟବସ୍ଥିତ ଆକାରରେ ଭାରତ ସରକାର ବିତିୟ ଦୃଢ଼ୀକରଣ ଦିଗରେ ଅବଧାରିତ ହେଉଛନ୍ତି । ୨୦୧୫-୧୬ ପାଇଁ ଥିବା ଆର୍ଥିକ ନିଅଂଟ ଲକ୍ଷ୍ୟ ୩. ୯ ପ୍ରତିଶତ ଥିବାବେଳେ ୨୦୧୬-୧୭ ପାଇଁ ଏହି ଲକ୍ଷ୍ୟ ରଖାଯାଇଛି ଜିଡିପିର ୩.୫ ପ୍ରତିଶତ । ପ୍ରତିରକ୍ଷା କର୍ମଚାରୀଙ୍କ ସକାଶେ ଗୋଟିଏ ରାଙ୍କ ଗୋଟିଏ ପେନସନ ନୀତି ଏବଂ ଭାରତ ସରକାରଙ୍କ କର୍ମଚାରୀଙ୍କ ସକାଶେ ସପ୍ତମ ବେତନ ଆୟୋଗର ସୁପାରିଶ କାର୍ଯ୍ୟକାରୀ ହେବା ଯୋଗୁ ସରକାରଙ୍କ ଉପରେ ଆର୍ଥିକ ବୋଝ ବୃଦ୍ଧି ପାଇଛି ।

ଏହା ପରିଦୃଷ୍ଟ ହେଇଛି ଯେ, ବିତିୟ ନିଅଂଟ ସମସ୍ୟାର ସମାଧାନ କରିବା ପାଇଁ କୌଣସି ବଳିଷ୍ଠ ଯୋଜନା କାର୍ଯ୍ୟକାରୀ ହୋଇନାହିଁ । ଏହା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଛି କାରଣ ୨୦୧୬-୧୭ବର୍ଷରେ ରାଜସ୍ୱ ନିଅଂଟ ପରିମାଣ ୬୬ ପ୍ରତିଶତ ହୋଇଥିବାରୁ ଏହା ସୂଚିତ କରିଥାଏ ଯେ ନିବେଶ ଓ ପୁଞ୍ଜି ସମ୍ପଦ ସୃଷ୍ଟି ସକାଶେ ବିପୁଳ ପରିମାଣର ଋଣ ଅଣାଯାଇନାହିଁ ।

ବିଭିନ୍ନ ତଥ୍ୟରୁ ଏହା ପ୍ରମାଣିତ ଯେ, ଏଫଆରବିଏମ ସଫଳତାଗୁଡ଼ିକୁ ସମୀକ୍ଷା କରିବା ତଥା ଏକ ସଂଖ୍ୟା ବ୍ୟତୀତ ଏକ ରେଞ୍ଜ ପାଇଁ ସୁପାରିଶ କରିବା ସକାଶେ ଏକ କମିଟି ଗଠନ କରିବାକୁ ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି । ବିତିୟ ନିଅଣ୍ଟ ଅବସ୍ଥା ଏକ ଖରାପ ବ୍ୟବସ୍ଥା ହୋଇନଥିଲେ ମଧ୍ୟ ସୁଧ ହାର କାରଣରୁ ଆସନ୍ତା ଦିନରେ ରାଜସ୍ୱ ବ୍ୟୟ ସକାଶେ କରାଯାଉଥିବା ଋଣ ଅକଥନୀୟ ଚାପ ସୃଷ୍ଟି କରିବ । ୨୦୧୬-୧୭ ଆର୍ଥିକ ବର୍ଷରେ ଆର୍ଥିକ ନିଅଣ୍ଟ କାରଣରୁ ସୁଧ ପରିଶୋଧ ବାବଦରେ ପ୍ରଦାନ କରାଯାଇଥିବା ଅର୍ଥ ପରିମାଣ ହୋଇଛି ୯୨ ପ୍ରତିଶତ । ୨୦୧୫-୧୬ ଆର୍ଥିକ ବର୍ଷରେ ଏହି ହାର ଥିଲା ୭୯ ପ୍ରତିଶତ ।

ସୁଧ ବାବଦ ପରିଶୋଧ ପରିମାଣ ଅଣଞ୍ଜଞ୍ଜ ଯୋଜନା ରାଜସ୍ୱ ବ୍ୟୟର ୩୭ ପ୍ରତିଶତ ହୋଇଛି ଯାହାକି ୨୦୧୪-୧୫ ତୁଳନାରେ ୧ ପ୍ରତିଶତ ଅଧିକ ରହିଛି । ୨୦୧୪-୧୫ରେ ସୁଧ ବାବଦ ଦେୟ ମୋଟ କର ରାଜସ୍ୱର ୪୪.୫ ପ୍ରତିଶତ ହୋଇଥିବାବେଳେ ୨୦୧୫-୧୬ରେ ଏହି ପରିମାଣ ହୋଇଛି ୪୬.୭ ପ୍ରତିଶତ ।

**ଭାରତ ସରକାରଙ୍କ ପ୍ରଚେଷ୍ଟା:**

କରର ବିଭାଜିତ ବ୍ୟବସ୍ଥାରେ ରାଜ୍ୟର ଅଂଶବୃଦ୍ଧିକୁ ସୁପାରିଶ କରିଥିବା ୧୪ଶ ଅର୍ଥ ଆୟୋଗର ସୁପାରିଶ ଅନୁସାରେ ଭାରତ ସରକାର କେନ୍ଦ୍ର ସରକାରଙ୍କ ଯୋଜନା ଓ କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକୁ ଅଧିକ ଶୃଙ୍ଖଳିତ କରିଥିଲେ । ଆଧାର ବ୍ୟବସ୍ଥାକୁ ଆଇନଗତ ଭାବେ ସୁସଂହତ କରି ଡିବିଟି ଯୋଜନା ଜରିଆରେ ଯେପରି ସବସିଡି ଓ ଉପକାରିତା ଉପଭୋକ୍ତାଙ୍କ ନିକଟକୁ ସିଧାସଳଖ ଯାଇପାରିବ ସେହି ପଦକ୍ଷେପ ନିଆଯାଇଛି । ୨୦୧୬-୧୭ରେ କେତେକ ଜିଲ୍ଲାରେ ଡିବିଟି ଜରିଆରେ ସାର ସବସିଡି ପ୍ରଦାନ କରିବା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ସବସିଡି ବଜେଟ ପରିମାଣ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିବାବେଳେ ଆସନ୍ତା ଦିନରେ ଏହାକୁ ଅଧିକ ସୁସଂହତ କରିବା ଦିଗରେ ପଦକ୍ଷେପ ନିଆଯିବ ।

୨୦୧୫-୧୬ରେ ଆନ୍ତର୍ଜାତିକ ସ୍ତରରେ ଅଶୋଧିତ ତୈଳ ଦର ହ୍ରାସ ଯୋଗୁ ଏକକ ଆର୍ଥିକ ବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ ହୋଇଥିଲା । ୨୦୧୬-୧୭ରେ ଏହି ଅବସ୍ଥା ଜାରି ରହିବ ବୋଲି ଆଶା କରାଯାଉଛି । ସେହିପରି ୨୦୧୫ରେ ସ୍ପେକ୍ଟ୍ରମ ନିଲାମୀ ପ୍ରକ୍ରିୟାରୁ ଆଶା କରାଯାଇଥିବା ୪୨୮୦୦ କୋଟି ଟଙ୍କା ବଦଳରେ ୫୬ହଜାର କୋଟି ଟଙ୍କା ସଂଗୃହିତ ହୋଇଥିଲା । ୨୦୧୬-୧୭ରେ ସ୍ପେକ୍ଟ୍ରମ ବାବଦରୁ ୯୮୯୯୫ କୋଟି ଟଙ୍କା ମିଳିବ ବୋଲି ଆଶା କରାଯାଇଛି । ରାଜସ୍ୱ ବୃଦ୍ଧି ସକାଶେ ଶୁଳ୍କ ଲାଗୁ ବ୍ୟବସ୍ଥାକୁ ରାଜ୍ୟଗୁଡ଼ିକ ଉପରେ ଲଦି ଦିଆଯାଇନାହିଁ । ଫଳରେ ନିଅଣ୍ଟ ଅବସ୍ଥା ପରିଚାଳନା କ୍ଷେତ୍ରରେ ଏହା ଭାରତ ସରକାରଙ୍କୁ ସହାୟକ ହୋଇପାରିଛି । କାର ଉପରେ ଭିତିଭୂମି ଶୁଳ୍କ ପରିମାଣ ୧-୪ ପ୍ରତିଶତ, କୃଷି କଲ୍ୟାଣ ଶୁଳ୍କ ୦.୫ ପ୍ରତିଶତ, କୋଇଲା ଉପରେ ସ୍ୱଚ୍ଛ ଶକ୍ତି ଶୁଳ୍କ ୪୦୦ ଟଙ୍କା/ଟନ ଧାର୍ଯ୍ୟ ହୋଇଛି । ସ୍ୱଚ୍ଛ ଭାରତ ଶୁଳ୍କ ସମେତ ଉପରୋକ୍ତ ଶୁଳ୍କରୁ ୩୫ ହଜାର କୋଟି ଟଙ୍କା ଆୟ ହୋଇପାରିବା ଲକ୍ଷ୍ୟ ରହିଛି ।

ଏହା ଦେଖାଯାଉଛି ଯେ, ଲରଭବକ୍ଷବ ସବସିଡି ବ୍ୟବସ୍ଥାକୁ ସୁସଂହତ କରିବା ଦିଗରେ ଚେଷ୍ଟା କରି ଭାରତ ସରକାର ବିତିୟ ଦୃଢ଼ୀକରଣ ବ୍ୟବସ୍ଥାକୁ ଉନ୍ନତ କରିବା ଦିଗରେ ପ୍ରୟାସ କରିଛନ୍ତି । ସରକାରଙ୍କ ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ନୂଆ ଆହ୍ୱାନ ସୃଷ୍ଟି ହେବାର ସମ୍ଭାବନା ରହିଛି ।

**ଲେଖକ, ବାଙ୍ଗାଲୁରୁ ସ୍ଥିତ ବଜେଟ୍ ଏବଂ ନିତି କେନ୍ଦ୍ରରେ ଗବେଷଣା ଉପଦେଷ୍ଟା ଭାବେ କାର୍ଯ୍ୟରତ**

# ସ୍ୱାସ୍ଥ୍ୟ ବଜେଟ ୨୦୧୬

ଉର୍ମି ଏ ଗୋସ୍ୱାମୀ

**ଅର୍ଥମନ୍ତ୍ରୀଙ୍କ ଏହି ହୃଦବୋଧ ହୋଇଛି ଯେ, ବଜେଟ ୨୦୧୬ରେ ବିକାଶମୂଳକ ଆଭିମୁଖ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଗତ ଦଶନ୍ଧିରେ ମୋଟ ଆଭ୍ୟନ୍ତରୀଣ ଉତ୍ପାଦନ- ଜିଡିପିର ଏକ ଅଂଶ ଭାବେ ସ୍ୱାସ୍ଥ୍ୟ ସଂପର୍କିତ ବ୍ୟୟ ପରିମାଣ ପ୍ରାୟ ୧.୩ ପ୍ରତିଶତ ହିଁ ରହିଆସିଛି । କେନ୍ଦ୍ର ବଜେଟରେ ସ୍ୱାସ୍ଥ୍ୟ ପାଇଁ ଜିଡିପିର ୦.୨୫ ପ୍ରତିଶତ ବ୍ୟୟବରାଦ ରହିଛି ଯାହାକି ଅଳ୍ପବହୁତେ ଅଧିକ ବା କମ ରହିଛି । ସ୍ୱାସ୍ଥ୍ୟ ପାଇଁ ସରକାରୀ ବ୍ୟୟ ଜିଡିପିର ୨.୫ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୫ରେ ଯାହା ରହିଥିଲା ତାହା ଦୂରରେ ହିଁ ରହିଯାଇଛି ।**




**ରା**ଜନୀତିର ମାନେ କିଛି ନୁହେଁ ଯେଉଁ ପର୍ଯ୍ୟନ୍ତ ଭାରତର ଜନଗଣ ସୁଶିକ୍ଷିତ ହୋଇନାହାନ୍ତି, ଭଲ ଭାବେ ଖାଇବାକୁ ପାଇନାହାନ୍ତି ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇନାହାନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ଏହି ବାଣୀକୁ ଉଲ୍ଲେଖ କରିଥିଲେ ଅର୍ଥମନ୍ତ୍ରୀ ଅରୁଣ ଜେଟଲି । ଅର୍ଥମନ୍ତ୍ରୀଙ୍କ ଏହି ହୃଦବୋଧ ହୋଇଛି ଯେ, ବଜେଟ ୨୦୧୬ରେ ବିକାଶମୂଳକ ଆଭିମୁଖ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଗତ ଦଶନ୍ଧିରେ ମୋଟ ଆଭ୍ୟନ୍ତରୀଣ ଉତ୍ପାଦନ- ଜିଡିପିର ଏକ ଅଂଶ ଭାବେସ୍ୱାସ୍ଥ୍ୟ ସଂପର୍କିତ ବ୍ୟୟ ପରିମାଣ ପ୍ରାୟ ୧.୩ ପ୍ରତିଶତ ହିଁ ରହିଆସିଛି । କେନ୍ଦ୍ର ବଜେଟରେ ସ୍ୱାସ୍ଥ୍ୟ ପାଇଁ ଜିଡିପିର ୦.୨୫ ପ୍ରତିଶତ ବ୍ୟୟବରାଦ ରହିଛି ଯାହାକି ଅଳ୍ପବହୁତେ ଅଧିକ ବା କମ । ସ୍ୱାସ୍ଥ୍ୟ ପାଇଁ ସରକାରୀ ବ୍ୟୟ ଜିଡିପିର ୨.୫ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୫ରେ ଯାହା ରହିଥିଲା ତାହା ଦୂରରେ ହିଁ ରହିଯାଇଛି ।

ଚୀନ ଓ ଶ୍ରୀଲଙ୍କା ପରି ପଡୋଶୀ ଦେଶ ତୁଳନାରେ ସ୍ୱାସ୍ଥ୍ୟ ସକାଶେ ବ୍ୟୟ ଭାର ଭାରତରେ ଯଥେଷ୍ଟ ପଛରେ ରହିଛି । ଚୀନରେ ୨୦୧୩ରେ ସ୍ୱାସ୍ଥ୍ୟ ପାଇଁ ବ୍ୟୟ ପରିମାଣ ଜିଡିପିର ୫.୪ ପ୍ରତିଶତ ଥିବାବେଳେ ସରକାରୀ ବ୍ୟୟ ହାର ଥିଲା ୩.୧ ପ୍ରତିଶତ । ଭାରତରେ ସ୍ୱାସ୍ଥ୍ୟ ପାଇଁ ମୋଟ ବ୍ୟୟ ପରିମାଣ ରହିଛି ଜିଡିପିର ପ୍ରାୟ ୫ ପ୍ରତିଶତ ଯାହାକି ମୁଣ୍ଡପିଛା ଆୟ କ୍ଷେତ୍ରରେ ସମାନ ଥିବା ବିକାଶଶୀଳ ରାଷ୍ଟ୍ରର ହାର ସହ ତୁଳନୀୟ । ଅପରପକ୍ଷେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ସରକାରୀ ବ୍ୟୟ ହାର ଏଯାଏ ୧.୩ ପ୍ରତିଶତ ହୋଇପାରିନାହିଁ ।

ସ୍ୱାସ୍ଥ୍ୟ ପ୍ରସଙ୍ଗରେ ବଜେଟରେ ରହିଥିବା ବ୍ୟବସ୍ଥା ନେଇ ଆକଳନ କରିବା ବେଳେ ଆମକୁ ତିନିଟି ପ୍ରମୁଖ ପ୍ରଶ୍ନ




ଅବଲୋକନ କରିବାକୁ ହେବ । ପ୍ରଥମ- ଦୁର୍ବଳ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରହିଥିବା ସମସ୍ୟାଗୁଡ଼ିକର ମୁକାବିଲା କରିବାରେ ବଜେଟ ଦୃଷ୍ଟି ଦେବା । ଦ୍ୱିତୀୟଟି ହେଉଛି ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ ପଦକ୍ଷେପ ନେବା । ତୃତୀୟଟି ହେଉଛି ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିର ଅବସ୍ଥା ଯେଉଁଥିରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଗବେଷଣା ଓ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ସୁବିଧା । ଏଥିରୁ କୌଣସି ଗୋଟିଏ ବି ସ୍ୱାଧୀନ ନୁହନ୍ତି । ସାଧାରଣ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପ୍ରତ୍ୟେକଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦାରିଦ୍ର୍ୟଜନିତ ବିଭିନ୍ନ ଘଟଣାବଳୀ ରୋକିବା କ୍ଷେତ୍ରରେ ଉନ୍ନତ ସ୍ୱାସ୍ଥ୍ୟସେବାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟ ପାଇଁ ଅଧିକ ବ୍ୟୟ, ଦାରିଦ୍ର୍ୟରୁ ମୁକ୍ତି ଲାଗି ପରିବାର ପାଇଁ କଷ୍ଟସାଧ୍ୟ ହୁଏ ଏବଂ ଦାରିଦ୍ର୍ୟ ମଧ୍ୟକୁ ପରିବାରକୁ ଅଧିକ ଠେଲିଥାଏ । ସୀମିତ ସ୍ୱାସ୍ଥ୍ୟ ସେବା ଯୋଗୁ ଦୁର୍ବଳ ସ୍ୱାସ୍ଥ୍ୟ ସମସ୍ୟା ଗୁରତର ହୋଇଥାଏ । ଉତ୍ପାଦିକତା, ଅର୍ଥନୈତିକ ସୁଫଳ ଓ ଉନ୍ନତ ମାନର ଜୀବନ କ୍ଷେତ୍ରରେ ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କମ ବ୍ୟୟର ଫଳାଫଳ ଅତୀବ ପ୍ରତିକୂଳାତ୍ମକ । ଏହି ପରିପ୍ରେକ୍ଷୀରେ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ଯାହାକି ସାଧାରଣ ଅବସ୍ଥା ଅର୍ଥାତ ବାୟୁ, ପରିମଳ ଓ ଜଳର ଗୁଣବତ୍ତା ଉପରେ ପ୍ରଭାବ ପକାଇବ । ଫଳରେ ଦୁର୍ବଳ ସ୍ୱାସ୍ଥ୍ୟାବସ୍ଥାର ଉଚିତ ମୁକାବିଲା ହୋଇପାରିବା ସହ ରୋଗଜନିତ ସମସ୍ୟା ହ୍ରାସ ପାଇବ । ସ୍ୱାସ୍ଥ୍ୟସେବା ସକାଶେ ସରକାରୀ ବ୍ୟୟ କ୍ଷେତ୍ରରେ ଯଦିଓ ସରକାରଙ୍କ ସୀମିତ ଭୂମିକା ରହିଛି ତଥାପି ଦୁର୍ବଳ ସାଧାରଣ ସ୍ୱାସ୍ଥ୍ୟ ସେବା ପରିପ୍ରେକ୍ଷୀରେ ଅଧିକ ବ୍ୟୟ କରିବାର ଗୁରୁତ୍ୱ ରହିଛି । ଏହା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଚାପ ହ୍ରାସ ପାଇଁ ସକ୍ଷମ ହେବ । ମାତ୍ର ଏହା ସ୍ୱଷ୍ଟ ଯେ, ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ ଏହା ଯଥେଷ୍ଟ ହେବନାହିଁ । ଏହି ପରିପ୍ରେକ୍ଷୀରେ ବଜେଟ ୨୦୧୬ରେ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । କଲ୍ୟାଣ, ଉନ୍ନତ ଜୀବନ ଧାରଣ, ଉତ୍ପାଦିକତା ଓ ସ୍ୱାସ୍ଥ୍ୟ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ଏହି ସବୁ ବ୍ୟବସ୍ଥାକୁ ତୁଳନା କରି ଅର୍ଥମନ୍ତ୍ରୀ ସ୍ୱଷ୍ଟ ଭାବେ କହିଥିଲେ ଯେ, ଖୋଲା ଚୁଲାରେ ରାନ୍ଧିବା ଯାହା ୪୦୦ ସିଗାରେଟ ଗୋଟିଏ ଘଂଟା ଜଳିବା ତାହା । ଆସନ୍ତା ୩ ବର୍ଷରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୫ କୋଟି ପରିବାରର ମହିଳା ସଦସ୍ୟଙ୍କ ନାମରେ ଏଲପିଜି ସଂଯୋଗ ଯୋଗାଇଦେବା ପ୍ରସ୍ତାବ ସ୍ୱାସ୍ଥ୍ୟ ପାଇଁ କେବଳ ଏକ ବଜେଟଗତ ବ୍ୟବସ୍ଥା ନୁହଁ ପରନ୍ତୁ ଏହା ସ୍ୱାସ୍ଥ୍ୟ କ୍ଷେତ୍ର ସକାଶେ ଏକ ଗୁରୁତ୍ୱପୂର୍ଣ୍ଣ ହସ୍ତକ୍ଷେପ । ସହରାଞ୍ଚଳରେ କ୍ଷୁଦ୍ର ପେଟ୍ରୋଲ ଓ ସିଏନଜି କାର ଉପରେ ୧ ପ୍ରତିଶତ ଶୁଳ୍କ ଲାଗୁ, ବୃହତ ଇଞ୍ଜିନବିଶିଷ୍ଟ ଯାନ ଓ ଏସୟୁଭି ଉପରେ ୪ ପ୍ରତିଶତ ଶୁଳ୍କ ଲାଗୁ ମଧ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ହସ୍ତକ୍ଷେପ । ପ୍ରଦୂଷଣ ରୋକିବା ଲାଗି ଏହି ଧରଣର ବ୍ୟବସ୍ଥା କରାଯାଇଛି । ଘର ଭିତର ହେଉ ବା ବାହାରର ଦୂଷିତ ବାୟୁ ହେଉ - ଏହା ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।

ସେହିପରି ସ୍ୱଚ୍ଛ ଭାରତ ଅଭିଯାନ ସକାଶେ ଅଧିକ ବ୍ୟୟବରାଦ ମଧ୍ୟ ସ୍ୱାସ୍ଥ୍ୟ ସେବା ଲାଗି ଏକ ଉଚିତ ହସ୍ତକ୍ଷେପ । ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ସହ ସାଧାରଣ ସ୍ୱାସ୍ଥ୍ୟର ଗଭୀର ସମ୍ପର୍କ ରହିଛି । ୨୦୧୧ ଜନଗଣନା ଅନୁସାରେ ମାତ୍ର ୪୬.୯ ପ୍ରତିଶତ

**ସ୍ୱଚ୍ଛ ଭାରତ ଅଭିଯାନ ସକାଶେ ଅଧିକ ବ୍ୟୟବରାଦ ମଧ୍ୟ ସ୍ୱାସ୍ଥ୍ୟ ସେବା ଲାଗି ଏକ ଉଚିତ ହସ୍ତକ୍ଷେପ । ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ସହ ସାଧାରଣ ସ୍ୱାସ୍ଥ୍ୟର ଗଭୀର ସମ୍ପର୍କ ରହିଛି । ୨୦୧୧ ଜନଗଣନା ଅନୁସାରେ ମାତ୍ର ୪୬.୯ ପ୍ରତିଶତ ପରିବାରର ଘରେ ରହିଛି ପାଇଖାନା । ୨୦୧୫-୧୬ ବଜେଟରେ ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ୬୫୨୫ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଚଳିତ ବଜେଟରେ ଏହି ପରିମାଣ ହୋଇଛି ୯୦୦୦ କୋଟି ଟଙ୍କା ।**




ଘରେ ରହିଛି ପାଇଖାନା । ୨୦୧୫-୧୬ ବଜେଟରେ ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ୬୫୨୫ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଚଳିତ ବଜେଟରେ ଏହି ପରିମାଣ ହୋଇଛି ୯୦୦୦ କୋଟି ଟଙ୍କା । ଏହାକୁ ମଧ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଚିତ ହସ୍ତକ୍ଷେପ ବୋଲି ଧରାଯିବ । ଘରେ ଏକ ପାଇଖାନା ତିଆରି କରିବାର ଅଧିକ ଆବଶ୍ୟକତାକୁ ଉପଲବ୍ଧ ହେଉଥିବା ଦୃଷ୍ଟିଭଙ୍ଗୀ ବଦଳରେ ଅଧିକ କିଛି ଦୃଷ୍ଟିଭଙ୍ଗୀ ପୋଷଣ କରିବାର ଆବଶ୍ୟକତା ରହିଛି । ତେବେ ପାଇଖାନା ନିର୍ମାଣ ସହ ଏଥିପାଇଁ ନିୟମିତ ଜଳଯୋଗାଣ ଓ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି । ପାଇଖାନାର ବ୍ୟବହାର ଜରିଆରେ ଉନ୍ନତ ସ୍ୱାସ୍ଥ୍ୟସେବା ହାସଲ ହୋଇପାରିବ । ଏଦୃଷ୍ଟିରୁ ଦେଖିବାକୁ ଗଲେ ୨୦୧୫-୧୬ ବଜେଟରେ ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ ସକାଶେ ବ୍ୟୟବରାଦ ପରିମାଣ ୪୩୭୩ କୋଟି ଟଙ୍କା ରହିଥିବାବେଳେ ୨୦୧୬-୧୭ ବଜେଟରେ ୫ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ତେବେ ପାନୀୟ ଜଳ ପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମାନ୍ୟ ଅଧିକ ବ୍ୟୟବରାଦକୁ ନେଇ ବିଶେଷଜ୍ଞମାନେ ସମାଲୋଚନା କରିଛନ୍ତି । କାରଣ ଦେଶର ଅନେକ ଭାଗରେ ମରୁଡି ସମସ୍ୟା ଲାଗି ରହିଥିବା ସହ ବିଶେଷ କରି ଗ୍ରାମୀଣ ଇଲାକାରେ ଜଳର ଗୁଣବତ୍ତା ଓ ସହନଶୀଳ ବ୍ୟବସ୍ଥା ନେଇ ସମସ୍ୟା ଲାଗି ରହିଛି । ବାୟୁ ଓ ଜଳର ଗୁଣବତ୍ତା ବୃଦ୍ଧି ସହ ପରିମଳ ବ୍ୟବସ୍ଥା ପ୍ରତି ଅଧିକ ଗୁରୁତ୍ୱ ଦେଇ ରୋଗ ସମସ୍ୟା ହ୍ରାସ କରିବାର ଆଭିମୁଖ୍ୟ ଯଥେଷ୍ଟ ହୋଇନପାରେ । ସଂଖ୍ୟାଗରିଷ୍ଠ ଦରିଦ୍ର ଥିବା ଜନସଂଖ୍ୟା କ୍ଷେତ୍ରରେ ସ୍ୱାସ୍ଥ୍ୟ ସେବା ନୀତି ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କମ ସରକାରୀ ବ୍ୟୟ ଦର୍ଶାଇଥାଏ ଯେ, ସ୍ୱାସ୍ଥ୍ୟ ପାଇଁ ହେଉଥିବା ଖର୍ଚ୍ଚରୁ ୭୦-୮୦ ଭାଗ ପରିବାର ସେମାନଙ୍କ ପକେଟରୁ ହିଁ ବହନ କରିଥାନ୍ତି । ସେମାନଙ୍କ ଆୟ ଓ ସଂଚୟର ଏହି ଭାଗ କେବଳ ସ୍ୱାସ୍ଥ୍ୟସେବା ପାଇଁ ବ୍ୟୟ ହୋଇଥାଏ । ଆକଳନରୁ ଜଣାଯାଇଛି ଯେ, ମୋଟ ମେଡିକାଲ ଓ ଅଣମେଡ଼ିକାଲ ଖର୍ଚ୍ଚ ବାବଦରେ ଗ୍ରାମାଞ୍ଚଳରେ ୧୬,୯୫୬ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସହରାଞ୍ଚଳରେ ଏହା ହେଉଛି ୨୬୪୫୫ ଟଙ୍କା । ସେହିପରି ହସ୍ପିଟାଲରେ ଭର୍ତ୍ତି ନ ହୋଇ ଚିକିତ୍ସା ବାବଦରେ ଗ୍ରାମାଞ୍ଚଳରେ ମୁଣ୍ଡପିଛା ୫୦୯ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସହରାଞ୍ଚଳରେ ଏହା ହେଉଛି ୬୩୯ ଟଙ୍କା । ସ୍ୱାସ୍ଥ୍ୟ ସେବା ପାଇଁ କମ ବ୍ୟୟ ବରାଦ କରାଯାଉଥିବା ଅର୍ଥ ଦେଶର ସଂଖ୍ୟାଗ ଲୋକ ନିଜ ପକେଟରୁ ହିଁ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ କରିଥାନ୍ତି । ୨୦୧୫ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ରିପୋର୍ଟରେ କୁହାଯାଇଛି ଯେ, ହସ୍ପିଟାଲରେ ଭର୍ତ୍ତିନ ହୋଇ ଚିକିତ୍ସିତ ହେଉଥିବା ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଚିକିତ୍ସିତ ହେଉଥିବା ରୋଗୀଙ୍କ କ୍ଷେତ୍ରରେ ଘରୋଇ କ୍ଷେତ୍ର ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ହସ୍ପିଟାଲରେ ଭର୍ତ୍ତି ନ ହୋଇ ଚିକିତ୍ସିତ ହେଉଥିବା ରୋଗିମାନଙ୍କ କ୍ଷେତ୍ରରେ ସରକାରୀ ଅଂଶଧନ ପରିମାଣ ହୋଇଥାଏ ୧୧.୫ ପ୍ରତିଶତ । ବିଭିନ୍ନ ସରକାରୀ ପ୍ରତିଷ୍ଠାନରେ ଖର୍ଚ୍ଚ ତୁଳନାରେ ଘରୋଇ ପ୍ରତିଷ୍ଠାନଗୁଡ଼ିକରେ ବ୍ୟୟ ୪ଗୁଣ ଅଧିକ ହୋଇଥାଏ । ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେବାର ଖର୍ଚ୍ଚ ୬୧୨୦ ଟଙ୍କା ହୋଇଥିବାବେଳେ ଘରୋଇ ପ୍ରତିଷ୍ଠାନରେ ଏହି ପରିମାଣ ୨୫,୮୫୦ ଟଙ୍କା ହୋଇଥାଏ । ସ୍ୱାସ୍ଥ୍ୟସେବା ବାବଦରେ ଅଧିକ ଖର୍ଚ୍ଚ ଓ ଖର୍ଚ୍ଚବହୁଳ ଘରୋଇ ସେବା ପ୍ରଦାନକାରୀଙ୍କ ଉପରେ ଅଧିକ ନିର୍ଭରଶୀଳତାର ଅନୁପାତ ଦର୍ଶାଇଥାଏ ଯେ, ଗରିବମାନେ ଅବହେଳିତ ଏବଂ ଅବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବା ଯୋଗୁଁ ସେମାନେ ଦାରିଦ୍ର୍ୟ ମଧ୍ୟକୁ ସହଜରେ ଠେଲି ହୋଇଯାଇଥାନ୍ତି । ଦରିଦ୍ରର ଆର୍ଥିକ ପରିସ୍ଥିତି କ୍ଷେତ୍ରରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଅଧିକ ସମସ୍ୟା ସୃଷ୍ଟି କରିଥାଏ । ଏହି ପରିସ୍ଥିତିରୁ ମୁକ୍ତି ଲାଗି ବଜେଟ ୨୦୧୬ରେ ବ୍ୟବସ୍ଥା କରାଯାଇଛି । ସାଧାରଣ ସ୍ୱାସ୍ଥ୍ୟ ସେବା ବୀମା ଅନୁସାରେ ବଜେଟରେ ଦରିଦ୍ର ଓ ଅର୍ଥନୈତିକ ଦୁର୍ବଳ ପରିବାରର ସମସ୍ୟା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହା ସହ ବୀମା ପରିମାଣ ମଧ୍ୟ ବୃଦ୍ଧି କରାଯାଇଛି । ପ୍ରତି ପରିବାର ପିଛା ୧ ଲକ୍ଷ ଲେଖାଁଏ ଟଙ୍କା ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ସେହିପରି ବରିଷ୍ଠ ନାଗରିକଙ୍କ ସକାଶେ ୩୦ ହଜାର ଟଙ୍କାର ଅତିରିକ୍ତ କଭର ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ୨୦୧୬-





Unfiled Notes Page 65




୧୭ରେ ସ୍ୱାସ୍ଥ୍ୟ ବୀମା ଲାଗି ବ୍ୟୟବରାଦ ପରିମାଣ ରହିଛି ୧୫୦୦ କୋଟି ଟଙ୍କା। ୨୦୧୫-୧୬ରେ ଏହି ପରିମାଣ ଥିଲା ୫୯୫ କୋଟି ଟଙ୍କା।

ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେବାକୁ ପଡୁଥିବା କ୍ଷେତ୍ରରେ ସ୍ୱାସ୍ଥ୍ୟ ବୀମା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେବେ ଦାରିଦ୍ର୍ୟ ସୀମାରେଖା ତଳେ ସିଂହଭାଗ ଲୋକ ବାସ କରୁଥିବା ଭାରତ ପରି ଏକ ରାଷ୍ଟ୍ରରେ କୌଣସି ଏକ ଉନ୍ନତ ଓ ପ୍ରଭାବଶୀଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନାହିଁ।

ବିଭିନ୍ନ ପଦକ୍ଷେପ ଯୋଗୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କେତେକ ସକରାତ୍ମକ ସଙ୍କେତ ପ୍ରକାଶ ପାଇଛି। ୨୦୧୫ରେ ପ୍ରକାଶିତ ୭୧ତମ ଏନଏସଏସଓ ରିପୋର୍ଟ ଅନୁସାରେ ସାଧାରଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିବା ଉଲ୍ଲେଖ ରହିଛି। ୨୦୦୪ରେ ଏନଏସଏସଓର ୬୦ ତମ ରିପୋର୍ଟ ଅନୁସାରେ ଏହି ରିପୋର୍ଟ ଅଧିକ ସକାରାତ୍ମକ ଥିଲା। ୭୧ତମ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୮.୩ ପ୍ରତିଶତ ଲୋକ ସରକାରୀ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ସେବା ଚାହିଁଥାନ୍ତି। ମାତ୍ର ୬୦ ତମ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ମାତ୍ର ୨୨ ପ୍ରତିଶତ ଲୋକ ସରକାରୀ ପ୍ରତିଷ୍ଠାନରେ ସ୍ୱାସ୍ଥ୍ୟ ସେବା ଚାହିଁଥାନ୍ତି। ଦୀର୍ଘ ୧୦ ବର୍ଷ ପରେ ଏହି ବୃଦ୍ଧି ଯତ୍‌କିଂଚିତ। ସ୍ୱାସ୍ଥ୍ୟ ସେବା ପାଇଁ ସରକାରୀ ବ୍ୟୟ ଅଧିକ ହୋଇଛି ଯଦିଓ ଏହା ଅଶାଜନକ ନୁହେଁ। ୨୦୧୫-୧୬ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ଦେଖାଯାଇଛି ଯେ, ସ୍ୱାସ୍ଥ୍ୟ ସେବା ପାଇଁ ବାସ୍ତବ ସରକାରୀ ବ୍ୟୟ ପରିମାଣ ବୃଦ୍ଧିପାଇଛି ୯ ପ୍ରତିଶତ। ୨୦୧୨-୧୩ରେ ସ୍ୱାସ୍ଥ୍ୟ ସେବା ପାଇଁ ଅଟକଳ ପରିମାଣ ୨୭୮୮୪ କୋଟି ଟଙ୍କା ହୋଇଥିବାବେଳେ ୨୦୧୫-୧୬ରେ ଏହି ପରିମାଣ ହୋଇଥିଲା ୩୪,୯୫୭ କୋଟି ଟଙ୍କା। ୨୦୧୬-୧୭ରେ ଏହି ପରିମାଣ ହୋଇଛି ୩୯, ୫୩୩ କୋଟି ଟଙ୍କା।

ଦେଶରେ ସ୍ୱାସ୍ଥ୍ୟ ସେବା ସମସ୍ୟା ଦୂରୀଭୂତ ହେବା ନେଇ ଆଶା ମଉଳିବାରେ ଲାଗୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଭାରତରେ ବାର୍ଷିକ ୫୨ ଲକ୍ଷ ଜୀବନ ଯାଇଥାଏ ଏବଂ ୨୦୨୧ ସୁଦ୍ଧା ସହରାଞ୍ଚଳରେ ଏହି ମୃତ୍ୟୁ ହାର ୪୨ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଭାରତରେ ପ୍ରତି ମିନଟରେ ଜଣେ ବ୍ୟକ୍ତି ହୃଦଘାତରେ ପ୍ରାଣ ହରାଉଥିବାବେଳେ ୪୦ ବର୍ଷରୁ କମ ପ୍ରତି ୬ କର୍କଟ ଓ ହୃଦରୋଗୀଙ୍କ ମଧ୍ୟରୁ ଜଣେ ରୋଗୀ ପ୍ରାଣ ହରାଇଥାନ୍ତି। ୨୦୧୬ରୁ ୨୦୩୦ ମଧ୍ୟରେ ଭାରତରେ ଅଣସଂକ୍ରମିତ ରୋଗଜନିତ ବୋଝ ପରିମାଣ ୬.୨ ଟ୍ରିଲିୟନ ଡଲାର ହେବ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମୁଣ୍ଡପିଛା ସରକାରୀ ବ୍ୟୟକୁ ଦେଖିବାକୁ ଗଲେ ବିଶ୍ୱରେ ଭାରତର ସ୍ଥାନ ରହିଛି ୧୫୭। ଅର୍ଥାତ ମୁଣ୍ଡପିଛା ସ୍ୱାସ୍ଥ୍ୟ ସେବା ପାଇଁ ବ୍ୟୟ ହୋଇଥାଏ ମାତ୍ର ୪୪ ଡଲାର। ଯେଉଁମାନେ ହସ୍ପିଟାଲରେ ଭର୍ତ୍ତି ହୋଇ ଗୁରୁତର ରୋଗର ଚିକିତ୍ସା କରିବାକୁ ଚାହାନ୍ତି ସେମାନଙ୍କ ଲାଗି ଅଧିକ ବୀମା ସୁବିଧା ଯୋଗାଇଦେବାର ଆବଶ୍ୟକତା ରହିଛି। ତେବେ ଏହା ବିଚାରକୁ ନେଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପକେନ୍ଦ୍ରଗୁଡ଼ିକରେ ରହିଥିବା ସୁବିଧାଗୁଡ଼ିକୁ ଅଧିକ ଉନ୍ନତ କରିବାର ଆବଶ୍ୟକତା ରହିଛି। ଅଧିକ ପ୍ରଶିକ୍ଷିତ ମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି କରାଗଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ।

ମେଡିସିନ ବିଷୟକୁ ବିଚାରକୁ ନିଆଯାଉ। ୨୦୦୮ରୁ ସରକାର ଆରମ୍ଭ କରିଛନ୍ତି ଜନୌଷଧି ଯୋଜନା। ଏହି ଯୋଜନାରେ ଜେନେରିକ ମେଡିସିନ ପ୍ରଦାନର ବ୍ୟବସ୍ଥା ରହିଛି। ତେବେ ଏହି ଯୋଜନା ବିଶେଷ ସଫଳତା ଲାଭ କରିପାରିନାହିଁ। ମାତ୍ର ୧୬୪ଟି ଜନୌଷଧି କେନ୍ଦ୍ର ପ୍ରତିଷ୍ଠା ହୋଇଛି ଯେଉଁଥିରୁ ୮୭ଟି





Unfiled Notes Page 66

ଅଚଳ । ଦେଶରେ ୩୦୦୦ ଜନୌଷଧି କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ୨୦୧୫-୧୬ରେ ଏଥିପାଇଁ ୧୬.୯ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ୨୦୧୬-୧୭ରେ ଏଥିପାଇଁ ବ୍ୟୟ ବରାଦ ହୋଇଛି ୩୫ କୋଟି ଟଙ୍କା । ସବୁଠାରୁ ବଡ ସମସ୍ୟା ହେଲା ସରକାରୀ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନଗୁଡ଼ିକର ଦୁର୍ବଳ କାର୍ଯ୍ୟକାରିତା । ଯଦିଓ ପ୍ରାଥମିକ ଓ ମାଧ୍ୟମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ତଥାପି ଏଗୁଡ଼ିକ ବସ୍ତୁତଃ ଅଚଳ ଅବସ୍ଥାରେ ରହିଛି । ପଦବୀ ଖାଲି ରହିବା ଏବଂ ଉପଯୁକ୍ତ ମେଡିକାଲ କର୍ମଚାରୀଙ୍କ ଅଭାବ ଯୋଗୁ ଏହି ଅବସ୍ଥା ଅଧିକ ସଂଗୀନ ହୋଇଛି । ସ୍ପେସାଲିଷ୍ଟ, ଡାକ୍ତର, ଷ୍ଟାଫ ନର୍ସ, ନିଶ୍ଚେତକଙ୍କ ଅଭାବ ପ୍ରତିକୂଳାତ୍ମକ ଭାବେ ବିଶେଷ ଭାବେ ଗ୍ରାମାଞ୍ଚଳରେ ଅତୀବ ସମସ୍ୟା ସୃଷ୍ଟି କରିଛି । ସ୍ୱାସ୍ଥ୍ୟ ସେବା କର୍ମଚାରୀ ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଧ୍ୟରେ ସମାନତାର ଅଭାବ ଯୋଗୁ ଏହି ସମସ୍ୟା ଅଧିକ ଜଟିଳ ହୋଇଛି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶା, ଆସାମ, ଜାମ୍ମୁ ଓ କାଶ୍ମୀର ଏବଂ ତାମିଲନାଡୁରେ ୨୦୧୧ରେ କରାଯାଇଥିବା ଏକ ସର୍ଭେରୁ ଜଣାଯାଇଛି ଯେ, ଦକ୍ଷ ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କ ଅଭାବ ୯୫ ପ୍ରତିଶତ ରହିଛି । ୨୦୧୫ରେ କରାଯାଇଥିବା ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ପରିସଂଖ୍ୟାନରୁ ଜଣାଯାଇଛି ଯେ, ସର୍ବଭାରତୀୟ ସ୍ତରରେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସର୍ଜନ ସଂଖ୍ୟା ୮୩ ପ୍ରତିଶତ କମ ରହିଛି । ସେହିପରି ସ୍ପେଶିଆଲାଇଜଡ ଡାକ୍ତରଙ୍କ ପାଇଁ ମଞ୍ଜୁର ପଦବୀ ମଧ୍ୟରୁ ମାତ୍ର ୨୭ ପ୍ରତିଶତ ପୂରଣ ହୋଇଛି । ସ୍ୱାସ୍ଥ୍ୟ ସେବା ପ୍ରତି ଉଚିତ ଦୃଷ୍ଟି ନ ଦେଲେ ଶ୍ରେଷ୍ଠ ବୀମା ଯୋଜନା ହେଉ ବା ଶ୍ରେଷ୍ଠ ଜନଔଷଧି ଷ୍ଟୋର ହେଉ- ଏହାର ମାନେ କିଛି ନଥାଏ । ଏଥିରୁ ପରିଦୃଷ୍ଟ ହେଉଛି ଯେ ଭାରତୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ପ୍ରଭାବଶୀଳ, ସାମର୍ଥ୍ୟଶୀଳ ଓ ସୁଲଭ ହେବାର ଆବଶ୍ୟକତା ରହିଛି । ସେହିପରି ସରକାରୀ ପାଣ୍ଠିରେ ପରିଚାଳିତ ହସ୍ପିଟାଲଗୁଡ଼ିକର ଭୂମିକାରେ ମଧ୍ୟ ପରିବର୍ତ୍ତନ ହେବା ଆବଶ୍ୟକ । ନଚେତ ଏହାର ଅର୍ଥ ହେବ ଯେ ସମାଜର ବହୁଳ ଭାଗ ଲୋକଙ୍କୁ ଖର୍ଚ୍ଚାନ୍ତ କରିବା ପାଇଁ ବାଧ୍ୟ କରାଯାଉଛି । ଭାରତ ପରି ଏକ ରାଷ୍ଟ୍ରରେ ଏକ ବୀମା ବ୍ୟବସ୍ଥା ଅନେକ ସମସ୍ୟାର ସମାଧାନ କରିପାରିବ ନାହିଁ । ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ବ୍ୟୟବରାଦ ପରିମାଣ ବଢ଼ିଛି କିନ୍ତୁ ଅଳ୍ପ । ୨୦୧୫-୧୬ରେ ଏହି ପରିମାଣ ୧୯୧୨୨ କୋଟି ଟଙ୍କା ରହିଥିବାବେଳେ ୨୦୧୬-୧୭ରେ ଏହି ପରିମାଣ ହୋଇଛି ୨୦୦୩୭ କୋଟି ଟଙ୍କା । ଏଦୃଷ୍ଟିରୁ ସରକାର ବୃହତ ଦୃଷ୍ଟିଭଙ୍ଗୀରେ ଏହି ବିଷୟଗୁଡ଼ିକର ଅବଲୋକନ କରିବା ଆବଶ୍ୟକ । ପ୍ରଥମରୁ ହିଁ ସରକାର ଖାଲିଥିବା ପଦବୀଗୁଡ଼ିକୁ ପୂରଣ କରିବା ଆବଶ୍ୟକ । ଏହାଛଡ଼ା ନିଶ୍ଚିତ କରିବା ଆବଶ୍ୟକ ଯେ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯେପରି ଆବଶ୍ୟକ ପରିମାଣ କର୍ମଚାରୀ ରହିଛନ୍ତି ଏବଂ ଉପଯୁକ୍ତ ଭିତ୍ତିଭୂମି ବ୍ୟବସ୍ଥା ରହିଛି ।

ଏହା ଆକଳନ କରାଯାଇଛି ଯେ, ୨୦୨୫ରେ ଦେଶର ଜନସଂଖ୍ୟାର ୭୦ ପ୍ରତିଶତ ଲୋକ କାମ କରୁଥିବା ବୟସର ହେବେ । ଭାରତର ବର୍ଦ୍ଧିତ ଜନସଂଖ୍ୟାକୁ ନେତାମାନେ ବହୁସମୟରେ ଲାଭଜନକ ଦର୍ଶାଇଥାନ୍ତି ଯାହାକି ଦେଶ ପାଇଁ ସୃଷ୍ଟି କରିଥାଏ ଆହ୍ୱାନ ଓ ସୁଯୋଗ । ଜନସଂଖ୍ୟାରୁ ଲାଭାଂଶ ହାସଲ ପାଇଁ ସାମାଜିକ କ୍ଷେତ୍ର ଯଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ର ଲାଗି ଅଧିକ ସରକାରୀ ବ୍ୟୟବରାଦ ବୃଦ୍ଧି କରିବାର ଆବଶ୍ୟକତା ରହିଛି । ବଜେଟ ୨୦୧୬ରେ ଏଥିପାଇଁ ଯଦିଓ ଗୁରୁତ୍ୱ ଦିଆଯାଇଛି ତଥାପି ଏହା କେବଳ ନାମକୁ ମାତ୍ର । ଏକ ବୃହତ ପରିବର୍ତ୍ତନ ପାଇଁ ବୃହତ ପଦକ୍ଷେପ ନେବାକୁ ପଡ଼ିବ ।

ଜନସଂଖ୍ୟାର ଏହି ଲାଭାଂଶ ମଝିରେ ଭାରତ ରହିଛି । ଯଦି ଏହାକୁ ବାସ୍ତବତାରେ ପରିଣତ କରିବାକୁ ହେବ ତେବେ ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଲାଗି ଦୃଷ୍ଟି ଦେବାକୁ ହେବ । ଏହା ଯେପରି ପ୍ରଭାବଶୀଳ ଭାବେ ଲୋକଙ୍କ ନିକଟରେ ପହଞ୍ଚିପାରିବ ଏବଂ ଲୋକମାନେ ଏହାକୁ ବହନ କରିବାକୁ ସକ୍ଷମ ହେବେ ସେଥିପ୍ରତି ଦୃଷ୍ଟିଦେବାକୁ ପଡ଼ିବ । ଉନ୍ନତ ସ୍ୱାସ୍ଥ୍ୟ ସେବା ଅନ୍ତର୍ଭୁକ୍ତିମୂଳକ ଓ ସହନଶୀଳ ଅଭିବୃଦ୍ଧି ପାଇଁ ବିଶେଷ ସହାୟକ ହୋଇଥାଏ । ସ୍ୱାସ୍ଥ୍ୟର ଉନ୍ନତି ଜରିଆରେ ଅଧିକ ଅର୍ଥନୈତିକ ଅଭିବୃଦ୍ଧି ଘଟିଥାଏ ଏକ ସୁସ୍ଥ ସମାଜ ଯୋଗୁ ଉତ୍ପାଦିକତା ମଧ୍ୟ ବୃଦ୍ଧି ପାଇଥାଏ । ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରସଙ୍ଗ ଆସିଲେ ସାମାଜିକ କ୍ଷେତ୍ର ପାଇଁ ଅଧିକ ବ୍ୟୟ ପ୍ରସଙ୍ଗ ଆସିଥାଏ । ସ୍ୱାସ୍ଥ୍ୟ ସେବାର ଅଧିକ ଘରୋଇକରଣ ନିମନ୍ତେ ଯେଉଁମାନେ ପ୍ରସ୍ତାବ ଦିଅନ୍ତି ସେମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୀମିତ ସରକାରୀ ଖର୍ଚ୍ଚର ପ୍ରସ୍ତାବ ଦେଇଥାନ୍ତି । ଏହି କ୍ଷେତ୍ରଗୁଡ଼ିକରେ ଯଦି ସରକାର ଘରୋଇ ବ୍ୟବସ୍ଥାପ୍ରତ ଅଧିକ ଆଗ୍ରାହନ୍ୱିତ ହୁଅନ୍ତି ତେବେ ତାହା ଭୁଲ ହେବ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ନିବେଶ ଅଭିବୃଦ୍ଧିର ଚାବିକାଠି ହେବ ।

**ଲେଖକ, ଇକୋନୋମିକ୍ସ ଟାଇମ୍ସରେ ଜଣେ ସହ-ସଂପାଦକ ଭାବେ କାର୍ଯ୍ୟରତ ।**



Unfiled Notes Page 67

# ପାରାଦୀପ ବିଶୋଧନାଗାର

## ବିକଶିତ ଭାରତ ଗଠନ ଦିଗରେ ଏକ ଅଭିନବ ପଦକ୍ଷେପ

**ଫେ**ବୃଆରୀ ୭, ୨୦୧୬ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଇଂଡିଆନ୍ ଅଏଲର୍ ପାରାଦୀପସ୍ଥିତ ତୈଳ ବିଶୋଧନାଗାର କୁ ରାଷ୍ଟ୍ର ଉଦେଶ୍ୟରେ ସମର୍ପଣ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି ପାରାଦୀପ ହେବ ଓଡ଼ିଶାର ବିକାଶ ଦୀପ ଏବଂ ଯୁବପିଢ଼ି ଲାଗି ଏହା ହେବ ଭାଗ୍ୟଦୀପ ।୩୪,୫୫୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଏହି ପାରାଦୀପ ତୈଳ ବିଶୋଧନାଗାର । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳବିହାରୀ ବାଜପେୟୀ ଏହି ମେଗା ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଭାରତରେ ଥିବା ସମୁଦାୟ ୨୩ ଟି ବିଶୋଧନାଗାର ମଧ୍ୟରୁ ପାରାଦୀପର ଲୋକାର୍ପଣ ସହ ଇଂଡିଆନ୍ ଅଏଲ୍‌ର ବିଶୋଧନାଗାର ସଂଖ୍ୟା ୧୧ ରେ ପହଂଚିଛି । ଏହି ବିଶୋଧନାଗାର ଦ୍ୱାରା କର୍ପୋରେସନ୍‌ର ମୋଟ୍ ବିଶୋଧନ କ୍ଷମତା ୮୦.୭ ଏମ୍‌ଏମ୍‌ଟିପିଏକୁ ବୃଦ୍ଧି ପାଇବ । ଏଠାରେ ୭୮ କୋଟି କେଜି ଏଲପିଜି, ୫୦୦ କୋଟି ଲିଟର ପେଟ୍ରୋଲ୍, ୬୬୦ କୋଟି ଲିଟର ଡିଜେଲ୍, ୨୫୦ କୋଟି ଲିଟର କିରାସିନି, ୨୭ ଲକ୍ଷ ଲିଟର ସଲଫର ଏବଂ ୧୨୦ ଲକ୍ଷ ଟନ୍ ପେଟ୍ରୋଲିୟମ କୋକ୍ ଉତ୍ପାଦନ ହେବ ବୋଲି ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀ କହିଛନ୍ତି । ପାରାଦୀପ ବିଶୋଧନାଗାରରୁ ଉତ୍ପାଦିତ ବିଶୋଧିତ ପେଟ୍ରୋଲିୟମ ଉତ୍ପାଦ ଏସୀୟ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର, ୟୁରୋପ୍, ଯୁକ୍ତରାଷ୍ଟ୍ର ଆମେରିକାକୁ ଯାହାଜରେ ରପ୍ତାନୀ ହେବା ସହ ଭାରତର ପୂର୍ବ ଭାଗ, ଉତର ପୂର୍ବ ଏବଂ ଆନ୍ଧ୍ରପ୍ରଦେଶ ଓ ତେଲେଂଗାନା ଭଳି ଦକ୍ଷିଣପୂର୍ବ ଭାଗର କେତେକ ରାଜ୍ୟକୁ ଚାହିଦା ଅନୁଯାୟୀ ପ୍ରେରଣ କରାଯିବ । ଏହାର ସଂରଚନା ତଥା ନିର୍ମାଣ ଆନ୍ତର୍ଜାତିକ ସ୍ତରର ସର୍ବୋତମ ଜ୍ଞାନକୌଶଳକୁ ଆଧାର କରି ହୋଇଛି । ଏହି ବିଶୋଧନାଗାର ପ୍ରିମିୟମ୍ ଗ୍ରେଡ୍ ୟୁରୋ-୪ ଏବଂ ୟୁରୋ-୫ ଗୁଣବତା ସମ୍ପନ୍ନ ଇନ୍ଧନ ଉତ୍ପାଦନ କରିବାର କ୍ଷମତା ରଖିଛି । ଇନ୍ଧନ ଗ୍ୟାସ୍‌କୁ ଗନ୍ଧକମୁକ୍ତ କରିବା (ଡିସଲଫରାଇଜେସନ୍), ଜେଟି ଲୋଡିଂ ରୁ ବାଷ୍ପ ଅପସାରଣ ପଦ୍ଧତି ଏବଂ ଅକ୍ଟେନ୍-ରିଚ୍ ଲୋ-ବେଞ୍ଜିନ୍ ଏମ୍‌ଏସ୍ ବ୍ଲେଂଡ କମ୍ପୋନେଂଟ୍ ହାସଲ ପାଇଁ ଆଲ୍‌କିଲେସନ୍ ପଦ୍ଧତି ଭଳି ସମ୍ପୂର୍ଣ ନୂଆ ଜ୍ଞାନକୌଶଳ ଉପଯୋଗ ହୋଇଛି । ପ୍ରଥମଥର ଉପଯୋଗ ହେଉଥିବା ଏହି ଜ୍ଞାନକୌଶଳ ପରିସଂସ୍ଥା ଉପରେ କମ୍ ପ୍ରଭାବ ପକାଇ ପରିବେଶ ଉପଯୋଗୀ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସକ୍ଷମ ହେବ । ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଇଣ୍ଡମାକ୍ସ ଟେକ୍ନୋଲୋଜି ହେଉଛି ପାରାଦୀପରେ 'ମେକ୍ ଇନ୍ ଇଣ୍ଡିଆର' ଏକ ଜ୍ୱଳନ୍ତ ଉଦାହରଣ । ଇଂଡିଆନ୍ ଅଏଲ୍ ଦ୍ୱାରା ବିକଶିତ ଏହି ଜ୍ଞାନକୌଶଳ ଏକ ଆଦର୍ଶ ପ୍ରକ୍ରିୟା ଯାହାକି ଭାରତକୁ ଏଲପିଜି ଇନ୍ଧନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇବ ଏବଂ ଭାରତୀୟ ପେଟ୍ରୋକେମିକାଲ୍ ଶିଳ୍ପକୁ ପ୍ରଗତିଶୀଳ କରାଇବା ପାଇଁ ଯଥେଷ୍ଟ ସାମର୍ଥ୍ୟ ସୃଷ୍ଟିକରିବ । ଏହି ଜ୍ଞାନକୌଶଳ ସିଧାସଳଖ ଭାବେ ବିବିଧ ପେଟ୍ରୋଲିୟମ୍ ହାଇଡ୍ରୋକାର୍ବନକୁ ଅଧିକ ମୂଲ୍ୟବାନ ପଦାର୍ଥ, ଲାଇଟ୍ ଡିଷ୍ଟିଲଏଟ୍ ଏବଂ ପେଟ୍ରୋକେମିକାଲ୍ ଫିଡ୍‌ଷ୍ଟକ୍ ରେ ରୂପାନ୍ତରିତ କରିପାରିବ । ଏହି ପ୍ରକ୍ରିୟା ବିଶୋଧନାଗାରର ଉତ୍ପାଦନ ପଦ୍ଧତିରେ ଉନ୍ନତି ଆଣିବ । ଏହି ସୃଜନଶୀଳତା ଦେଶକୁ ୬.୯ ନିୟୁତ ଆମେରିକୀୟ ଡଲାରର ବୈଦେଶିକ ମୁଦ୍ରା ବିନିମୟରୁ ବଂଚାଇ ପାରିବ ।ଡାଉନ୍‌ଷ୍ଟ୍ରିମ୍ କ୍ଷେତ୍ରରେ ଦକ୍ଷତାର ଆବଶ୍ୟକତା ପୂରଣ କରିବା ପାଇଁ ଦକ୍ଷ ପ୍ରତିଭା ସୃଷ୍ଟି କରିବା ମଧ୍ୟ ଏହି ପ୍ରତିଷ୍ଠାନର ଲକ୍ଷ୍ୟ । ହାଇଡ୍ରୋକାର୍ବନ୍ କ୍ଷେତ୍ରରେ ଦେଶରେ ପ୍ରଥମ କରି ଏକ ଦକ୍ଷତା ବୃଦ୍ଧି ପ୍ରତିଷ୍ଠାନ (ଏସ୍‌ଡିଆଇ) ଇଂଡିଆନ୍ ଅଏଲ୍ ଦ୍ୱାରା ଭୁବନେଶ୍ୱର ରେ ସ୍ଥାପନ କରାଯାଇଛି ।ପାରାଦୀପ ବିଶୋଧନାଗାର ଓଡ଼ିଶା ତଥା ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ । ମୂଲ୍ୟଯୁକ୍ତ ପେଟ୍ରୋଲିୟମ୍ ଉତ୍ପାଦ ଉତ୍ପାଦନ କରି ଏହି ବିଶୋଧନାଗାର ଦେଶ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ । ଏହାଦ୍ୱାରା ଆମଦାନୀ ଉପରେ ନିର୍ଭରଶୀଳତା କମିବ ଏବଂ ବହୁ ପରିମାଣରେ ବୈଦେଶିକ ମୁଦ୍ରା ସଂଚୟ ହେବ । ଏହାଛଡ଼ା ଦେଶର ଅନ୍ୟ ସ୍ଥାନରୁ ପୁର୍ବ ଭାରତକୁ ପେଟ୍ରୋଲ୍ ଜାତ ଉତ୍ପାଦ ପରିବହନ ଖର୍ଚ୍ଚ ବଂଚିବ । ଓଡ଼ିଶାକୁ ଉର୍ଜ୍ଜା ଯୋଗାଇବା କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ । ଏହି ବିଶୋଧନାଗାର ଅଂଚଳର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ବାଣିଜ୍ୟ ଆଧାରିତ କାର୍ଯ୍ୟଧାରାକୁ ଆଗେଇ ନେବ ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବ ।୨୦୧୭-୧୮ ରେ ପାରାଦୀପ ରେ ବାର୍ଷିକ ୭୦୦ କିଲୋଟନ୍ କ୍ଷମତାବିଶିଷ୍ଟ ପଲିପ୍ରୋପାଇଲିନ୍ ପ୍ଲାଂଟ୍ ପ୍ରତିଷ୍ଠା କରାଯିବ । ଏହି ୟୁନିଟ୍ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟରେ ଆସବାବପତ୍ର, ପ୍ୟାକେଜିଂ, ଘରକରଣା ଏବଂ ଟେକ୍ସଟାଇଲ୍ ପ୍ୟାକେଜିଂ ଭଳି ବହୁ ପଲିପ୍ରୋପାଇଲିନ୍ ଆଧାରିତ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପକୁ ପ୍ରୋତ୍ସାହିତ କରିବ । ଏହି ପ୍ରକଳ୍ପ ଗୌଣ ଏବଂ ସହାୟକ ଶିଳ୍ପର ବିକାଶ ପାଇଁ ପ୍ରକାରାନ୍ତରେ ଅଧିକ ରାଜସ୍ୱ ଆଣିଦେବା ସହ ସ୍ଥାନୀୟ ଅଂଚଳରେ ଆତ୍ମନିଯୁକ୍ତି ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିବ । ସର୍ବୋପରି ଆଗାମୀ ଦିନରେ ଦେଶର ବିକାଶରେ ପାରାଦୀପ ତୈଳ ବିଶୋଧନାଗାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

# ୨୦୧୬-୧୭ ବଜେଟ – ବିତୀୟ ନୀତିର ଏକ ନୂତନ ଧାରା

ସତ୍ୟକାମ ମିଶ୍ର

**ବିଶ୍ୱ ବଜାରରେ ଦେଖା ଦେଇଥିବା ଆର୍ଥିକ ମାନ୍ଦାବସ୍ଥା ଏବଂ ଦେଶ ଭିତରେ ବିଭିନ୍ନ କ୍ଷେତ୍ରରେ ଥିବା ଅସନ୍ତୁଳନକୁ ଦୃଷ୍ଟିରେ ରଖି 'କୃଷି ଓ ଗ୍ରାମାଂଚଳ ବିକାଶ ମାଧ୍ୟମରେ ଅଭିବୃଦ୍ଧି' କୌଶଳକୁ ଆଧାର କରି ବିତୀୟ ନୀତି ନିର୍ଦ୍ଧାରଣ କରାଯାଇଛି । ବର୍ତମାନ ପରିସ୍ଥିତିରେ ବିଶ୍ୱ ଅର୍ଥନୀତିର କୁପ୍ରଭାବରୁ ଦେଶକୁ ମୁକ୍ତ ରଖି ଅଭିବୃଦ୍ଧିର ଧାରାକୁ ବଜାୟ ରଖିବା ପାଇଁ ସରକାର କୃଷି ଉତ୍ପାଦନ ବୃଦ୍ଧି ,ଗ୍ରାମାଂଚଳ ବିକାଶ,ବୈଷୟିକ ଜ୍ଞାନ କୌଶଳ ଓ ଶିକ୍ଷାର ପ୍ରସାର,ସାମଜିକ କ୍ଷେତ୍ରରେ ଆବଶ୍ୟକୀୟ ସଂରଚନା ଗଠନ ଓ ନିବେଶ ବୃଦ୍ଧି,ଆର୍ଥିକ ସଂସ୍କାର,ନିଯୁକ୍ତି ସୁଯୋଗ ସୃଷ୍ଟି ଇତ୍ୟାଦିକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବ୍ୟୟ ବରାଦ କରିଛନ୍ତି ।**

**କେ**ନ୍ଦ୍ର ସରକାରଙ୍କର ୨୦୧୬-୧୭ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ବଜେଟକୁ ଅନୁଶୀଳନ କଲେ ଏଥିରେ ସନ୍ନିବିଷ୍ଟ ଗାନ୍ଧୀ ଅର୍ଥନୀତିର ଭାବଧାରା ପ୍ରତ୍ୟକ୍ଷ ଭାବେ ଅନୁଭୂତ ହୁଏ । ବିଶ୍ୱ ବଜାରରେ ଦେଖା ଦେଇଥିବା ଆର୍ଥିକ ମାନ୍ଦାବସ୍ଥା ଏବଂ ଦେଶ ଭିତରେ ବିଭିନ୍ନ କ୍ଷେତ୍ରରେ ଥିବା ଅସନ୍ତୁଳନକୁ ଦୃଷ୍ଟିରେ ରଖି 'କୃଷି ଓ ଗ୍ରାମାଂଚଳ ବିକାଶ ମାଧ୍ୟମରେ ଅଭିବୃଦ୍ଧି' କୌଶଳକୁ ଆଧାର କରି ବିତୀୟ ନୀତି ନିର୍ଦ୍ଧାରଣ କରାଯାଇଛି । ବର୍ତମାନ ପରିସ୍ଥିତିରେ ବିଶ୍ୱ ଅର୍ଥନୀତିର କୁପ୍ରଭାବରୁ ଦେଶକୁ ମୁକ୍ତ ରଖି ଅଭିବୃଦ୍ଧିର ଧାରାକୁ ବଜାୟ ରଖିବା ପାଇଁ ସରକାର କୃଷି ଉତ୍ପାଦନ ବୃଦ୍ଧି,ଗ୍ରାମାଂଚଳ ବିକାଶ,ବୈଷୟିକ ଜ୍ଞାନ କୌଶଳ ଓ ଶିକ୍ଷାର ପ୍ରସାର ,ସାମଜିକ କ୍ଷେତ୍ରରେ ଆବଶ୍ୟକୀୟ ସଂରଚନା ଗଠନ ଓ ନିବେଶ ବୃଦ୍ଧି ,ଆର୍ଥିକ ସଂସ୍କାର ,ନିଯୁକ୍ତି ସୁଯୋଗ ସୃଷ୍ଟି ଇତ୍ୟାଦିକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବ୍ୟୟ ବରାଦ କରିଛନ୍ତି । ନିମ୍ନଲିଖିତ ଲକ୍ଷ୍ୟ ଗୁଡ଼ିକୁ ହାସଲ କରିବା ପାଇଁ ବିତୀୟ ନୀତିର ଆଧାର ସ୍ଥିର କରାଯାଇଛି ।

୧.କୃଷି ଓ କୃଷକର ଉନ୍ନତି ।

୨.ଗ୍ରାମାଂଚଳ ସଂରଚନାର ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ।

୩.ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ମୌଳିକ ସେବା ଯୋଗାଇବା ପାଇଁ ସାମାଜିକ କ୍ଷେତ୍ରର ସଂପ୍ରସାରଣ ଓ ଦୃଢୀକରଣ ।

୪. ଶିକ୍ଷା,କର୍ମକୁଶଳତା ଓ ନିଯୁକ୍ତି ସୁଯୋଗ ସୃଷ୍ଟି ମାଧ୍ୟମରେ ଭାରତକୁ ଏକ ଜ୍ଞାନ ଭିତିକ ଉତ୍ପାଦନଶୀଳ ଅର୍ଥନୀତିରେ ପରିଣତ କରିବା।

୫. ଭିତିଭୂମୀ ଓ ନିବେଶ ବୃଦ୍ଧି ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ନୈପୁଣ୍ୟ ଓ ଜୀବନର ଉତ୍କର୍ଷ ହାସଲ ।

୬. ଆର୍ଥିକ କ୍ଷେତ୍ରରେ ସ୍ଥାୟୀତ୍ୱ ଓ ସ୍ୱଚ୍ଛତା ପ୍ରାପ୍ତି ପାଇଁ ସଂସ୍କାର ।

୭.ମାନବ ସମ୍ବଳର ଅନ୍ତର୍ନିହିତ ଶକ୍ତିର ବିକାଶ ଓ ପୂର୍ଣ୍ଣ ଉପଯୋଗ ନିମନ୍ତେ ଉତମ ପ୍ରଶାସନ ମାଧ୍ୟମରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ।

୮.ସରକାରୀ ପାଣ୍ଠିର ସର୍ବୋତମ ଉପଯୋଗ ଓ ଅଭାବୀ ଲୋକଙ୍କ ପାଇଁ ଉପଯୁକ୍ତ ସେବା ପ୍ରଦାନ ।

୯. ଟିକସ ସଂଗ୍ରହ କ୍ଷେତ୍ରରେ ନାଗରିକଙ୍କର ଦାୟିତ୍ୱବୋଧ ସୃଷ୍ଟି କରିବା ପାଇଁ ସଂସ୍କାର ।

ବିଭିନ୍ନ କ୍ଷେତ୍ରରେ ଅନୁସୃତ ନୀତି ଓ ବ୍ୟୟ ବରାଦ ଉପରୋକ୍ତ ଲକ୍ଷ୍ୟ ଗୁଡ଼ିକୁ ହାସଲ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କର ବିଭିନ୍ନ ଯୋଜନା ତଥା ମେକ୍ ଇନ୍ ଇଣ୍ଡିଆ,ସ୍ୱଚ୍ଛ ଭାରତ,ଷ୍ଟାଟ ଅଫ ,ଷ୍ଟାଣ୍ଡ ଅପ,ଡ଼ିଜିଟାଲ ଇଣ୍ଡିଆ,ସ୍କିଲ ଇଣ୍ଡିଆ ପ୍ରଭୃତିକୁ ସାକାର କରିବା ପାଇଁ ଅଭିପ୍ରେତ । ମୋଟ ଉପରେ କହିବାକୁ ଗଲେ ଭାରତକୁ ଏକ ଦୃଢ ପ୍ରଗତିଶୀଳ ଓ ଆତ୍ମନିର୍ଭରଶୀଳ ଅର୍ଥନୀତିରେ ରୂପାନ୍ତରୀତ କରିବାର ଲକ୍ଷ୍ୟ ନେଇ ଏହି ବଜେଟ ପ୍ରସ୍ତୁତ ହୋଇଛି ,ଏଥିରେ ସନ୍ନିବେଷ୍ଟିତ ବିଭିନ୍ନ କାର୍ଯ୍ୟକ୍ରମର ସମ୍ୟକ ଧାରଣା ନିମ୍ନରେ ପ୍ରଦାନ କରାଯାଇଛି ।

## କୃଷି ଓ କୃଷକ ବିକାଶ

ବ୍ୟୟ ବରାଦ - ୩୫,୯୮୪,କୋଟି ଟଙ୍କା

ଲକ୍ଷ୍ୟ :-

- ଜଳ ସମ୍ପଦର ପୂର୍ଣ୍ଣ ବିନିଯୋଗ ।
- ଜଳସେଚନର ସଂପ୍ରସାରଣ ପାଇଁ ଭିତିଭୂମୀ ସୃଷ୍ଟି । ପ୍ରଧାନମନ୍ତ୍ରୀ ଜଳ ସେଚନ ଯୋଜନାରେ ଅଧିକ ୨୮.୫ ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଣ, ଅନ୍ୟାନ୍ୟ ୮୯ଟି ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୮୦.୬ ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଣ ।
- ମୃତିକାର ଉତ୍ପାଦିକା ଶକ୍ତିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ରାସାୟନିକ ସାରର ସନ୍ତୁଳିତ ବ୍ୟବହାର ।
- କ୍ଷେତ ଓ ବଜାର ସଂଯୋଗୀକରଣ।
- କୃଷିଜାତ ଦ୍ରବ୍ୟର ମୂଲ୍ୟଯୋଗ (value addition) ବୃଦ୍ଧି ।
- କୋଡ଼ିଏ ହଜାର କୋଟି ଟଙ୍କାର ଏକ ଦୀର୍ଘ ସୂତ୍ରୀ ଜଳସେଚନ ପାଣ୍ଠି ଗଠନ ।
- ଭୂତଳ ଜଳ ସ୍ତରକୁ ଅବ୍ୟାହତ ରଖିବା ପାଇଁ ଉପଯୁକ୍ତ ଭୂତଳ ଜଳ ପରିଚଳନା।
- ବୃଷ୍ଟିପାତ ହେଉଥିବା ଅଂଚଳରେ ଜୈବିକ କୃଷିର ବିକାଶ ପାଇଁ ୫ ଲକ୍ଷ ପୋଖରୀ ଓ ନଳକୂପ ଖନନ ଏବଂ ଦଶ ଲକ୍ଷ କମ୍ପୋଷ୍ଟ ଖତ ପାଇଁ ଗର୍ତ ମନରେଗା ଯୋଜନାରେ ଅନ୍ତର୍ଭୁକ୍ତ ହେବା ।
- ସାର ପ୍ରସ୍ତୁତ କରୁଥିବା କମ୍ପାନୀମାନଙ୍କ ଦ୍ୱାରା ମୃତିକା ପରୀକ୍ଷା ସୁଯୋଗ ପ୍ରଦାନ । ସହରାଂଚଳର ବର୍ଜ୍ୟ ବସ୍ତୁରୁ ଖତ ଉତ୍ପାଦନ ।
- ପରମ୍ପରାଗତ କୃଷି ବିକାଶ ଯୋଜନା ଅନ୍ତର୍ଗତ ପାଂଚ ଲକ୍ଷ ଏକର ଜମିରେ ଜୈବିକ କୃଷି ପ୍ରଚଳନ ।
- ଜୈବିକ କୃଷିଜାତ ଦ୍ରବ୍ୟର ମୂଲ୍ୟଯୋଗ ପାଇଁ ଉତର ପୂର୍ବାଂଚଳ ଅର୍ଗାନିକ ଭାଲ୍ୟୁ ଚେନ୍ ଡ଼େଭେଲପମେଣ୍ଟ ଯୋଜନା ।
- ୬୬୨ଟି ଜିଲ୍ଲାରେ ଡ଼ାଲି ଚାଷ ପାଇଁ ଜାତୀୟ ଖାଦ୍ୟ ନିରାପତା ମିଶନ ମାଧ୍ୟମରେ ପ୍ରୋତ୍ସାହନ ପ୍ରଦାନ ।
- କୃଷି ବିକାଶ କେନ୍ଦ୍ର ଗୁଡ଼ିକର ଦକ୍ଷତା ବିକାଶ ପାଇଁ ପୁରସ୍କାର ବ୍ୟବସ୍ଥା ।
- କୃଷିଜାତ ଦ୍ରବ୍ୟର ବିପଣନ ପାଇଁ ୟୁନିଫାଂଏଡ଼ ଏଗ୍ରୀକଲଚର ମାର୍କେଟିଙ୍ଗ ସ୍କିମ କରିଆରେ ୫୮୫ଟି ନିୟନ୍ତିତ ପାଇକାରୀ ବଜାର ପାଇଁ ଏକ ଇ-ବଜାର ମଂଚ ଗଠନ ।
- ଅଧିକ କୃଷିଋଣ ପାଇଁ ବ୍ୟୟବରାଦ ଓ ବ୍ୟାଙ୍କମାନଙ୍କର କୃଷିଋଣ ଭାର କମାଇବା ପାଇଁ ପନ୍ଦର ଶହ କୋଟି ଟଙ୍କା ପ୍ରଦାନ ।
- ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ୫,୫୦୦ କୋଟି ବ୍ୟୟବରାଦ ।
- କୃଷି ସହ ପଶୁପାଳନ ପାଇଁ ପ୍ରୋତ୍ସାହନ ବାବଦରେ ପଶୁଧନ ସଂଜୀବନୀ,ପଶୁ ସ୍ୱାସ୍ଥ୍ୟ କାର୍ଡ଼ ଓ ଇ-ପଶୁଧନ ହାଟ ଯୋଜନା ।
- ଦେଶୀ ପ୍ରଜାତିର ପଶୁସଂଖ୍ୟା ବୃଦ୍ଧି ପାଇଁ 'ନେସନାଲ ଜିନୋମିକ୍ ସେଣ୍ଟର ପ୍ରତିଷ୍ଠା

ଉପରବର୍ଣ୍ଣିତ ଯୋଜନା ଓ କାର୍ଯ୍ୟକ୍ରମ ଗୁଡ଼ିକ କୃଷକର ଆୟକୁ ପାଂଚ ବର୍ଷ ମଧ୍ୟରେ ଦୁଇଗୁଣ କରିବାରେ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ ଆସ୍ଥାପ୍ରକଟ କରିଛନ୍ତି ।

## ଗ୍ରାମାଂଚଳ ବିକାଶ:

ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶକ୍ରମେ ଗ୍ରାମ ପଂଚାୟତକୁ ଅନୁଦାନ ପ୍ରଦାନ କରାଯିବା

- ଦୀନଦୟାଲ ଅନ୍ତୋଦୟ ମିଶନ ମାଧ୍ୟମରେ ମରୁଡ଼ି ଓ ଅନ୍ୟାନ୍ୟ ଅସୁବିଧା ଭୋଗୁଥିବା ବ୍ଲକ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।
- ସ୍ୱଂୟ ସହାୟକ ଗୋଷ୍ଠୀ ଗଠନ ମାଧ୍ୟମରେ ଜୀବିକା ସୃଷ୍ଟି ।
- କୃଷିର ଫାସିଲିଟେସନ ଟିମ୍ସ ଗଠନ କରାଯାଇ ମନରେଗା ଯୋଜନାରେ ଜଳ ସଂରକ୍ଷଣ ଓ ପ୍ରାକୃତିକ ସଂପଦ ପରିଚାଳନା କାର୍ଯ୍ୟକ୍ରମର ପ୍ରଚଳନ ।
- 'ଶ୍ୟାମା ପ୍ରସାଦ ମୁର୍ଖାଜୀ ରୁର-ବାନ ମିଶନ' ମାଧ୍ୟମରେ ତିନିଶହ ରୁର-ବାନ କ୍ଲସ୍ଟର୍ଣ୍ଣ ଗଠନ ।
- ଏକ ହଜାର ଦିନ ମଧ୍ୟରେ ବିଜୁଳୀ ନଥିବା ୧୮,୫୪୨ ଗ୍ରାମକୁ ବିଜୁଳୀ ସଂଯୋଗ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଓ ଇଣ୍ଟୀଗ୍ରେଟେଡ଼ ପାୱାର ଡ଼େଭେଲପମେଣ୍ଟ ସ୍କିମ ପାଇଁ ୮,୫୦୦ କୋଟି ଟଙ୍କା ବ୍ୟୟବରାଦ ।
- ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ନଅ ହଜାର କୋଟି ଟଙ୍କାବ୍ୟୟ ବରାଦ ।
- ମଳମୁକ୍ତ ଗ୍ରାମ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ଯୋଜନା ।
- ଡ଼ିଜିଟାଲ ସ୍ୱାକ୍ଷର ଅଭିଯାନ ଓ ନାସନାଲ ଡ଼ିଜିଟାଲ ଲିଟରାସି ମିଶନ ବ୍ୟତୀତ ଗ୍ରାମାଂଚଳ ପାଇଁ ଏକ ସ୍ୱତନ୍ତ୍ର ଡ଼ିଜିଟାଲ ଲିଟରାସି ମିଶନ ଗଠନ କରି ପାଖାପାଖି ଛଅ କୋଟି ଗୃହକୁ ଏହାର ଅନ୍ତର୍ଭୁକ୍ତ କରିବାର କାର୍ଯ୍ୟକ୍ରମ ।
- ଏକଶହ ପଚାଶ କୋଟି ଟଙ୍କା ବ୍ୟୟ କରାଯାଇ ଲ୍ୟାଣ୍ଡ ରେକର୍ଡ଼ ମଡ଼ର୍ଣ୍ଣାଇଜେସନ କାର୍ଯ୍ୟକ୍ରମ ।
- ପଂଚାୟତ ସଂସ୍ଥାର କାର୍ଯ୍ୟକାରୀତା ଓ ସେବା ପ୍ରଦାନ ସଂପର୍କ ବଢ଼ାଇବା ପାଇଁ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ କାର୍ଯ୍ୟକ୍ରମ ପ୍ରଚଳନ ଏବଂ ଏଥିପାଇଁ ୬୫୫ କୋଟିର ବ୍ୟୟ ବରାଦ ।

ମୋଟ ଉପରେ ଗ୍ରାମାଂଚଳ ବିକାଶ ପାଇଁ ବଜେଟରେ ୮୭,୭୬୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଉଲ୍ଲେଖଯୋଗ୍ୟ ବିଷୟ ହେଉଛି,ଏହି ବ୍ୟୟବରାଦ ଗ୍ରାମ୍ୟ ଅର୍ଥନୀତିର ଗୁଣାତ୍ମକ ବିକାଶ ଓ ଆଧୁନିକୀକରଣ ପାଇଁ ଉଦ୍ଦିଷ୍ଟ । ଶିକ୍ଷା,ସ୍ୱାସ୍ଥ୍ୟ ସହିତ ଜଡ଼ିତ ସେବା ଗୁଡ଼ିକ ପାଇଁ ବ୍ୟୟବରାଦ ଏହାର ଅର୍ନ୍ତଭୁକ୍ତ ନୁହେଁ । ମୋଟ ଉପରେ ଗ୍ରାମାଂଚଳର ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖି କରିବା ପାଇଁ ଚେଷ୍ଟା କରାଯାଇଛି। ନିଶ୍ଚିତଭାବେ ଏହା ଏକ ନୂତନ

ପ୍ରୟାସ । ଆନୁସଙ୍ଗୀକ ବ୍ୟବସ୍ଥାରେ ଉନ୍ନତି ନ ଆଣି କେବଳ କୃଷିର ଉନ୍ନତି କଥା ଚିନ୍ତା କରାଯାଇ ପାରିବନି । ସହରରେ ମିଳୁଥିବା ସୁବିଧା ସୁଯୋଗ ଗ୍ରାମାଂଚଳରେ ଉପଲବ୍ଧ ହେଲେ ଲୋକେ ଗ୍ରାମାଂଚଳରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ । ବର୍ତମାନ ପର୍ଯ୍ୟନ୍ତ କୃଷିଜାତ ଦ୍ରବ୍ୟକୁ ଛାଡ଼ିଦେଲେ ଅନ୍ୟାନ୍ୟ ସମସ୍ତ ଜିନିଷ ପାଇଁ ଗ୍ରାମାଂଚଳ ଏକ ବ୍ୟାପକ ବଜାର ସୃଷ୍ଟି କରି ଆସିଛି । ବର୍ତମାନ ଏହି ସବୁ ଅଣକୃଷିଜାତ ଜିନିଷର ଉତ୍ପାଦନ ଗ୍ରାମାଂଚଳରେ କରାଯିବା ପାଇଁ ଚେଷ୍ଟା କରାଯାଉଛି ।

## ସାମାଜିକ କ୍ଷେତ୍ର ବିକାଶ

ସାମାଜିକ କ୍ଷେତ୍ରର ବିକାଶ ବିନା ଅଭିବୃଦ୍ଧିର ଧାରାକୁ ଅବ୍ୟାହତ ରଖିବା ସମ୍ଭବ ନୁହେଁ । ଅଭିବୃଦ୍ଧି ସହିତ ସାମାଜିକ ନ୍ୟାୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଅଭିବୃଦ୍ଧିର ସୁଫଂଳ ଯଦି ସମାଜର ସମସ୍ତ ବର୍ଗର ଲୋକଙ୍କ ପାଖରେ ନ ପହଂଚି ପାରିଲା ,ତେବେ ସାମାଜିକ ସନ୍ତୁଳନ ବିପର୍ଯ୍ୟସ୍ତ ହୋଇ ଆର୍ଥିକ ବୈଷମ୍ୟ ସୃଷ୍ଟି ହେବ ଏବଂ ଶ୍ରେଣୀ ସଂଘର୍ଷ ଯୋଗୁ ଅଭିବୃଦ୍ଧି ବାଧାପ୍ରାପ୍ତ ହେବ । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମାଜିକ କ୍ଷେତ୍ର ବିକାଶ ସରକାରଙ୍କର ଏକ ପ୍ରଧାନ ଦାୟିତ୍ୱ । ଏହି ଦାୟିତ୍ୱକୁ ଦୃଷ୍ଟିରେ ରଖି ସମାଜର ତଳସ୍ତରରେ ଆର୍ଥିକ ,ସାମାଜିକ ଓ ଶିକ୍ଷାଗତ ଅନଗ୍ରସର ବ୍ୟକ୍ତିମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ନୂତନ ବଜେଟରେ ନିମ୍ନଲିଖିତ ପଦକ୍ଷେପ ମାନ ନିଆଯାଇଛି ।

- ୨୦୦୦କୋଟି ଟଙ୍କା ବ୍ୟୟରେ ଗରୀବ ଲୋକଙ୍କୁ ଇନ୍ଧନ ଗ୍ୟାସ ଯୋଗାଣ । ଏହାଦ୍ୱାରା ଏକ କୋଟି ପଚାଶ ଲକ୍ଷ ଗୃହକୁ ଇନ୍ଧନ ଗ୍ୟାସ ଯୋଗାଇ ଦିଆଯାଇ ପାରିବ ।
- ନୂତନ ସ୍ୱାସ୍ଥ୍ୟ ବୀମା ଯୋଜନା ମାଧ୍ୟମରେ ଚିକିତ୍ସା ପାଇଁ ପରିବାର ପିଛା ଏକ ଲକ୍ଷ ଟଙ୍କା ଓ ବରିଷ୍ଠ ନାଗରିକଙ୍କ ପାଇଁ ଅଧିକ ତିରିଶ ହଜାର ଟଙ୍କା ସାହାଯ୍ୟ ବ୍ୟବସ୍ଥା।
- ପ୍ରଧାନମନ୍ତ୍ରୀ ଜନ ଔଷଧି ଯୋଜନାରେ ତିନିହଜାର ସୁଲଭ ମୂଲ୍ୟର ମୂଳ ଔଷଧ ବିକ୍ରୟକେନ୍ଦ୍ର ପ୍ରତିଷ୍ଠା ।
- ମୂତ୍ରାଶୟ ରୋଗୀ ମାନଙ୍କର ଚିକିତ୍ସା ପାଇଁ ସୁଲଭ ମୂଲ୍ୟରେ ସମସ୍ତ ଜିଲ୍ଲା ସରକାରୀ ଡ଼ାକ୍ତରଖାନାରେ ଡ଼ାଏଲେସିସ ବ୍ୟବସ୍ଥା ।
- ଅନୁସୂଚିତ ଜାତି ଓ ଜନଜାତିର ବ୍ୟକ୍ତିମାନଙ୍କୁ ନିଜର ବ୍ୟବସାୟିକ ସଂସ୍ଥା ସ୍ଥାପନ ପାଇଁ ପ୍ରୋତ୍ସାହନ ପ୍ରଦାନ ବାବଦରେ ୫୦୦ କୋଟି ଟଙ୍କା ବ୍ୟୟ ବରାଦ । ଏହା ଛଡ଼ା ଅଢେଇଲକ୍ଷ ଉଦ୍ୟୋଗୀ ଲୋକ ଉପକୃତ ହେବେ ।
- ଷ୍ଟାଣ୍ଡ ଅପ ଇଣ୍ଡିଆ ଉଦ୍ୟମକୁ ସାକାର କରିବା ପାଇଁ ଆମ୍ବେଦକରଙ୍କର ଏକ ଶହ ପଚିଶିତମ ଜନ୍ମବାର୍ଷିକୀରେ ଅଣୁ ,କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁସୂଚିତ ଜାତି ଓ ଜନଜାତିର ଉଦ୍ୟୋଗୀମାନଙ୍କର ସହାୟତା ପାଇଁ ଏମ.ଏସ.ଏମ.ଇ. ମନ୍ତ୍ରଣାଳୟରେ ଏକ ହବ ପ୍ରତିଷ୍ଠା ।
- ସଂଖ୍ୟା ଲଘୁ ସଂପ୍ରଦାୟ ବ୍ୟକ୍ତିଙ୍କର କୁଶଳତା ବଢାଇବା ପାଇଁ ବହୁମୁଖି କ୍ଷେତ୍ର ବିକାଶ ଯୋଜନା ।

## ଶିକ୍ଷା

- ସର୍ବଶିକ୍ଷା ଅଭିଯାନ ପାଇଁ ଅଧିକ ଅର୍ଥ ବ୍ୟବସ୍ଥା ।
- ୬୨ଟି ନୂତନ ନବୋଦୟ ବିଦ୍ୟାଳୟ ସ୍ଥାପନ ।
- ବିଶ୍ୱସ୍ତରୀୟ ଶିକ୍ଷା ଓ ଗବେଷଣାକେନ୍ଦ୍ର ସୃଷ୍ଟି କରିବା ଉଦ୍ଦେଶ୍ୟ ରେ ଦଶଟି ସରକାରୀ ଓ ଦଶଟି ଘରୋଇ ଅନୁଷ୍ଠାନକୁ ସହାୟତା ପ୍ରଦାନ ।
- ଉଚ୍ଚଶିକ୍ଷା କ୍ଷେତ୍ରରେ ଆଗୁଆ ଅନୁଷ୍ଠାନଗୁଡ଼ିକର ଭିତିଭୂମି ବିକାଶ ପାଇଁ 'ହାଇଅର ଏଡୁକେଶନ ଫାଇନାନ୍ସିଂ ଏଜେନ୍ସୀ' ପ୍ରତିଷ୍ଠା ପାଇଁ ଏକ ହଜାର କୋଟି ଟଙ୍କା ର ପାଣ୍ଠି ଗଠନ ।
- ଶିକ୍ଷା ସଂକ୍ରାନ୍ତୀୟ ସମସ୍ତ ପ୍ରମାଣପତ୍ର ୱେବ୍‌ସାଇଟ୍‌ରେ ଡିଜିଟାଲ୍ ରୂପରେ ପ୍ରାପ୍ତ ହେବ । ଫଳରେ ନାମଲେଖାଇବା କିମ୍ବା ଚାକିରୀ କରିବା ସମୟରେ ଶିକ୍ଷାଗତ ପ୍ରମାଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ରର ନକଲ ବାହାର କରି ଦାଖଲ କରିବାକୁ ପଡ଼ିବ ନାହିଁ । ସଂପୃକ୍ତ ସଂସ୍ଥା ୱେବ୍‌ସାଇଟ୍‌ରେ ଜମା ଥିବା ତଥ୍ୟରୁ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପାଇପାରିବେ ।

## କୌଶଳ ବିକାଶ :

- ପ୍ରଧାନମନ୍ତ୍ରୀଙ୍କର କୌଶଳ ବିକାଶ ଯୋଜନା ମାଧ୍ୟମରେ ଯୁବବର୍ଗଙ୍କୁ କୁଶଳୀ କାରିଗର ରେ ପରିଣତ କରିବାର ଲକ୍ଷ୍ୟ ନେଇ ପନ୍ଦରଶହ ବହୁମୁଖୀ କୌଶଳ ପ୍ରଶିକ୍ଷଣ କେନ୍ଦ୍ର ସୃଷ୍ଟି ପାଇଁ ସତରଶହ କୋଟି ଟଙ୍କା ବ୍ୟୟ ବରାଦ ।
- ବାଇଶିଶହ ମହାବିଦ୍ୟାଳୟ, ତିନିଶହ ବିଦ୍ୟାଳୟ, ପାଂଚଶହ ସରକାରୀ ଆଇଟିଆଇ ଓ ପଚାଶଟି ବୃତିଗତ ପ୍ରଶିକ୍ଷଣ କେନ୍ଦ୍ରରେ ଆଶାୟୀ ଉଦ୍ୟୋଗୀମାନଙ୍କୁ ଅନ୍‌ଲାଇନ୍ ପ୍ରଶିକ୍ଷଣ ଦିଆଯିବ ।

## କର୍ମସଂସ୍ଥାନ ସୃଷ୍ଟି :

- ଘରୋଇ କ୍ଷେତ୍ରରେ ନିଯୁକ୍ତିଦାତାଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପନ୍ଦରହଜାର ଟଙ୍କା ଦରମା ପାଉଥିବା ସମସ୍ତ କର୍ମଚାରୀଙ୍କ ପାଇଁ ସରକାର ପ୍ରଥମ ତିନିବର୍ଷର କର୍ମଚାରୀ ଭବିଷ୍ୟନିଧି ଦେୟ ପ୍ରଦାନ କରିବେ, ଯାହାକି ନିଯୁକ୍ତିଦାତା ଦେବା କଥା ।
- ଆୟକର ନିୟମର ୮୦ ଜେଜେଏଏ ଧାରାରେ ନିଯୁକ୍ତିଦାତାମାନଙ୍କୁ ଦିଆଯାଇଥିବା ରିହାତି ସମସ୍ତ ପ୍ରକାର ଶିଳ୍ପାନୁଷ୍ଠାନକୁ ସଂପ୍ରସାରିତ ହେବ । ପୂର୍ବରୁ ଏହା କେବଳ ମ୍ୟାନୁଫାକ୍‌ଚରିଂ ଶିଳ୍ପ ପାଇଁ ମିଳୁଥିଲା ।
- ରାଜ୍ୟ ନିଯୁକ୍ତି ସଂସ୍ଥାଗୁଡ଼ିକୁ ଜାତୀୟ କ୍ୟାରିୟର୍ ସର୍ଭିସ୍ ମଂଚ ସହିତ ସଂଯୁକ୍ତ କରି ଚୟନ ପ୍ରକ୍ରିୟାକୁ ବ୍ୟାପକ କରାଯିବା ସହ

ଆସନ୍ତା ଆର୍ଥିକ ବର୍ଷରେ ଅଧିକ ଏକଶହ କ୍ୟାରିୟର୍ କେନ୍ଦ୍ର ପ୍ରତିଷ୍ଠା କରାଯିବ ।

**ଭିତିଭୂମି ଓ ନିବେଶ:**

- ରାସ୍ତା ଓ ରାଜପଥ ନିର୍ମାଣ ପାଇଁ ୫୫ ହଜାର କୋଟି ଟଙ୍କା ବ୍ୟୟବରାଦ । ଏତଦ୍‌ବ୍ୟତୀତ ଏନ୍‌ଏଚ୍‌ଆଇ ବଣ୍ଡ୍ ଓ ପିଏମ୍‌ଜିଓୱାଇ ଯୋଜନାକୁ ମିଶାଇ ସମୁଦାୟ ୯୭ ହଜାର କୋଟି ଟଙ୍କା ରାସ୍ତା ନିର୍ମାଣରେ ଖର୍ଚ୍ଚ ହେବ ।
- ରାସ୍ତା ଓ ରେଳ ରାସ୍ତା ନିର୍ମାଣରେ ମୋଟ୍ ୨,୧୮,୦୦ କୋଟି ଟଙ୍କା ବ୍ୟୟ ବରାଦ ।
- ନୂତନ ଆର୍ଥିକ ବର୍ଷରେ ଦଶହଜାର କିଲୋମିଟର ରାଜପଥ ନିର୍ମାଣ ହେବ ।
- ପଚାଶ ହଜାର କିଲୋମିଟର ରାଜପଥ ନିର୍ମାଣ ପ୍ରସ୍ତାବ ।
- ପଶ୍ଚିମ ଓ ପୂର୍ବତଟରେ ନୂତନ ବନ୍ଦର ନିର୍ମାଣ ।
- ଆଂଚଳିକ ସ୍ତରରେ ବିମାନ ଉଡ଼ାଣ ପାଇଁ ରାଜ୍ୟ ସରକାରଙ୍କୁ ସହାୟତା ।
- ଇନ୍ଧନ ତୈଳ ଓ ଗ୍ୟାସ୍ ଉତ୍ପାଦନ ପାଇଁ ପ୍ରୋତ୍ସାହନ ।
- ଆଣବିକ ଶକ୍ତି ଉତ୍ପନ୍ନ କରିବା ପାଇଁ ଦୀର୍ଘସୂତ୍ରୀ ଯୋଜନା ।
- ବୀମା, ପେନ୍‌ସନ୍, ଷ୍ଟକ୍ ଏକ୍ସଚେଞ୍ଜ୍ ପ୍ରଭୃତିରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ନିୟମାବଳୀରେ ସଂଶୋଧନ ।
- ରପ୍ତାନୀ ପାଇଁ ପ୍ରୋତ୍ସାହନ ।
- ଖାଦ୍ୟ ସାମଗ୍ରୀର ରପ୍ତାନୀ ପାଇଁ ଶତପ୍ରତିଶତ ବିଦେଶୀ ପୁଞ୍ଜି ନିବେଶ ।
- ରାଷ୍ଟ୍ରାୟତ ଶିଳ୍ପଗୁଡ଼ିକର ପୁଞ୍ଜିର ପୁନର୍ଗଠନ ପାଇଁ ଉଦ୍ୟମ ।

**ଆର୍ଥିକ ସଂସ୍କାର :**

- ଇନ୍ଦ୍ରଧନୁଷତ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକର ଦକ୍ଷତା ବୃଦ୍ଧି ପାଇଁ ଓ ସେମାନଙ୍କର ପୁଂଜିର ପୁନର୍ଗଠନ ପାଇଁ ଉଦ୍ୟମ ।
- କର୍ପୋରେଟ୍ ବଣ୍ଡ୍ ବଜାରର ବିକାଶ ମାଧ୍ୟମରେ ଅଧିକ ପୁଂଜି ସଂଗ୍ରହ ।
- ଗ୍ରାମାଂଚଳରେ ଏଟିଏମ୍ ସେବା ପ୍ରଦାନ । ଡାକ ଘରେ ଏଟିଏମ୍ ବ୍ୟବସ୍ଥା ।
- ସରକାରୀ କମ୍ପାନିଗୁଡ଼ିକରେ ଘରୋଇ ପୁଂଜି ବିନିଯୋଗ ପାଇଁ ସେଗୁଡ଼ିକୁ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ ରେଜିଷ୍ଟ୍ରିଭୁକ୍ତ କରିବା ।

**ଉତମ ଶାସନ ବ୍ୟବସ୍ଥା :**

- ସରକାରୀ ଅର୍ଥର ସୁବିନିଯୋଗ । ପ୍ରକୃତ ଗରିବଙ୍କୁ ସବ୍‌ସିଡି ପ୍ରଦାନ ।
- ଆଧାର କାର୍ଡକୁ ବ୍ୟବହାର କରି ପ୍ରକୃତ ହିତାଧିକାରୀ ପାଖରେ ସରକାରୀ ସାହାଯ୍ୟ ପହଂଚାଇବା ।
- ଦ୍ରବ୍ୟ ଓ ସେବା ସଂଗ୍ରହ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରିବା ।
- ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଓ ସେବା ପ୍ରଦାନ ପାଇଁ ୫.୩୫ ଲକ୍ଷ ସୁଲଭ ମୂଲ୍ୟ ଦୋକାନ ବ୍ୟବସ୍ଥା ।
- ଷ୍ଟାଟ୍ ଅପ୍ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ କମ୍ପାନି ଆଇନରେ ସଂଶୋଧନ ।
- ବଫର ଷ୍ଟକ୍ ସୃଷ୍ଟି ମାଧ୍ୟମରେ ଜିନିଷପତ୍ରର ଦରଦାମ୍ ସ୍ଥିର ରଖିବା ।

**ବିତୀୟ ଶୃଙ୍ଖଳା :**

- ବିତୀୟ ନିଅଣ୍ଟକୁ ମୋଟ୍ ଜାତୀୟ ଉତ୍ପାଦନର ଶତକଡ଼ା ୩.୫ ଭାଗ ମଧ୍ୟରେ ସୀମିତ ରଖିବା ।
- ୨୦୧୬-୧୭ ଆର୍ଥିକ ବର୍ଷର ମୋଟ୍ ଖର୍ଚ୍ଚ ୧୯.୭୮ ଲକ୍ଷ କୋଟି ହେବ ବୋଲି ଆକଳନ କରାଯାଇଛି ।
- ମୋଟ୍ ଖର୍ଚ୍ଚକୁ ଯୋଜନା ଓ ଅଣଯୋଜନା ଖର୍ଚ୍ଚ ମଧ୍ୟରେ ଭାଗ ନ କରି ଏଣିକି ରାଜସ୍ୱ ବ୍ୟୟ (Revenue Expenditure) ଓ ପୁଞ୍ଜି ବ୍ୟୟ (Capital Expenditure) ମଧ୍ୟରେ ଭାଗ କରାଯିବ ।
- ପ୍ରତ୍ୟେକ ସ୍କିମ୍ ବାବଦ ରାଶି ବ୍ୟୟ ପାଇଁ ଏକ ସମୟସୀମା ଧାର୍ଯ୍ୟ ଓ ଫଳାଫଳର ସମୀକ୍ଷା କରାଯିବ ।
- ବିତୀୟ ସଂକୋଚନ ଓ ପ୍ରସାରଣ ଋଣର ସଂକୋଚନ ଓ ପ୍ରସାରଣ ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିବ ।
- ଏଫ୍‌ଆର୍‌ବିଏମ୍ ଆଇନର ପୁନଃତର୍ଜମା କରାଯିବ ।
- କେନ୍ଦ୍ରୀୟ ଯୋଜନାଗୁଡ଼ିକର ପୁନର୍ବିନ୍ୟାସ ହେଲେ ଦୋହରା ବ୍ୟୟକୁ ରୋକାଯିବ ।

**ଟିକସ ସଂସ୍କାର :**

- କ୍ଷୁଦ୍ର ଟିକସଦାତାଙ୍କୁ ରିହାତି । ଆୟକର ଅଧିନିୟମର ୮୭ଏ ଧାରାରେ ମିଳୁଥିବା ରିହାତି ୨୦୦୦ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି ।
- ଗୃହହୀନ ବ୍ୟକ୍ତିଙ୍କ ପାଇଁ ଘରଭଡ଼ା ବାବଦକୁ ଆୟକର ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ।
- ପର୍ଯ୍ୟାୟକ୍ରମେ ବିଭିନ୍ନ ପ୍ରକାରର ରିହାତିକୁ ଉଚ୍ଛେଦ କରି କମ୍ପାନିମାନେ ଦେଉଥିବା ଆୟକର ହାର ହ୍ରାସ ।
- ନୂତନ ପଂଜିକୃତ କମ୍ପାନିମାନଙ୍କୁ ସର୍ବୋଚ୍ଚ ଶତକଡ଼ା ୨୫ ହାରରେ ଆୟକର ପ୍ରଦାନ କରିବା ସୁଯୋଗ ।
- ଷ୍ଟାର୍ଟ ଅପ୍ ଉଦ୍ୟୋଗଗୁଡ଼ିକୁ ତିନିବର୍ଷ ପର୍ଯ୍ୟନ୍ତ ଆୟକର ଛାଡ଼ ।
- ଗବେଷଣା ପ୍ରସୂତ ପାଟେଣ୍ଟ ଅଧିକାରରୁ ମିଳୁଥିବା ଆୟ ଉପରେ ମାତ୍ର ଶତକଡ଼ା ଦଶ ହାରରେ ଆୟକର ।
- ସ୍କିଲ୍ ଡେଭେଲପ୍‌ମେଣ୍ଟ ବା କୌଶଳ ବିକାଶ ସମ୍ବନ୍ଧୀୟ ସେବାଗୁଡ଼ିକୁ ସେବାକର ମୁକ୍ତ କରାଯିବ ।
- ଅଟିଜମ୍, ସେରିବ୍ରାଲ୍ ପଲ୍‌ସି, ମାନସିକ ଅନଗ୍ରସରତା ଏବଂ ବହୁପ୍ରକାର ଅକ୍ଷମତା ଭୋଗୁଥିବା ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ସେବା ପାଇଁ ଦେୟ କରମୁକ୍ତ ହେବ ।
- ଶୀତଳୀକରଣ ପାତ୍ର ଆମଦାନୀ ଉପରେ ଆମଦାନୀ ଶୁଳ୍କ ଶତକଡ଼ା ୫ ଭାଗ ହ୍ରାସ ।
- ବ୍ରେଲି କାଗଜକୁ ଆମଦାନୀ ଶୁଳ୍କ ମୁକ୍ତ କରାଯିବ ।



Unfiled Notes Page 72

- ମେକ୍ ଇନ୍ ଇଣ୍ଡିଆର ସଫଳ ରୂପାୟନ ପାଇଁ ଘରୋଇ ଶିଳ୍ପ ଦରକାର କରୁଥିବା ଆମଦାନୀ ଉପରେ କରହ୍ରାସ ପ୍ରସ୍ତାବ ।
- ପେନ୍‌ସନ୍ ପ୍ରଦାନ କ୍ଷେତ୍ରରେ ଦରକାର ହେଉଥିବା ସେବାକୁ କରମୁକ୍ତ କରିବା ପ୍ରସ୍ତାବ ।

**ବାସଗୃହ ଯୋଗାଣ :**

- ଅସ୍ୱଚ୍ଛଳବର୍ଗ କିଣିପାରିବା ଭଳି ଛୋଟ ଫ୍ଲାଟ୍ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତିଆରି କରି ଯୋଗାଉଥିବା କମ୍ପାନିର ଲାଭକୁ କରମୁକ୍ତ କରିବା ପ୍ରସ୍ତାବ ।
- ପଚାଶ ଲକ୍ଷ ଟଙ୍କା ମଧ୍ୟରେ ବାସଗୃହ କିଣୁଥିବା ଲୋକମାନେ ଗୃହଋଣ ପାଇଁ ବର୍ଷକୁ ଦେଉଥିବା ସୁଧ ଉପରେ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଆୟକର ରିହାତି ।
- ସରକାରୀ କିମ୍ବା ସରକାରୀ ଘରୋଇ ଭାଗିଦାରିରେ ତିଆରି ୬୦ ବର୍ଗ ମିଟର ଘର ପାଇଁ ଆବଶ୍ୟକୀୟ ସେବାକୁ କରମୁକ୍ତ କରାଯିବ ।
- ନିର୍ମାଣ ପାଇଁ ତିଆରି ହେଉଥିବା କଂକ୍ରିଟ୍ ମିକ୍ସ ଉତପାଦନ ଶୁଳ୍କ ମୁକ୍ତ କରିବା ।

**ଅତିରିକ୍ତ ସମ୍ବଳ ସଂଗ୍ରହ :**

- ଦଶଲକ୍ଷରୁ ଅଧିକ ଲାଭାଂଶ ଉପରେ ଶତକଡ଼ା ଦଶ ଭାଗ ଆୟକର ।
- କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଆୟ ଉପରେ ଅଧିକ ଶତକଡ଼ା ତିନିଭାଗ ସର୍-ଚାର୍ଜ ।
- ଦଶଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ମଟର ଗାଡ଼ି ଉପରେ ଅଧିକ ଶତକଡ଼ା ଏକ ଭାଗ ଟିକସ ।
- ଦୁଇଲକ୍ଷରୁ ଅଧିକ ନଗଦ ଟଙ୍କା ମାଧ୍ୟମରେ ଜିନିଷପତ୍ର କିଣୁଥିବା ବ୍ୟକ୍ତି ମଧ୍ୟ ଅଧିକ ଶତକଡ଼ା ଏକଭାଗ ଟିକସ ଦେବେ ।
- ସିକ୍ୟୁରିଟି କାରବାର ଉପରେ ଅଧିକ ଟିକସ ।
- ବିଦେଶର ଇକମର୍ସ କମ୍ପାନିମାନେ ଭାରତରୁ ପାଉଥିବା ଲାଭ ଉପରେ ଅଧିକ ଟିକସ ।
- ବିଳାସପୂର୍ଣ୍ଣ ଗାଡ଼ି ବ୍ୟତୀତ ଅନ୍ୟ ଗାଡ଼ି ଉପରେ ପର୍ଯ୍ୟାବରଣ ସର୍-ଚାର୍ଜ ଶତକଡ଼ା ଏକ ଭାଗରୁ ଚାରିଭାଗ ପର୍ଯ୍ୟନ୍ତ ଲାଗୁ ହେବ ।
- ସୁନା ଗହଣା ଓ ହୀରାଖଚିତ ଗହଣା ଉପରେ ଅଧିକ ଉତ୍ପାଦନ ଶୁଳ୍କ ।
- ହଜାରେ ଟଙ୍କାରୁ ଊର୍ଦ୍ଧ୍ୱ ବ୍ରାଣ୍ଡେଡ୍ ତିଆରି ପୋଷାକ ଉପରେ ଉତ୍ପାଦନ ଶୁଳ୍କ ।
- କୋଇଲା ଲିଗ୍‌ନାଇଟ୍ ପ୍ରଭୃତି ଉପରେ ସ୍ୱଚ୍ଛ ପରିବେଶ ଟିକସ ଟନ୍ ପିଛା ୨୦୦ରୁ ୪୦୦ ଟଙ୍କାକୁ ବୃଦ୍ଧି ।
- ବିଡ଼ି ବ୍ୟତୀତ ଅନ୍ୟାନ୍ୟ ତମାଖୁ ଉପରେ ଅଧିକ ଶତକଡ଼ା ଦଶ ଭାଗରୁ ପନ୍ଦର ଭାଗ ଉତ୍ପାଦନ ଶୁଳ୍କ ।
- ଆୟକର ପୈଠ ହୋଇନଥିବା ଆୟକୁ ପ୍ରକାଶ କରି ଶତକଡ଼ା ୪୫ ଭାଗ ହାରରେ ଟିକସ ପ୍ରଦାନ କରିବାର ସୁଯୋଗ ଏବଂ ଏଥିପାଇଁ କୌଣସି ଦଣ୍ଡ ବିଧାନ ନ କରିବା ପ୍ରକ୍ରିୟାର ଆରମ୍ଭ । ଏହି ପ୍ରୟାସରୁ ଲବ୍ଧ ଅର୍ଥ କୃଷିକଲ୍ୟାଣ ଯୋଜନା ପାଇଁ ଖର୍ଚ୍ଚ ହେବ ।
- ବକେୟା ଟିକସର ଶତକଡ଼ା ୨୫ ଭାଗ ପୈଠ କରି ମାମଲାର ଅବସାନ ପାଇଁ ପ୍ରସ୍ତାବ ।
- ଦଣ୍ଡଟିକସର ହାରକୁ ବର୍ତ୍ତମାନର ଶତକଡ଼ା ଶହେରୁ ତିନିଶହ ଭାଗରୁ କମାଇ ଶତକଡ଼ା ୫୦ ଭାଗ କରିବା ଏବଂ ଅସଦାଚରଣ ସ୍ଥଳେ ଏହାକୁ ଶତକଡ଼ା ଦୁଇଶହ ଭାଗ କରିବା ।
- ଟିକସ ରିହାତି କିମ୍ବା ସୁଧଛାଡ଼ ପାଇଁ ଆବେଦନଗୁଡ଼ିକୁ ଏକବର୍ଷ ସମୟସୀମା ମଧ୍ୟରେ ଫୈସଲା ।
- ଆମଦାନୀ ଶୁଳ୍କ, ଉତ୍ପାଦନ ଓ ସେବାକର ସଂକ୍ରାନ୍ତୀୟ ଆବେଦନଗୁଡ଼ିକର ଫୈସଲା ପାଇଁ ଏଗାରଟି ନୂତନ ବେଂଚ୍ ଗଠନ ।
- ଟିକସ ସଂଗ୍ରହ ପ୍ରକ୍ରିୟାକୁ ସହଜ ଓ ସରଳ କରିବା ପାଇଁ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଉପରେ ଗୁରୁତ୍ୱ ।

ବଜେଟ୍‌ରେ ଦିଆଯାଇଥିବା ସମସ୍ତ ପ୍ରସ୍ତାବ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରି ଆନ୍ତର୍ଜାତିକ କ୍ଷେତ୍ରରେ ଦେଖାଦେଉଥିବା ଅର୍ଥନୈତିକ ଅସ୍ଥିରତାର ପ୍ରଭାବରୁ ଦୂରେଇ ରଖିବା ପାଇଁ ଅଭିପ୍ରେତ । ପ୍ରଧାନମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମ ପାଇଁ ବଜେଟ୍‌ରେ ବ୍ୟୟବରାଦ ହୋଇଥିବାରୁ ସେହିସବୁ ଯୋଜନାକୁ ପ୍ରକୃତରେ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କର ତତ୍ପରତା ଓ ପ୍ରତିବଦ୍ଧତାର ପରିଚୟ ମିଳେ । ଭାରତୀୟ ଅର୍ଥନୀତିର ମୂଳଦୁଆ ହେଉଛି କୃଷି ଓ ବିଶାଳ ମାନବ ସମ୍ବଳ । କୃଷି, ଗ୍ରାମାଂଚଳ ଓ କ୍ଷୁଦ୍ର ଉଦ୍ୟୋଗର ବିକାଶକୁ ଭିତିକରି ଦେଶର ମାନବ ସମ୍ବଳର ଗୁଣାତ୍ମକ ଉତ୍କର୍ଷ ହାସଲ ମାଧ୍ୟମରେ ଦେଶକୁ ଏକ ଶକ୍ତିଶାଳୀ ଅର୍ଥନୀତିରେ ପରିଣତ କରିବା ପାଇଁ ଯେଉଁ ପ୍ରୟାସ କରାଯାଇଛି ତାହାର ସୁଫଳ ଆଗାମୀ ଦିନରେ ଦେଶବାସୀ ନିଶ୍ଚୟ ଭୋଗ କରିବେ । ବିତୀୟ ନିଅଣ୍ଟକୁ ଜାତୀୟ ମୋଟ୍ ଆୟର ଶତକଡ଼ା ୩.୫ ଭାଗ ମଧ୍ୟରେ ସୀମିତ ରଖି ଶତକଡ଼ା ୭.୫ ହାରରେ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବା କେବଳ ଉତ୍ପାଦନ ବୃଦ୍ଧି, ସବ୍‌ସିଡି ବାବଦ ଖର୍ଚ୍ଚକାଟ୍, ରପ୍ତାନୀ ବୃଦ୍ଧି ଓ ଧନୀକ ଶ୍ରେଣୀ ବ୍ୟକ୍ତିଙ୍କ ଆୟ ଓ ବ୍ୟୟରୁ ଅଧିକ ସମ୍ବଳ ସଂଗ୍ରହ ଦ୍ୱାରା ସମ୍ଭବ ହେବ । କେନ୍ଦ୍ର ବଜେଟ୍‌କୁ ଠିକ୍ ଭାବେ ଅନୁଶୀଳନ କଲେ ଅର୍ଥନୈତିକ ସ୍ଥିରତା ଓ ଅଭିବୃଦ୍ଧି ହାସଲ କରିବା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ପ୍ରତିଫଳନ ସ୍ପଷ୍ଟ ଭାବେ ଦେଖିବାକୁ ମିଳେ । ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛତା ଓ ପ୍ରତିବଦ୍ଧତା ବିନା ସରକାରଙ୍କର ଏହି ମହତ ଉଦ୍ଦେଶ୍ୟ ସାଧିତ ହେବା କଷ୍ଟକର ।

ଲେଖକ, ବର୍ତ୍ତମାନ ଓଡ଼ିଶା ଲୋକ ସେବା ଆୟୋଗର ଅଧକ୍ଷ ଭାବେ କାର୍ଯ୍ୟରତ ।

ଉପସ୍ଥାପନା :- ଡ଼. ଗିରିଶ ଚନ୍ଦ୍ର ଦାଶ

## ରାଉରକେଲାଠାରେ ଶହେତମ ବିମାନ ଇନ୍ଧନ ଷ୍ଟେସନ୍ ଉଦ୍‌ଘାଟିତ

**ଗ**ତ ମାର୍ଚ୍ଚ ୫ ତାରିଖ ଦିନ ରାଉରକେଲାଠାରେ ଭାରତୀୟ ତୈଳ ନିଗମର ଶହେତମ ବିମାନ ଇନ୍ଦନ ଷ୍ଟେସନ୍‌ର ଶୁଭାରମ୍ଭ ହୋଇଛି । କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ । ଭାରତର ଛୋଟ ଛୋଟ ସହରରେ ବିମାନ ସେବା ପାଇଁ ନୂତନ ବିମାନ ଘାଟି ଗୁଡ଼ିକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଏହି ସୁଯୋଗ ସୃଷ୍ଟି କରାଯାଉଛି । ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ବିମାନ ସେବା ପାଇଁ ଇନ୍ଧନର ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଭାରତୀୟ ତୈଳ ନିଗମ ପକ୍ଷରୁ ଦେଶର ଛୋଟ ସହରରେ ଥିବା ବିମାନଘାଟିଗୁଡ଼ିକରେ ଏହି ବିମାନ ଇନ୍ଧନ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଛି ।'ମେକ୍ ଇନ୍ ଇଣ୍ଡିଆ'ର ଦୃଷ୍ଟିଭଙ୍ଗୀକୁ ଏହା ମାଧ୍ୟମରେ ସଫଳ କରିବା ପାଇଁ ଉଦ୍ୟମ ହେଉଛି । ଚଣ୍ଡିଗଡ଼ର ମୋହାଲି , ହିମାଚଳ ପ୍ରଦେଶର ସିମ୍‌ଲା ପରେ ଓଡ଼ିଶାର ରାଉରକେଲା ବିମାନ ଘାଟିରେ ଏହି ବ୍ୟବସ୍ଥାକୁ ଭାରତୀୟ ତୈଳ ନିଗମ ଆପଣେଇଛି । ଖୁବ୍ ଶୀଘ୍ର ଭୁଜ୍ ଏବଂ ରାୟପୁରରେ ଏହି ବିମାନ ଇନ୍ଧନ କେନ୍ଦ୍ର ପ୍ରତିଷ୍ଠା ହେବ । ଟାୟାର -୨ ଏବଂ ଟାୟାର -୩ ବିମାନ ଘାଟି ଗୁଡ଼ିକରେ ନ୍ୟୂନତମ ପୁଞ୍ଜିନିବେଶ ପାଇଁ ଏହି ମହତ ଦୃଷ୍ଟିଭଙ୍ଗୀ ସହାୟତା ଦେବ । ବର୍ତ୍ତମାନ ରାଉରକେଲା ବିମାନ ଘାଟିକୁ ଘରୋଇ କ୍ଷେତ୍ରରେ ହେଲିକପ୍ଟର ଏବଂ ଛୋଟ ବିମାନ ସେବା ଚାଲୁ ରହିଛି । ବର୍ତ୍ତମାନର ଇନ୍ଧନର ମାତ୍ରା ୨୫ କେ.ଏଲ୍ ରହିଛି । ଆଗାମୀ ଦିନରେ ରାଉରକେଲା ବିମାନ ଘାଟିରେ ବ୍ୟବସାୟିକ ବିମାନ ସେବା ଆରମ୍ଭ ହେଲେ ଏ.ଟି.ଏଫ୍. ଉପଲବ୍ଧ ବ୍ୟବସ୍ଥା ରାଉରକେଲା ଏ.ଏଫ୍.ଏଫ୍. କମିଶନିଂ ସହ ରହିବ । ବିମାନ ଇନ୍ଧନ ବ୍ୟବସ୍ଥାରେ ଏ.ଟି.ଏଫ୍.ର ଉପଲବ୍ଧି ନ ରହିଲେ ରାଉରକେଲା ବିମାନ ଘାଟିର ଚଳାଚଳ ବ୍ୟବସ୍ଥା ନିକଟରେ ଥିବା ବିମାନ ଘାଟି ରାଂଚି (୨୨୫ କି.ମି.), ଜାମସେଦପୁର (୩୦୩ କି.ମି.) ଭୁବନେଶ୍ୱର (୩୨୦ କି.ମି.), ରାୟପୁର (୪୫୦ କି.ମି.), ନାଗପୁର (୬୦୨ କିମି) ଏବଂ ଗୟା (୪୧୯ କି.ମି) ଦ୍ୱାରା ପରିଚାଳିତ ହୋଇପାରିବ ।

ଭାରତୀୟ ଉପମହାଦେଶରେ ଶହେଟି ବିମାନ ଇନ୍ଧନ କେନ୍ଦ୍ର (ଏ.ଏଫ୍.ଏଫ) ରହିଥିବା ବେଳେ ଏଥିରେ ୧୫୦ଟି ଘରୋଇ ଏବଂ ଆନ୍ତର୍ଜାତିକ ବିମାନ ସେବା ରହିଛି । ଯାହାର ୬୩ ପ୍ରତିଶତ ବ୍ୟବସାୟିକ ଅଂଶ ରହିଛି । ଭାରତୀୟ ପ୍ରତିରକ୍ଷା ସେବାର ୯୦ ପ୍ରତିଶତ ଆବଶ୍ୟକତାକୁ ଏହା ପୂରଣ କରିଥାଏ । ଏହା ସହିତ ସମସ୍ତ ବିମାନ ଘାଟି, ଦୁର୍ଗମ ଅଂଚଳର ହେଲିବେସ୍‌ଗୁଡ଼ିକୁ ଏହା ଇନ୍ଧନ ଯୋଗାଇଥାଏ । ପ୍ରତିଦିନ ଭାରତ ତୈଳ ବିମାନ ସେବା ୧ ହଜାର ୬ଶହ ବିମାନ ଯଥା, ବୃହତ ନଗରୀ ଏବଂ ଦୁର୍ଗମ ଅଂଚଳରେ ଇନ୍ଧନ ଯୋଗାଇଥାଏ । ଗତ ୫ ଦଶକ ଧରି ଭାରତର ବୃହତମ ବ୍ୟବସାୟିକ ଉଦ୍ୟୋଗ ଏବଂ ଜାତୀୟ ତୈଳ କମ୍ପାନି ଭାବେ ଭାରତୀୟ ତୈଳ ନିଗମ (ଇଣ୍ଡିଆନ ଅଏଲ୍) ଦେଶର ପେଟ୍ରୋଲିୟମ୍ ଆବଶ୍ୟକତାକୁ ପୂରଣ କରୁଛି । ଏହାର ୧୧ଟି ରିଫାଇନାରୀ କାର୍ଯ୍ୟ କରୁଥିବା ବେଳେ ଏକ ବିଶାଳ ପାଇପ୍ ଲାଇନ୍ ନେଟ୍‌ୱାର୍କ ଓ ବାଣିଜ୍ୟିକ ଭିତିଭୂମି ଦେଶର କୋଣ ଅନୁକୋଣକୁ ପ୍ରସାରିତ ହୋଇଛି । ୨୪ ହଜାର ପେଟ୍ରୋଲ୍ / ଡିଜେଲ୍ କେନ୍ଦ୍ର ରହିଥିବା ବେଳେ ଗ୍ରାମାଂଚଳରେ ୬ ହଜାରରୁ ଊର୍ଦ୍ଧ୍ୱ କିଷାନ ସେବା କେନ୍ଦ୍ର ଏବଂ ୮ ହଜାରରୁ ଊର୍ଦ୍ଧ୍ୱ ଇଣ୍ଡେନ୍ ଏଲ୍.ପି.ଜି. କୁକିଂ ଗ୍ୟାସ୍ ବଣ୍ଟନକାରୀ ରହିଛନ୍ତି । ୪୩ ହଜାର ଗ୍ରାହକଙ୍କ କେନ୍ଦ୍ର ସାରା ଦେଶରେ ଥିବା ବେଳେ ୧୩୫ଟି ବଲ୍‌କ ଷ୍ଟୋରେଜ୍ ଟର୍ମିନାଲ୍ ଏବଂ ଡିପୋ ଏବଂ ୯୯ଟି ବିମାନ ଇନ୍ଧନ କେନ୍ଦ୍ର ଓ ୯୦ଟି ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ୍ ରହିଛି ।

## ସେତୁ ଭାରତମ୍ : ଓଡିଶାର ୪ ପ୍ରକଳ୍ପ ସାମିଲ

କେନ୍ଦ୍ର ସଡ଼କ ପରିବହନ, ରାଜମାର୍ଗ ଓ ଜାହାଜ ଚଳାଚଳମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀ କହିଥିଲେ ଯେ ସେତୁ ଭାରତମ୍ ପ୍ରକଳ୍ପଦ୍ୱାରା ଜାତୀୟ ରାଜପଥଗୁଡ଼ିକ ରେଳବାଇ ଫାଟକମୁକ୍ତ ହେବ । ୨୦୧୯ ସୁଦ୍ଧା ସେତୁ ଭାରତମ୍ କାର୍ଯ୍ୟକ୍ରମ ମାଧ୍ୟମରେ ସବୁ ରାଜମାର୍ଗକୁ ରେଳଫାଟକ ମୁକ୍ତ କରାଯିବ । ରେଳ ଫାଟକଗୁଡ଼ିକରେ ବାରମ୍ବାର ଘଟୁଥିବା ଦୁର୍ଘଟଣା ଓ ଧନଜୀବନ ହାନିକୁ ବନ୍ଦ କରିବା ସକାଶେ କେନ୍ଦ୍ର ସରକାର ଏହିଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ସେ କହିଥିଲେ ଯେ ୨୦୮ଟି ରେଳ ଓଭରବ୍ରିଜ୍ ଏବଂ ଭୂତଳ ରେଳରାସ୍ତା ବିଭିନ୍ନ ଜାତୀୟ ରାଜପଥରେ ନିର୍ମାଣ କରାଯିବା ଏଥିଲାଗି ପ୍ରାୟ ୨୦,୮୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହାସହ ଆଉ ୧୫୦୦ଟି ଅତି ପୁରୁଣା ଓ



Unfiled Notes Page 74

ଭଙ୍ଗାରୁଜା ଅବସ୍ଥାରେ ଥିବା ବ୍ରିଜ୍‌କୁ ମଧ୍ୟ ହଟାଇ ଦିଆଯାଇ ତା ବଦଳରେ ନୂତନ ସେତୁ ନିର୍ମାଣ କରାଯିବ । ଏଥିଲାଗି ପର୍ଯ୍ୟାୟକ୍ରମେ ୩୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି ।

## ଏପ୍ରିଲ୍‌ରୁ ଡିବିଟି (କିରୋସିନି) ଯୋଜନା:

କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କ କିରୋସିନ ଉପରେ ଦିଆଯାଉଥିବା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଯୋଜନା (ହିବିଟି-କେ)କୁ ସଫଳ କରିବା ସକାଶେ ରାଜ୍ୟମାନଙ୍କ ପୂର୍ଣ୍ଣ ସହଯୋଗ କାମନା କରିଛନ୍ତି । ନୂଆଦିଲ୍ଲୀଠାରେ ଡିବିଟି-କେ ଉପରେ ଆୟୋଜିତ ଏକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଲେ ଯେ ଏଲ୍‌ପିଜି ଉପରେ ପ୍ରତ୍ୟକ୍ଷ ରିହାତି ହସ୍ତାନ୍ତରଣ ଯୋଜନା ସଫଳତାର ସହ ଲାଗୁ କରାଯାଇପାରିଛି । ଏଥିରେ ରାଜ୍ୟମାନଙ୍କ ସହ ଉପଭୋକ୍ତାଙ୍କ ସହଯୋଗକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଭୂୟସୀ ପ୍ରଶଂସା କରିଥିଲେ ।

ମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଯେ ଚଳିତ ବର୍ଷ ଏପ୍ରିଲ୍ ପହିଲାରୁ କିରୋସିନି ଉପରେ ପ୍ରତ୍ୟକ୍ଷ ରିହାତି ହସ୍ତାନ୍ତରଣ ଯୋଜନା କାର୍ଯ୍ୟକାରୀ ହେବ । ପ୍ରଥମେ ଏହି ଯୋଜନା ୯ଟି ରାଜ୍ୟର ୩୩ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବାକୁ ସ୍ଥିର କରାଯାଇଛି । ସେହି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରଗୁଡ଼ିକ ହେଲା- ଚଣ୍ଡିଗଡ଼, ହରିଆଣା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ ଓ ଗୁଜରାଟ । ଖୁବ୍ ଶୀଘ୍ର ଅନ୍ୟାନ୍ୟ ରାଜ୍ୟର ଅଧିକ ଜିଲ୍ଲାକୁ ଏଥିରେ ସାମିଲ କରାଯିବ । ଡିବିଟି-କେ ଯୋଜନା ଅନୁସାରେ ଉପଭୋକ୍ତାମାନେ କିରୋସିନି କିଣିବା ବେଳେ ଅଣ-ସବ୍‌ସିଡି ମୂଲ୍ୟରେ କିରୋସିନି କ୍ରୟ କରିବେ । ଏହାପରେ ସବ୍‌ସିଡି ଅର୍ଥ ସିଧାସଳଖ ହିତାଧିକାରୀଙ୍କ ଜମାଖାତାକୁ ହସ୍ତାନ୍ତରଣ କରାଯିବ । ହିତାଧିକାରୀମାନେ ଯେପରି ଏଥିରେ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସମସ୍ତ ଉପଭୋକ୍ତାଙ୍କ ଜମାଖାତାକୁ ଯେପରି ଯଥାଶୀଘ୍ର ସବ୍‌ସିଡି ଅର୍ଥ ହସ୍ତାନ୍ତରଣ ହେବ ସେଥିଲାଗି ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଡିବିଟି-କିରୋସନି ଯୋଜନାକୁ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ ସବ୍‌ସିଡିର ୭୫ ପ୍ରତିଶତ ନଗଦ ପ୍ରୋତ୍ସାହନ ରାଶି ପ୍ରଥମ ଦୁଇବର୍ଷ ପାଇଁ ଜମା ରଖାଯାଇଛି । ତୃତୀୟ ବର୍ଷ ଏହାର ୫୦ ପ୍ରତିଶତ ଏବଂ ଚତୁର୍ଥ ବର୍ଷ ୨୫ ପ୍ରତିଶତ ନଗଦ ରାଶି ଜମା ରଖାଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

## ଡିବିଟି ମାଧ୍ୟମରେ ମେଧାବୃତି:

ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ ବ୍ୟବସ୍ଥା (ଡିବିଟି) ମାଧ୍ୟମରେ ମାଟ୍ରିକ୍ ପରବର୍ତ୍ତୀ ବୃତି ରାଶିକୁ ତଫସିଲଭୁକ୍ତ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ କହିଛନ୍ତି । ଏଥିନିମନ୍ତେ ବିଭିନ୍ନ ରାଜ୍ୟକୁ ଆଦିବାସୀ କଲ୍ୟାଣ ଯୋଜନା ମାଧ୍ୟମରେ ପ୍ରଦାନ କରାଯାଇଥିବା ରାଶି ଯେପରି ସୁବିଧାରେ ହିତାଧିକାରୀଙ୍କ ନିକଟରେ ପହଂଚିପାରିବ ସେଥିପାଇଁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନୂଆ ବ୍ୟବସ୍ଥା ଗ୍ରହଣ କରାଯାଇଛି । ନୂଆଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଓରାମ କହିଛନ୍ତି ଯେ ଜାତୀୟ ତଫସିଲଭୁକ୍ତ ଉପଜାତି, କମିଶନ ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଦେଶର ବିଭିନ୍ନ ଦୁର୍ଗମ ଅଂଚଳକୁ ବୁଲି ତଫସିଲଭୁକ୍ତ ଜନଜାତିର ଲୋକମାନେ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ସୁବିଧା ସୁଯୋଗ ପାଇବାରେ କି ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଆକଳନ କରିବେ । ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତି ଯେଭଳି ଜନଜାତିର ପିଲାମାନଙ୍କୁ ଶୀଘ୍ର ଓ ସହଜରେ ମିଳେ ଏବଂ ସେଥିରେ ସ୍ୱଚ୍ଛତା ରହିପାରିବ ସେ ଦିଗରେ ମନ୍ତ୍ରଣାଳୟ ବିଶେଷ ଧ୍ୟାନ ପ୍ରଦାନ କରୁଛି ।

## ପ୍ରଧାନମନ୍ତ୍ରୀ ଉଜ୍ଜଳ ଯୋଜନା:

କେନ୍ଦ୍ର କ୍ୟାବିନେଟ ବିପିଏଲ ପରିବାରକୁ ମାଗଣାରେ ଏଲପିଜି ସଂଯୋଗ ଦେବା ଲାଗି "ପ୍ରଧାନମନ୍ତ୍ରୀ ଉଜ୍ଜଳ ଯୋଜନା" ନାମକ ଏକ ସ୍କିମକୁ ଅନୁମୋଦନ କରିଛନ୍ତି । କ୍ୟାବିନେଟର ଏହି ନିଷ୍ପତି ଅନୁସାରେ ରନ୍ଧନ ଗ୍ୟାସ ନଥିବା ବିପିଏଲ ପରିବାରର କେବଳ ମହିଳାଙ୍କ ନାମରେ ମାଗଣାରେ ଏଲପିଜି ସଂଯୋଗ ପ୍ରଦାନ କରାଯିବ । ଏଥିଲାଗି ଆଠ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ପ୍ରତି ବିପିଏଲ ପରିବାରକୁ ଏଲପିଜି ସଂଯୋଗ ପିଛା ୧୬୦୦ ଟଙ୍କାର ଆର୍ଥିକ ସହାୟତା ଦିଆଯିବ । ତେବେ କେଉଁମାନେ ପ୍ରକୃତ ବିପିଏଲ ପରିବାର ତାହା ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ଅଂଚଳର ସରକାରମାନଙ୍କ ସହାୟତାରେ ଚିହ୍ନଟ କରାଯିବ । ତିନି ବର୍ଷ ମଧ୍ୟରେ ଏହି ଯୋଜନା ସାରା ଦେଶରେ କାର୍ଯ୍ୟକାରୀ ହେବ ଏବଂ ଏଥିରେ ପ୍ରାୟ ୫ କୋଟି ବିପିଏଲ ପରିବାର ଉପକୃତ ହେବେ । ଆସନ୍ତା ୨୦୧୬-୧୭ ଆର୍ଥିକ ବର୍ଷ ଅର୍ଥାତ ଏପ୍ରିଲ ପହିଲାରୁ ଏହି ସ୍କିମ ଆରମ୍ଭ ହୋଇ ୨୦୧୮-୧୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚାଲିବ ।

# ଆପଣ ଜାଣନ୍ତି କି ?

## ମୂଲ୍ୟ ସ୍ଥିରୀକରଣ ପାଣ୍ଠି(PSF)

ବିଭିନ୍ନ ଶସ୍ୟର ମୂଲ୍ୟ ହ୍ରାସ ଅବସ୍ଥାରେ ଫସଲ ଉତ୍ପାଦକ ମାନଙ୍କୁ ଆର୍ଥିକ ସୁରକ୍ଷା ଦେବା ହେଉଛି ଏହି ପାଣ୍ଠିର ଉଦ୍ଦେଶ୍ୟ । ସେମାନଙ୍କୁ ନିର୍ଦ୍ଦିଷ୍ଟ ସଙ୍କଟ ସମୟରେ ସାହାର୍ଯ୍ୟ କରିବା ସହିତ ଦୀର୍ଘକାଳୀନ ଭିତିରେ ଫସଲ ଉତ୍ପାଦନକାରୀଙ୍କୁ ସହଯୋଗ କରିବା ପାଇଁ ଏହି ପାଣ୍ଠି ଗଠିତ । କାରଣ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗୁଡ଼ିକର ମୂଲ୍ୟ ବୃଦ୍ଧି ନିୟନ୍ତଣ କରିବା ହେଉଛି ସୁ-ଶାସନର ଅନ୍ୟତମ ଉଦ୍ଦେଶ୍ୟ ।

ଗତ କିଛି ବର୍ଷ ମଧ୍ୟରେ ଉଭୟ ଘରୋଇ ଓ ଆନ୍ତର୍ଜାତିକ ବଜାରରେ ଚା,କଫି,ରବର ଓ ତମାଖୁର ମୂଲ୍ୟ ହ୍ରାସ ପାଇଥିଲା । ଏହାର କୁ-ପ୍ରଭାବ ପଡ଼ିଲା ଏସବୁ ଫସଲ ଉତ୍ପାଦନକାରୀଙ୍କ ଉପରେ । ତେଣୁ,ବାଣିଜ୍ୟ ବିଭାଗ ଏଭଳି ଏକ ପାଣ୍ଠି ଗଠନ ପାଇଁ ପ୍ରସ୍ତାବ ଦେଲା ଯାହା ୨୦୦୨ ଜୁନ ମାସରେ ଅର୍ଥନୀତି ବ୍ୟାପାର ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଦ୍ୱାରା ପ୍ରଥମେ ନିତିଗତ ମଞ୍ଜୁରୀ ଓ ୨୦୦୩ ଫେବୃୟାରୀରେ ଅନୁମୋଦନ ପ୍ରାପ୍ତ ହେଲା । ଏପ୍ରିଲ ୨୦୦୩ ମସିହାରେ ଏହି ପାଣ୍ଠିର ଶୁଭାରମ୍ଭ ହେଲା ।

ସହଯୋଗୀତା ଭିତିରେ ଏହି ଯୋଜନାକୁ କାର୍ଯ୍ୟକ୍ଷମ କରାଯାଉଛି । ଶସ୍ୟ ଉତ୍ପାଦନ ସ୍ଥିତିକୁ ନେଇ ଉତ୍ପାଦକ ଏବଂ ସରକାର ଉଭୟେ ଏହି ପାଣ୍ଠିକୁ ଦାନ ଦେଇଥାନ୍ତେ । ଏକ ସାଧାରଣ ବର୍ଷରେ ,ସରକାର ଓ ଉତ୍ପାଦକ ପ୍ରତ୍ୟେକ ୫୦୦ଟଙ୍କା ଲେଖାଏଁ ଦେଇଥାନ୍ତେ । ଏହି ପାଣ୍ଠିରୁ ଟଙ୍କା ଉଠାଣ ହୋଇପାରେ ନାହିଁ । ଭଲ ଫସଲ ହୋଇଥିବା ବର୍ଷ ଉତ୍ପାଦକଙ୍କୁ ୧୦୦୦ଟଙ୍କା ଦେବାକୁ ପଡ଼େ । ତେବେ ମଧ୍ୟ ଏହି ପାଣ୍ଠିରୁ ଟଙ୍କା ଉଠାଇବାକୁ ଦିଆଯାଏ ନାହିଁ । କିନ୍ତୁ ଫସଲ ନଷ୍ଟ ହେଲେ ,ସେହି ବର୍ଷ ,ପ୍ରତ୍ୟେକ ଚାଷୀ ପିଛା ସରକାର ୧୦୦୦ଟଙ୍କା ଜମା ରଖିଲା ବେଳକୁ ଚାଷୀ ଆବଶ୍ୟକ ହେଲେ ୧୦୦୦ଟଙ୍କା ପର୍ଯ୍ୟନ୍ତ ଉଠାଇ ପାରିଥାନ୍ତି । ଏହି ଯୋଜନାରେ ପ୍ରତ୍ୟେକ ଚାଷୀ ଏକ ଚଝର ସଂଚୟ ଖାତା ,ଯେକୌଣସି ନିର୍ଦ୍ଧାରୀତ ବ୍ୟାଙ୍କରେ ଖୋଲିଥାନ୍ତି । ମାତ୍ର ୫୦୦ ଟଙ୍କା ଜମା ଶୁଳ୍କ ଦେଇ ଯେ କୌଣସି ଚାଷୀ ଏହି ଯୋଜନାରେ ସାମିଲ ହୋଇ ପାରିବେ । ଏପ୍ରିଲ ୧,୨୦୦୩ରୁ ୩୧,ମାର୍ଚ୍ଚ ୨୦୧୩ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେଲା । ଏହାପରେ ପାଂଚ ବର୍ଷ ପାଇଁ ଏହାକୁ ବୃଦ୍ଧି କରାଗଲା । ଅନ୍ତତଃ ଚାରି ହେକ୍ଟର କିମ୍ୱା ତା ଠାରୁ କମ୍ ଚାଷପୋଯୋଗୀ ଜମି ଥିବା ସର୍ବମୋଟ ୧୨.୭୭ ଲକ୍ଷ କ୍ଷୁଦ୍ର ଚାଷୀଙ୍କ ମଧ୍ୟରୁ ଏହି ଯୋଜନାରେ ୩.୪୨ ଲକ୍ଷ ଚାଷୀ ସାମିଲ ହେଲେ । ଏହି ପାଣ୍ଠିର ଅର୍ଥ ଭାରତ ସରକାରଙ୍କ ପବ୍ଲିକ ଏକାଉଣ୍ଟରେ ଜମା ହୁଏ । ତେବେ ,ଏହି ପାଣ୍ଠି ବା କର୍ପସ ଫଣ୍ଡ ଖର୍ଚ୍ଚ ହୁଏ ନାହିଁ । ଏହା ଉପରେ ମିଳୁ ଥିବା ସୁଧ ହିଁ ,ମୂଲ୍ୟ ସ୍ଥିରିକରଣ ଯୋଜନାରେ ଖର୍ଚ୍ଚ କରାଯାଏ ।

ଚାଷୀମାନଙ୍କୁ ବଜାର ସୁବିଧା ଦେବା ପାଇଁ ୨୦୧୬-୧୭ କେନ୍ଦ୍ର ବଜେଟରେ ଏହି ପାଣ୍ଠି ସକାଶେ ୯୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି । ଏହି ପାଣ୍ଠି ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ସରକାର ଡ଼ାଲିର ଏକ ବଫର ଷ୍ଟକ ସୃଷ୍ଟି ପାଇଁ ନିଷ୍ପତି ନେଇଛନ୍ତି ।

## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards

# The price of Employment News is being revised from 6th February 2016 issue onwards

**YOJANA (Odia) : Monthly** **March 2016** **RNI No. 57203/93**
ISSN 0971-8346 Total Number of Pages (76) ₹ 20.00 Annual Subscription : Rupees One Hundred Only

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡ଼ି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

*ପ୍ରତି ଖଣ୍ଡ - ୧୦ ଟଙ୍କା, ବାର୍ଷିକ - ୧୦୦ ଟଙ୍କା, ଦ୍ୱିବାର୍ଷିକ - ୧୮୦ ଟଙ୍କା, ତ୍ରୈବାର୍ଷିକ - ୨୫୦ ଟଙ୍କା, ପଡୋଶୀ ଦେଶ : ବାର୍ଷିକ - ୫୩୦ ଟଙ୍କା, ଇଉରୋପ ଓ ଅନ୍ୟାନ୍ୟ ଦେଶ : ବାର୍ଷିକ - ୭୩୦ ଟଙ୍କା ।

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Additional Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at: J K Offset Printers (P) Ltd, B-278, Okhla Phase -I, New Delhi -110020
Editor : Dr Girish Chandra Dash